NITIDIN
ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
MONDAY
6 APRIL 2026
ସୋମବାର
୬ ଏପ୍ରିଲ୍ ୨୦୨୬
NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 11 • ISSUE 318 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୧ • ସଂଖ୍ୟା ୩୧୮ | ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

### ଆଜି ମହାପ୍ରଭୁଙ୍କ ପଇତାଲାଗି ନୀତି

# ୪ଘଣ୍ଟା ଦର୍ଶନ ବନ୍ଦ



**ପୁରୀ,୫।୪/ଏନ୍‌ଏନ୍‌ଏସ୍:**

ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ଅନୁଷ୍ଠିତ ହେବ। ଏହି ସ୍ୱତନ୍ତ୍ର ନୀତି ପାଇଁ ଆପାତତଃ ସନ୍ଧ୍ୟା ୬ ଠାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବୈଶାଖ:କୃଷ୍ଣ ଚତୁର୍ଥୀ ତିଥିରେ ଶ୍ରୀବିଗ୍ରହ ମାନଙ୍କ ପଇତାଲାଗି ନୀତି ଅନୁଷ୍ଠିତ ହେବ। ଠାକୁରଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଏହି ନୀତି ହେଉଥିବା ସେବାୟତମାନେ କହନ୍ତି। ପାଟବସ୍ତ୍ରକୁ ପଇତା ଭଳି ବଳାଯାଇ ଦାରୁଦେବତାଙ୍କ ଶ୍ରୀଅଙ୍ଗରେ ଲାଗି ହୁଏ। ନୀତି ▶▶ ୬

# ହର୍ମୁଜ ପାର୍ କଲା 'ଗ୍ରୀନ୍ ଆଶା'

### ଏଲପିଜି ନେଇ ଖୁବ୍‌ଶୀଘ୍ର ପହଞ୍ଚିବ ଭାରତ

**ନୂଆଦିଲ୍ଲୀ,୫।୪/ଏନ୍‌ଏନ୍‌ଏସ୍:**

ଏଲ୍‌ପିଜି ନେଇ ଭାରତୀୟ ଜାହାଜ 'ଗ୍ରୀନ୍ ଆଶା' ଇରାନର ହର୍ମୁଜକୁ ସଫଳତାର ସହ ପାର୍ କରିଛି। ଉପସାଗରୀୟ ଦେଶରେ ବିବାଦ ଆରମ୍ଭ ହେବାପରେ ହର୍ମୁଜରୁ ବାହାରୁଥିବା ଏହି ଜାହାଜ ଭାରତର ନବମ ଜାହାଜ। ଆମେରିକା ଏବଂ ଇସ୍ରାଏଲ ସହ ଯୁଦ୍ଧ ଆରମ୍ଭ ହେବାପରେ ଇରାନ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ବନ୍ଦ କରିଦେଇଥିଲା। ତେବେ ବଢୁଥିବା ବିପଦ ପରେ ବି 'ଗ୍ରୀନ୍ ଆଶା' ଏଲପିଜି ▶▶ ୬

# ଏଣିକି ଖୋଲାରେ ମିଳିବନି ଗ୍ୟାସ୍

**ଭୁବନେଶ୍ୱର,୫।୪/ଏନ୍‌ଏନ୍‌ଏସ୍:**





**କେବଳ ସ୍ୱୀକୃତିପ୍ରାପ୍ତ ଏଜେନ୍ସି ହିଁ ବିକ୍ରିପାରିବେ**

**ଖାତା ନଥିଲେ ମିଳିବନି ଗ୍ୟାସ୍**

**ଭରି ପାରିବେନି ୫ କେଜିଆ ସିଲିଣ୍ଡର**

**କଳାବଜାରୀକୁ ଦୃଢ଼ ହସ୍ତରେ ଦମନ କରୁଛୁ:ମନ୍ତ୍ରୀ**

ଆଉ ଖୋଲା ବଜାରରେ ମିଳିବନି ଗ୍ୟାସ୍। ଏହା ବେଆଇନ୍। ରବିବାର ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। କେବଳ ସ୍ୱୀକୃତିପ୍ରାପ୍ତ ଦୋକାନୀ ବା ଏଜେନ୍ସି ହିଁ ଗ୍ୟାସ୍ ବିକ୍ରି କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ଗ୍ୟାସ୍ ବିକ୍ରି ନେଇ ଇ-କେଓ୍ୱାଇସି କରାଯିବ। କେବଳ ଯାହା ନାଁରେ କାର୍ଡ ଥିବ ଗ୍ୟାସ ଏଜେନ୍ସିରୁ ସେମାନେ ଗ୍ୟାସ୍ ଟାଙ୍କି ନେଇ ପାରିବେ। ସେହିପରି ୫ ଲିଟର ଗ୍ୟାସ୍ ସମ୍ପୂର୍ଣ୍ଣ ବନ୍ଦ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଏଲ୍‌ପିଜି ସଙ୍କଟ ଦେଖା ଦେଇଥିବା ବେଳେ ରାଜ୍ୟରେ ଗ୍ୟାସ୍ କଳାବଜାରୀ ରୋକିବା ପାଇଁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଖୋଲାଖୋଲି ବଜାରରେ ଗ୍ୟାସ୍ ବିକ୍ରି ହେଉଥିବାରୁ ଗ୍ୟାସ୍ କଳାବଜାରୀ ବ୍ୟାପକ ହେଉଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

ଏହାଛଡ଼ା ମନ୍ତ୍ରୀ କହିଛନ୍ତି ଯେ ଛାତ୍ରଛାତ୍ରୀ ଯେଉଁମାନେ ୫ ଲିଟର ଗ୍ୟାସ୍ ବ୍ୟବହାର କରୁଛନ୍ତି ସେମାନଙ୍କ କଥା ସରକାର ଚିନ୍ତା କରୁଛନ୍ତି। ପେଟ୍ରୋଲ୍ ଏବଂ ଡିଜେଲ୍ କେନ୍ଦ୍ର ସରକାରଙ୍କ ଦାୟିତ୍ୱରେ ଅଛି। ଯାହା କେନ୍ଦ୍ର ସରକାର ନିଷ୍ପତ୍ତି ନେଉଛନ୍ତି ତାହାକୁ ଆମେ ମାନିବୁ। ସରକାର ଯାହା ନିଷ୍ପତ୍ତି ନେଇଛନ୍ତି ବିଚାର କରି ନେଇଛନ୍ତି। ପେଟ୍ରୋଲ, ଗ୍ୟାସ୍, ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଅଛି। ନିୟମ ଅନୁସାରେ ସହରାଞ୍ଚଳରେ ୨୫ ଦିନ ଓ ଗ୍ରାମାଞ୍ଚଳରେ ୪୫ ଦିନରେ ଗ୍ୟାସ୍ ମିଳୁଛି। କିନ୍ତୁ ପୂର୍ବ ପରି ଖୋଲାରେ ଆଉ ଗ୍ୟାସ ବିକ୍ରି ହେବନାହିଁ। କଳାବଜାରୀକୁ ରୋକିବା ପାଇଁ ଇ-କେଓ୍ୱାଇସି କରିଛୁ। ଯେଉଁମାନେ ବୁକିଂ କରିବେ ଓ ଯଦି ସେମାନଙ୍କ ନାଁରେ ଇ-କେଓ୍ୱାଇସି ଥିବ, ତାହାଲେ ସେହିମାନେ ହିଁ ଏଜେନ୍ସିରୁ ଗ୍ୟାସ୍ ପାଇବେ। ନିର୍ଦ୍ଦିଷ୍ଟ ଅବଧିରେ ଗ୍ୟାସ ମିଳିବ। ୫ କେଜି ଗ୍ୟାସ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ହେବ। ସେ ଗୁଡ଼ିକ ବେଆଇନ। ଗ୍ୟାସ୍ ଓ ପେଟ୍ରୋଲରେ କୌଣସି ସଙ୍କଟ ନାହିଁ। କଳାବଜାରୀ ଉପରେ ସରକାର ସମ୍ପୂର୍ଣ୍ଣ ନଜର ରଖିବା ସହ ତାକୁ ଦୃଢ଼ ହସ୍ତରେ ଦମନ କରୁଛନ୍ତି ବୋଲି ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ଅନ୍ୟପକ୍ଷରେ ଗୋଟିଏ ପଟେ ଗ୍ୟାସ ସଙ୍କଟ ଦେଖା ଦେଇଥିବା ବେଳେ ଅନ୍ୟ ପଟରେ ଏହାର କଳାବଜାରୀ ରୋକିବାକୁ ରାଜ୍ୟର ବିଭିନ୍ନ ▶▶ ୬

### ପୂର୍ବତଟ ରେଳପଥ ସଂକୁଚିତ ପ୍ରସଙ୍ଗ

# ଓଡ଼ିଶା ପ୍ରତି ଅତୁଟ ରହିଛି ରେଳବାଇର ପ୍ରତିବଦ୍ଧତା

### ଦକ୍ଷିଣତଟ ଜୋନ୍ ଯୋଗୁଁ ପ୍ରଭାବିତ ହେବନି ପୂର୍ବତଟ ରେଳବାଇର ରାଜସ୍ୱ ଆୟ

**ଭୁବନେଶ୍ୱର,୫।୪/ଏନ୍‌ଏନ୍‌ଏସ୍:**

ଓଡ଼ିଶା ପ୍ରତି ଭାରତୀୟ ରେଳବାଇର ପ୍ରତିବଦ୍ଧତା ଅତୁଟ ରହିଛି। ପୂର୍ବତଟ ରେଳବାଇର ବିକାଶ ପ୍ରତି ଭାରତୀୟ ରେଳବାଇ ପ୍ରତିବଦ୍ଧ। ଓଡ଼ିଶାରେ ରେଳ ନେଟଓ୍ୱାର୍କ ସମ୍ପ୍ରସାରଣ, ଷ୍ଟେସନ ଆଧୁନିକୀକରଣ, ବନ୍ଦେ ଭାରତ ସେବା ଏବଂ ପୂର୍ବତଟ ରେଳବାଇ ଅଧୀନରେ ନବଗଠିତ ରାୟଗଡ଼ା ଡିଭିଜନ ଆଦିରେ ରେକର୍ଡ ପୁଞ୍ଜି ବ୍ୟୟ ଏହି ପ୍ରତିବଦ୍ଧତାକୁ ଦର୍ଶାଉଛି। ନବ ଗଠିତ ଦକ୍ଷିଣ ତଟ ଜୋନରେ କେତେକ ଷ୍ଟେସନ ସାମିଲ ନେଇ ଯେଉଁ ଚିନ୍ତା ପ୍ରକଟ କରାଯାଉଛି ଭାରତୀୟ ରେଳବାଇ ଆଜି ତାହା ଉପରେ ସ୍ପଷ୍ଟିକରଣ ରଖି ଏଭଳି କହିଛି। ରେଳବାଇ ପକ୍ଷରୁ କୁହାଯାଇଛି ଯେ ପଲାସା-ଇଚ୍ଛାପୁରମ୍ ସେକ୍ସନ (୫୦ କିଲୋମିଟର)ରେ ୭ଟି ଷ୍ଟେସନ ଯଥା ପଲାସା, ସୁମାଦେବୀ, ମାଣ୍ଡାସା ରୋଡ୍, ବାରୁଭା, ସୋମପେଟା, ଝାଡୁପୁଡି ଏବଂ ଇଚ୍ଛାପୁରମ୍ ରହିଛି। ଏହି ସମସ୍ତ ଷ୍ଟେସନ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ଅବସ୍ଥିତ। ଏହି ଷ୍ଟେସନଗୁଡ଼ିକ ମଧ୍ୟରୁ କୌଣସିଟି ହେଲେ ଓଡ଼ିଶା ମଧ୍ୟରେ ଅବସ୍ଥିତ ନୁହେଁ। ଏହି ଷ୍ଟେସନଗୁଡ଼ିକ ଛୋଟରୁ ମଧ୍ୟମ ଆକାରର ଷ୍ଟେସନ ଯାହା ମୁଖ୍ୟତଃ ଯାତ୍ରୀ ପରିଚାଳନା କରିଥାଏ। ଏଥିମଧ୍ୟରୁ କୌଣସିଟି ଏକ ପ୍ରମୁଖ ମାଲ ପରିବହନ ଷ୍ଟେସନ ନୁହେଁ। ତେଣୁ ପୂର୍ବତଟ ରେଳବାଇର ରାଜସ୍ୱ ପ୍ରଭାବିତ ହେବାର ସମ୍ଭାବନା ନାହିଁ। ଷ୍ଟେସନଗୁଡ଼ିକ ଯେଉଁ ଜୋନ୍ ଅଧିନରେ ଆସିଲେ ବି ସେହିସବୁ ଷ୍ଟେସନରେ ମାଲ ପରିବହନ ନିରବଚ୍ଛିନ୍ନ ଭାବରେ ଜାରି ରହିବ। ସମସ୍ତ ସୀମାରେଖା ମଧ୍ୟରେ ରେଳ ଚଳାଚଳ ନିରବଚ୍ଛିନ୍ନ ଜାରି ରହିବ। ରେଳ ସେବାରେ କୌଣସି ବ୍ୟାଘାତ ଉପୁଜିବ ନାହିଁ। ପଲାସା-ଭୁବନେଶ୍ୱର, ପଲାସା-କଟକ ଏବଂ ଇଚ୍ଛାପୁରମ-କଟକ ମେମୁ/ଯାତ୍ରୀବାହୀ ସେବା ସମେତ ବର୍ତ୍ତମାନ ଚଳାଚଳ କରୁଥିବା ସମସ୍ତ ଟ୍ରେନର କାର୍ଯ୍ୟସୂଚୀ, ମାର୍ଗ କିମ୍ବା ଯାତାୟାତ କୌଣସି ପରିବର୍ତ୍ତନ ବିନା ଜାରି ରହିବ। ବିଶାଖାପାଟନମ୍ ଡିଭିଜନରେ ଯାତ୍ରୀ ସେବାଗୁଡ଼ିକର ସୁଗମ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ଏହା ଏକ ବୈଷୟିକ ସଂଶୋଧନ। ପୂର୍ବତଟ ରେଳବାଇ ଏବଂ ଦକ୍ଷିଣ ତଟ ରେଳବାଇ ମଧ୍ୟରେ କର୍ମଚାରୀ ନିୟୋଜନ ସମେତ ସ୍ଥାନାନ୍ତରଣର ପଦ୍ଧତିକୁ ଚୂଡ଼ାନ୍ତ ରୂପ ଦିଆଯାଉଛି। ସମସ୍ତ ରେଳ କର୍ମଚାରୀଙ୍କ ସ୍ୱାର୍ଥ ଏବଂ ସେବା ସର୍ତ୍ତାବଳୀ ନିୟମ ଅନୁଯାୟୀ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି। ପଲାସା ଓ ଇଚ୍ଛାପୁରମ୍ ▶▶ ୬



**ପଲାସା-ଇଚ୍ଛାପୁରମ ସେକ୍ସନରେ ରହିଛି ୭ ଷ୍ଟେସନ**

**ଏ ସମସ୍ତ ଷ୍ଟେସନ ଶ୍ରୀକାକୁଲମ୍ ଜିଲ୍ଲାର, ଓଡ଼ିଶାର ନୁହେଁ**

# କାଳବୈଶାଖୀ: ଭାଙ୍ଗିଲା-ବର୍ଷିଲା

**ଭୁବନେଶ୍ୱର, ଆଠଗଡ଼, ୫।୪/ଏନ୍‌ଏନ୍‌ଏସ୍:**



**ଖଲ୍ଲିକୋଟରେ ଉଡ଼ିଲା ଘରର ଟିଣ, ଭାଙ୍ଗିଲା ଗଛ**

**ସମ୍ବଲପୁର ଓ ଆଠଗଡ଼ରେ ବଜ୍ରପାତ ନେଲା ୨ ଜୀବନ**

**୯ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ସତର୍କତା ଜାରି**

ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଅପରାହ୍ଣ ହେଉ ହେଉ ତାଣ୍ଡବ ରଚୁଛି କାଳବୈଶାଖୀ। ଘର ଓ ଗଛ ଭାଙ୍ଗିବା ସହ ପ୍ରବଳ ବର୍ଷୁଛି। ଏହି କ୍ରମରେ ରବିବାର ଗଞ୍ଜାମ ଖଲ୍ଲିକୋଟ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା, ପବନ ଯୋଗୁଁ ବହୁ ଗଛ ଭାଙ୍ଗିଛି। କୁଆପଥର ବର୍ଷା ମଧ୍ୟ ହୋଇଛି। ସେହିଭଳି ଦିଗପହଣ୍ଡି ଅଞ୍ଚଳରେ ବି ଝଡ଼ବର୍ଷା ପ୍ରଭାବ ଦେଖିବାକୁ ମିଳିଛି। ବାଲେଶ୍ୱର ଓ ବାଙ୍କୀରେ ବି କାଳବୈଶାଖୀ ତାଣ୍ଡବର ପ୍ରଭାବ ପଡ଼ିଛି। ରାଜ୍ୟର ଆଉ କିଛି ସ୍ଥାନରେ ବି କାଳବୈଶାଖୀ ତାଣ୍ଡବ ରଚିଛି।

ଖଲ୍ଲିକୋଟ ଅଞ୍ଚଳରେ ରବିବାର ଅପରାହ୍ଣରେ ହଠାତ୍ ମାଡ଼ି ଆସିଥିଲା କଳାହାଣ୍ଡିଆ ମେଘ ସହ ପବନ। ଚାହୁଁ ଚାହୁଁ ଉଡ଼ାଇ ନେଲା ଘରର ଟିଣ। ଭାଙ୍ଗି ଦେଇଗଲା ବଡ଼ ବଡ଼ ଗଛ । ଖଲ୍ଲିକୋଟ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଛ ଡାଳ ଭାଙ୍ଗି ରାସ୍ତାରେ ପଡ଼ିଥିବା ବେଳେ ଯାତାୟାତ ବାଧାପ୍ରାପ୍ତ ହୋଇଛି। କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ହୋଇ ଖଲ୍ଲିକୋଟ୍ ସାହିର ୩ଟି ଘରର ଟିଣ ଉଡ଼ାଇ ନେଇଛି। ସେହିପରି ଭୁବନେଶ୍ୱର ଠାରୁ ଆସିକାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର ନିର୍ମଳଝର ଠାରେ ବିରାଟ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିବା ବେଳେ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଦୁଇ ପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିଥିବା ଦେଖିବାକୁ ମିଳିଛି। ସେପଟେ ବେଗୁନିଆପଡ଼ା ଅଞ୍ଚଳରେ ବଜ୍ରପାତ୍ ଘଟି ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ଦୁହିଁଙ୍କୁ ଉଦ୍ଧାର କରି ପ୍ରଥମେ କୋଦଳା ମେଡ଼ିକାଲରେ ଚିକିତ୍ସା କରାଯାଇ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

ଅନ୍ୟପକ୍ଷରେ ଆଠଗଡ଼ ଥାନା ଅନ୍ତର୍ଗତ ଯୋରନ୍ଦା ପଞ୍ଚାୟତ ଅଧିନସ୍ଥ କରିକୋଲ ଗ୍ରାମର ଜନୈକ ବ୍ୟକ୍ତିଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ କରିକୋଲ ସବର ସାହିର ବିଳାସିନୀ ଗୁରୁ। ଘର ଦାଣ୍ଡରେ ଠିଆ ହୋଇଥିବା ବେଳେ ବଜ୍ରପାତରେ ତଳେ ପଡ଼ି ସଂଜ୍ଞାହୀନ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆଠଗଡ଼ ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଠଗଡ଼ ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଜୁଜୁମୁରା ଠାରେ ବ୍ରଜପାତ ଯୋଗୁଁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ବିପ୍ଳବ ବେହେରା। ଏହା ସହ ବିପ୍ଳବଙ୍କ ସାନ ଭାଇ ବଳରାମ ମଧ୍ୟ ଆହତ ହୋଇଛନ୍ତି। ବୌଦ୍ଧ ବଘିଆପଡ଼ାର ବିପ୍ଳବଙ୍କ ପୁଅ ସୁଜିତର ବାହାଘର ଜୁଜୁମୁରା ଗହୀରପାଲିରେ ସ୍ଥିର ହୋଇଥିଲା। ଆସନ୍ତା ଏପ୍ରିଲ ୨୫ ତାରିଖରେ ବାହାଘର ଲଗ୍ନ ସୁଝି ଥିଲା। ଆଜି ଲଗ୍ନ ପତ୍ର ଦେବାକୁ ଗହୀରପାଲିକୁ ବିପ୍ଳବ ଓ ତାଙ୍କ ଭାଇ ବଳରାମ ବାଇକ ଯୋଗେ ଆସୁଥିଲେ । ତେବେ ବାଟରେ ବଜ୍ରପାତ ହେବାରୁ ବିପ୍ଳବ ବେହେରାଙ୍କ ମୃତ୍ୟୁ ହୋଇଥିଲା। ବଳରାମଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଅନ୍ୟପକ୍ଷରେ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ବର୍ଷାର ପ୍ରଭାବ ଦେଖାଯିବ। କାଳବୈଶାଖୀର ପ୍ରଭାବରୁ ୨ ଦିନ ମଧ୍ୟରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ହ୍ରାସ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟାରେ ୨୭ଟି ଜିଲ୍ଲାରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି। ୩ ଜିଲ୍ଲା ଯଥା ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକରେ ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣର ▶▶ ୬

# କଲରାପତରିଆ ଛାଲ ଜବତ

### ଗାଈ ମୃତ୍ୟୁର ପ୍ରତିଶୋଧ ପାଇଁ ମାରିଥିଲା ଅଭିଯୁକ୍ତ

**କନ୍ଧମାଳ,ଫୁଲବାଣୀ,୫।୪/ଏନ୍‌ଏନ୍‌ଏସ୍:**



ଟିକାବାଲି ବନାଞ୍ଚଳ ଅଧୀନ ଚକାପାଦ ବ୍ଲକ୍ ବ୍ରାହ୍ମଣପାଦ ପଞ୍ଚାୟତ ଅନ୍ତର୍ଗତ ରିଙ୍ଗିବାଡ଼ି ଗ୍ରାମ ନିକଟରେ ବନବିଭାଗ ଏକ କଲରାପତରିଆ ଛାଲ ଜବତ କରିଛି। ଏହି ଛାଲର ଲମ୍ବ ୧୬୮ ସେଣ୍ଟିମିଟର। ଏହାକୁ ବିକ୍ରି କରିବା ପାଇଁ ଉଦ୍ୟମ କରୁଥିବାବେଳେ ଅଭିଯୁକ୍ତ ପଙ୍କଜ କହଁର (୩୧)କୁ ଗିରଫ କରାଯାଇଛି। ଅଭିଯୁକ୍ତ ବାଘଛାଲ ବିକ୍ରି କରିବାକୁ ଉଦ୍ୟମ କରୁଥିବା କୌଣସି ସୂତ୍ରରୁ ଖବର ପାଇ ଏସିଏଫ୍ ▶▶ ୬


**ଭିତର ପୃଷ୍ଠାରେ**

ରାଜ୍ୟରେ ନିଶ୍ଚିତ ହେବ ମେଟ୍ରୋ ପ୍ରକଳ୍ପ

କୋଲ୍‌କାତା ଉପରେ ଆକ୍ରମଣ ପାଇଁ ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଧମକ

ଚଳିତବର୍ଷ ଲାଗୁହେବ ନୂଆ ସଂରକ୍ଷଣ ନୀତି


### ଇରାନକୁ ପୁଣି ଚେତାବନୀ ଦେଲେ ଟ୍ରମ୍ପ୍

# 'ମଙ୍ଗଳବାର ହେବ ବଡ଼ ଧରଣର ବିନାଶ'

**ଓ୍ୱାଶିଂଟନ୍ ଡିସି, ତେହେରାନ୍, ତେଲ୍ ଅଭିଭ୍,୫।୪/ଏଜେନ୍ସି:**



**ପାଓ୍ୱାର୍ ପ୍ଲାଣ୍ଟ୍ ଓ ପୋଲ ଉପରେ ହେବ ଆକ୍ରମଣ**

**'ହର୍ମୁଜ୍ ଖୋଲିଦିଅ ପାଗଳ, ନଚେତ୍ ନର୍କକୁ ଯିବ'**

ଆମେରିକା ଓ ଇରାନ୍ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ କଡ଼ା ମନୋଭାବ ପୋଷଣ କରିଛନ୍ତି। ଟ୍ରମ୍ପ ରବିବାର ଇରାନ୍‌କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କହିବା ସହିତ ପୁଣି ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ଯଦି ଇରାନ୍ ହର୍ମୁଜ୍ ପ୍ରଣାଳୀ ନଖୋଲେ, ତେବେ ଆମେରିକା ତା' ପାଓ୍ୱାର ପ୍ଲାଣ୍ଟ ଓ ପୋଲଗୁଡ଼ିକ ଉପରେ ଆକ୍ରମଣ କରିବା ସହିତ ଇରାନ୍‌କୁ ନର୍କ ପରି ପରିଣାମ ଭୋଗିବାକୁ ପଡ଼ିବ। ମଙ୍ଗଳବାର ଏକ ବଡ଼ ଧରଣର ବିନାଶ ହେବ। ଟ୍ରମ୍ପ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ 'ଟ୍ରୁଥ୍'ରେ ଲେଖିଛନ୍ତି, 'ଇରାନ୍‌ରେ ମଙ୍ଗଳବାର ପାଓ୍ୱାର୍ ପ୍ଲାଣ୍ଟ ଡେ ଏବଂ ବ୍ରିଜ୍ ଡେ ଏକସଙ୍ଗେ ପାଳନ କରାଯିବ। ଅର୍ଥାତ୍ ଆକ୍ରମଣ ହେବ। ଏପରି ପୂର୍ବରୁ କେବେ ଏପରି ହୋଇନାହିଁ। ହର୍ମୁଜ୍ ପ୍ରଣାଳୀ ଖୋଲିଦିଅ ପାଗଳ, ନଚେତ୍ ନର୍କକୁ ଯିବ। ଆଲ୍ଲାକୁ ପ୍ରାର୍ଥନା କର।' ଏହି ପୋଷ୍ଟଟି ମଧ୍ୟ ଆଶ୍ଚର୍ଯ୍ୟଜନକ କାରଣ ଆମେରିକା ରାଷ୍ଟ୍ରପତି ଖୋଲାଖୋଲି ଭାବରେ ଏହି ଉପାୟରେ ଏକ ଦେଶକୁ ଅପମାନିତ ଏବଂ ଧମକ ଦେଇଛନ୍ତି। ଏହି ବିବୃତ୍ତି ସମସ୍ତ କୂଟନୈତିକ ମର୍ଯ୍ୟାଦାକୁ ଉଲଂଘନ କରେ।

ଆମେରିକା ଏହା ପୂର୍ବରୁ ଗୁରୁବାର ଇରାନ୍ ରାଜଧାନୀ ତେହରାନ୍‌କୁ କରାଜ ସହର ସହିତ ଯୋଡୁଥିବା ବି୧ ହାଇଓ୍ୱେ ବ୍ରିଜ୍ ଉପରେ ଆକ୍ରମଣ କରିଥିଲା। ଏହି ପୋଲ୍ ଚଳିତ ବର୍ଷ ଆରମ୍ଭ ହୋଇଥିଲା ଏବଂ ଏହା ମଧ୍ୟପ୍ରାଚ୍ୟର ସବୁଠୁ ଉଚ୍ଚା ପୋଲ। ପ୍ରାୟ ୧୦୫୦ ମିଟର ଲମ୍ବା ଏବଂ ୧୩୬ ମିଟର ଉଚ୍ଚା ଏହି ପୋଲର ନିର୍ମାଣରେ ପ୍ରାୟ ୪୦୦ ମିଲିୟନ୍ ଡଲାର (୩,୮୦୦ କୋଟି ଟଙ୍କା) ଖର୍ଚ୍ଚ ହୋଇଥିଲା। ଇତିମଧ୍ୟରେ ୪୮ ଘଣ୍ଟାରେ ▶▶ ୬

### ଇରାନ୍‌ରୁ ପାଇଲଟ୍‌ଙ୍କୁ ବଞ୍ଚାଇଲା ଆମେରିକା

ଏହା ପୂର୍ବରୁ ଅନ୍ୟ ଏକ ପୋଷ୍ଟରେ ଟ୍ରମ୍ପ କହିଛନ୍ତି, ଆମେରିକୀୟ ସେନା ଇରାନ୍‌ର ପାହାଡ଼ ମଧ୍ୟରୁ ଗୁରୁତର ଭାବେ ଆହତ ଏବଂ ବାହାଦୂର ଏଫ୍-୧୫ କୁ ସଦସ୍ୟ/ଅଫିସର୍‌ଙ୍କୁ ବଞ୍ଚାଇଛି। ରାଷ୍ଟ୍ରପତି କହିଛନ୍ତି, ଇରାନୀ ସେନା ବହୁ ସଂଖ୍ୟାରେ ତାଙ୍କୁ ଖୋଜୁଥିଲେ ଏବଂ ତାଙ୍କ ନିକଟବର୍ତ୍ତୀ ହୋଇଥିଲେ। ଟ୍ରମ୍ପ ନିଜ ସୋସିଆଲ୍ ମିଡିଆ ଟ୍ରୁଥ୍‌ରେ କହିଛନ୍ତି, ପାଇଲଟ୍ ଜଣେ ବହୁ ସମ୍ମାନ କର୍ଣ୍ଣେଲ ଏବଂ ଏ ପ୍ରକାର ଅଭିଯାନ ବହୁ କମ୍ କରାଯାଇଥାଏ। କାରଣ ଏହା ସୈନିକ ଏବଂ ଉପକରଣ ପାଇଁ ବହୁ ବିପଜ୍ଜନକ ହୋଇଥାଏ। ସେ କହିଛନ୍ତି, ପ୍ରଥମ ଅଭିଯାନ ଦିନର ସୂର୍ଯ୍ୟାଲୋକରେ ▶▶ ୬

### ଆପ୍ ନେତାଙ୍କୁ ରାଘବଙ୍କ ଜବାବ

# ପିକ୍‌ଚର ଅଭି ବାକି ହୈ..

**ନୂଆଦିଲ୍ଲୀ,୫।୪/ଏଜେନ୍ସି:**



ଆମ ଆଦମୀ ପାର୍ଟିର ରାଜ୍ୟସଭା ସାଂସଦ ରାଘବ ଚଡ୍ଡା ଏବଂ ତାଙ୍କ ଦଳ ମଧ୍ୟରେ ଏବେ ମତଭେଦ ଦେଖାଦେଉଛି। ରାଘବ ସଂସଦରେ ପଞ୍ଜାବ ପ୍ରସଙ୍ଗ ଉଠାଇ ନଥିବା ଆମ ଆଦମୀ ପାର୍ଟିର ନେତାମାନେ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ମଧ୍ୟରେ ରାଘବ ପଞ୍ଜାବ ପ୍ରସଙ୍ଗର ଜବାବ ଦେଇ ଏକ ଭିଡିଓ ଜାରି କରିଛନ୍ତି। ସେ କହିଛନ୍ତି ଏହା କେବଳ ଏକ ଛୋଟିଆ ଟ୍ରେଲର, ଫିଲ୍ମ ଏବେ ବାକି ଅଛି।

ଭିଡିଓରେ ସେ କହିଛନ୍ତି, 'ମୋର ଆମ ଆଦମୀ ପାର୍ଟି ସହକର୍ମୀମାନେ ଯେଉଁମାନେ ରାଘବ ଚଡ୍ଡା ସଂସଦରେ ପଞ୍ଜାବର ପ୍ରସଙ୍ଗ ଉଠାଇବାରେ ବିଫଳ ହୋଇଥିବା ଅଭିଯୋଗ କରି ଏକ ଭିଡିଓ ଜାରି କରିବାକୁ ବାଧ୍ୟ କରିଛନ୍ତି, ଏହା ଏକ ଛୋଟ ଟ୍ରେଲର। ଫିଲ୍ମ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ ।'ସେ ଆହୁରି ଲେଖିଛନ୍ତି, 'ପଞ୍ଜାବ ମୋ ପାଇଁ କେବଳ ଆଲୋଚନାର ବିଷୟ ନୁହେଁ। ଏହା ମୋର ଘର, ମୋର କର୍ତ୍ତବ୍ୟ, ମୋର ମାଟି, ମୋର ଆତ୍ମା।'

ଏହା ବ୍ୟତୀତ, ଭିଡିଓରେ ରାଘବ ଚଡ୍ଡା ଏମଏସପିର ଆଇନଗତ ଗ୍ୟାରେଣ୍ଟି ଦାବି, ପଞ୍ଜାବରେ ଜଳ ଅଭାବ, ଚାଷୀଙ୍କ ବିଭିନ୍ନ ଦାବି, ପଞ୍ଜାବରେ ଭୂତଳ ଜଳ ହ୍ରାସ, ସହିଦ ଭଗତ ସିଂହଙ୍କ ପାଇଁ ଭାରତ ରତ୍ନ ଦାବି, ନଦୀ ପୁନରୁଦ୍ଧାର ଏବଂ ପଞ୍ଜାବର ଜଳ ଉପଲବ୍ଧତା, ମହାରାଜା ରଣଜିତ ସିଂହଙ୍କ ପାଇଁ ରାଜ ସିଂହାସନ ଦାବି ଆଦି ପ୍ରସଙ୍ଗଗୁଡ଼ିକ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ ପଞ୍ଜାବକୁ ଅନ୍ତର୍ଜାତୀୟ ବିମାନ ଉଡ଼ାଣ, ପଞ୍ଜାବ ପାଇଁ ପାଣ୍ଠି ଜାରି କରିବା ଏବଂ ଆନନ୍ଦପୁର ସାହିବକୁ ଏକ ଐତିହ୍ୟ ସହର ଭାବରେ ବିକଶିତ କରିବା ▶▶ ୬

## ଓଡିଆ ପକ୍ଷ ପାଳନ, ଐତିହ୍ୟ ଗଣଦୌଡ଼

**ବ୍ରହ୍ମପୁର,୫।୪/ଏନ୍ଏନ୍ଏସ୍:** ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ଐତିହ୍ୟ ଗଣଦୌଡ କାର୍ଯ୍ୟକ୍ରମ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଏହି ଗଣଦୌଡ ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍ ଠାରୁ ଆରମ୍ଭ ହୋଇ ଖଲ୍ଲିକୋଟ କଲେଜ ପର୍ଯ୍ୟନ୍ତ



ଯାଇଥିଲା। ସେଠାରୁ ପୁନର୍ବାର ଷ୍ଟାଡିୟମ୍‌କୁ ଫେରିଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ମହାନଗର ନିଗମ କମିଶନର ସସ୍ୟ ରେଡି, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର କଲ୍ୟାଣୀ ସଂଘମିତ୍ରା, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅଭିନାଶ କୁମାର, ଗଞ୍ଜାମ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଗଣଦୌଡରେ ପ୍ରାୟ ୫୦୦ରୁ ଅଧିକ ବୁଦ୍ଧିଜୀବୀ, ମହିଳା, ଯୁବକ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଆଜିର ଏହି ଗଣ ଦୌଡ଼ ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହିତ ସମାପନ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଯିବା ସହ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

**ଫୁଲବାଣୀ:** ଓଡ଼ିଶାର କଳା, ସଂସ୍କୃତି ଓ ସମୃଦ୍ଧ ଐତିହ୍ୟକୁ ପ୍ରଚାର ପ୍ରସାର କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ 'ଓଡ଼ିଶା ପକ୍ଷ - ୨୦୨୬' ଅବସରରେ ଆଜି ଫୁଲବାଣୀଠାରେ ଏକ ଐତିହ୍ୟ ଗଣ ଦୌଡ଼ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଜିଲ୍ଲା କ୍ରୀଡା ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହି



କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି। ସ୍ଥାନୀୟ କନ୍ଧମାଳ ଷ୍ଟାଡିୟମରଠାରେ ଆୟୋଜିତ ଏହି ଗଣ ଦୌଡ଼କୁ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଏବଂ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଦୌଡ଼ରେ ଶତାଧିକ ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍, ସ୍ୱେଚ୍ଛାସେବୀ ଏବଂ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ପଦଯାତ୍ରା କନ୍ଧମାଳ ଷ୍ଟାଡିୟମଠାରୁ ବାହାରି ଏଫ୍ ସି ଆଇ ଛକ, ଗାନ୍ଧୀ ଛକ ଓ କୋରନେସନ୍ ଫିଲ୍ଡ ଦେଇ ପୁଣି କନ୍ଧମାଳ ଷ୍ଟାଡିୟମକୁ ଆସିଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବିଣ କୁମାର ବାଣୁଆ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଜିଲ୍ଲା କ୍ରୀଡା ଅଧିକାରୀ ସମୀର ନାୟକ ଏବଂ ଜିଲ୍ଲା ପ୍ରଶାସନର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବାଲିପଦରରେ ପଞ୍ଚୁଦଣ୍ଡ ମହାମିଳନ

**ବୁଗୁଡା,୫।୪/ଏନ୍ଏନ୍ଏସ୍:** ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ବାଲିପଦର ଗ୍ରାମରେ ତ୍ରିନାଥ ସାସମଲଙ୍କ ମାନସିକ ପଞ୍ଚୁଦଣ୍ଡ ମହାମିଳନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗହଗୁ ,ଏ.କରଡାବାଡି,ସୁନାକେରା,ବଣପଲ୍ଲୀ, ପଙ୍କଲବଡିର ମା ଦଣ୍ଡକାଳୀ କର୍ତ୍ତାଙ୍କ ବାସଭବନଠାରେ ଧୂଳିଦଣ୍ଡ ସମାପନ ପରେ ସାମନ୍ତରା ବନ୍ଧରେ ପାଣିଦଣ୍ଡ ଭାଙ୍ଗି କର୍ତ୍ତାଙ୍କ



ବାସଭବନ ସମ୍ମୁଖରେ ମହାମିଳନ ପୂର୍ବକ ବାଲିପଦର ଜଙ୍କସନ୍ ଓ ମକରପଡିଆଠାରେ ପଞ୍ଚଦଣ୍ଡଙ୍କ ମହାମିଳନ ଅନୁଷ୍ଠିତ ହୋଇଥିଲା। ଏ ସମସ୍ତ ଦଣ୍ଡଦଳ କୁମୁଟିସାହି, ଚଷାସାହି, ମହାରଣାସାହି, କାର୍ଯ୍ୟସାହି, ମେଡିକାଲସାହି ଆଦି ପରିକ୍ରମା କରି ସ୍ୱ ସ୍ୱ ଆସ୍ଥାନରେ ପହଞ୍ଚି ଦଣ୍ଡ ସମାପନ କରିଥିଲେ। ଏହି ସମସ୍ତ ସାହିର କର୍ମକର୍ତ୍ତାମାନଙ୍କୁ ନେଇ ଗଠିତ ପଞ୍ଚଦଣ୍ଡ କମିଟି ଦଣ୍ଡ ପରିଚାଳନା କରିଥିଲେ। ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଏହି ପାବନ ଉତ୍ସବରେ ଯୋଗଦେଇ ମା'କାଳୀଙ୍କ ଦର୍ଶନ ଲାଭ ସହ କୃପା ଭିକ୍ଷା କରିଥିଲେ।

## ପ୍ରବେଶ ଉତ୍ସବ ଓ ଖଡିଛୁଆଁ

**ଛତ୍ରପୁର,୫।୪/ଏନ୍ଏନ୍ଏସ୍:** ପିଏମ୍‌ଶ୍ରୀ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ମହା ଆଡମ୍ବରରେ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନ ଏବଂ ପଣ୍ଡିତ ବିଦ୍ୟାଧର ଦାଶଙ୍କ ମନ୍ତ୍ର ଉଚ୍ଚାରଣରେ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରେ ଶିଶୁ ବଟିକାରେ ନୂତନ ଭାବେ ପ୍ରବେଶ କରୁଥିବା ଛାତ୍ରଛାତ୍ରୀଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ, ପଣ୍ଡିତ ସାର ଏବଂ ଶିକ୍ଷକ ଦିଲ୍ଲୀପ ପଲେଇ ଖଡ଼ି ଛୁଆଇଁ ବିଦ୍ୟାରମ୍ଭ କରାଇଥିଲେ । ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଦ୍ୱାରା ସାରା ରାଜ୍ୟରେ ପ୍ରବେଶ ଉତ୍ସବ ପାଳନ ଅବସରରେ ମହା ଆଡମ୍ବରରେ ପିଏମ୍‌ଶ୍ରୀ ଅନସ୍ଲୋ ସରକାରୀ ବିଦ୍ୟାଳୟରେ ଏହି ଉତ୍ସବ ପାଳିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ଶିକ୍ଷାବିଭାଗ ପକ୍ଷରୁ ପ୍ରବେଶ ଉତ୍ସବ ସମାରୋହ

# ପ୍ରଥମ ଦିବସରେ ବାଲ୍‌ବାଟିକାରେ ନାମ ଲେଖାଇଲେ ୪୨୯ ଶିକ୍ଷାର୍ଥୀ

**ଆସିକା,୫।୪/ଏନ୍ଏନ୍ଏସ୍:** ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ସରକାରୀ ବିଦ୍ୟାଳୟଗୁଡିକରେ ପ୍ରବେଶ ଉତ୍ସବ, ଖଡିଛୁଆଁ ଦିବସ, ବାଲ୍‌ବାଟିକା ଓ ପ୍ରଥମ ଶ୍ରେଣୀରେ ନାମଲେଖା ଉତ୍ସବ ଆରମ୍ଭ ହୋଇଯାଇଛି। କେନ୍ଦୁପଦର, ନିମିନା, ବାଲିସିରା, ଗଙ୍ଗାପୁର, କେ.ନୁଆଁପଲ୍ଲୀ, ଆସିକା ଏନ୍ଏସି, କାଳକଣ୍ଠପୁର, ହରିଡାପଦର, ଖାରିଆ, ନଳବଣ୍ଟା, ବଡଖୋଲି, ବାବନପୁର, ଭେଟନଇ କ୍ଲଷ୍ଟର ଅଧୀନସ୍ଥ ୧୩୫ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଗୁଡିକରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆସିକା ଗୋଷ୍ଠୀ ଶିକ୍ଷାଧିକାରିଣୀ ମୁନ୍‌ରାଣୀ ମହାନ୍ତିଙ୍କ ପରାମର୍ଶକ୍ରମେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା, ଭଂଜ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି



ଅବସରରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆସିଥିବା କିଟ୍ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ପ୍ରବେଶ ଉତ୍ସବ ଓ ଖଡିଛୁଆଁ ୨୦୨୬ ଶିଶୁବାଟିକାର ଶୁଭାରମ୍ଭ ଅବସରରେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ୧୩ ଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ପ୍ରଥମ ଦିବସରେ ବାଲ୍‌ବାଟିକାରେ ୪୨୯ ଜଣ ଶିଶୁ ଏବଂ ପ୍ରଥମ ଶ୍ରେଣୀରେ ୩୩ ଜଣ ଶିକ୍ଷାର୍ଥୀ ନାମ ଲେଖାଇଥିବା ଜଣାପଡିଛି । ଆସିକା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରବେଶ ଉତ୍ସବ ସମାରୋହ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିଶୁବାଟିକାରେ ନାମ ଲେଖାଇବାକୁ କୁନି କୁନି ଶିଶୁଙ୍କ ମଥାରେ ଚନ୍ଦନ ଟିକା ଲଗାଇ ଖଡିଛୁଆଁର ଶୁଭାରମ୍ଭ କରିଥିବା ଦେଖିବାକୁ ମିଳିଥିଲା। ଓଡିଆ ପକ୍ଷ ପାଳନ ଅବସରରେ ଆସିକା ଅଞ୍ଚଳରେ ସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ଖଡିଛୁଆଁ ଓ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଥିଲା ବେଳେ ଶିକ୍ଷାବିଭାଗ ପକ୍ଷରୁ କୋମଳମତି ଶିଶୁମାନଙ୍କୁ ଶିକ୍ଷାଦୀକ୍ଷାରେ ସାମିଲ୍ କରିବା ସହ ନୂତନ ଶିକ୍ଷାବର୍ଷରେ ସେମାନଙ୍କ ଶିକ୍ଷାଯାତ୍ରାକୁ ଅଧିକ ରୁଚିପୂର୍ଣ୍ଣ କରିବାକୁ ପରାମର୍ଶ ଦିଆଯାଇଥିଲା ବେଳେ ଶିଶୁଙ୍କ ପାଇଁ ଶିକ୍ଷା ହିଁ ପ୍ରକୃତ ସମ୍ପଦ ହୋଇଥିବାରୁ ଶିଶୁମାନେ ବିଦ୍ୟା ପ୍ରତି ଯେପରି ଅଧିକରୁ ଅଧିକ ଆଗ୍ରହ ପ୍ରକାଶ କରିପାରିବେ ତାହାକୁ ଦୃଷ୍ଟିରେ ରଖି ନବାଗତ ଶିଶୁମାନଙ୍କୁ ନିୟମିତ ବିଦ୍ୟାଳୟକୁ ପଠାଇବାକୁ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯାଇଥିବା ଦେଖିବାକୁ ମିଳିଥିଲା।

## ଆଜିଠୁ ୭ ଦିନ ଚାଲିବ ସିଲ୍କ ସିଟି ମହୋତ୍ସବ

**ବ୍ରହ୍ମପୁର,୫।୪/ଏନ୍ଏନ୍ଏସ୍:** ଆସନ୍ତା କାଲି ୬ ତାରିଖ ଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୭ ଦିନ ବ୍ୟାପୀ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆ ଠାରେ ସିଲ୍କ ସିଟି ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଯେଉଁଥିରେ ସ୍ୱଦେଶୀ ଜିନିଷ, ମହିଳା ସଶକ୍ତିକରଣ ଏବଂ ଆତ୍ମନିର୍ଭରଶୀଳତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଆଜି ସ୍ଥାନୀୟ ବିଧାୟକଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ କେ. ଅନିଲ କୁମାର କହିଛନ୍ତି ଯେ ଏହି ମେଳାରେ କୃଷି ଭିତ୍ତିକ ସମାଗ୍ରୀ କ୍ରୟ ବିକ୍ରୟ ସହ ମା ଭଉଣୀ ମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ। ଯୁବ ଉଦ୍ୟମୀମାନେ ନୂଆ ରାସ୍ତା ଗଢି ପାରିବେ। ସାତଦିନ ଧରି ହେବାକୁ ଥିବାକୁ ମହୋତ୍ସବରେ ମୋଟାମୋଟି ୨୨୦ଟି ଷ୍ଟଲ୍‌ରେ ବିଭିନ୍ନ ପାରଦର୍ଶିତା ପ୍ରଦର୍ଶନ ହେବ। ବ୍ରହ୍ମପୁରୀ ସିଲ୍କକୁ ପ୍ରାଧାନ୍ୟ ଦିଆଯାଇ ମେଳାରେ ସ୍ଥାନିତ କରାଯିବ । ଯେଉଁଥିରେ କି ବୁଣା ଠାରୁ ବ୍ୟବସାୟ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ଧାରଣ



ଦିଆଯିବ। ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଲୋକକଳା, ସ୍ଥାନୀୟ ଖାଦ୍ୟପେୟ, ଲୋକ ନୃତ୍ୟ, ଲୋକ ସଙ୍ଗୀତରେ ମଧ୍ୟ ବିଭୋର ହେବେ ଜନସାଧାରଣ । ଏହା ସହ ଅତିଥି ଭାବେ ଗଞ୍ଜାମ ଜିଲ୍ଲାର ସମସ୍ତ ବିଧାୟକ, ଦୁଇ ସାଂସଦ, ଦୁଇ ମନ୍ତ୍ରୀ, ଜିଲ୍ଲା ପ୍ରଶାସନ, ବ୍ରହ୍ମପୁର ମହାନଗର ନିଗମରର କର୍ମକର୍ତ୍ତା ଏବଂ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ତେଣୁ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ କେ. ଅନିଲ କୁମାର ବ୍ରହ୍ମପୁର ତଥା ଗଞ୍ଜାମବାସୀଙ୍କୁ ବହୁ ମାତ୍ରାରେ ଯୋଗ ଦେଇ ମହୋତ୍ସବର ଭରପୁର ମଜା ନେବା ପାଇଁ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ଶିବ ପ୍ରସାଦ ଦାଶ ଓ ବିଧାୟକଙ୍କ ମିଡିଆ ପ୍ରଭାରୀ ସ୍ମିତାଲି ସ୍ମୃତି ସ୍ମିସ୍ମା ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ଉଦ୍ୟୋଗକୁ ଗୁରୁତ୍ୱ ଦେବା ସହ ଆତ୍ମନିର୍ଭରଶୀଳ କରିବା ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାଯାଇଛି।

## ପାତ୍ରପୁରରେ କାଳବୈଶାଖୀ, ୩ ବଳଦ ମୃତ

**ପାତ୍ରପୁର, ୫।୪/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକରେ ରବିବାର ଅପରାହ୍ନରେ ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। ଝଡ ତୋଫାନ, କୁଆପଥର ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ବିଭିନ୍ନ ଗ୍ରାମରେ ଗଛ ପଡି ରାସ୍ତା ଅବରୋଧ ସହ ବଜ୍ରପାତରେ ଗୃହ ପାଳିତ ପଶୁଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ପୋଲରାଜପୁର ଠାରେ ରବି ସାହୁଙ୍କ ବଳଦ ଉପରେ ନଡ଼ିଆ ଗଛ ପଡ଼ିଥିବାରୁ ବଳଦର ମୃତ୍ୟୁ ଘଟିଥିବା ବେଳେ ସେହିପରି ଖାରିଆଗୁଡା ପଂଚାୟତ ମହୁଲବାଡ ଗ୍ରାମର ମାଲୁ ଶବର ଓ ସୀମା ଶବରଙ୍କ ଦୁଇଟି ବଳଦ ବଜ୍ରପାତ ପ୍ରଭାବରେ ମୃତ୍ୟୁ ହୋଇଥିବା ଜଣାପଡିଛି। କାଳବୈଶାଖୀ ଫଳରେ ରାସ୍ତା ମାନଙ୍କରେ ଗଛ ପଡି ରାସ୍ତା ଅବରୋଧ ହୋଇଥିବା ବେଳେ ଜୟନ୍ତୀପୁର ନିକଟ ପେଟ୍ରୋଲ ପମ୍ପ ଠାରେ ଗଛ ପଡି ରାସ୍ତା ଅବରୋଧ



ହୋଇଥିଲା ସ୍ୱେଚ୍ଛାସେବୀ ସରୋଜ ପଣ୍ଡା, ଓ. ନଗ୍ମା ପ୍ରଶାସନଙ୍କୁ ଅବଗତି ପରେ ପ୍ରଶାସନ ତରଫରୁ ସଫା କରାଯାଇଥିବା ଜଣାପଡିଛି।

## ଦଣ୍ଡଦଳର ଢୋଲ ବାଦ୍ୟରେ ଦୁଲୁକିଲା ଅର୍ବାନ ବ୍ୟାଙ୍କ୍ ରୋଡ୍

**ଆସିକା,୫।୪/ଏନ୍ଏନ୍ଏସ୍:** ଆସିକା ମ୍ୟୁନିସିପାଲିଟି ପରିସରଭୁକ୍ତ ୧୫ନଂ ୱାର୍ଡ ଅଧିନସ୍ଥ ଅର୍ବାନ ବ୍ୟାଙ୍କ ରୋଡରେ ରବିବାର ଆସିକା ଦଣ୍ଡଦଳର ଦଣ୍ଡନୃତ୍ୟ ପରିବେଷଣ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଛି। ଆର୍ବନ ବ୍ୟାଙ୍କ ରୋଡର ମାନସିକଧାରୀ ଭକ୍ତ ତଥା ଅବସରପ୍ରାପ୍ତ ସାମରିକ କର୍ମଚାରୀ ଦେବେନ୍ଦ୍ରନାଥ ବେହେରା, ସଲିମା ବେହେରା, ସ୍ୱପ୍ନା



ବେହେରା, ରାଜେନ୍ଦ୍ର କୁମାର ବେହେରା, ନାଗେଶ୍ୱର ସେଠୀଙ୍କ ସମେତ ପରିବାରବର୍ଗ ରବିବାର ପ୍ରତ୍ୟୁଷରେ ଆସିକା ଦଣ୍ଡଦଳକୁ ବିଧିବିଧାନ ଅନୁଯାୟୀ ବରଣ କରିଥିଲେ। ପୂର୍ବାହ୍ନରେ ଆସିକା ଦଣ୍ଡଦଳର ଦଣ୍ଡୁଆମାନେ ମାନସିକଧାରୀ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଦେବେନ୍ଦ୍ରନାଥ ବେହେରାଙ୍କ ଆର୍ବନ ବ୍ୟାଙ୍କ ରୋଡ ସ୍ଥିତ ବାସଭବନ ନିକଟରେ ପହଞ୍ଚି ଦଣ୍ଡନୃତ୍ୟ ପାଳନର ରୀତିନୀତି ଉପରେ ଢୋଲ ବାଦ୍ୟର ତାଳେ ତାଳେ ଗୀତ ମାଧ୍ୟମରେ ଅବଗତ କରିବା ପରେ ପ୍ରଚଣ୍ଡ ଖରାରେ ଦଣ୍ଡୁଆ ମାନେ ଧୂଳିଦଣ୍ଡ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଅପରାହ୍ନରେ ପ୍ରସିଦ୍ଧ ଶୈବପୀଠ ଋଷିକୁଲ୍ୟା ନଦୀତଟରେ ପ୍ରବାହିତ ପବିତ୍ର ଋଷିକୁଲ୍ୟା ନଦୀରେ ମାନସିକଧାରୀ ଦଣ୍ଡୁଆ ମାନେ ପାଣିଦଣ୍ଡ ସଂପନ୍ନ କରିବା ପରେ ଅଗ୍ନିଦଣ୍ଡ ପରିବେଷଣ ହୋଇଥିଲା । ଆସିକା ମ୍ୟୁନିସିପାଲିଟି ଅଧୀନସ୍ଥ କୃଷ୍ଣସିଂହ ପାଠାଗାର ପରିସରରେ ଅନୁଷ୍ଠିତ ସାନ୍ଧ୍ୟ ଆଳତୀ ସମୟରେ ମହାଦେବ ଓ ମହାମାୟୀ ମା' କାଳୀଙ୍କୁ ପୂଜାର୍ଚ୍ଚନା କରିବା ଲାଗି ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ଜମିଥିଲା। ମଧ୍ୟରାତ୍ରରେ ଆସିକା ଦଣ୍ଡ ଦଳ ପକ୍ଷରୁ ଦଣ୍ଡସୁଆଙ୍ଗ "ମିଛୁଆ ଚଢେୟା ଗପ ସରିଲା" ମଞ୍ଚସ୍ଥ ହୋଇଥିଲା । ନାଟକ ଦେଖିବାକୁ ପ୍ରବଳ ଭିଡ ଲାଗିଥିଲା। ଆସିକାର ଦଣ୍ଡକାଳୀଙ୍କୁ ଆବାହନ କରିବା ପାଇଁ ମାନସିକଧାରୀ ଭକ୍ତଙ୍କୁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡିଥାଏ । ଆସିକା ସହରର ଅବସରପ୍ରାପ୍ତ ସାମରିକ କର୍ମଚାରୀ ଦେବେନ୍ଦ୍ରନାଥ ବେହେରା ଗତ ୨୦୧୫ ମସିହାରେ କୌଣସି କାରଣରୁ ଶାରୀରିକ ଅସୁସ୍ଥ ହୋଇପଡିଥିଲେ ଏବଂ ସଂପୂର୍ଣ୍ଣ ସୁସ୍ଥ ହେଲେ ଦଣ୍ଡଯାତ୍ରା କରିବି ବୋଲି ମନାସିଥିଲେ । ଦୀର୍ଘ ପ୍ରାୟ ୧୧ ବର୍ଷ ପରେ ଆସିକା ଦଣ୍ଡଦଳର ମା ଦଣ୍ଡକାଳୀଙ୍କ ଆଶୀର୍ବାଦ ମିଳିଥିବାରୁ ସେ ନିଜକୁ ଧନ୍ୟ ମଣିଛନ୍ତି ବୋଲି ସୂଚନା ଦେଇଛନ୍ତି ।

## ବିଧାୟକଙ୍କ ଦ୍ୱାରା 'ଖଡ଼ିଛୁଆଁ ପ୍ରବେଶ ଉତ୍ସବ'ର ଶୁଭାରମ୍ଭ

**କୁକୁଡାଖଣ୍ଡି,୫।୪/ଏନ୍ଏନ୍ଏସ୍:** କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଲାଞ୍ଜିଆ ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟରେ ନବ ଶିକ୍ଷା ଅଧ୍ୟୟନ ଶିଶୁଙ୍କ ନିମନ୍ତେ ରାଜ୍ୟ ସରକାର "ଖଡ଼ିଛୁଆଁ ପ୍ରବେଶ ଉତ୍ସବ" ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁକୁଡାଖଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ରଙ୍କ ସହଯୋଗ କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି



ଭାବେ ସ୍ଥାନୀୟ ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ନୂତନ ଅଧ୍ୟୟନ ନିମନ୍ତେ ଆସିଥିବା ଉତ୍ସାହିତ କୋମଳ ମତି ଶିଶୁ ମାନଙ୍କୁ ପୁସ୍ତକ, ବ୍ୟାଗ ଓ ଫୁଲ ଦେଇ ସ୍ୱାଗତ ଜଣାଇଥିଲେ। ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ଏହି ଅବସରରେ ବିଧାୟକଙ୍କ ଦ୍ୱାରା ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା । ଏହି ସଚେତନ ରଥ ଶିକ୍ଷାର ପ୍ରଚାର-ପ୍ରସାର, ଶିଶୁମାନଙ୍କୁ ବିଦ୍ୟାଳୟମୁଖୀ କରିବା ଓ ସମାଜରେ ଶିକ୍ଷା ସମ୍ପର୍କିତ ଜାଗୃକତା ସୃଷ୍ଟି କରିବ ବୋଲି ଜଣାପଡିଛି। ଅଭିଭାବକମାନଙ୍କୁ ନିଜ ସନ୍ତାନମାନଙ୍କୁ ନିୟମିତ ବିଦ୍ୟାଳୟକୁ ପଠାଇବାକୁ ବିଧାୟକ ଅନୁରୋଧ କରିଥିଲେ। ଏହି ଅବସରରେ ଲାଞ୍ଜିଆ ପଞ୍ଚାୟତରେ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାପନ ଦାବିକୁ ବିଧାୟକ ମଞ୍ଜୁର କରିଥିଲେ । ନୂତନ ଉଚ୍ଚ ବିଦ୍ୟାଳୟ ସ୍ଥାପନ ହେଲେ ଅଞ୍ଚଳର ଛାତ୍ରଛାତ୍ରୀମାନେ ଆଉ ଦୂରକୁ ପଢ଼ିବାକୁ ଯିବାକୁ ପଡ଼ିବ ନାହିଁ । ଶିକ୍ଷାର ମାନ ଉନ୍ନତି ହେବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରତିନିଧି, ଶିକ୍ଷକ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

## କ୍ରୀଡ଼ା ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଫୁଲବାଣୀ,୫।୪/ଏନ୍ଏନ୍ଏସ୍:** କନ୍ଧମାଳ ଜିଲାର ଅତି ପରିଚିତ କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ କୁମାର ଦାସଙ୍କ ଅବସର ଗ୍ରହଣ ପରେ ଏକ ବିଦାୟ ସମ୍ବର୍ଦ୍ଧନା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ



ହୋଇଯାଇଛି । ଏଥିରେ ବିଦ୍ୟାଳୟର ସଭାପତି ମଧୁସୂଦନ ମହାପାତ୍ର, ସଂପାଦକ ବିଜୟ ମହାନ୍ତି, ପ୍ରଧାନ ଶିକ୍ଷକ ପୁଷ୍ପାଂଜଳୀ ପଣ୍ଡା, ଶିକ୍ଷକ ସଂଜିବ ନାୟକ, ସନାତନ ଦାସ, ମମତା ତ୍ରିପାଠୀ, ସୁନନ୍ଦା ପଟ୍ଟନାୟକ, ସ୍ମିତା ନାୟକ, ସ୍ମୃତି ଶିକ୍ଷା ସାହୁ , ମନିସା ସାହୁ , ବିପିନ ବିହାରୀ ମନ୍ତ୍ରୀ , ସୁନୀତା ତ୍ରିପାଠୀଙ୍କ ସମେତ ସତ୍ୟସାଇ ପରିଚାଳନା କମିଟିର ଲିଙ୍ଗରାଜ ମହାନ୍ତି, ବିରୂପାକ୍ଷ ପଣ୍ଡା, ପ୍ରେମାଦ ଦାସ, ଶଙ୍କର ନାୟରଣ ମହାନ୍ତି, ବ୍ୟୋମକେଶ ତ୍ରିପାଠୀ , ଭିଭି ମୂର୍ତ୍ତିଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# କଟେଡ଼ିମାହା ଗ୍ରାମବାସୀ ଦେଖିଲେ ବିଜୁଳି ଆଲୁଅ

**କନ୍ଧମାଳ, ଫୁଲବାଣୀ,୫।୪/ଏନ୍ଏନ୍ଏସ୍:** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ସିର୍କାବର୍ଗ ପଞ୍ଚାୟତର କଲେଡ଼ିମାହା ଗ୍ରାମ ହେଉଛି ଏକ ରାଜସ୍ୱ ଗ୍ରାମ। ଦୁଇଟି ୱାର୍ଡ଼କୁ ନେଇ ଏହି ଗ୍ରାମ ଗଠିତ। ପ୍ରାୟ ଶହେରୁ ଊର୍ଦ୍ଧ୍ୱ ପରିବାର ଉକ୍ତ ଗ୍ରାମରେ ବସବାସ କରୁଥିବା ବେଳେ ଆଜି ପର୍ଯ୍ୟନ୍ତ ଏହି ଗ୍ରାମକୁ କୌଣସି ପ୍ରକାର ବିଦ୍ୟୁତ୍ ଆଲୁଅ ପହଁଚି ପାରିନଥିଲା । ସରକାରୀ କାଗଜପତ୍ରରେ ଉକ୍ତ ଗ୍ରାମରେ ବିଦ୍ୟୁତ୍ ଆଲୁଅ ଥିବା ବୋଲି କୁହାଯାଇଥିଲେ ମଧ୍ୟ ବାସ୍ତବିକ ଏହି ଗ୍ରାମରେ ବିଦ୍ୟୁତ୍ ଆଲୁଅ ଆଜି ପର୍ଯ୍ୟନ୍ତ ଗ୍ରାମବାସୀ ଦେଖିନଥିଲେ । ତେବେ ଉକ୍ତ ଅଂଚଳରେ ଲୋକଙ୍କ ପାଇଁ କାର୍ଯ୍ୟକରୁଥିବା ସାମାଜିକ ସଂଗଠନ କନ୍ଧମାଳ ସବୁଜ ବୈଦ୍ୟ ସଂଗଠନକୁ ଏ ଦିଗରେ ଅଂଚଳବାସୀ ଅବଗତ କରିବା ପରେ ସୋଲାର ଲାଇଟ୍ ଦ୍ୱାରା ପ୍ରତ୍ୟେକ ପରିବାରକୁ ଯେଭଳି ଭାବେ ବିଦ୍ୟୁତ୍ ଆଲୁଅ ପହଁଚିପାରିବ ସେ ଦିଗରେ ସଂଗଠନ ପକ୍ଷରୁ ନିଆଯାଇଥିଲା ପଦକ୍ଷେପ। ତୁହାକୁ ତୁହା ଗ୍ରାମରେ ସଂଗଠନର ସଂପାଦକ ଦିନବନ୍ଧୁ ମହାରଣାଙ୍କ ଉଦ୍ୟମରେ ବୈଠକ ବସିବା ପରେ ନିଜ ଗ୍ରାମରେ ଆଲୋକିକରଣ ନିଜ ଗ୍ରାମବାସୀ ମାନଙ୍କ ଦ୍ୱାରା କରିବା ପାଇଁ ନିଷ୍ପତ୍ତି







ନିଆଯାଇ ଗ୍ରାମର ଦୁଇଜଣ ଯୁବତୀ ସିଲା ପ୍ରଧାନ ଏବଂ ରଜନୀ ପ୍ରଧାନଙ୍କୁ ତାଲିମ୍ ପାଇଁ ରାଜସ୍ଥାନର ବିନ୍ଦି ଇଣ୍ଟରନେସନାଲ ଭଳି ଏକ ସଂସ୍ଥାରେ ଇଜିଂନିୟରିଂ ତାଲିମ୍ ପାଇଁ ପଠାଯାଇଥିଲା। ଦୀର୍ଘ ୫ ମାସ ଧରି ଏହି ଦୁଇ ମହିଳା ସେଠାରେ ତାଲିମ୍ ନେଇଥିଲେ । ବିଶେଷ କରି କିଭଳି ଭାବେ ସୋଲାର ଲାଇଟ୍ ଲଗାଇବେ ଓ ତାହା ଖରାପ ହୋଇଗଲେ କିଭଳି ଭାବେ ତାହାର ମରାମତି କରିବେ ଭଳି ସମସ୍ତ ଦିଗ ଉପରେ ଉଭୟ ତାଲିମ୍ ନେଇ ନିଜ ଗ୍ରାମକୁ ଫେରିବା ପରେ ଆରମ୍ଭ ହୋଇଥିଲା ସୋଲାର ଲାଇଟ୍ ଲଗା ଅଭିଯାନ। ଗ୍ରାମବାସୀ ଏବଂ ସଂଗଠନର ସହଯୋଗରେ ଗ୍ରାମର ପ୍ରତ୍ୟେକ ଘରେ ସେଲାର ଲାଇଟ୍ ମାଧ୍ୟମରେ ଆଲୋକି କରଣ କରାଯାଇ ପାରିଛି। ଆଲୋକିକରଣ ପରେ ଜନ୍ମରୁ ଆଲୁଅ ଦେଖିନଥିବା ଅଂଚଳବାସୀ ଆଲୋକ ଦେଖିବା ସହିତ ଅଂଚଳରେ ପିଲାମାନେ ପାଢପଢା ସହିତ ସମସ୍ତ କାର୍ଯ୍ୟ ଏବେ କରିପାରୁଛନ୍ତି। ଏପରିକି ସନ୍ଧ୍ୟା ହୋଇଗଲେ ଯେଉଁ ଗ୍ରାମର ଅଧିବାସୀ ମାନେ ଘରୁ ବାହାରିବାକୁ ଇଛା କରୁନଥିଲେ ସେମାନେ ମଧ୍ୟ ଏବେ ସନ୍ଧ୍ୟା ପରେ ଗ୍ରାମ ଏକ ପ୍ରକାର ଆଲୋକିତ ହୋଇଥିବା ଯୋଗୁଁ ବାହାରେ ମଧ୍ୟ ବୁଲାବୁଲି କରୁଛନ୍ତି ବୋଲି ଅଂଚଳବାସୀ ପ୍ରକାଶ କରିଛନ୍ତି। ସୋଲାର ଲାଇଟ୍ ଯୋଗାଇବା ସହିତ ତାହାକୁ ବିଭିନ୍ନ ଘରେ ଲଗାଇବା ଭଳି ସମସ୍ତ ଦାୟିତ୍ୱ ମଧ୍ୟ କନ୍ଧମାଳ ସବୁଜ ବୈଦ୍ୟ ସଂଗଠନ ପକ୍ଷରୁ ଦାୟିତ୍ୱ ବହନ କରାଯାଇଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ସଂଗଠନର କର୍ମୀ ମାନେ ମଧ୍ୟ ଏହି ଅଭିଯାନରେ ସଂପୂର୍ଣ୍ଣଭାବେ ସାମିଲ୍ ହୋଇ ଗ୍ରାମକୁ ଆଲୋକିକରଣ କରିବାରେ ବ୍ୟାପକ ଚେଷ୍ଟା କରିଛନ୍ତି । ସମସ୍ତଙ୍କ ସହଯୋଗରେ ବର୍ଷ ବର୍ଷ ଧରି ଅନ୍ଧାରରେ ଜୀବନ ବିତାଉଥିବା ଅଂଚଳବାସୀ ଆଲୋକ ଦେଖିପାରିଥିବା ଯୋଗୁଁ ଗ୍ରାମବାସୀ ଏବେ ବିଭିନ୍ନ ସମସ୍ୟାରୁ ମୁକ୍ତ ହୋଇଥିବା ଯୋଗୁଁ ଗ୍ରାମର ୱାର୍ଡ଼ ମେମ୍ବର, ଆଶା କର୍ମୀ ଅନୁପମା ପ୍ରଧାନ, ଗ୍ରାମର ସଭାପତି ଅଶୋକ ପ୍ରଧାନ, ସଭାନେତ୍ରୀ ପଦ୍ମିନୀ ପ୍ରଧାନ ଓ ସଂପାଦକ ଉର୍ମିଳା ପ୍ରଧାନ ଏବଂ ଅନ୍ୟମାନେ କନ୍ଧମାଳ ସବୁଜ ବୈଦ୍ୟ ସଂଗଠନ ଏବଂ ବିନ୍ଦି ଇଣ୍ଟରନେସନାଲଙ୍କୁ ସାଧୁବାଦ ଜଣାଇଛନ୍ତି।

## ‘ଚଳିତବର୍ଷ ଲାଗୁହେବ ନୂଆ ସଂରକ୍ଷଣ ନୀତି’



**ଭୁବନେଶ୍ୱର,୫।୪/ଏନ୍ଏନ୍ଏସ୍:** ଶିକ୍ଷା ବର୍ଷ ଯଦିଓ ଆରମ୍ଭ ହୋଇଯାଇଛି ତଥାପି କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ ସଂରକ୍ଷଣ ଲାଗୁ କରିବାକୁ ସରକାର ପଦକ୍ଷେପ ନେଉଛନ୍ତି। ଏନେଇ ସୂଚନା ଦେଇଛନ୍ତି ଅନୁସୂଚିତ ଜନଜାତି ବିକାଶ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଓଡ଼ିଶାର ମେଡ଼ିକାଲ, ଇଞ୍ଜିନିଅରିଂ, ଅନ୍ୟାନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ନୀତି ନେଇ ରାଜ୍ୟ କ୍ୟାବିନେଟ ବଡ଼ ନିଷ୍ପତ୍ତି ନେଇଛନ୍ତି । ଏ ନେଇ ଅନୁସୂଚିତ ଓ ଜନ ଜାତି ପଛୁଆ ବର୍ଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ପ୍ରତିକ୍ରିୟା ଦେଇ କହିଛନ୍ତି, ଚଳିତବର୍ଷରୁ ଏହି ସଂରକ୍ଷଣ ନୀତି ଲାଗୁହେବ। ଆମ ସରକାର ଆସିଲା ପରେ ଏସଟି, ଏସସି, ଏସଇବିସିଙ୍କୁ ମେଡିକାଲ, ଅନ୍ୟାନ ପ୍ରଯୁକ୍ତି ବିଦ୍ୟାରେ ନାମ ଲେଖାଇବା ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛି। ଚାକିରି ସହ ପାଠ ପଢ଼ାରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ। ଏମାନଙ୍କ ସିଟ ସଂଖ୍ୟା ବି ବଢ଼ିବ। ଗତ ସରକାର ସେମାନଙ୍କ ଅଧିକାର କ୍ଷୁର୍ଣ୍ଣ କରିଥିଲେ। ଏହାକୁ ଲାଗୁ କରିବାରେ ବିଫଳ ହୋଇଥିଲେ। ହେଲେ ଆମ ସରକାର ଏହାକୁ କାର୍ଯ୍ୟକାରପ କରିବାରେ ସଫଳ ହୋଇଛନ୍ତି ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗଙ୍କ ସିଟ ସଂଖ୍ୟା ମଧ୍ୟ ବୃଦ୍ଧି ଘଟିବ। ଚଳିତ ବର୍ଷ ଏହି ସଂରକ୍ଷଣ ନୀତିକୁ ଲାଗୁ କରିବାକୁ ପ୍ରୟାସ ରଖିଛୁ।

## ‘ରାଜ୍ୟରେ ନିଶ୍ଚିତ ହେବ ମେଟ୍ରୋ ପ୍ରକଳ୍ପ’

### ମୋବିଲିଟି ପ୍ଲାନ ହେଲା ପରେ ମେଟ୍ରୋକୁ ନେଇ ସରକାର ଚିନ୍ତା କରିବେ



**ଭୁବନେଶ୍ୱର,୫।୪/ଏନ୍ଏନ୍ଏସ୍:** ରାଜ୍ୟରେ ଆଗାମୀ ଦିନରେ ନିଶ୍ଚିତ ହେବ ମେଟ୍ରୋ ପ୍ରକଳ୍ପ। ଏହା କହିଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ ବର୍ତ୍ତମାନ ସ୍ଥିତିରେ ମେଟ୍ରୋ କରି ନିଜର ନିର୍ବାଚନ ଚାଲ ଖେଳିବା ଏବଂ ମେଟ୍ରୋ କରି ପ୍ରତିବର୍ଷ ଦୁଇ ହଜାର କୋଟି କ୍ଷତି କରିବାର ଆବଶ୍ୟକତା ନାହିଁ। ଆଗାମୀ ଦିନରେ ମେଟ୍ରୋକୁ ନେଇ ସରକାର ଗମ୍ଭୀର ଅଛନ୍ତି। ମୋବିଲିଟି ପ୍ଲାନ ହେଲା ପରେ ମେଟ୍ରୋକୁ ନେଇ ସରକାର ଚିନ୍ତା କରିବେ। ଏଥିସହ ମେଟ୍ରୋ ପ୍ରକଳ୍ପକୁ ନେଇ ପୂର୍ବ ସରକାରକୁ ଦୋଷ ଦେଇଛନ୍ତି ପୂର୍ତ୍ତମନ୍ତ୍ରୀ। ସେ କହିଛନ୍ତି ମେଟ୍ରୋକୁ ନେଇ ଯେଉଁ ଚୁକ୍ତି ହୋଇଥିଲା ଏହା ଫଲଟି କଣ୍ଟ୍ରାକ୍ଟ। ଯେଉଁଠି ମେଟ୍ରୋ ହେଇଛି ସେଠି କେନ୍ଦ୍ର ସରକାରଙ୍କ ସହାଭାଗିତାରେ ହୋଇଛି। ଗତ ସରକାର ସମୟରେ ମେଟ୍ରୋ ପାଇଁ ଯେତେବେଳେ ବ୍ୟବସ୍ଥା କଲେ ସେତେବେଳେ ଜାଣିଶୁଣି କେନ୍ଦ୍ର ସରକାରଙ୍କ ସହଭାଗିତା ନ ନେଇକି ରାଜ୍ୟ ଯୋଜନାରୁ କରିବେ ବୋଲି ବସିଥିଲେ। ମେଟ୍ରୋର ପାଇଁ ଯେଉଁ ଯୋଜନା ହୋଇଛି, ଏବେ କଲେ କ୍ଷତି ହେବ। ଆଗାମୀ ଦିନରେ ସରକାର ଏନେଇ ଯେ କୌଣସି ସମୟରେ ନିଷ୍ପତ୍ତି ନେବେ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

### ଉଚ୍ଚ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବୃଦ୍ଧି ପ୍ରସଙ୍ଗ

# ପ୍ରତିଭାଙ୍କ ସ୍ୱପ୍ନ ପୂରଣ ଦିଗରେ ଐତିହାସିକ ପଦକ୍ଷେପ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୫।୪/ଏନ୍ଏନ୍ଏସ୍:** ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ସହ ସାମାଜିକ ନ୍ୟାୟ ପ୍ରଦାନ ଦିଗରେ ରାଜ୍ୟ କ୍ୟାବିନେଟ୍‌ର ଐତିହାସିକ ନିଷ୍ପତ୍ତିକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି। ମେଡିକାଲ୍, ଇଞ୍ଜିନିୟରିଂ, କୃଷି, ଅନ୍ୟାନ୍ୟ ଉଚ୍ଚ ଶିକ୍ଷା ତଥା ଆନୁସଙ୍ଗିକ ପ୍ରଯୁକ୍ତିବିଦ୍ୟାଭିତ୍ତିକ ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ସୀମା ବୃଦ୍ଧି ନିଷ୍ପତ୍ତି ସମାଜର ଅନ୍ତିମ ଶ୍ରେଣୀରେ ଥିବା ପ୍ରତିଭାମାନଙ୍କୁ ସ୍ୱପ୍ନକୁ ପୂରଣ କରିବା ଦିଗରେ ଐତିହାସିକ ପଦକ୍ଷେପ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଏହି କଲ୍ୟାଣକାରୀ ନିଷ୍ପତ୍ତି ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଜ୍ୟର ମୁଖ୍ୟମନ୍ତ୍ରମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ମେଡିକାଲ, ଇଞ୍ଜିନିୟରି, କୃଷି ତଥା ଆନୁସଙ୍ଗିକ ପ୍ରଯୁକ୍ତିବିଦ୍ୟାଭିତ୍ତିକ ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁସୂଚିତ ଜନଜାତି (ଏସଟି) ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣକୁ ୧୨% ରୁ ୨୨.୫୦% ଏବଂ ଅନୁସୂଚିତ ଜାତି (ଏସି) ପାଇଁ ୮% ରୁ ୧୬.୨୫% କୁ ବୃଦ୍ଧି କରାଯାଇଛି । ରାଜ୍ୟରେ ପ୍ରଥମ ଥର ପାଇଁ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ (ଏସଇବିସି) ଛାତ୍ରଛାତ୍ରୀଙ୍କ ନିମନ୍ତେ ୧୧.୨୫% ସଂରକ୍ଷଣ ବ୍ୟବସ୍ଥାକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ସାମାଜିକ ନ୍ୟାୟ ପ୍ରଦାନ କରିବା ମୋଦୀ ସରକାରଙ୍କ ଶାସନର ମୂଳମନ୍ତ୍ର। ସମାଜର ପ୍ରତ୍ୟେକ ବର୍ଗକୁ ସମାନ ସୁଯୋଗ, ଅଧିକାର ଓ ସମ୍ମାନଜନକ ଜୀବନ ପ୍ରଦାନ କରିବା ଆମ ସରକାରଙ୍କ ପ୍ରାଥମିକତା। ପ୍ରଧାନମନ୍ତ୍ରୀଙ୍କ ‘ସବକା ସାଥ୍, ସବକା ବିକାଶ’ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ସରକାରଙ୍କ ଏହି ନିଷ୍ପତ୍ତି ଡବଲ୍ ଇଞ୍ଜିନ ସରକାରଙ୍କ ‘ଅନ୍ତ୍ୟୋଦୟ ସଂକଳ୍ପ’ ବା ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ବିକାଶ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଐତିହାସିକ ନିଷ୍ପତ୍ତି ସମାଜର ଅନ୍ତିମ ଶ୍ରେଣୀରେ ଥିବା ମେଧାବୀ ପ୍ରତିଭାମାନଙ୍କୁ ସଶକ୍ତ କରିବା ସହ ରାଜ୍ୟର ସାଧାରଣ ଗରିବ ପରିବାରର ଛାତ୍ରଛାତ୍ରୀଙ୍କ ମେଡିକାଲ ଓ ଇଞ୍ଜିନିୟରିଂ ପଢ଼ିବା ସ୍ୱପ୍ନକୁ ସାକାର କରିବାରେ ଏକ ପ୍ରମୁଖ ମାଧ୍ୟମ ହେବ। ସେହିପରି ଏହି ନିଷ୍ପତ୍ତି ପାଇଁ ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସମେତ ବିଭାଗ ସହ ଜଡ଼ିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।



**ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ**

**ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ପତ୍ର ଲେଖିଥିଲେ କେନ୍ଦ୍ରମନ୍ତ୍ରୀ**

ସୂଚନାଯୋଗ୍ୟ, ଶ୍ରୀ ପ୍ରଧାନ ଗତ ଅଗଷ୍ଟ ୬, ୨୦୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ରାଜ୍ୟ ସରକାରଙ୍କ ଅଧୀନରେ ଥିବା ମେଡିକାଲ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏସଇବିସି/ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ସହ ମେଡିକାଲ ଶିକ୍ଷାରେ ଏସସିମାନଙ୍କ ପାଇଁ ୧୬.୨୫% ଏବଂ ଏସଟିମାନଙ୍କ ପାଇଁ ୨୨.୫୦% କୁ ସଂରକ୍ଷଣ ବୃଦ୍ଧି କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ଏପ୍ରିଲ ୧୭, ୨୦୨୫ ତାରିଖରେ ମଧ୍ୟ ଶ୍ରୀ ପ୍ରଧାନ ଅନୁରୂପ ଭାବେ ଏସଇବିସି ଓ ଓବିସିଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବା ଉପରେ ଶ୍ରୀ ମାଝୀଙ୍କୁ ଚିଠି ଲେଖିଥିଲେ । ଏହାବ୍ୟତୀତ ଶ୍ରୀ ପ୍ରଧାନ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଡିସେମ୍ବର ୩୧, ୨୦୨୦, ଜାନୁଆରୀ ୧୫, ୨୦୨୦ ଏବଂ ଜୁଲାଇ ୨୫, ୨୦୧୯ରେ ଚିଠି ଲେଖି ଓବିସି ଓ ଏସଇବିସି ବର୍ଗ ପାଇଁ ଶିକ୍ଷାନୁଷ୍ଠାନ ଓ ସରକାରୀ ଚାକିରିରେ ସଂରକ୍ଷଣ ବୃଦ୍ଧି କରିବା ପାଇଁ ଅନୁରୋଧ କରିଥିଲେ। ପ୍ରକାଶ ଥାଉ କି, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଅନୁରୋଧ କ୍ରମେ ମେ ୧୪, ୨୦୨୫ରେ ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଥମ ଥର ରାଜ୍ୟରେ ଶିକ୍ଷା କ୍ଷେତ୍ରରେ(ଉଚ୍ଚ ଶିକ୍ଷା ଓ ଉଚ୍ଚ ମାଧ୍ୟମିକ ଶିକ୍ଷା) ୧୧.୨୫% ଆସନ ସଂରକ୍ଷଣ ଦେବା ପାଇଁ ଓଡ଼ିଶା ରାଜ୍ୟ କ୍ୟାବିନେଟ୍ ମଞ୍ଜୁର ଦେଇଥିଲା।

## ‘ମେଟ୍ରୋ ନରହିଲେ କୌଣସି ରାଷ୍ଟ୍ର ବ୍ୟବସାୟ ପାଇଁ ଆସିବେ ନାହିଁ’

**ଭୁବନେଶ୍ୱର,୫।୪/ଏନ୍ଏନ୍ଏସ୍:** ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ବନ୍ଦ ହେବା ପରେ ବିଜେଡି ପ୍ରତିକ୍ରିୟା ଶୀଳ ହୋଇଛି। ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି, ‘ମେଟ୍ରୋକୁ ବନ୍ଦ କରିବା ଦୁଃଖଦ। ଓଡ଼ିଶା ବୋଧେ ଆଉ ମେଟ୍ରୋ ଦେଖି ପାରିବ ନାହିଁ। ମେଟ୍ରୋ ପାଇଁ ଲୋକଙ୍କ ସରକାର ଲୋକଙ୍କ ପଇସା ବର୍ବାଦ କଲେ।



ମେଟ୍ରୋ ଲୋକଙ୍କ ଆବଶ୍ୟକତା ରହିଛି। ସରକାର ଯିବ ଆସିବ। ଆମର ଗମନାଗମନ ନଥିବା ପରିତାପର ବିଷ। ମେଟ୍ରୋ ନ ରହିଲେ କୌଣସି ରାଷ୍ଟ୍ର ବ୍ୟବସାୟ ପାଇଁ ଆସିବେ ନାହିଁ। ମେଟ୍ରୋ ନ ଚଲେଇବା ସରକାରଙ୍କ ହୀନମାନ୍ୟତା। ବିଜେଡି କାଳେ ମାଇଲେଜ ନେଇ ଯିବ ସେଥିପାଇଁ ମେଟ୍ରୋକୁ ବନ୍ଦ କଲେ ବୋଲି ଶ୍ରୀ ଜେନା କହିଛନ୍ତି।

## ୧୩ ପର୍ଯ୍ୟନ୍ତ ଚାଲିବ ପ୍ରଥମ ପର୍ଯ୍ୟାୟ +୨ ଖାତା ଦେଖା

**ଭୁବନେଶ୍ୱର,୫।୪ /ଏନ୍ଏନ୍ଏସ୍:** ରାଜ୍ୟରେ ସିଏଚ୍ଏସ୍‌ଇ ବା +୨ ପରୀଷଦ ପକ୍ଷରୁ ଆୟୋଜିତ ଯୁକ୍ତଦୁଇ ପରୀକ୍ଷାର ମୂଲ୍ୟାଙ୍କନ ୨ଟି ପ୍ରକ୍ରିୟାରେ କରାଯାଉଥିବା ବେଳେ ପ୍ରଥମ ପର୍ଯ୍ୟାୟ ଖାତାଦେଖା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୪ତାରିଖରେ ଛୁଟି ଦିବସ ଥିବାରୁ ୨ୟ ପର୍ଯ୍ୟାୟ ଖାତାଦେଖା ପ୍ରକ୍ରିୟା ୧୫ରୁ ଆରମ୍ଭ ହୋଇ ଏପ୍ରିଲ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ପ୍ରଥମ ପର୍ଯ୍ୟାୟରେ ମୋଟ୍ ୬ଲକ୍ଷ ୭୦ ହଜାର ଉତ୍ତରଖାତାର ମୂଲ୍ୟାଙ୍କନ କରାଯିବାକୁ ଥିବାବେଳେ ୨ୟ ପର୍ଯ୍ୟାୟରେ ୬ଲକ୍ଷ ୩୦ହଜାର ଉତ୍ତରଖାତା ମୂଲ୍ୟାଙ୍କନ କରାଯିବ। ରାଜ୍ୟରେ ୧୫୧ଟି କେନ୍ଦ୍ର ମଧ୍ୟରୁ ୭୫ଟି କେନ୍ଦ୍ରରେ ଅନ୍‌ଲାଇନ ଏବଂ ୭୬ଟି କେନ୍ଦ୍ରରେ ଅଫ୍‌ଲାଇନ ମାଧ୍ୟମରେ ମୂଲ୍ୟାଙ୍କନ ପ୍ରକ୍ରିୟା ଚାଲିଛି। ଚଳିତବର୍ଷ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ମୂଲ୍ୟାଙ୍କନ ଲାଗି ମୋଟ ୧୬ହଜାର ୪୯୪ଜଣ ଅଧ୍ୟାପକ ଏବଂ ଅଧ୍ୟାପିକା ନିୟୋଜିତ ହୋଇଥିବା ବେଳେ ସେଥିରୁ କେବଳ ପ୍ରଥମ ପର୍ଯ୍ୟାୟ ଖାତା ଦେଖା ଲାଗି ୮ହଜାର ୨୫୮ଜଣ ଅଧ୍ୟାପକ ଏବଂ ଅଧ୍ୟାପିକା ନିୟୋଜିତ ହୋଇଛନ୍ତି। ତେବେ ମୂଲ୍ୟାଙ୍କନ ହେଉଥିବା କେନ୍ଦ୍ରରେ କିଛି ସ୍ଥାନରେ ୨ଟି ପର୍ଯ୍ୟାୟରେ ମୂଲ୍ୟାଙ୍କନ କରାଯାଉଛି। ସେଠାରେ ସକାଳ ୭ଟାରୁ ଦିନ ୧୨ଟା ଏବଂ ୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖାତା ଦେଖା ହେଉଛି। ସେହିପରି ଗୋଟିଏ ପର୍ଯ୍ୟାୟରେ ହେଉଥିବା ମୂଲ୍ୟାଙ୍କନ କେନ୍ଦ୍ରଗୁଡ଼ିକରେ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖାତଦେଖା ପ୍ରକ୍ରିୟା ଚାଲିଛି। ପ୍ରତ୍ୟେକ ମୂଲ୍ୟାଙ୍କନ କେନ୍ଦ୍ରରେ ଗୋଟିଏ ଉତ୍ତର ଖାତା ମୂଲ୍ୟାଙ୍କନ କରିବା ଲାଗି ୩ଜଣ ଅଧ୍ୟାପକ ନିୟୋଜିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଖାତା ଦେଖି ସାରିବା ପରେ ଚିଫ୍ ଇଭାଲୁଏଟର ସମ୍ପୃକ୍ତ ଉତ୍ତରଖାତାକୁ ଯାଞ୍ଚ କରିବେ ଏବଂ ଶେଷରେ ଉତ୍ତର ଖାତାରେ ମୂଲ୍ୟାଙ୍କନ ଠିକ୍ ରହିଛି କି ନାହିଁ ତାକୁ ଆଉ ଜଣେ ଅର୍ଥାତ ସୁପରିଟେଣ୍ଡେଣ୍ଟ ଯାଞ୍ଚ କରିବେ। ମୂଲ୍ୟାଙ୍କନ ପ୍ରକ୍ରିୟା ଶେଷ ହେବା ପରେ ମେ ତୃତୀୟ ସପ୍ତାହରେ ରେଜଲ୍ଟ ପ୍ରକାଶ ପାଇବ ବୋଲି +୨ ପରିଷଦ ପକ୍ଷରୁ ସୂଚନା ମିଳିଛି।

ଅପରପକ୍ଷେ ଚଳିତବର୍ଷ ଠାରୁ ପ୍ରଥମଥର ପାଇଁ ଆରମ୍ଭ ହେବାକୁ ଯାଉଛି ଇମ୍ପ୍ରୁଭମେଣ୍ଟ ପରୀକ୍ଷା। ପୂର୍ବରୁ ସିବିଏସ୍‌ଇ ଛାତ୍ରଛାତ୍ରୀ ଏହି ସୁବିଧା ପାଉଥିବା ବେଳେ ଚଳିତବର୍ଷ ଠାରୁ +୨ ପରିଷଦ ପକ୍ଷରୁ ଏହି ସୁଯୋଗ ପିଲାଙ୍କୁ ଦିଆଯିବ। ଏହି ଇମ୍ପ୍ରୁଭମେଣ୍ଟ ସୁଯୋଗ କେବଳ ପରୀକ୍ଷାରେ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କୁ ମିଳିବ। ଯଦି କୌଣସି ପରୀକ୍ଷାର୍ଥୀ ସମସ୍ତ ବିଷୟରେ ପାସ୍ କରିଥିବା ବେଳେ ସେ ପୁନର୍ବାର ନିଜ ମାର୍କ ବୃଦ୍ଧି ଲାଗି ଚାହାଁନ୍ତି ତେବେ ଯେକୌଣସି ଗୋଟିଏ ବିଷୟ ପୁନର୍ବାର ଦେଇପାରିବେ। ପୂର୍ବରୁ ସମ୍ପୃକ୍ତ ବିଷୟରେ ଯଦି ପରୀକ୍ଷାର୍ଥୀଙ୍କ ୪୦ମାର୍କ ରହିଥିବ ଏବଂ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେବା ପରେ ମାର୍କ ବୃଦ୍ଧି ଘଟି ୬୦ମାର୍କ ହୁଏ ତେବେ ଅଧିକ ମାର୍କ ମିଶି ରେଜଲ୍ଟ ପ୍ରକାଶ ପାଇବ। ପ୍ରଥମ ପରୀକ୍ଷା ରେଜଲ୍ଟ ଠାରୁ ଯଦି ଇମ୍ପ୍ରୁଭମେଣ୍ଟ ପରୀକ୍ଷା ରେଜଲ୍ଟ କମ୍ ରହେ ତେବେ ପ୍ରଥମ ରେଜଲ୍ଟ କାଏମ ରହିବ। ଏହି ଇମ୍ପ୍ରୁଭମେଣ୍ଟ ବ୍ୟବସ୍ଥା ଦ୍ୱାରା ଛାତ୍ରଛାତ୍ରୀ ପରୀକ୍ଷାରରେ ପାସ୍ କରିବା ପରେ ପୁଣି ଆଉଥରେ ଗୋଟିଏ ବିଷୟର ପରୀକ୍ଷା ଦେଇ ମାର୍କ ବଢ଼ାଇ ପାରିବେ। ମାତ୍ର କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା ଷ୍ଟ୍ରିମରେ ପରୀକ୍ଷା ଦେଉଥିବା ପିଲାମାନେ ପାସ୍ କରିଥିବା ଆବଶ୍ୟକ। ସେହିପରି ପରୀକ୍ଷାରେ ଏଗ୍ରିଗେଟ୍ ମାର୍କ ରଖି ଯଦି ଗୋଟିଏ ବିଷୟରେ କେହି ଫେଲ ହୁଅନ୍ତି ତେବେ ସେମାନେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେବେ। ଚଳିତବର୍ଷ ରେଜଲ୍ଟ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ଉଭୟ ଇନ୍‌ଷ୍ଟାଣ୍ଟ ଏବଂ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ହେବ।

**୧୫ରୁ ୨୬ ମଧ୍ୟରେ ହେବ ୨ୟ ପର୍ଯ୍ୟାୟ ମୂଲ୍ୟାଙ୍କନ**

**ପ୍ରଥମ ପର୍ଯ୍ୟାୟରେ ୬.୭୦ଲକ୍ଷ ଖାତାର ହେବ ମୂଲ୍ୟାଙ୍କନ**

**୧୫୧ କେନ୍ଦ୍ରରେ ଚାଲିଛି ଖାତାଦେଖା**

### ‘ଓଡ଼ିଆ ପକ୍ଷ’ର ପଞ୍ଚମ ଦିବସ

## ଏକାମ୍ର କ୍ଷେତ୍ରରେ ‘ଐତିହ୍ୟ ଗଣଦୌଡ଼’



**ଭୁବନେଶ୍ୱର,୫।୪ /ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ‘ଓଡ଼ିଆ ପକ୍ଷ’ ଅବସରରେ ପଞ୍ଚମ ଦିବସରେ ଆଜି ରାଜଧାନୀର ଐତିହାସିକ ଏକାମ୍ର କ୍ଷେତ୍ରରେ ‘ଐତିହ୍ୟ ଗଣଦୌଡ଼’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୫:୩୦ ମିନିଟରେ ସ୍ଥାପତ୍ୟର ଅନନ୍ୟ ନିଦର୍ଶନ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଏହି ଦୌଡ଼ର ଶୁଭାରମ୍ଭ ହୋଇଥିଲା। ଏହି ପବିତ୍ର ମୁକ୍ତେଶ୍ୱର ମନ୍ଦିରପୀଠରୁ ବାହାରି ଐତିହ୍ୟ ଗଣଦୌଡ଼ ରାମେଶ୍ୱର ମନ୍ଦିର, ବିବେକାନନ୍ଦ ମାର୍ଗ, ଉତ୍କଳ କନିକା ଗ୍ୟାଲେରିଆ ମଲ୍, ଲୁଇସ୍ ରୋଡ୍, ବିଜେବି କଲେଜ ଏବଂ ରବି ଟକିଜ ଛକ ଦେଇ ଐତିହାସିକ ରାଜାରାଣୀ ମନ୍ଦିରଠାରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ହଜାର ହଜାର କ୍ରୀଡ଼ାବିତ୍, ଯୁବଗୋଷ୍ଠୀ, ଦିବ୍ୟାଙ୍ଗ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଅତ୍ୟନ୍ତ ଉତ୍ସାହର ସହ ସାମିଲ ହୋଇ ଓଡ଼ିଶାର ସମୃଦ୍ଧ କୀର୍ତ୍ତିରାଜିର ସୁରକ୍ଷା ଓ ପ୍ରଚାର ପାଇଁ ସଂକଳ୍ପ ନେଇଥିଲେ। ଏହି ଐତିହ୍ୟ ଗଣଦୌଡ଼ରେ ଚନ୍ଦନ ସାମଲ ପ୍ରଥମ, ସିଦ୍ଧାର୍ଥ କୁମାର ମିଶ୍ର ଦ୍ୱିତୀୟ ଏବଂ ବିଜୟ ଅଗ୍ରୱାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ବିଜୟୀ ହୋଇଥିବା ଚନ୍ଦନ ସାମଲ, ସିଦ୍ଧାର୍ଥ କୁମାର ମିଶ୍ର ଏବଂ ବିଜୟ ଅଗ୍ରୱାଲଙ୍କୁ ପଦକ ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଐତିହ୍ୟ ଗଣଦୌଡ଼ରେ ସାମିଲ ହୋଇଥିବା ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପଦକ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକାମ୍ର ବିଧାୟକ ବାବୁ ସିଂହକହିଥିଲେ ଯେ, ଏହି ଗଣଦୌଡ଼ କେବଳ ଏକ କ୍ରୀଡ଼ା କାର୍ଯ୍ୟକ୍ରମ ନୁହେଁ, ବରଂ ନିଜ ଐତିହ୍ୟ ସହ ଯୁବପିଢ଼ିକୁ ଯୋଡ଼ିବାର ଏକ ସୁନ୍ଦର ପ୍ରୟାସ। ଆମ ରାଜ୍ୟର ପ୍ରାଚୀନ ମନ୍ଦିର ଓ କୀର୍ତ୍ତିରାଜି ହେଉଛି ଓଡ଼ିଆ ଅସ୍ମିତାର ପ୍ରତୀକ ଏବଂ ଏହାର ସଂରକ୍ଷଣ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଶେଷରେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ଅଭିଯାନ ମାଧ୍ୟମରେ ଯୁବପିଢ଼ିକୁ ନିଜ ମାଟିର ଗୌରବମୟ ଇତିହାସ ସହ ଯୋଡ଼ିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଭୁପେନ୍ଦ୍ର ସିଂ ପୁନିଆ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଓ ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ ସମେତ ଅଲମ୍ପିଆନ୍ ଅନୁରାଧା ବିଶ୍ୱାଳ ଓ ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ସୁଶ୍ରୀ ସଙ୍ଗୀତା ଶିବାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜଧାନୀରେ ଗୋଡ଼ାଇ ଗୋଡ଼ାଇ ଖଣ୍ଡା ଚୋଟ

**ଭୁବନେଶ୍ୱର,୫।୪/ଏନ୍ଏନ୍ଏସ୍:** ରାଜଧାନୀରେ ଅସାମାଜିକଙ୍କ ଆତଙ୍କରାଜ। ବିଳମ୍ବିତ ରାତିରେ ବୁଲିଲା ଖଣ୍ଡା। ରାତିରେ ଘରକୁ ଫେରୁଥିବା ବେଳେ ଜଣେ ମିଠା ଦୋକାନୀ ମିସ୍ତ୍ରୀଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି । କିଛି ଦୁର୍ବୃତ୍ତ ଖଣ୍ଡାରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଖବର ଅନୁଯାୟୀ ଏହି ଘଟଣା ୟୁନିଟ-୪ ଏମ୍ଏଲଏ କଲୋନୀ ନିକଟରେ ହୋଇଛି। ମିଠା ଦୋକାନରେ କାମ କରୁଥିବା ମିସ୍ତ୍ରୀ ବୁଦ୍ଧଦେବ ଭୂୟାଁ ବିଳମ୍ବିତ ରାତିରେ କାମ ସାରି ଘରକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ଥିଲେ। ଉଭୟଙ୍କ ମଧ୍ୟରେ ବହୁ ସମୟ ଧରି ବଚସା ହୋଇଥିଲା। ପରେ ତାଙ୍କୁ ଖଣ୍ଡାରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ୪ଜଣ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ଖଣ୍ଡା ଚୋଟ୍ ମାରିଥିଲେ। ତେବେ ବୁଦ୍ଧଦେବଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଓ ପୁଲିସ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି।

ତେବେ ବୁଦ୍ଧଦେବଙ୍କୁ କିଏ ଓ କାହିଁକି ଆକ୍ରମଣ କଲା ତାହାର କାରଣ ଆସ୍ପଷ୍ଟ ରହିଛି। ଅନ୍ୟପଟେ ଖାରବେଳନଗର ଥାନା ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିବା ବେଳେ ଅଭିଯୁକ୍ତମାନଙ୍କୁ ଖୋଜୁଛି। ଏହାଛଡ଼ା ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ନେଇ ମଧ୍ୟ ଛାନଭିନ୍ କରୁଛି।

### ଉନ୍ନୟନ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ସମୀକ୍ଷା କଲେ ମନ୍ତ୍ରୀ

## ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଉନ୍ନତ

**ଭୁବନେଶ୍ୱର,୫।୪ /ଏନ୍ଏନ୍ଏସ୍:** ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଉନ୍ନତ ସ୍ଥିତିରେ ରହିଛି। ବର୍ତ୍ତମାନ ରାଜ୍ୟରେ ଅନେକଗୁଡ଼ିଏ ବୃହତ ପ୍ରକଳ୍ପ ଚାଲୁ ରହିଥିବାବେଳେ ଆଗାମୀ ଦିନରେ ଆହୁରି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। ରାଜ୍ୟର ଜନସାଧାରଣଙ୍କୁ ସର୍ବଶ୍ରେଷ୍ଠ ଓ ଗୁଣାତ୍ମକ ସୁବିଧା ଯୋଗାଇବା ନିମନ୍ତେ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ସେହି ଅନୁସାରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଲ୍ଲେଖ କରିଛନ୍ତି। ନିର୍ମାଣ ବିଭାଗ ଅଧୀନସ୍ଥ ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହା କହିଛନ୍ତି। ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରାଜ୍ୟରେ ଚାଲୁ ରହିଥିବା ରାଜ୍ୟ ରାଜପଥ ପ୍ରକଳ୍ପ, ଓବିସିସି ଅଧୀନରେ ଥିବା ବିଭିନ୍ନ ପ୍ରକଳ୍ପ, ଭୁବନେଶ୍ୱର,



ସମ୍ବଲପୁର, କଟକ, ରାଉରକେଲା, ପୁରୀ, ବାଲେଶ୍ୱର, କେଉଁଝର ଏବଂ ବ୍ରହ୍ମପୁର ଆଦି ସହରରେ ଗମନାଗମନ କ୍ଷେତ୍ରରେ ଭିଡ଼ ହ୍ରାସ ପାଇଁ ଜାରି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଆଲୋଚନା କରିଥିଲେ। ବୈଠକରେ ଆଗାମୀ ତିନି ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରି ଏହାର ରୂପାୟନ, ପ୍ରମୁଖ ମନ୍ଦିରଗୁଡ଼ିକର ଉନ୍ନତିକରଣ, ରାସ୍ତାଗୁଡ଼ିକର ପ୍ରଶସ୍ତିକରଣ, ନିୟମିତ ମରାମତି ସହ ରାସ୍ତା ପାର୍ଶ୍ୱର୍ରେ ସର୍ବନିମ୍ନ ସୁବିଧା ପାଇଁ ଆଲୋଚନା ହୋଇଥିଲା। ଏଥି ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ପ୍ରାୟ ୩୩୦୦ କିମି ରାସ୍ତାର ଉନ୍ନୟନ କାର୍ଯ୍ୟକୁ ତ୍ୱରିତ ଗତିରେ ଆଗେଇ ନେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଏବଂ ଇଞ୍ଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଅତିରିକ୍ତ ଶାସନ ସଚିବ ଦୀପକ ରଞ୍ଜନ ଦାସ, ଇଆଇସି ସିଭିଲ୍ ଇଂ ସତ୍ୟବ୍ରତ ବେହେରା, ଇଆଇସି ଡିଜାଇନ୍, ପ୍ଲାନିଂ ଓ କୋର୍ଡିନେସନ୍ ଇଂ ସମୀର ହୋତା, ଉପଦେଷ୍ଟା ଜେକେ ଦାସ, ଇଆଇସି, ରୋଡସ୍ ଇଂ ଧାନଚାନ୍ଦ ନାୟକ, ଯୁଗ୍ମ ଶାସନ ସଚିବ ଦୀପ୍ତିରଞ୍ଜନ ବେହେରା, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ର, ଜାତୀୟ ରାଜପଥ ମୁଖ୍ୟଯନ୍ତ୍ରୀ ଇଂ ନାରାୟଣ ପଟେଲ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ମନୋଜ ମହାନନ୍ଦ, ମୁଖ୍ୟଯନ୍ତ୍ରୀ ଇଂ ଶିବବ୍ରତ ତରିଆ ପ୍ରମୁଖ ଉପସ୍ଥିତ ଥିଲେ।



## ଡାକ୍ତର ପ୍ରସନ୍ନ କୁମାର ସାହୁଙ୍କୁ 'ଡାକ୍ତର ଜଗନ୍ନାଥ ମହାପାତ୍ର ସମ୍ମାନ'

**ଭୁବନେଶ୍ୱର,୫।୪/ଏନ୍‌ଏନ୍‌ଏସ୍:** ରାଜଧାନୀର ପ୍ରତିଷ୍ଠିତ ଜଗନ୍ନାଥ ହସ୍ପିଟାଲର ୧୪ତମ ଜନ୍ମ ଉତ୍ସବ ଅବସରରେ ରବିବାର ହୋଟେଲ ପଦ୍ମଜାଠାରେ ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଯାଇଛି। ଏହି ଅବସରରେ ସୁନାମଧନ୍ୟ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ପ୍ରସନ୍ନ କୁମାର ସାହୁଙ୍କୁ ସମ୍ମାନଜନକ 'ଦ୍ୱିତୀୟ ଜଗନ୍ନାଥ ମହାପାତ୍ର ସମ୍ମାନ'ରେ ସମ୍ମାନିତ କରାଯାଇଛି। ସ୍ୱର୍ଗତ ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କ ପତ୍ନୀ ପ୍ରଫେସର (ଡକ୍ଟର) ସଂଘମିତ୍ରା ମିଶ୍ର ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଡାକ୍ତର ସାହୁଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ ଯେ, ସ୍ୱର୍ଗତ ଡାକ୍ତର ଜଗନ୍ନାଥ ମହାପାତ୍ର ଭୁବନେଶ୍ୱର ମହାନଗର ନିଗମର ପ୍ରଥମ ମେୟର ଭାବେ ଦାୟିତ୍ୱ ତୁଲାଇବା ସହ ଜଣେ ଜନପ୍ରିୟ ଚିକିତ୍ସକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ଅବର୍ତ୍ତମାନରେ ବର୍ତ୍ତମାନ ଡାକ୍ତର ଅର୍ଜିତ ମହାପାତ୍ର ଓ ଡାକ୍ତର ବିଶ୍ୱଜିତ ମିଶ୍ର ଜଗନ୍ନାଥ ହସ୍ପିଟାଲ ଜରିଆରେ ରୋଗୀ ସେବା କାର୍ଯ୍ୟକୁ ଆଗକୁ ବଢ଼ାଉଛନ୍ତି। ହସ୍ପିଟାଲର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଶିଶୁ ରୋଗ ଓ ଏହାର ଆଧୁନିକ ଚିକିତ୍ସା ପ୍ରଣାଳୀକୁ ନେଇ ଏକ ଉଚ୍ଚସ୍ତରୀୟ ଆଲୋଚନା ଚକ୍ର ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବହୁ ବିଶିଷ୍ଟ ଶିଶୁ ରୋଗ ବିଶେଷଜ୍ଞ ଯୋଗ ଦେଇଥିଲେ। ଚେନାଇରୁ ଡାକ୍ତର ପି. ରାମଚନ୍ଦ୍ରନ ଓ ଯୋଗେଶ ପାରିଖ, କୋଲକାତାରୁ ଡାକ୍ତର ଅଭିଜିତ ସାହାଙ୍କ ସମେତ ଡାକ୍ତର ଦେବାଶିଷ ପାତ୍ର, ଡାକ୍ତର କଳ୍ପନା ପଣ୍ଡା, ଡାକ୍ତର ଗୋପବନ୍ଧୁ ନନ୍ଦ, ଡାକ୍ତର ନାରାୟଣ ପ୍ରସାଦ ମୋଦୀ, ଡାକ୍ତର ସ୍ମିତା ଶତପଥୀ, ଡାକ୍ତର ସଞ୍ଜୟ ସାହୁ, ଡାକ୍ତର ସୌମ୍ୟଶ୍ରୀ ବାହାଲିଆ, ଡାକ୍ତର ଉପେନ୍ଦ୍ର କିଞ୍ଜ୍‌ୱାଲା, ଡାକ୍ତର ସେବା ରଞ୍ଜନ ବିଶ୍ୱାଳ, ଡାକ୍ତର ଜ୍ୟୋତି ରଞ୍ଜନ ଶତପଥୀ, ଡାକ୍ତର ନିର୍ମଳ ମହାକୁଡ଼ ଏବଂ ଡାକ୍ତର ବିଚିତ୍ରା ନନ୍ଦ ରାଉତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବିଶେଷଜ୍ଞମାନେ ଶିଶୁ ଚିକିତ୍ସା କ୍ଷେତ୍ରରେ ନିଜ ନିଜର ଅନୁଭୂତି ଓ ସନ୍ଦର୍ଭ ଉପସ୍ଥାପନ କରିଥିଲେ।

## ଜନସ୍ୱାସ୍ଥ୍ୟରେ ଯନ୍ତ୍ରୀ ଅଭାବ

**ଭୁବନେଶ୍ୱର,୫।୪/ଏନ୍‌ଏନ୍‌ଏସ୍:** ସହରାଞ୍ଚଳରେ ସେବା ଯୋଗାଣ ପାଇଁ ଥିବା ଯନ୍ତ୍ରୀ ପଦବୀ ମଧ୍ୟରୁ ୮ଶହରୁ ଖାଲି ପଡ଼ିଛି। ଏହି ପଦବୀ ପୂରଣ ପାଇଁ ପ୍ରାୟ ଦୁଇବର୍ଷ ଧରି ଉଦ୍ୟମ ଚାଲିଛି। ମିଳିଥିବା ସୂଚନା ଅନୁଯାୟୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଜନସ୍ୱାସ୍ଥ୍ୟ ଯନ୍ତ୍ରୀ ବର୍ଗରେ ୨୦୦୭ଟି ବିଭିନ୍ନ ପାହ୍ୟାର ପଦବୀ ଥିବାବେଳେ ଏଥିରୁ ୮୪୨ଟି ପଦବୀ ଖାଲି ପଡ଼ିଛି। କ୍ଷେତ୍ର ସ୍ତରରେ ଅଧିକ ଜରୁରୀ ଥିବା କନିଷ୍ଠ ଯନ୍ତ୍ରୀ ପାହ୍ୟାରେ ଥିବା ୭୯୧ ପଦବୀରୁ ୪୧୯ଟି ପଦବୀ ଖାଲି ପଡ଼ିଛି। ଏଥି ମଧ୍ୟରୁ ୩୬୫ଟି ପଦବୀ ପୂରଣ ପାଇଁ ୨୦୨୪ ଫେବୃୟାରୀ ମାସରୁ ଓଡିଶା କର୍ମଚାରୀ ଚୟନ ଆୟୋଗଙ୍କୁ ପତ୍ର ଲେଖାଯାଇଛି। ସେହିଭଳି ୪୦୪ଟି ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ମଧ୍ୟରୁ ୧୫୫ଟି ପଦବୀ ଖାଲି ପଡିଥିବାବେଳେ ଏଥିରୁ ୮୦ଟି ପଦବୀ ପୂରଣ ପାଇଁ ନୋଡାଲ ବିଭାଗ ଜଳସମ୍ପଦ ବିଭାଗକୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଯାଇଛି। ଅବଶିଷ୍ଟ ଖାଲି ପଦବୀ ପୂରଣ ପାଇଁ ବିଭାଗୀୟ ପଦୋନ୍ନତି କମିଟି ଦ୍ୱାରା ସହକାରୀ ଯନ୍ତ୍ରୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦକୁ ପଦୋନ୍ନତି ଦେବାପାଇଁ ପ୍ରକ୍ରିୟା ଜାରି ରହିଛି। ସେହିଭଳି ୨୪୩ ସହକାରୀ ଯନ୍ତ୍ରୀ ପଦବୀ ପୂରଣ ପାଇଁ ବିଭାଗୀୟ ପଦୋନ୍ନତି କମିଟି ଦ୍ୱାରା କନିଷ୍ଠ ଯନ୍ତ୍ରୀରୁ ସହକାରୀ ଯନ୍ତ୍ରୀ ପଦକୁ ପଦୋନ୍ନତି ଦେବାପାଇଁ ପ୍ରକ୍ରିୟା ଜାରି ରହିଛି। ଖାଲି ଥିବା ୧୮ ନିର୍ବାହୀ ଯନ୍ତ୍ରୀ ଓ ୭ ଅଧୀକ୍ଷଣ ଯନ୍ତ୍ରୀ ପଦବୀ ପୂରଣ ନିମନ୍ତେ ପଦୋନ୍ନତି ପ୍ରକ୍ରିୟା ବି ଚାଲୁ ରହିଛି। ତେବେ ୩ଟି ସର୍ବୋଚ୍ଚ ଯନ୍ତ୍ରୀ, ୭ଟି ମୁଖ୍ୟଯନ୍ତ୍ରୀ ଓ ୨୧ଟି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପାହ୍ୟାର ସମସ୍ତ ପଦବୀ ପୂରଣ ଅଛି। ରାଜ୍ୟର ସହରାଞ୍ଚଳଗୁଡିକରେ ଏବେ ଏକାଧିକ କେନ୍ଦ୍ରୀୟ ଓ ରାଜ୍ୟ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ ଏଥିରେ ଯନ୍ତ୍ରୀମାନଙ୍କର ବିଶେଷକରି କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ଏହି ଦୁଇ ପଦବୀରେ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ଅଧାରୁ ଅଧିକ ଖାଲି ପଡ଼ିଥିବାରୁ ବିଭିନ୍ନ ସ୍ତରରେ କାର୍ଯ୍ୟ ପ୍ରଭାବିତ ହେଉଥିବା ଦେଖିବାକୁ ମିଳୁଛି। ଏହିସବୁ ପଦବୀଗୁଡ଼ିକ ପୂରଣ ପାଇଁ ସରକାରୀ ସ୍ତରରେ ବର୍ଷାଧିକ କାଳ କସରତ ଚାଲିଥିଲେ ମଧ୍ୟ ନୂତନ ନିଯୁକ୍ତି କିମ୍ବା ପଦୋନ୍ନତି ହୋଇପାରୁନାହିଁ। ଗୋଟିଏ ପଟେ ଅଣବୈଷୟିକ ଖାଲି ପଦବୀରେ ଆଉଟସୋର୍ସିଂ ନିଯୁକ୍ତିକୁ ନେଇ ହଟଚମଟ ଚାଲିଥିବାବେଳେ ଅନ୍ୟପଟେ ଯନ୍ତ୍ରୀ ପଦବୀ ଖାଲି ଏବେ ସହରାଞ୍ଚଳ ବିକାଶରେ ବାଧା ବୋଲି ବୁଦ୍ଧିଜୀବୀ ମତ ଦେଉଛନ୍ତି।

### ଆମ ସାଥୀ ଚାଟ୍ ବଟ୍ ମାଧ୍ୟମରେ ରାଜସ୍ୱ ସେବାକୁ ଅଧିକ ଲୋକାଭିମୁଖୀ କରିବାକୁ ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ

# ହ୍ୱାଟସ୍‌ଆପ୍‌ରେ ହେବ ରାଜସ୍ୱ ସେବା ସମ୍ପର୍କିତ ଅଭିଯୋଗ ଗ୍ରହଣ

**ଭୁବନେଶ୍ୱର,୫।୪/ଏନ୍‌ଏନ୍‌ଏସ୍:** ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧକ୍ଷତାରେ ବିଭିନ୍ନ ବିଭାଗୀୟ କାର୍ଯ୍ୟ ସହ ଆମ ସାଥୀ ଚାଟ୍ ବଟ୍‌ର ଉପଯୋଗିତା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହ୍ୱାଟସଆପ୍ ମାଧ୍ୟମରେ ବର୍ତ୍ତମାନ୍ ଉପଲବ୍ଧ ଥିବା ଆମ ସାଥୀ ଚାଟ୍ ବଟକୁ ରାଜସ୍ୱ ସେବା ପ୍ରଦାନ ନିମନ୍ତେ ଅଧିକ ସହଜ ଏବଂ ଲୋକାଭିମୁଖୀ କରିବାକୁ ମାନ୍ୟବର ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ଲୋକେ କିପରି ଭାବରେ ସହଜରେ ପ୍ରଶାସନକୁ ନିଜ ସମସ୍ୟା ଜଣାଇ ପାରିବେ ଏବଂ ତ୍ୱରିତ ସହାୟତା ପାଇପାରିବେ, ତାହାକୁ ସୁନିଶ୍ଚିତ

**ରାଜସ୍ୱ ଅଧିକାରୀଙ୍କୁ ତାଲିମ୍ ସହ ରାଜସ୍ୱ ପ୍ରଶାସନର ଦକ୍ଷତା ବିକାଶ ହେବ**

କରିବା ପାଇଁ ଆମ ସାଥୀ ଚାଟ୍ ବଟ୍‌ର ଦକ୍ଷତା ବିକାଶ କରାଯାଉଛି। ଏହା ଦ୍ୱାରା ହ୍ୱାଟସଆପ୍ ମାଧ୍ୟମରେ ଜନସାଧାରଣ ନିଜର ସମସ୍ୟା କିମ୍ବା ଅଭିଯୋଗ ସହଜରେ ଜଣାଇବା ସହ ତହସିଲଦାର୍ ଏବଂ ଅନ୍ୟ ସମ୍ପର୍କିତ ଅଧିକାରୀ ତାହାକୁ ଗ୍ରହଣ କରି ତ୍ୱରିତ ପଦକ୍ଷେପ ନେଇପାରିବେ। ଏ ସଂକ୍ରାନ୍ତୀୟ ସମସ୍ତ ପ୍ରକିୟା ରାଜସ୍ୱ ମନ୍ତ୍ରୀ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ବ୍ୟକ୍ତିଗତ ଅବଗତି ନିମନ୍ତେ ମଧ୍ୟ ଉପଲବ୍ଧ ହେବ। ଏଥିନିମନ୍ତେ ରାଜସ୍ୱ ବିଭାଗରେ ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତ ହେବା ସହ ହ୍ୱାଟସଆପରେ ରାଜସ୍ୱ ସେବା ପ୍ରଦାନ ପ୍ରକ୍ରିୟା ସୁସମ୍ପାଦିତ ହେବ। ସେହିପରି ଅଭିଯୋଗ ଗ୍ରହଣ ପରେ ତ୍ୱରିତ ପଦକ୍ଷେପ ନିଆଯିବା ସହ ସମସ୍ୟା ସମାଧାନ ପରେ ଜନସାଧାରଣଙ୍କ ମତାମତ ମଧ୍ୟ ନିଆଯିବ।

ଏଥି ସହିତ ବର୍ତ୍ତମାନ୍ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପ୍ରଶିକ୍ଷଣ ନେଉଥିବା ନୂତନ ଅଧିକାରୀଙ୍କୁ ଆମ ସାଥୀ ଚାଟ୍ ବଟ୍ ମାଧ୍ୟମରେ ରାଜସ୍ୱ ସେବା ଏବଂ ଅଭିଯୋଗ ଶୁଣାଣି ସମ୍ପର୍କିତ ତାଲିମ୍ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଆଗାମୀ ଦିନରେ ରାଜ୍ୟର ସମସ୍ତ ତହସିଲଦାର୍ ଏବଂ ଅନ୍ୟାନ୍ୟ ରାଜସ୍ୱ ଅଧିକାରୀଙ୍କୁ ଆଭାସୀ ମାଧ୍ୟମରେ ତାଲିମ୍ ଦିଆଯିବା ସହ ପ୍ରଶାସନର ଦକ୍ଷତା ବିକାଶ କରାଯିବାକୁ ନିଷ୍ପତ୍ତି ହୋଇଛି। ଜନସାଧାରଣଙ୍କ ପାଇଁ ରାଜସ୍ୱ ସେବା ସହଜରେ ଉପଲବ୍ଧ କରାଯିବା ନେଇ ରାଜସ୍ୱ ବିଭାଗ ବଦ୍ଧପରିକର ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଓଡ଼ିଆ ନାମଫଳକ ପ୍ରଦର୍ଶନ ପାଇଁ ସଚେତନତା ପଦଯାତ୍ରା

**ଭୁବନେଶ୍ୱର,୫।୪/ଏନ୍‌ଏନ୍‌ଏସ୍:** ୧ ଏପ୍ରିଲ 'ଓଡ଼ିଶା ଦିବସ' ରୁ ୧୪ ଏପ୍ରିଲ 'ଓଡ଼ିଆ ନବବର୍ଷ' ପର୍ଯ୍ୟନ୍ତ ସାରା ରାଜ୍ୟରେ 'ଓଡ଼ିଆ ପକ୍ଷ-୨୦୨୬' ପାଳନ କରାଯାଉଛି। ଏହି ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବେ ନାମଫଳକ ପ୍ରଦର୍ଶନ କରିବା ପାଇଁ ଏକ ବ୍ୟାପକ ସଚେତନତା ଅଭିଯାନ ଓ ପଦଯାତ୍ରା ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଲୋୟର୍ ପିଏମ୍‌ଜିଠାରୁ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ଏହି ପଦଯାତ୍ରାରେ ପ୍ରାୟ ୨୦୦ରୁ ଅଧିକ ବ୍ୟକ୍ତି ସାମିଲ ହୋଇ ଓଡ଼ିଆ ଭାଷାର ପ୍ରସାର ପାଇଁ ସଂକଳ୍ପ ନେଇଥିଲେ। ଏହି ସଚେତନତା ପଦଯାତ୍ରାକୁ ଶ୍ରମ ଆୟୁକ୍ତ ଇନ୍ଦ୍ରମଣୀ ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ନିଜର ଅଭିଭାଷଣ ରଖି ସେ କହିଥିଲେ ଯେ, ୪ ଏପ୍ରିଲ ରୁ ୭ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଚାରି ଦିନ ଧରି ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଦୋକାନ ଓ ବ୍ୟବସାୟିକ ଅନୁଷ୍ଠାନ ପରିଦର୍ଶନ କରିବେ। ଯେଉଁ ସ୍ଥାନରେ ଓଡ଼ିଆ ନାମଫଳକ ସ୍ପଷ୍ଟ ଭାବେ ଲଗାଯାଇନାହିଁ, ସେଠାରେ ବ୍ୟବସାୟୀମାନଙ୍କୁ ନିର୍ଭୁଲ ଭାବେ ଓଡ଼ିଆ ନାମଫଳକ ଲେଖିବାକୁ ଅନୁରୋଧ କରାଯିବ। ଆମ ଭାଷା ଆମର ପରିଚୟ ଓ ଗର୍ବ ହୋଇଥିବାରୁ ପ୍ରତ୍ୟେକ ବ୍ୟବସାୟ ସ୍ଥଳରେ ଏହାର ବ୍ୟବହାରକୁ ସୁନିଶ୍ଚିତ କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ଅତିରିକ୍ତ ଶ୍ରମ ଆୟୁକ୍ତ ମଦନ ମୋହନ ପାଇକ, ଯୁଗ୍ମ ଶ୍ରମ ଆୟୁକ୍ତ ବିଘ୍ନଜିତ ମହନ୍ତ ମହାପାତ୍ର ଓ ଭାରତୀ ସିଥା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ବନାନୀ ମହାପାତ୍ର, ଖୋର୍ଦ୍ଧା ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅଜୟ ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଉପ-ଶାସନ ସଚିବ ପୀୟୁଷ ପରିଡ଼ା ଏବଂ 'ଓଡ଼ିଶା ପରିବାର'ର ନୋଡାଲ ଅଫିସର ପ୍ରିତିଶ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଯୁବ ସାରସ୍ୱତ ପ୍ରତିଯୋଗିତା ସମାରୋହ

**ଭୁବନେଶ୍ୱର,୫।୪/ଏନ୍‌ଏନ୍‌ଏସ୍:** ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ଅବସରରେ ଯୁବ ସାରସ୍ୱତ ପ୍ରତିଯୋଗିତା ସମୋରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଲସିଂହ ଯୋଗ ଦେଇ ଯୁବପିଢ଼ିଙ୍କ ମଧ୍ୟରେ ସୃଜନଶୀଳତାର ଉଦ୍ରେକ କରିବା ପାଇଁ ପରାମର୍ଶ ଦେଇଥିଲେ। ସାହିତ୍ୟ ଏକାଡେମୀ ସର୍ବଦା ଯୁବ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାର ଦାୟିତ୍ୱ ବହନ କରୁଛି ବୋଲି ଶ୍ରୀ ଛୁଆଲସିଂହ ତାଙ୍କ ବକ୍ତବ୍ୟ ରେ ଉଲ୍ଲେଖ କରିଥିଲେ। ଏହି ସାରସ୍ୱତ ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗ ଦେଇ ଯୁବ ସାହିତ୍ୟିକ ଡ. ସତ୍ୟଜିତ ଦାସ, ଡ. ମିନାକ୍ଷୀବାଳା ପ୍ରଧାନ, ଡ. ସୁନିତା ଦାସ ପ୍ରତିଯୋଗୀମାନଙ୍କ ପ୍ରତିଭାର ପ୍ରଶଂସା କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ଏହି ସମାରୋହରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ବିଭିନ୍ନ ସରକାରୀ ମହାବିଦ୍ୟାଳୟ ଓ ବିଭିନ୍ନ ସ୍ନାତକୋତ୍ତର ବିଭାଗର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଚୟନ କରାଯାଇଥିବା ୨୫ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରା ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଓଡ଼ିଶୀ କଣ୍ଠସଂଗୀତ ବିଭାଗର ସହଯୋଗୀ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ର ପରିଚାଳନା କରିଥିବାବେଳେ ଓଡ଼ିଆ ବିଭାଗ ଛାତ୍ରୀ ସୁଶ୍ରୀ ଲକ୍ଷ୍ମୀପ୍ରିୟା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଯୁଥ୍ ରେଡ୍‌କ୍ରସ୍ ଓ ଏନ୍‌ଏସ୍‌ଏସ୍ ପକ୍ଷରୁ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୫।୪/ଏନ୍‌ଏନ୍‌ଏସ୍:** ଯୁଥ୍ ରେଡକ୍ରସ ଏବଂ ଏନ୍‌ଏସଏସ୍ ପକ୍ଷରୁ ଉନ୍ନତ ଭାରତ ବିକଶିତ ସେଲ୍ ମାଧ୍ୟମରେ ବାଲିଆନ୍ତାସ୍ଥିତ ସରକାରୀ ଜୟଦେବ ହାଇସ୍କୁଲରେ ଏକ ଦିନିଆ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ଏହାର ସମନ୍ୱୟ କରିଥିଲେ ଜିତେନ୍ଦୁ ନନ୍ଦ। କାର୍ଯ୍ୟକ୍ରମର ଆରମ୍ଭ ଡା. ସୁରେଶ କୁମାର ପଟ୍ଟନାୟକ, ପୂର୍ବତନ ଅଧ୍ୟାପକ, ରମାଦେବୀ ବିଶ୍ୱବିଦ୍ୟାଳୟଙ୍କ ଦ୍ୱାରା ଯୋଗ ସେସନ୍ ସହ ହୋଇଥିଲା। ପରେ ୧୧ ଜଣ ଡାକ୍ତରଙ୍କ ଦ୍ୱାରା ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏହା ସହିତ ଫାଇନାନ୍ସ ଓ କମ୍ପ୍ୟୁଟର ବିଭାଗର ଶିକ୍ଷକମାନଙ୍କ ଦ୍ୱାରା ଆର୍ଥିକ ସାକ୍ଷରତା ଓ ସାଇବର ସୁରକ୍ଷା ବିଷୟରେ ସଚେତନତା ସେସନ୍, ଏବଂ କୃଷି ବିଷୟରେ ଡା. ବିଦ୍ୱାନ ରଞ୍ଜନ ସାହୁ (ଆସିଷ୍ଟାଣ୍ଟ ପ୍ରଫେସର, ପ୍ଲାଣ୍ଟ ପ୍ୟାଥୋଲୋଜି) ଓ ଡା. ପ୍ରକାଶ ରଞ୍ଜନ ବେହେରାଙ୍କ ଦ୍ୱାରା ଜ୍ଞାନମୂଳକ ଆଲୋଚନା ହୋଇଥିଲା। ସ୍କୁଲ୍ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାମ୍ପ୍ରଦାୟିକ କାର୍ଯ୍ୟକ୍ରମ ଏହି ଅବସରକୁ ଅଧିକ ଉତ୍ସାହମୟ କରିଥିଲା। ଶେଷରେ ଏକ ଗ୍ରାମସଭା ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ଅତିଥି ଓ ସଂସ୍ଥାର ଅଧିକାରୀମାନେ, ଡା. ପ୍ରଜ୍ଞାନ ପରମିତା ଷଡ଼ଙ୍ଗୀ, ଡା. ସୁଚେତା ପଟ୍ଟନାୟକ, ନିର୍ମଳ କୁମାର ରାଉତରା, ଜିତେନ୍ଦୁ ନନ୍ଦ ଓ ଦ୍ରୌପଦୀ ମିଶ୍ର ଉପସ୍ଥିତ ଥିଲେ। ଛାତ୍ର ସ୍ୱୟଂସେବକମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ଭାବେ ସହଯୋଗ କରିଥିଲେ।

# ଭାରତୀୟ ଶାସନ ବ୍ୟବସ୍ଥାର ପଟ୍ଟକଥା: ମିଶନ କର୍ମଯୋଗୀ ପୁଣି ଲେଖୁଛି ନୂତନ ଅଧ୍ୟାୟ

ଥରେ କଳ୍ପନା କଲେ ଯେକେହି ବୁଝିପାରିବେ ଯେ ରାଜସ୍ଥାନର ଦୂରଦୂରାନ୍ତର ଏକ ଅଞ୍ଚଳରେ କାର୍ଯ୍ୟରତ ଜଣେ ଜିଲ୍ଲା କଲେକ୍ଟରଙ୍କୁ ଏକ ମହତ୍ୱାକାଂକ୍ଷୀ କଲ୍ୟାଣ ଯୋଜନାର ଦାୟିତ୍ୱ ଦିଆଯାଇଛି, ଯାହା ସମ୍ପର୍କରେ ସେ ପୂର୍ବରୁ ବହୁତ କମ୍ ଅବଗତ ଥିଲେ। ମାତ୍ର ଏକ ଦଶନ୍ଧି ପୂର୍ବରୁ ତାଙ୍କୁ ସେହି କଥା ଜାଣିବା ସକାଶେ କେତେ କଷ୍ଟ କରିବାକୁ ପଡୁଥିଲା ଏବଂ ନିୟମାବଳୀର ସହାୟତା ନେବାକୁ ପଡୁଥିଲା। କିମ୍ବା ଏଥିପାଇଁ ତାଙ୍କର କୌଣସି ବରିଷ୍ଠ ଅଧିକାରୀ ବା ସହଯୋଗୀଙ୍କ ସହିତ ଏକାଧିକ ଥର ବୈଠକ କରିବାକୁ ପଡୁଥିଲା ଅଥବା ମଧ୍ୟାହ୍ନ ଭୋଜନ ପରେ ଦୀର୍ଘ ସମୟ ଧରି ଅନ୍ୟମାନଙ୍କ ସହିତ ଆଲୋଚନା ପାଇଁ ଅପେକ୍ଷା କରିବାକୁ ହେଉଥିଲା। ତାଙ୍କର ବିଶ୍ୱାସ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ହିଁ ନିହିତ ହୋଇ ରହୁଥିଲା ଯେଉଁ ସୁଯୋଗ ବର୍ଷେ କିମ୍ବା ଦୁଇ ବର୍ଷରେ ଥରେ ଲେଖାଏଁ ଆସୁଥିଲା। କିନ୍ତୁ ଆଜି ପରିସ୍ଥିତି ପରିବର୍ତ୍ତିତ ହୋଇଛି। ସେ ନିଜ ଫୋନ୍ ମାଧ୍ୟମରେ ଆଇଗଟ୍ (ଇଣ୍ଟିଗ୍ରେଟେଡ୍ ଗଭର୍ଣ୍ଣମେଣ୍ଟ ଅନଲାଇନ୍ ଟ୍ରେନିଂ ପ୍ଲାଟଫର୍ମ)ରେ ଲଗଇନ୍ କରି ସବୁକିଛି ସହଜରେ ଜାଣିପାରୁଛନ୍ତି। ମାତ୍ର କିଛି ମିନିଟ୍ ମଧ୍ୟରେ ତାଙ୍କ ଆବଶ୍ୟକତାନୁସାରେ ଏକ ସୁସଂଗଠିତ, କାର୍ଯ୍ୟକୁଶଳତା ଆଧାରିତ ପାଠ୍ୟକ୍ରମ ମିଳିଯାଉଛି। ସେହି ଦିନ ସନ୍ଧ୍ୟା ସୁଦ୍ଧା ସେ ଆବଶ୍ୟକ ସୂଚନା ଓ ଆତ୍ମବିଶ୍ୱାସ ସହିତ ସଜ୍ଜିତ ହୋଇ ଯୋଜନାର ଲାଭାର୍ଥୀମାନଙ୍କ ସହ ପ୍ରଥମ ବୈଠକରେ ଅଧ୍ୟକ୍ଷତା କରିପାରୁଛନ୍ତି। ଏଭଳି ପରିବର୍ତ୍ତନ ଦେଖିବାକୁ କ୍ଷୁଦ୍ର ଲାଗିଥାଇପାରେ, କିନ୍ତୁ ବାସ୍ତବରେ ଏହା ପ୍ରଶାସନିକ କାର୍ଯ୍ୟକୁଶଳତାରେ ଏକ ବିପ୍ଳବ ସଦୃଶ ପରିବର୍ତ୍ତନ ବୋଲି ସ୍ୱୀକାର କରିବାକୁ ହେବ।

କୌଣସି ପ୍ରକାର ଚାକଚକ୍ୟଠାରୁ ଦୂରରେ ରହି, ଧୈର୍ଯ୍ୟର ସହିତ ପାଞ୍ଚ ବର୍ଷ ପୂର୍ବରୁ ଆରମ୍ଭ କରାଯାଇଥିବା ମିଶନ କର୍ମଯୋଗୀ ଏଭଳି ଏକ ବିପ୍ଳବକୁ ସାକାର କରିପାରିଛି। ଏହା ନୂତନ ଭାରତ ନିମନ୍ତେ ଏକ ନୂତନ କିସମର ପ୍ରଶାସନିକ ଅଧିକାରୀମାନଙ୍କୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଚୁପଚାପ୍ ନିଜର କାର୍ଯ୍ୟ ସମ୍ପାଦନ କରିବାରେ ନିୟୋଜିତ ରହିଛି।

ଏହାର ମହତ୍ତ୍ୱକୁ ବୁଝିବା ସକାଶେ ଆମକୁ ପ୍ରଥମେ ଏହି ସନ୍ଦର୍ଭକୁ ଉତ୍ତମ ରୂପେ ଜାଣିବାକୁ ହେବ। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଧାର୍ଯ୍ୟ କରିଥିବା ଲକ୍ଷ୍ୟ ପର୍ଯ୍ୟନ୍ତ କେବଳ ଆମେ ଏତେ ସହଜରେ ପହଞ୍ଚି ପାରିବା ନାହିଁ। ଏହି ଲକ୍ଷ୍ୟସ୍ଥଳ ପର୍ଯ୍ୟନ୍ତ ପହଞ୍ଚିବା ସକାଶେ ଆମକୁ ଭାରତର ଗଣତନ୍ତ୍ରକୁ ଚଳାଉଥିବା ସଂସ୍ଥାମାନଙ୍କୁ ଏବଂ ନାଗରିକମାନଙ୍କ ମାଧ୍ୟମରେ ସାବଧାନତାର ସହିତ ଗୋଟିଏ ଗୋଟିଏ ପଦକ୍ଷେପ ଗ୍ରହଣ କରି ଆଗକୁ ଅଗ୍ରସର ହେବାକୁ ପଡ଼ିବ। ଏହି ଯାତ୍ରାରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପୁଞ୍ଜି ପ୍ରାଦ୍ୟୋଗିକୀ ଅଥବା ନୀତି ନୁହେଁ। ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ସେହି ହାରାହାରି ୩.୫ କୋଟି ପ୍ରଶିକ୍ଷିତ, ଉତ୍ସାହୀ ଏବଂ ନାଗରିକ କେନ୍ଦ୍ରିକ ସରକାରୀ କର୍ମଚାରୀମାନଙ୍କ କ୍ଷମତା ଯାହା ପ୍ରତିଦିନ ସକାଳୁ ଉଠି ଭାରତୀୟ ଶାସନ ସଞ୍ଚାଳନ କରିବାରେ ନିୟୋଜିତ ରହିଥାଆନ୍ତି।

ସ୍ୱାଧୀନ ଭାରତର ଇତିହାସରେ ଅଧିକତର ସମୟ କ୍ଷମତା ନିର୍ମାଣର ମଡେଲ ସଂଯୋଗିକ ରହିଛି। କୌଣସି ଜଣେ ଯୁବ ଅଧିକାରୀଙ୍କୁ ସେବାର ପ୍ରାରମ୍ଭିକ ଅବସ୍ଥାରେ ଔପଚାରିକ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିଲା। ପୁନଶ୍ଚ କ୍ୟାରିଅର ମଧ୍ୟରେ ଯେନ ତେନ ପ୍ରକାରେଣ ତାଙ୍କୁ କିଛି ପାଠ୍ୟକ୍ରମରେ ଅଂଶ ଗ୍ରହଣ କରିବାର ଅବସର ମିଳିପାରୁଥିଲା। ଅବଶିଷ୍ଟ ସମୟରେ ତାଙ୍କୁ କାର୍ଯ୍ୟ ସମ୍ପାଦନ କରି ଏବଂ ଅନ୍ୟମାନଙ୍କୁ ଦେଖି କିଛି ଶିକ୍ଷା ଲାଭ କରିବାକୁ ହେଉଥିଲା। ଏକ ସ୍ଥିର ଏବଂ ମନ୍ଥର ଗତିରେ ଆଗକୁ ବଢୁଥିବା ବିଶ୍ୱ ପାଇଁ ଏହା ପର୍ଯ୍ୟାପ୍ତ ଥିଲା। କିନ୍ତୁ କୃତ୍ରିମ ପ୍ରଜ୍ଞା, ଜଳବାୟୁ ପରିବର୍ତ୍ତନ, ଜନସଂଖ୍ୟାକ ଚାପ ଏବଂ ମାତ୍ରାଧିକ ପ୍ରାଦ୍ୟୋଗିକୀୟ।

ପରିବର୍ତ୍ତନ ଯୁଗରେ ଏହା କଦାପି ପର୍ଯ୍ୟାପ୍ତ ବୋଲି ବିବେଚନା କରାଯାଇ ନପାରେ। ପ୍ରଶାସନ ସମ୍ମୁଖରେ ସମସ୍ୟାଗୁଡ଼ିକ ଯେଉଁ ଗତିରେ ଆସିବାରେ ଲାଗିଛି, ତାହା ସାମ୍ନାରେ ପ୍ରଶିକ୍ଷଣର ପୁରୁଣା ପ୍ରଣାଳୀର ଗତି କଦାପି ତିଷ୍ଠି ରହିପାରିବ ନାହିଁ।

ତେଣୁ 'ମିଶନ କର୍ମଯୋଗୀ'କୁ ଏହି ଜରୁରୀ ସ୍ଥିତିର ସମାଧାନ କରିବା ନିମନ୍ତେ ଆରମ୍ଭ କରାଯାଇଛି। ୨୦୨୧ ମସିହାରେ ଆରମ୍ଭ କରାଯାଇଥିବା ଏହି ମିଶନ- ଯାହାକୁ ସେହି ବର୍ଷ ଏପ୍ରିଲ ମାସରେ ସ୍ଥାପିତ 'କ୍ଷମତା ନିର୍ମାଣ ଆୟୋଗ' ଦ୍ୱାରା ସଂସ୍ଥାଗତ ଭାବରେ ସଂଚାଳନ କରାଯାଇଥିଲା, ବାସ୍ତବପକ୍ଷେ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏହା ଆଗକୁ ବଢ଼ି ଚାଲିଛି। ଭାରତୀୟ ସିଭିଲ ସେବାଗୁଡ଼ିକର ଶିକ୍ଷଣର ସଂସ୍କୃତିକୁ, ସମୟାନ୍ତରେ ସେଥିରେ ହେବାକୁ ଥିବା ଏବଂ କେବଳ ନିୟମକୁ ପାଳନ ପର୍ଯ୍ୟନ୍ତ ସୀମିତ ପ୍ରକ୍ରିୟାରୁ ବଦଳାଇ, ଏକ ନିରନ୍ତର ଚଳନକ୍ଷମ, ଭୂମିକା -ଆଧାରିତ ଏବଂ ସ୍ୱୟଂ ନିର୍ଦ୍ଦେଶିତ ବିକାଶ ଯାତ୍ରାରେ ରୂପାନ୍ତରିତ କରିବା ହେଉଛି ଏହାର ଅସଲ ଉଦ୍ଦେଶ୍ୟ। ଆୟୋଗ ଯେପରି ଭାବରେ ଏହାର ବର୍ଣ୍ଣନା କରେ, ଏହା ପରିବର୍ତ୍ତନ 'କର୍ମଚାରୀ' - ଅର୍ଥାତ ନିୟମଗୁଡ଼ିକୁ ପାଳନ କରୁଥିବା ଏକ ପଦାଧିକାରୀଠାରୁ 'କର୍ମଯୋଗୀ'ରେ ପରିଣତ ହେବା ଦିଗରେ ଗତି ଅଟେ: ସେ ଏପରି ଜଣେ ଲୋକ ସେବକ ଯିଏ କୌଣସି ଉଦ୍ଦେଶ୍ୟ, ସେବା- ଭାବ ଏବଂ ଉତ୍କୃଷ୍ଟତା ଦ୍ୱାରା ହିଁ ପ୍ରେରିତ ହୋଇଥାଏ

ପାଞ୍ଚ ବର୍ଷ ପରେ, ଏହି ମାତ୍ରା ଅତ୍ୟନ୍ତ ଶିକ୍ଷାପ୍ରଦ ହୋଇପାରିଛି। 'ଆଇଗଟ' (ଇଣ୍ଟିଗ୍ରେଟେଡ୍ ଗଭର୍ଣ୍ଣମେଣ୍ଟ ଅନଲାଇନ ଟ୍ରେନିଂ) ପ୍ଲାଟଫର୍ମରେ ବର୍ତ୍ତମାନ ୧.୫ କୋଟିରୁ ଅଧିକ ସରକାରୀ ଅଧିକାରୀ ସକ୍ରିୟ ଶିକ୍ଷାର୍ଥୀ ଭାବରେ ଯୋଡ଼ି ହୋଇଛନ୍ତି- ଏହା ଏଭଳି ଏକ ସଂଖ୍ୟା, ଯାହା ପ୍ରାରମ୍ଭିକ ସମୟରେ ସମ୍ପୂର୍ଣ୍ଣ କାଳ୍ପନିକ ଲାଗୁଥିଲା। ୪,୬୦୦ରୁ ଅଧିକ ଯୋଗ୍ୟତା ଆଧାରିତ ପାଠ୍ୟକ୍ରମ ମାଧ୍ୟମରେ, ଏହିସବୁ ଅଧିକାରୀମାନେ ୮.୩ କୋଟିରୁ ଅଧିକ ପାଠ୍ୟକ୍ରମ ଏବେ ସୁଦ୍ଧା ସମ୍ପୂର୍ଣ୍ଣ କରିଛନ୍ତି। କେବଳ ଗତ ବର୍ଷ "ରାଷ୍ଟ୍ରୀୟ ଶିକ୍ଷଣ ସପ୍ତାହ" ଅବସରରେ, ଭାଗିଦାରୀର ପରିଣାମ ସ୍ୱରୂପ ୪.୫ ନିୟୁତ ଘଣ୍ଟାର ପାଠ୍ୟକ୍ରମ ନାମାଙ୍କନ ଏବଂ ୩.୮ ନିୟୁତ ଘଣ୍ଟାର ବାସ୍ତବିକ ଶିକ୍ଷା ଦରଜ କରାଯାଇଛି। ଏହା କେବଳ ଏକ ପ୍ରାଣହୀନ ପରି ସଂଖ୍ୟାନ ନୁହେଁ। ଦରଜ କରାଯା ଇଥିବା ପ୍ରତ୍ୟେକ ଘଣ୍ଟା। ଭାରତର କୌଣସି ନା କୌଣସି ଜଣେ ଲୋକ ସେବକଙ୍କ ପ୍ରତିନିଧି କରିଥାଏ - ଛତିଶଗଡ଼ର ଏକ ରାଜସ୍ୱ ନିରୀକ୍ଷକ, ପୁଣେରେ ଏକ ସହରାଞ୍ଚଳ ସ୍ଥାନୀୟ ପୌର ଅଧାରୀ, ମଣିପୁରରେ ଜଣେ ସ୍ୱାସ୍ଥ୍ୟ କାର୍ଯ୍ୟକର୍ତ୍ତା, ଏମାନେ ସମସ୍ତେ ନିଜର ସାଥୀ ନାଗରିକମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବା ନିମନ୍ତେ ନିଜର କ୍ଷମତାକୁ ବୃଦ୍ଧି କରିଛନ୍ତି।

ଯେଉଁ କଥା ଆଇଗଟ ପ୍ଲାଟଫର୍ମକୁ ବାସ୍ତବରେ ପରବର୍ତ୍ତନକାରୀ ବୋଲି ପ୍ରମାଣିତ କରେ, ତାହା କେବଳ ଏକ ଉପକ୍ରମ ନୁହେଁ, ବରଂ ଏହାର 'ପହଞ୍ଚର ସରଞ୍ଜନା' ଅଟେ। ଏହା ଯେକୌଣସି ସମୟ ଏବଂ ଯେକୌଣସି ସ୍ଥାନରେ, ସ୍ମାର୍ଟଫୋନ୍ କିମ୍ବା ଡେସ୍କଟପ୍‌ରେ, ଯେକୌଣସି ଭାଷାରେ ଉପଲବ୍ଧ ଅଟେ ଏବଂ ଏହା ଶିକ୍ଷାର୍ଥୀମାନଙ୍କ ପ୍ରଫେସନାଲ ପ୍ରୋଫାଇଲ ଅନୁସାରେ ହିଁ ପ୍ରସ୍ତୁତ କରାଯାଇଛି। ପାଠ୍ୟକ୍ରମକୁ ପ୍ରତି ତିନିରୁ ଛଅ ମାସରେ ହିଁ ଅପଡେଟ୍ କରାଯାଇଥାଏ, ଯାହା ଫଳରେ ଏହା ସୁନିଶ୍ଚିତ ହୋଇଥାଏ ଯେ ଶାସନରେ କୃତ୍ରିମ ପ୍ରଜ୍ଞା (ଏ.ଆଇ.) ଟୁଲ୍‌ର ଉପଯୋଗ କିପରି କରାଯିବ କିମ୍ବା ନୂତନ ଆର୍ଥିକ ନିୟମମାନଙ୍କୁ କିଭଳି ବୁଝାଯାଇ ପାରିବ। ଏହା ଫଳରେ ସମ୍ପର୍କିତ ସାମଗ୍ରୀ ବର୍ତ୍ତମାନ ଅଧିକ ପ୍ରାସଙ୍ଗିକ ହୋଇପାରିଛି। ଅନ୍ୟ ଭାଷାରେ କହିଲେ ଏହି ପ୍ଲାଟଫର୍ମ ଧୂଳି ଜମୁଥିବା କୌଣସି ଡିଜିଟାଲ ଲାଇବ୍ରେରୀ ନୁହେଁ, ବରଂ ଏହା ଶିକ୍ଷାଲାଭ କରିବାର ଏକ ଜୀବନ୍ତ ଏବଂ ଅନୁକୂଳ ଯୋଗ୍ୟ ବ୍ୟବସ୍ଥା। ଏହା ଉପରେ ବିଚାର କରାଯିବା ଆବଶ୍ୟକ ଯେ ଏକ ଆଦିବାସୀ ଅଧୁସିତ ଜିଲ୍ଲାର ଜଣେ ଜୁନିଅର ଅଙ୍ଗନୱାଡ଼ି କାର୍ଯ୍ୟକର୍ତ୍ତାଙ୍କ ନିମନ୍ତେ ଏହା କେତେ ମହତ୍ତ୍ୱ ବହନ କରେ, ଯାହା ତାଙ୍କ ନିଜ ଭାଷାରେ ବାଳ ପୋଷଣ ମୂଲ୍ୟାଙ୍କନର ନବୀନତମ ପ୍ରୋଟୋକଲକୁ ବୁଝାଇବାର ଏକ ମଡ୍ୟୁଲ ପ୍ରାପ୍ତ



ଡକ୍ଟର ଜିତେନ୍ଦ୍ର ସିଂହ

ହୋଇଥାଏ। ଏହାକୁ ନିଜ ବ୍ଲକରେ କୌଣସି ଜଣେ ପ୍ରଶିକ୍ଷକ ଆସିବାକୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଏହି ମଡ୍ୟୁଲ ମାଧ୍ୟମରେ ସେ ବର୍ତ୍ତମାନ ତାହା ନିଜେ ଶିଖି ପାରୁଛି ଏବଂ ତଦନୁସା ରେ କାର୍ଯ୍ୟ କରିପାରୁଛି। ଏହା ହେଉଛି ଏହି ମିଶନର 'ଲୋକତାନ୍ତ୍ରିକ ଲାଭାଂଶ'।

କ୍ଷମତା ନିର୍ମାଣ ଆୟୋଗ, ଏହି ତନ୍ତ୍ରର ରଣନୀତିକ ସଂରକ୍ଷକ ଭାବରେ, ଏକାସଙ୍ଗେ 'ବାସ୍ତୁକାର' ଏବଂ 'ସଞ୍ଚାଳକ' ଉଭୟର ଭୂମିକା ନିର୍ବାହ କରୁଛି। ରାଷ୍ଟ୍ରୀୟ ନୀତି ପ୍ରସ୍ତୁତ କରୁଥିବା ଜଣେ ସଚିବଙ୍କ ଠାରୁ ଆରମ୍ଭ କରି ଗ୍ରାମ୍ୟ ସ୍ତରରେ ସେହି ବ୍ୟବସ୍ଥାକୁ ଲାଗୁ କରୁଥିବା ଜଣେ ପଞ୍ଚାୟତ ପଦାଧିକାରୀଙ୍କ ପର୍ଯ୍ୟନ୍ତ ସଭିଏଁ ଏହାକୁ ଚିହ୍ନି ପାରିଛନ୍ତି ଯେ ସାର୍ବଜନୀନ ଭୂମିକାଗୁଡ଼ିକ ବ୍ୟାପକ କ୍ଷେତ୍ରରେ କେଉଁ ଯୋଗ୍ୟତାର ଆବଶ୍ୟକତା ଲୋଡ଼େ। ଏହା ସିଭିଲ ସେବା ପ୍ରଶିକ୍ଷଣ ସଂସ୍ଥାମାନଙ୍କ ନିମନ୍ତେ ରାଷ୍ଟ୍ରୀୟ ମାନକ ୨.୦ ଢାଞ୍ଚା ମାଧ୍ୟମରେ ଦେଶର ପ୍ରଶିକ୍ଷଣ ସଂସ୍ଥାମାନଙ୍କ ସକାଶେ ଗୁଣବତ୍ତା ମାନକ ନିର୍ଦ୍ଧାରଣ କରିଥାଏ, ଯାହା ଅଧୀନରେ ଦେଶବ୍ୟାପୀ ୨୦୦ରୁ ଅଧିକ ପ୍ରଶିକ୍ଷଣ ସଂସ୍ଥାନ ପୂର୍ବରୁ ହିଁ ଏହି ମାନ୍ୟତା ପ୍ରାପ୍ତ କରିସାରିଛନ୍ତି। ଏହା ରାଜ୍ୟମାନଙ୍କ ସହିତ ଉପଯୁକ୍ତ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରୁଛି। ସମସ୍ତ ୩୦ ଗୋଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶ ବର୍ତ୍ତମାନ ଔପଚାରିକ ବୁଝାମଣା ଜ୍ଞାପନ ମାଧ୍ୟମରେ ଏହା ସହିତ ଯୋଡ଼ି ହୋଇସାରିଛନ୍ତି ଯାହା ଫଳରେ ଏଭଳି ବିଶିଷ୍ଟ 'କ୍ଷମତା ନିର୍ମାଣ ଯୋଜନାମାନ' ପ୍ରସ୍ତୁତ କରାଯାଇ ପାରୁଛି ଯାହା କାର୍ଯ୍ୟବଳଙ୍କ ଦକ୍ଷତାକୁ ସଂଗଠନାତ୍ମକ ଲକ୍ଷ୍ୟମାନଙ୍କ ସହିତ ଯୋଡ଼ିବାକୁ ସକ୍ଷମ ହୋଇଛି। ରାଷ୍ଟ୍ରୀୟ କର୍ମଯୋଗୀ ଜନ ସେବା କାର୍ଯ୍ୟକ୍ରମ ଭଳି ଐତିହାସିକ ବ୍ୟବସ୍ଥା ମାଧ୍ୟମରେ, ଏହା ବର୍ତ୍ତମାନ ସୁଦ୍ଧା ଏକ ନିୟୁତରୁ ଅଧିକ ପ୍ରମାଣିତ ଅଧିକାରୀମାନଙ୍କୁ ବ୍ୟାପକ ମାତ୍ରାରେ ବ୍ୟବହାର ଉପଯୋଗୀ ପ୍ରଶିକ୍ଷଣ ପ୍ରଦାନ କରିଛି, ଯାହା ପ୍ରତ୍ୟେକ ନାଗରିକଙ୍କୁ ଅନ୍ତିମ ହିତଧାରକ ଭାବରେ ସ୍ୱୀକାର ପୂର୍ବକ ସୂକ୍ଷ୍ମ ଅଥଚ ମହତ୍ତ୍ୱପୂର୍ଣ୍ଣ କଳା ଭାବରେ ବିବେଚନା କରାଯାଉଛି। ମିଶନର ଏହି ଅନ୍ତିମ ଲକ୍ଷ୍ୟ ଉପରେ ବିଶେଷ ଧ୍ୟାନ ପ୍ରଦାନ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି, କାରଣ ଏହା ଏଭଳି ଏକ ପ୍ରସଙ୍ଗ ସମ୍ପର୍କିତ ଯାହା 'ପୂର୍ଣ୍ଣତା ପ୍ରମାଣପତ୍ର' କିମ୍ବା 'ଲଗ୍ କରାଯାଇଥିବା ଘଣ୍ଟା'ରେ ଅତି ସହଜରେ ମପାଯାଇ ପାରିବନାହିଁ। ମିଶନ କର୍ମଯୋଗୀର ସବୁଠାରୁ ଗଭୀରତମ ଆକାଂକ୍ଷାମାନଙ୍କ ମଧ୍ୟରୁ ଗୋଟିଏ ହେଲା - ଦୃଷ୍ଟିକୋଣରେ ପରିବର୍ତ୍ତନ। ଏହା ରାଷ୍ଟ୍ର ଏବଂ ନାଗରିକମାନଙ୍କ ମଧ୍ୟରେ ଏକ 'ଆଦାନ- ପ୍ରଦାନ' ସମ୍ବନ୍ଧ ଠାରୁ ଦୂରେଇଯାଇ 'ନାଗରିକ ଦେବା ଭବ'ର ଭାବନାକୁ ପରିଭାଷିତ ସମ୍ପର୍କିତ ହେବା ଦିଗରେ ଏକ ଆନ୍ଦୋଳନ ଅଟେ। ଅର୍ଥାତ, ନାଗରିକମାନେ ଈଶ୍ୱର ସଦୃଶ, ସେମାନେ ହିଁ ହେଉ ଛନ୍ତି ସର୍ବୋଚ୍ଚ ଅଧିକାରୀ ଯାହାଙ୍କ ପ୍ରତି ରାଷ୍ଟ୍ରର ସେବକ ସଦାବେଳେ ଉତ୍ତରଦାୟୀ ରହିବାକୁ ବାଧ୍ୟ। ଯେତେବେଳେ ରେଳବାଇ କାଉଣ୍ଟରମାନଙ୍କରେ, ରାଜସ୍ୱ କାର୍ଯ୍ୟାଳୟମାନଙ୍କରେ ଏବଂ ସ୍ୱାସ୍ଥ୍ୟସେବା କେନ୍ଦ୍ରମାନଙ୍କରେ ନାଗରିକ-କେନ୍ଦ୍ରିକ ଅଧିକାରୀମାନଙ୍କୁ ଏହିଭଳି ଆଚରଣ ପ୍ରଦର୍ଶନ ନିମନ୍ତେ ପ୍ରଶିକ୍ଷିତ କରାଯାଉଛି ଏବଂ ପରେ ନାଗରିକମାନଙ୍କର ସର୍ବେକ୍ଷଣ କରାଯାଇଥିଲା, ସେତେବେଳେ ସେମାନଙ୍କର ପ୍ରତିକ୍ରିୟା ଆଶ୍ଚର୍ଯ୍ୟଜନକ ଭାବରେ ଭିନ୍ନ ଥିଲା। ଅର୍ଥାତ୍, ନାଗରିକମାନେ ଏଭଳି ପରିବର୍ତ୍ତନକୁ ଉତ୍ତମ ରୂପେ ଅନୁଭବ କରିପାରିଥିଲେ। ତାହା କେବଳ ଦକ୍ଷତାରେ ନୁହେଁ, ବରଂ ବ୍ୟବହାରର ଆତ୍ମୀୟତା, ତତ୍ପରତା ଏବଂ କଥାବାର୍ତ୍ତାରେ ମାନବୀୟ ଗୁଣବତ୍ତାରେ ସୁଦ୍ଧା ଅନୁଭୂତ ହୋଇଥିଲା। ଆମେ ଏଭଳି ଏକ ଯୁଗରେ ପାଦ ଥାପିଛେ ଯେଉଁଠାରେ କୃତ୍ରିମ ପ୍ରଜ୍ଞା ପ୍ରଶାସନିକ କାର୍ଯ୍ୟମାନଙ୍କରେ ବ୍ୟାପକ ମାତ୍ରାରେ ସ୍ୱଚାଳିତ କରିବାର ଏକ ଅଗ୍ନିପରୀକ୍ଷା ଭାବରେ ଉଭା ହୋଇଛି। ଏହା ମାନବୀୟ ଦୃଷ୍ଟିଭଙ୍ଗୀ, ଯାହା ସହାନୁଭୂତିପୂର୍ଣ୍ଣ, ସାଂସ୍କୃତିକ ରୂପରେ ସଚେତନତା ବୃଦ୍ଧି ଏବଂ ସ୍ଥାନୀୟ ପରମ୍ପରା ସହିତ ଜଡ଼ିତ କୌଣସି ନିଷ୍ଫଳ ବସ୍ତୁ ନୁହେଁ, ବରଂ ଭାରତର ଶାସନର ସର୍ବୋଚ୍ଚ ଶକ୍ତି ଅଟେ।

ଏହି ମିଶନ ନିଜର ପ୍ରଯୁକ୍ତିକ ମହତ୍ୱାକାଂକ୍ଷାଗୁଡ଼ିକ ସହିତ ଭାରତର ବୌଦ୍ଧିକ ପରମ୍ପରାକୁ ସମ୍ମାନ ପ୍ରଦର୍ଶନ ପ୍ରତି ସଚେତନ ରହିବାର ଏକ ଅଭିନବ ପ୍ରୟାସ। 'ଭାରତୀୟ ଜ୍ଞାନ ପ୍ରଣାଳୀ ପ୍ରକୋଷ୍ଠ' ମାଧ୍ୟମରେ, ପାରମ୍ପରିକ ଜ୍ଞାନ, ଯାହା ମାଧ୍ୟମରେ ସାର୍ବଜନୀନ ଶାସନ ଏବଂ କୃଷି ଠାରୁ ଆରମ୍ଭ କରି ଅର୍ଥ ଏବଂ ସ୍ୱାସ୍ଥ୍ୟ ସେବା ପର୍ଯ୍ୟନ୍ତ କ୍ଷେତ୍ର ସାମିଲ ରହିଛି। ସେସବୁକୁ ପ୍ରଶିକ୍ଷଣ ସାମଗ୍ରୀର ସାଧନରେ ସୁସଜ୍ଜିତ କରାଯାଉଛି; ଏହା ଫଳରେ କେବଳ ଅତୀତର ସ୍ମରଣ ଭାବରେ ନୁହେଁ, ବରଂ ଏକ ଜୀବନ୍ତ ଜ୍ଞାନ ଭାବରେ ପ୍ରସ୍ତୁତ କରାଯିବାର ପ୍ରୟାସ ଜାରି ରହିଛି। 'ଅମୃତ ଜ୍ଞାନ କୋଷ' ଭଣ୍ଡାର, ଯେଉଁଥିରେ ୭୦ରୁ ଅଧିକ ପୂର୍ଣ୍ଣ କେସ୍ ଷ୍ଟଡ଼ି ସାମିଲ ରହିଛି, ଶାସନ- ପ୍ରଶାସନ ସହିତ ଜଡ଼ିତ ଏଭଳି ଜ୍ଞାନର ଏକ ସଂଗ୍ରହ ପ୍ରସ୍ତୁତ କରାଯାଇଛି, ଯାହାର ଚେର ଭାରତୀୟ ପ୍ରସଙ୍ଗ ଏବଂ ଭାରତୀୟ ସମାଧାନ ପ୍ରକ୍ରିୟା ସହିତ ନିହିତ ଅଟେ। ପ୍ରଶାସନିକ ମାନସିକତାର ଏହି 'ବି- ଔପନିବେଶୀକରଣ', ଯାହା ଅଧୀନରେ ଭାରତୀୟ ଲୋକ ସେବକମାନଙ୍କୁ ଆଧୁନିକ ସମସ୍ୟାବଳୀର ସାମ୍ନା କରିବାର ଉପାୟ ଏବଂ ଯୋଗ୍ୟତା ପ୍ରଦାନ କରାଯାଉଛି। ଏଥି ସହିତ ସଭ୍ୟତାଗତ ଐତିହ୍ୟ ସଙ୍ଗେ ସଙ୍ଗେ ଆତ୍ମବିଶ୍ୱାସପୂର୍ଣ୍ଣ ସମ୍ପର୍କ ସ୍ଥାପନ କରି ଲୋକମାନଙ୍କୁ ଏହାର ସୁଫଳ ଲେଉଟାଇ ଦିଆଯାଉଛି। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ଆକାଂକ୍ଷାମାନଙ୍କ ମଧ୍ୟରୁ ଗୋଟିଏ ଏବଂ 'ମିଶନ କର୍ମଯୋଗୀ' ଏହି ଆକାଂକ୍ଷାକୁ ସାକାର ରୂପ ପ୍ରଦାନ କରୁଛି।

'ସାଧନା' ସପ୍ତାହ ଏପ୍ରିଲ ୨ଠାରୁ ୮ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଏକ ରାଷ୍ଟ୍ରୀୟ ଶିକ୍ଷଣ ସପ୍ତାହ- ଏହି ପାଞ୍ଚ ବର୍ଷର ଯାତ୍ରାର ଉତ୍ସବ ଏବଂ ଏହାର ଅଧୁରା କାର୍ଯ୍ୟଗୁଡ଼ିକୁ ସଂପାଦନ ସହିତ ଏଥିପ୍ରତି ପୁନଃ ସଂକଳ୍ପ ପ୍ରଦାନ କରିବାର ଏକ ଅବସର। 'ସାଧନା' ଶବ୍ଦ ଏଠାରେ ଅତ୍ୟନ୍ତ ଉପଯୁକ୍ତ ମନେହୁଏ। ଏହାର ଅର୍ଥ ହେଉଛି ସମର୍ପିତ ଅଭ୍ୟାସ, ଏଭଳି ଜଣେ ବ୍ୟକ୍ତିଙ୍କ ଅନୁଶାସିତ ଦୈନିକ ପ୍ରୟାସ ଯାହା କୌଣସି ଏକ ଅସାଧାରଣ କାର୍ଯ୍ୟ ମାଧ୍ୟମରେ ନୁହେଁ, ବରଂ ନିଜର କୌଶଳ ପ୍ରତି ନିରନ୍ତର ସମର୍ପଣ ଭାବ ପ୍ରଦର୍ଶନ ମାଧ୍ୟମରେ ନିପୁଣତା ପ୍ରାପ୍ତ କରିବାର ଆକାଂକ୍ଷା। ଯେପରି ଆମେ ସିଭିଲ ସେବା ପ୍ରଶିକ୍ଷଣ ସଂସ୍ଥାନମାନଙ୍କର ଏକ 'ରାଷ୍ଟ୍ରୀୟ ସମ୍ମେଳନ' ସହିତ ଏହି ସପ୍ତାହର ଉଦ୍‌ଘାଟନ କରୁଛେ, ଯେଉଁଥିରେ ହାରାହାରି ୭୦୦ ବରିଷ୍ଠ ଅଧିକାରୀ ବ୍ୟକ୍ତିଗତ ଭାବରେ ଏବଂ ୩,୦୦୦ରୁ ଅଧିକ ଅଧିକାରୀ ଭର୍ଚୁଆଲ ମାଧ୍ୟମରେ ଏଥିରେ ସାମିଲ ହେଉଛନ୍ତି, ଆମେ ଏହାକୁ କେବଳ ଏକ ବର୍ଷପୂର୍ତ୍ତି ଉତ୍ସବ ଭାବରେ ମନାଇବାକୁ ଚାହୁଁନା। ଆମେ ଆଗାମୀ ପାଞ୍ଚ ବର୍ଷ ନିମନ୍ତେ ନିଜର ଲକ୍ଷ୍ୟ ନିର୍ଦ୍ଧାରଣ ମଧ୍ୟ କରୁଛୁ- ଏକ ଏଭଳି ଭବିଷ୍ୟତ ଦିଗରେ ଆମେ ଅଗ୍ରସର ହେବାକୁ ଚାହୁଁ, ଯେଉଁଥିରେ ପ୍ରତ୍ୟେକ ସ୍ତରରେ ପ୍ରତ୍ୟେକ ସିଭିଲ ସେବକ ନିରନ୍ତର ଶିକ୍ଷାଲାଭ କରୁଥିବା, ଜଣେ 'ନାଗରିକ- ଚାମ୍ପିଅନ' ଏବଂ ଭାରତର ଆକାଂକ୍ଷାମାନଙ୍କର ଜଣେ ଜଣେ ଆତ୍ମବିଶ୍ୱାସୀ ସଂରକ୍ଷକରେ ପରିଣତ ହୋଇପାରିବେ।

ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ - ସାର୍ବଜନୀନ ସ୍ୱାସ୍ଥ୍ୟ କଭରେଜ୍‌ଠାରୁ ଆରମ୍ଭ କରି ଶୂନ୍ୟ ନିଟ୍ ନିର୍ଗମନ ପ୍ରତି ପ୍ରତିବଦ୍ଧତା, ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମିରୁ ବିଶ୍ୱ ଉତ୍ପାଦନ ନେତୃତ୍ୱ ପର୍ଯ୍ୟନ୍ତ - କେବଳ ନୀତି ମାଧ୍ୟମରେ ହାସଲ କରାଯିବ ନାହିଁ। ଏହା ଲୋକମାନଙ୍କ ମାଧ୍ୟମରେ ହାସଲ କରାଯିବ: ଜିଲ୍ଲା ଅଧିକାରୀ ଯିଏ ଯୋଜନାକୁ ସଠିକ୍ ଭାବରେ ବୁଝିପାରିବେ ଏବଂ ଏହାକୁ ଅତ୍ୟନ୍ତ ସଠିକତାର ସହିତ କାର୍ଯ୍ୟକାରୀ କରିପାରିବେ; ନଗର ଯୋଜନାକାରୀ ଯିଏ ସ୍ଥାନିୟ ତଥ୍ୟ ଉପକରଣ ବ୍ୟବହାର କରିପାରିବେ; ଆଗଧାଡ଼ିର ସ୍ୱାସ୍ଥ୍ୟ କର୍ମୀ ଯିଏ ଜନସ୍ୱାସ୍ଥ୍ୟ ସତର୍କତାକୁ ଏପରି ଭାବରେ ଯୋଗାଯୋଗ କରନ୍ତି ଯେପରି ସେମାନଙ୍କ ସମ୍ପ୍ରଦାୟ ବିଶ୍ୱାସ କରେ।ମିଶନ୍ କର୍ମଯୋଗୀ କେବଳ ଆସନ୍ତାକାଲି ପାଇଁ ନୁହେଁ, ବରଂ ଆଗାମୀ ଦଶନ୍ଧି ପାଇଁ ସେହି ଦଳ ନିର୍ମାଣ କରୁଛି।

ଭାରତର ଶାସନ ବ୍ୟବସ୍ଥାର ଦୀର୍ଘ ଏବଂ ଉଜ୍ଜ୍ୱଳ ଯାତ୍ରାରେ, ଏହା ହୁଏତ ସେହି ଅଧ୍ୟାୟ ଯେଉଁଥିରେ ଶାସନ ଶେଷରେ 'ଶିକ୍ଷାଲାଭ' ଶିକ୍ଷା କରିଛି।

**(ଲେଖକ କେନ୍ଦ୍ର ସରକାରରେ ବିଜ୍ଞାନ ଏବଂ ପ୍ରଯୁକ୍ତି ଏବଂ ଭୂବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ତଥା ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ, ପରମାଣୁ ଶକ୍ତି ବିଭାଗ, ମହାକାଶ ବିଭାଗ ଏବଂ କାର୍ମିକ, ଜନ ଅଭିଯୋଗ ଏବଂ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଅଛନ୍ତି।)**

ନିତିଦିନ NITIDIN



## ଉତ୍କଳ ଦିବସ ସମାରୋହ ଓ ସାଲେପୁର ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# 'ମଧୁବାବୁ ପ୍ରତ୍ୟେକ ଓଡ଼ିଆ ଯୁବକଙ୍କ ଆଦର୍ଶ ହେବା ଉଚିତ୍'

**ସାଲେପୁର,୫।୪/ଏନ୍‌ଏନ୍‌ଏସ୍:** ସାଲେପୁର ମଧୁସ୍ମୃତି ପରିଷଦ ପକ୍ଷରୁ ଉତ୍କଳ ଦିବସ ସମାରୋହ ଓ ସାଲେପୁର ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ଚାରଣ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ବରିଷ୍ଠ ଉପସଭାପତି ପ୍ରତାପ ଜେନା, ସମ୍ମାନିତ ଅତିଥିଭାବେ ଦଶପଲ୍ଲାର ବିଧାୟକ ରମେଶ ବେହେରା ଯୋଗ ଦେଇ କୁଳବୃଦ୍ଧ ମଧୁସୂଦନ ପ୍ରତ୍ୟେକ ଓଡ଼ିଆ ଯୁବକଙ୍କ ଆଦର୍ଶ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ରଘୁନାଥ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ସଦର ବ୍ଲକ ପୂର୍ବତନ ଅଧ୍ୟକ୍ଷ ସତ୍ୟ ଜେନା ଯୋଗଦେଇ ମଧୁବାବୁଙ୍କ ସ୍ମୃତି ଚାରଣ କରିଥିଲେ। ସାଲେପୁର ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ




କରିଥିବା ବେଳେ ବିରଞ୍ଚି ନାରାୟଣ କର ମଞ୍ଚ ପରିଚାଳନା କରିଥିଲେ। ମଧୁସ୍ମୃତି ପରିଷଦ ପକ୍ଷରୁ ମଞ୍ଚାସୀନ ଅତିଥି ଓ ସାଲେପୁର ବ୍ଲକ ବିଭିନ୍ନ ପଂଚାୟତ ଜନପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଶାର ସୁନାମ ଧନ୍ୟ କଣ୍ଠଶିଳ୍ପୀ ରୁପକୁସୁନାଙ୍କ ସଂଗୀତ କାର୍ଯ୍ୟକ୍ରମରେ ହଜାର ହଜାର ଦର୍ଶକେ ମନ୍ତ୍ରମୁଗ୍ଧ ହୋଇଥିଲେ। ମହୋତ୍ସବ ପଡ଼ିଥିବା ଓରମାସ, ମିଶନଶକ୍ତି ଓ ବିଭିନ୍ନ ଖାଦ୍ୟ ଷ୍ଟଲ ଗୁଡିକରେ ପ୍ରବଳ ଜନ ସମାଗମ ପରିଲକ୍ଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଞ୍ଜିତ ଦାଶ, ଗୁଲରେଜ ଅଲ୍ଲୀ, ଶୁଭମ ଦାଶ, ସେକ ସମିମ ଅକ୍ତର, ରାଜେଶ ମହାନ୍ତି, ଅଶ୍ୱିନୀ ଦାସ, ମୁନା ପରିଡା, ସମ୍ମିତ ପଟ୍ଟ ନାୟକ, ସୁମନ ନାୟକ, କମଳାକାନ୍ତ ସେଠୀ, ଲିପକ ଜେନା, ସଞ୍ଜୟ ବେହୁରା, ପବିତ୍ର ସାମଲ, ବିନୋଦ ସାମଲ, ବିଜୟ ପୃଷ୍ଟି, ଅଶ୍ୱିନୀ ଭୂୟାଁଙ୍କ ସମେତ ମଧୁସ୍ମୃତି ପରିଷଦର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ପରିଚାଳନା କରିଥିଲେ।

## ରାମଲୀଳାର ଦଶମ ସନ୍ଧ୍ୟାରେ ଶ୍ରୀରାମ-ହନୁମାନ ଭେଟ, ସେତୁବନ୍ଧ ପ୍ରତିଷ୍ଠା



**ମୁଣ୍ଡମୁହାଣ,୫।୪/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ଐତିହାସିକ ରାମ ନାଟକ ଶ୍ରୀ ଶ୍ରୀ ରଘୁନାଥ ଦେବ ନାଟ୍ୟ ପରିଷଦ ପକ୍ଷରୁ ପରିବେଷଣ ହୋଇଛି। ନାଟକର ଦଶମ ସନ୍ଧ୍ୟାରେ ଶ୍ରୀରାମ ହନୁମାନ ଭେଟ, ସେତୁବନ୍ଧ ପ୍ରତିଷ୍ଠା ଓ ବିଭୀଷଣ ଶରଣ ନାଟକ ପରିବେଷିତ ହୋଇଯାଇଛି। ଏହି ନାଟକ ରଚୟିତା ହେଉଛନ୍ତି ସ୍ୱର୍ଗତ ପ୍ରଭାକର ମହାପାତ୍ର। ଏହାକୁ ନିର୍ଦ୍ଦେଶନା ଦେଇଛନ୍ତି ମହେନ୍ଦ୍ର ପରିଡା, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ରଘୁନାଥ ମହାରଣା। ନାଟକରେ ଆଜି ପ୍ରଭୁ ହନୁମାନ ଲଙ୍କାରୁ ଫେରିଲା ପରେ କିପରି ସୈନ୍ୟ ସାମନ୍ତ ଯୁଦ୍ଧ ପାଇଁ ସାତ ସମୁଦ୍ର ପାରି ହୋଇ ଯିବେ ସେଥିପାଇଁ ସେତୁବନ୍ଧ ପ୍ରତିଷ୍ଠା ହୋଇଥିଲା। ସେହିପରି ବିଭୀଷଣ ଠିକ୍ ନ୍ୟାୟ କଥା କହି ରାଜଦ୍ରୋହୀ ହୋଇଥିବାରୁ ରାବଣକୁ ବହିଷ୍କୃତ କରିଥିଲେ। ଫଳରେ ସେ ପ୍ରଭୁ ଶ୍ରୀରାମଙ୍କ ଶରଣ ନେଇଥିଲେ। ନାଟକ ବିଭିନ୍ନ ଭୂମିକାରେ ଭରତ ବାରିକ(ରାମ), ଶିବ ମଙ୍ଗରାଜ(ଲକ୍ଷ୍ମଣ), ମୁରଲୀଧର ପ୍ରଧାନ(ସୀତା), ଶଙ୍କର୍ଷଣ ମଙ୍ଗରାଜ(ହନୁମାନ), ଦାଶରଥି ସ୍ୱାଇଁ(ବି ଭୀକ୍ଷଣ), ସୁନୀଲ୍ ମଙ୍ଗରାଜ(ସୁଗ୍ରୀବ), ସନ୍ତୋଷ ପ୍ରଧାନ(ରାବଣ), ସଞ୍ଜୟ ପରିଡା (ମନ୍ଦୋଦରୀ), ଗୁରୁ ପ୍ରସାଦ ମଙ୍ଗରାଜ (ମୂଷିକ ରାଜ) ପ୍ରମୁଖ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ଚୈତ୍ର ପୂର୍ଣ୍ଣିମା ଉତ୍ସବ ଉଦ୍‌ଯାପିତ



**କଣ୍ଟାପଡ଼ା,୫।୪/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକ୍ ଅନ୍ତର୍ଗତ କଣ୍ଟାପଡା ଗ୍ରାମରେ ଶ୍ରୀ ଶ୍ରୀ ଗଡେଶ୍ୱର ମହାଦେବଙ୍କ ପ୍ରାଙ୍ଗଣ ପରିସରରେ ଆଜି କୈବର୍ତ୍ତ ସମାଜର ଆରାଧ୍ୟ ଦେବୀ ମା ଆଶ୍ୱିନୀ ବାସେଲୀଙ୍କ ଶ୍ରେଷ୍ଠ ଉତ୍ସବ ଚଇତି ପରବ ଆଜି ଆନୁଷ୍ଠାନିକ ଭାବରେ ଉଦ୍‌ଯାପନ ହୋଇଛି। ଉତ୍ସବରେ କୈବର୍ତ୍ତ ସମାଜର ସଭାପତି ତଥା ସମାଜସେବୀ ବେଣୁଧର ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲାବେଳେ ସମ୍ମାନିତ ଅତିଥି ଭାବରେ ବାଗଲପୁର ଗ୍ରାମପଞ୍ଚାୟତର ପ୍ରାକ୍ତନ ସରପଞ୍ଚ କିଶୋରଚନ୍ଦ୍ର ରାଉତରାୟ, ମୁଖ୍ୟବକ୍ତା ଭାବରେ କୈବର୍ତ୍ତ ସମାଜର ପ୍ରାକ୍ତନ ସଭାପତି ତଥା ଅଞ୍ଚଳର ଜଣାଶୁଣା ଶିକ୍ଷାବିତ ସୂର୍ଯ୍ୟମଣୀ ବେହେରା, ଅନ୍ୟତମ ଅତିଥି ଭାବରେ କଣ୍ଟାପଡ଼ା ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପଦ୍ମଲାଭ ମହାନ୍ତି, ସଂପାଦକ ଫନୀ ଭୂଷଣ ମହାନ୍ତି, ଅନ୍ୟତମ ଅତିଥି ଭାବରେ କ୍ଷେତ୍ରମୋହନ ବେହେରା ପ୍ରମୁଖ ମଞ୍ଚାସୀନଥିଲେ। ବାବଜାଗ୍ରାମର ଗୋପାଳଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଚିତ୍ତାକର୍ଷକ ଲଉଡ଼ି ଖେଳ ଉପସ୍ଥିତ ଅତିଥି ଓ ଦର୍ଶକଙ୍କୁ ଭାବ ବିହ୍ୱଳ କରିଥିଲା। ସମସ୍ତ ୨୨ଜଣ ଲଉଡି କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୈବର୍ତ୍ତ ଜାତି ପ୍ରତି ସମର୍ପୀତ ମନୋଭାବ ଓ ସହଭାଗୀତା ହେତୁ ଲକ୍ଷ୍ମୀଧର ବେହେରାଙ୍କୁ କୈବର୍ତ୍ତ ଜାତିର ମଉଡ଼ମଣି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରିଶେଷରେ ଯୁବ ପ୍ରତିଭା ବିପିନ କୁମାର ବେହେରାଙ୍କୁ ଅତିଥିମାନେ ଶ୍ରେଷ୍ଠ କୈବର୍ତ୍ତ ବିଜ୍ଞାନୀ ଭାବରେ ସମ୍ବର୍ଦ୍ଧିତ କରିଥିଲେ।

## ମେଡିକାଲ୍ ଛକରୁ ମୁଖ୍ୟବଜାର ବାସିନ୍ଦାଙ୍କୁ ପାନୀୟଜଳ ଯୋଗାଣ ଦାବି

**କଣ୍ଟିଲୋ,୫।୪/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କ ପୀଠର ମେଡିକାଲ ଛକ ଠାରୁ ମୁଖ୍ୟବଜାର ଯାତ୍ରା ପଦା ପର୍ଯ୍ୟନ୍ତ ମହାନଦୀର ପାନୀୟ ଜଳ ଯୋଗାଇଦେବାକୁ ଦାବି ହେଉଛି। ସୂଚନାରୁ ପ୍ରକାଶ ଯେ, ୪୮ନଂ ରାଜ୍ୟ ରାଜ ପଥ ଉପରେ ଥିବା କଣ୍ଟିଲୋ ମେଡିକାଲ ଛକ ଠାରୁ ମୁଖ୍ୟ ବଜାର ଯାତ୍ରା ପଦା ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣର ପାଇପ ଲାଇନ ନଥିବାରୁ ଉଭୟ ପାର୍ଶ୍ୱରେ ରହୁଥିବା ସ୍ଥାୟୀ ବାସିନ୍ଦା ଓ ବ୍ୟବସାୟୀମାନେ ପାନୀୟ ଜଳରୁ ବଞ୍ଚିତ ହୋଇ ବହୁ ହଇରାଣ ଓ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏପଟେ ମେଡିକାଲ ଛକ ନିକଟସ୍ଥ ନଡ଼ିଆ ପୋଖରୀ ଠାରୁ ହାଇ ସ୍କୁଲ ଦେଇ ପଲ୍ଟନ ପଡ଼ିଆ ପର୍ଯ୍ୟନ୍ତ ପାଇପ ଲାଇନ ସଂଯୋଗ ହୋଇଥିଲା ବେଳେ, ନଡ଼ିଆ ପୋଖରୀ ଠାରୁ ମୁଖ୍ୟ ବଜାରକୁ ସଂଯୋଗ ନାହିଁ। ସ୍ଥାନୀୟ ସରପଞ୍ଚଙ୍କ ମତାମତ ନେବାରେ ଜଣାଗଲା ଯେ, ଏହା ମେଗା ପ୍ରୋଜେକ୍ଟ କରିବା ପାଇଁ ପ୍ରସ୍ତାବ ହୋଇଛି। ବର୍ତ୍ତମାନ ସ୍ଥିତିରେ ଆବଶ୍ୟକ ଅର୍ଥ ପଞ୍ଚାୟତ ପାଖରେ ନାହିଁ। ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଲାଷ ମହାଶୟଙ୍କ ମତାମତା ନେବାରେ ଉତ୍ତର ମିଳିଲା ମେଗା ପ୍ରୋଜେକ୍ଟରେ ଏହା ହେବ, କିନ୍ତୁ ଦାୟିତ୍ୱରେ ଥିବା ସଂସ୍ଥା ଡିସେମ୍ବର୨୦୨୬ ସୁଦ୍ଧା କମ୍ପ୍ଲିଟ କରିବ ବୋଲି ପ୍ରତିଶ୍ରୁତି ଦେଇଛି। ସେ ଯାହା ହେଉ, ବର୍ତ୍ତମାନ ଏହି ଗ୍ରୀଷ୍ମଋତୁ ତଥା ଭୀଷଣ ରୌଦ୍ରତାପ ସମୟେ ଏଠାରେ ବସବାସ କରୁଥିବା ଏବଂ ବ୍ୟବସାୟ କରୁଥିବା ବ୍ୟକ୍ତିମାନଙ୍କ ପାଇଁ କଣ୍ଟିଲୋ ସରପଞ୍ଚ ଓ ଖଣ୍ଡପଡ଼ା ବିଡିଓ ଯଥାଶୀଘ୍ର ମହାନଦୀ ପାନୀୟ ଜଳ ଯୋଗାଇଦେବାକୁ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ସେହି ଅଞ୍ଚଳର ବ୍ୟକ୍ତିମାନେ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ରଘୁ-ଦିବାକରଙ୍କ ୮୬ତମ ତିରୋଧାନ ଦିବସ



**ନୟାଗଡ଼,୫।୪/ଏନ୍‌ଏନ୍‌ଏସ୍:** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଶହୀଦ ଦିବସ ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ବିଧାୟକ ଖଣ୍ଡପଡ଼ା ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷ ନିରୁପମା ଖଟେଇ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ/ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତିରଞ୍ଜନ ସାମନ୍ତରାୟ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରେ ରଘୁ-ଦିବାକର ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବାଚସ୍ପତି ନୟାଗଡ଼ ଜିଲ୍ଲାର ବିକାଶଧାରାକୁ କିପରି ତ୍ୱରାନ୍ୱିତ କରାଯାଇପାରିବ ସେ ବିଷୟରେ ବକ୍ତବ୍ୟରେ ରଖିଥିଲେ। ଟ୍ରାଫିକ୍ ଗୋଲେଇଛକରେ ଟ୍ରାଫିକ ପୋଷ୍ଟ ଲଗାଯିବା ପାଇଁ ପ୍ରସ୍ତାବ ରଖିଥିଲେ। ବିଧାୟକ ନୟାଗଡ଼ ସହରରେ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ପ୍ରସ୍ତାବ ରଖିଥିଲେ।

## ଶିକ୍ଷାବିତ୍‌ଙ୍କ ପଞ୍ଚମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା

**ମାହାଙ୍ଗା,୫।୪/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଣୀଯୋରୀ ସ୍ଥିତ ସହିଦ ଭବନରେ ଶିକ୍ଷାବିତ ରବୀନ୍ଦ୍ର କୁମାର ସାହୁଙ୍କ ପଞ୍ଚମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ସଂସଦର ଆବାହକ ନଳିନୀକାନ୍ତ ନାୟକଙ୍କ ଆବହକତ୍ୱରେ ମାହାଙ୍ଗା କଂଗ୍ରେସ ନେତା ତଥା ଆଗାମୀ ଶତାବ୍ଦୀ ପତ୍ରିକାର ସଂପାଦକ ସେକ ମସୁଦ ଅଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥିଭାବେ କଳାବିକାଶ କେନ୍ଦ୍ର କଟକର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ଯୋଗଦେଇ ରବି ସାରଙ୍କ ପ୍ରତି ତାଙ୍କର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ନୀତି ଆଦର୍ଶ ଓ ମାହାଙ୍ଗାର ବିକାଶରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡଃ ଏକାଦଶୀ ପ୍ରଧାନ, ଶିକ୍ଷାବିତ ପ୍ରଫୁଲ୍ଲ କୁମାର ସାହୁ,ଡଃ ଭାବଗ୍ରାହୀ ରାଉତ,ସାମ୍ବାଦିକ ଅଖିଳେଶ ପଦ ମହାନ୍ତି, ସ୍ମୃତି ସଂସଦର ସଭାପତି ଅରକ୍ଷିତ ପ୍ରଧାନ, ମାହାଙ୍ଗା ବ୍ଲକ କଂଗ୍ରେସ କମିଟିର ସଭାପତି ଆଇନଜିବୀ ଦୀପକ କୁମାର ମହାନ୍ତି,ପଣ୍ଡିତ ପ୍ରଭାତ କର, ସଂଗ୍ରାମ ସାମଲ,କଟକ ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସଂପାଦକ ସୌକତ ଅଲି, ଶିକ୍ଷାବିତ ରାଜକିଶୋର ଜେନା, ଅକ୍ଷୟ କୁମାର ରାୟ ଚୌଧୁରୀ, ଶିକ୍ଷାବିତ ପ୍ରଦ୍ୟୁମ୍ନ ବାରିକ, ଜାନକୀ ବଲ୍ଲଭ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ନାୟକ, ସାମ୍ବାଦିକ ବିଜୟ କୁଅଁର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଟକ ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସଂପାଦକ ସୁକାନ୍ତ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ନଳିନୀକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସ୍ମୃତି ଦିବସରେ ପଞ୍ଚାୟତ ନୋଡାଲ ହାଇସ୍କୁଲର ପଞ୍ଚମ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ୨୫-୨୬ ଶିକ୍ଷାବର୍ଷର ପ୍ରଥମ ସ୍ଥାନ ଅଧିକାରେ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱାଗତ ସଂଗୀତ ଗାନ କରିଥିବା ଛାତ୍ରୀ ଉଷାରାଣୀ ଦାସ, ଶୁଭସ୍ମିତା ବେହେରା, ସଂଯୋଜକ ସରୋଜ ସାହୁ ଓ ତବଲା ବାଦକ ରବୀନ୍ଦ୍ର କୁମାର ବେହେରାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ କ୍ଷୀରୋଦ ସାହୁ, ରମେଶ ସାହୁ,ରବୀନ୍ଦ୍ର ବେହେରା, ଧରଣୀଧର ସାହୁ, ରତ୍ନାକର ସାହୁ, ଭ୍ରମରବର ଦାସ, ମନୋଜ ସାହୁ, କୈବଲ୍ୟ ମହାନ୍ତି, ରବି ନାରାୟଣ ସାହୁ, ବିଦ୍ୟାଧର ବେହେରା, ଦୀପକ ନାୟକ, ସେକ ଜାବୀର, ପ୍ରତାପ ନାୟକ ଓ ବଳରାମ ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ।

## ଦିବାରାତ୍ରି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ

**ନୟାହାଟ,୫।୪/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ରଙ୍ଗତୋଟା ଗ୍ରାମରେ ହବିବ୍ କ୍ରିକେଟ୍ କ୍ଲବ୍ ପକ୍ଷରୁ ୧୦ମ ବାର୍ଷିକ ଉତ୍ସବ ଶନିବାର ରାତିରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଓ ସମାଜସେବୀ ଅଭିମନ୍ୟୁ ସିଂହ ଫିତା କାଟି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରୀ ସିଂହ ଖେଳ ଦ୍ୱାରା ଭାଇଚାରା ସୃଷ୍ଟି ହୋଇଥାଏ ଓ ଶରୀର ସୁସ୍ଥ ରହିଥାଏବୋଲି ମତବ୍ୟକ୍ତ କରିଥିଲେ। ୪ ଓ ୫ ଦୁଇ ଦିନ ଧରି ଏଠାରେ ଖେଳ ଅନୁଷ୍ଠିତ ହେବ ଏଥିରେ ୧୨ଟି ଦଳ ଅଂଗ୍ରହଣ କରିବେ। ୮ଓଭର ବିଶିଷ୍ଟ ମ୍ୟାଚ୍ ଖେଳାଯିବ। ମଞ୍ଚାସୀନ ଅତିଥି ଭାବେ ନାୟବ ସରପଞ୍ଚ ଅଶୋକ ସାହୁ, ଧୁମାଳ ପଞ୍ଚାୟତର ସଭାପତି ଦିଲ୍ଲୀପ ରାୟ, ସମ୍ ସୁଲ୍ ଅର୍ଫିନ, ରଙ୍ଗତୋଟା ଗ୍ରାମ ସଭାପତି ଗୋଲାମ ମୁସ୍ତଫା, ଶେଖ୍




ସିକନ୍, ସେକ୍ ବେଲାଲ ଉପସ୍ଥିତ ଥିଲେ। ଏଥିରେ ମହଦେବସ୍ତ ଓ ଓଡ଼ଗାଁ ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳ ଅନୁଷ୍ଠିତ ହୋଇଥିଲା। ବିଜେତାଙ୍କୁ ୧୮ହଜାର ଓ ରନର୍ସଅପ୍‌ଙ୍କୁ ୧୦ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବାଇକ୍ ଓ ଧାନକଳରେ ନିଆଁ ଲଗାଇଦେଲେ

**ଟାଙ୍ଗୀ,୫।୪/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଥାନା ଅନ୍ତର୍ଗତ ଭଟିମୁଣ୍ଡା ପଞ୍ଚାୟତ ବଡ ସାହିର ସୂର୍ଯ୍ୟକାନ୍ତ ସାହୁ ଘରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ନିଆଁ ଲଗାଇ ଦେଇଥିବା ଟାଙ୍ଗୀ ଥାନାରେ ଅଭିଯୋଗ ହୋଇଛି। ସୂର୍ଯ୍ୟ କାନ୍ତ କହିବା ଅନୁଯାୟୀ ଶନିବାର ରାତି ୩ଟା ସମୟରେ ବାହାରେ ଏକ ଫୁଟିବା ଶବ୍ଦ ଶୁଣି ଆସି ଦେଖିବାକୁ ପାଇଥିଲେ କି ବାଇକ ଜଳିବା ସହ ଉକ୍ତ ସାହିର ଜଗନ୍ନାଥ ସାହୁ ପାଚେରୀ ଡେଇଁ ଚାଲିଯାଇଥିଲେ। ତେବେ ନିଆଁ ଜଳୁଥିବା ଦେଖି ପାଟି କରିବାରୁ ସାହିର କିଛି ବାସିନ୍ଦା ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ବାଇକ ଓ ଧାନ କଳ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଯାହାକୁ ନେଇ ସୂର୍ଯ୍ୟକାନ୍ତ ଟାଙ୍ଗୀ ଥାନାକୁ ଜଣାଇବା ପରେ ପୁଲିସ ପହଞ୍ଚି ଘଟଣା ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ସୂର୍ଯ୍ୟକାନ୍ତ ଓ ଜଗନ୍ନାଥଙ୍କ ମଧ୍ୟରେ କିଛି ବର୍ଷ ହେବ କୌଣସି କାରଣକୁ ନେଇ କଳିଝଗଡା ଲାଗିବା ସହ ଥାନାରେ ମଧ୍ୟ ମାମଲା ପହଞ୍ଚିଥିଲା। ଜଗନ୍ନାଥ ବାରମ୍ବାର ଧମକ ଦେବା ସହ ଏଭଳିକାଣ୍ଡ ଘଟାଇଛି ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି।

## ଆକ୍ରମଣ ଓ ଲୁଟ୍ ଘଟଣାର ଅଭିଯୁକ୍ତ ଗିରଫ

**ଡେଲାଙ୍ଗ,୫।୪/ଏନ୍‌ଏନ୍‌ଏସ୍:** ବସନ୍ତପୁର ଗ୍ରାମରେ ଜଣେ ଯୁବକକୁ ଆକ୍ରମଣ ଓ ଲୁଟପାଟ ଘଟଣାକୁ ୧ବର୍ଷ ବିତିଯାଇଥିଲେ ମଧ୍ୟ ଫେରାର ଅଭିଯୁକ୍ତକୁ ଡେଲାଙ୍ଗ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ତେବେ ନଦୀବନ୍ଧ କାମକୁ ନେଇ ୨୦୨୫ ମସିହାରେ ବସନ୍ତପୁର ଗ୍ରାମରେ ୨ ପରିବାର ମଧ୍ୟରେ ହୋଇଥିଲା। ସେହି ଗ୍ରାମର ଜୟକୃଷ୍ଣ ସ୍ୱାଇଁଙ୍କୁ ଆକ୍ରମଣ କରି ତାଙ୍କ ଠାରୁ ଶ୍ରମିକମାନଙ୍କୁ ଦେବାକୁ ଟଙ୍କା ଲୁଟ୍‌ପାଟ ହୋଇଥିଲା। ସେବେ ଠାରୁ ପୋଲିସ କାହାରିକୁ ଗିରଫ କରିବାରେ ସଫଳ ହୋଇନଥିବା ବେଳେ ଡେଲାଙ୍ଗ ଥାନା ଓଆଇସି ମମତା ବିଶ୍ୱାଳ ଜଣେ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି। ସେ ହେଲେ ତିରିମଲ୍ଲ ଗ୍ରାମର ଅଶୋକ ପାତ୍ର(୪୮)। ସୂଚନାଥାଉ କି ଡେଲାଙ୍ଗ ଥାନା ଅଧୀନ ବସନ୍ତପୁର ଗ୍ରାମରେ ନଦୀବନ୍ଧ କାମକୁ କେନ୍ଦ୍ରକରି ୨୦୨୫ ଫେବୃଆରୀରେ ଗ୍ରାମର ସ୍ୱାଇଁ ପରିବାର ଓ ମହାପାତ୍ର ପରିବାର ମଧ୍ୟରେ ଗଣ୍ଡଗୋଳ ମାରପିଟ ହୋଇଥିଲା। ଏ ନେଇ ଡେଲାଙ୍ଗ ପୋଲିସ ୨ଟି ମାମଲା ରୁଜୁକରିଥିବା ବେଳେ ଉଭୟ ପକ୍ଷରୁ ୫ ଜଣଙ୍କୁ ଗିରଫ କରି କୋର୍ଟ ପଠାଇଥିଲା। ପରେ ଗିରଫ ଅଭିଯୁକ୍ତମାନେ ଜାମିନରେ ଫେରି ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବସନ୍ତପୁର ଗ୍ରାମର ଜୟକୃଷ୍ଣ ସ୍ୱାଇଁଙ୍କୁ ପୁନର୍ବାର ମରଣାତ୍ମକ ଆକ୍ରମଣ କରି କୁମୁଣ୍ଡାଳ ଗ୍ରାମ ନିକଟରେ ତାଙ୍କ ହାତ ଓ ଗୋଡ ଭାଙ୍ଗି ରାସ୍ତାକଡ଼ରେ ଫିଙ୍ଗିଦେବା ସହିତ ତାଙ୍କ ଠାରୁ ଟଙ୍କା ଲୁଟିନେଇଥିବା ତାଙ୍କ ପତ୍ନୀ ଥାନାରେ ଅଭିଯୋଗ କରିଥିଲେ।

ନଦୀବନ୍ଧ କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ପାଖରୁ ଶ୍ରମିକମାନଙ୍କ ଦରମା ବାବଦ ଟଙ୍କା ନେଇ ଯାଉଥିବା ବେଳେ ଆକ୍ରମଣ କରି ଟଙ୍କା ଲୁଟ୍‌କରି ନେଇଯାଇଥିବା ଅଭିଯୋଗ ହୋଇଥିଲା। ତେବେ ଅଭିଯୁକ୍ତ ଅଶୋକକୁ ପୁଲିସ ଗିରଫ କରି ପଚରା ଉଚରା କରୁଥିବା ଜଣାପଡିଛି।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଓ ପାଠଚକ୍ର

**ଚାରିଛକ,୫।୪/ଏନ୍‌ଏନ୍‌ଏସ୍:** ଚାରିଛକ ନିକଟସ୍ଥ ରତନପୁର ଠାରେ ଥିବା ଅଗ୍ରଣୀ ଶିକ୍ଷାଅନୁଷ୍ଠାନ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ଓ ପାଠଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଜିତେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ଆଇଆରଏସ ଚନ୍ଦ୍ରକାନ୍ତ ଦଳାଇ, ମୁଖ୍ୟ ବକ୍ତା ପୁରୀ ଜିଲ୍ଲା ଶ୍ରୀ ଅରବିନ୍ଦ ପାଠଚକ୍ରର ସଭାପତି ସୁକାନ୍ତ କୁମାର ଜେନା, ସମ୍ମାନିତ ଅତିଥି କବିରାଜ କୁଳମଣି ସାହୁ ମେମୋରିୟଲ ଟ୍ରଷ୍ଟର ଅଧ୍ୟକ୍ଷ ଡକ୍ଟର କେଦାରନାଥ ସାହୁ, ଶିକ୍ଷାବିତ୍ କାହ୍ନୁ ଚରଣ ସାହୁ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ସଭା କାର୍ଯ୍ୟ ଆରମ୍ଭ କରିଥିଲେ।ଏହି ଶିକ୍ଷା ଅନୁଷ୍ଠାନରେ ପୂର୍ବରୁ ବହୁ ଛାତ୍ରଛାତ୍ରୀ ସରକାରୀ ବୃତ୍ତି ପାଇବା ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଭିନ୍ନ ସ୍ଥାନରେ ପୁରସ୍କୃତ ହୋଇଛନ୍ତି। ଉକ୍ତ ଅନୁଷ୍ଠାନର ଉନ୍ନତମାନର ଡିଜିଟାଲ ଶିକ୍ଷା ସହିତ ଖେଳ, ନୃତ୍ୟ ଓ ସଙ୍ଗୀତ ଶିକ୍ଷା ବ୍ୟବସ୍ଥା ଅତି ଉଚ୍ଚସ୍ତରୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହିତ ଟ୍ରଫି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏଥିରେ ଶିକ୍ଷୟିତ୍ରୀ ବର୍ଷାରାଣୀ ବେହେରା, ନିବେଦିତା ପ୍ରଧାନ, ରଞ୍ଜିତା ଦାସ, ପୂଜାରଣୀ ପାଢ଼ୀ, ରାଜଲକ୍ଷ୍ମୀ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

**କୋଣାର୍କ,୫।୪/ଏନ୍‌ଏନ୍‌ଏସ୍:** କୋଣାର୍କ ମାଧିପୁର ଛକ ନିକଟ ରେ ଥିବା ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟର ସେବା ନିବୃତ୍ତ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ପାତ୍ରଙ୍କର ଗତ ଶୁକ୍ରବାର ବିଦ୍ୟାଳୟ ଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁବାଳା ଦେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥି ଭାବେ ଓସେପାର ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ ଭୂଷଣ ସମରଥ ଯୋଗ ଦେଇ ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପାତ୍ରଙ୍କ ବିଦ୍ୟାଳୟ ପ୍ରତି ନିଷ୍ଠାପର ସେବା, ବିଦ୍ୟାଳୟର ଶୈକ୍ଷିକ ବାତାବରଣ ସୃଷ୍ଟି ଦିଗରେ ଉଲ୍ଲେଖନୀୟ ଅବଦାନ ଓ ଶିକ୍ଷାର ଉନ୍ନତି ଓ ଉତ୍ତମ ଛାତ୍ର ଛାତ୍ରୀ ତିଆରି କରିବା ଦିଗରେ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଗୋପ ବ୍ଲକ ଶିକ୍ଷା ଅଧିକାରୀ ଅମିତା ସେନାପତି, କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଓଷ୍କାର ପୁରୀ ଜିଲ୍ଲା ସଂପାଦକ ବିଭୂଦତ୍ତ ନାୟକ, ଓଷ୍କାର ଗୋପ ବ୍ଲକ ସଭାପତି ମହେନ୍ଦ୍ର କୁମାର ପାଢୀ, ସଂପାଦକ ରାମକୃଷ୍ଣ ମହାନ୍ତି, ବରିଷ୍ଠ ଶିକ୍ଷାବିତ ତଥା ପ୍ରାକ୍ତନ ପ୍ରାଧାପକ ଶରତଚନ୍ଦ୍ର ପ୍ରଧାନ, ଭରତ ଚନ୍ଦ୍ର ପାଢୀ, ସିଆରସିସି କୃଷ୍ଣଚନ୍ଦ୍ର ବଳବନ୍ତରାୟ, ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ଜେନା, ସୁଲୋଚନା ସ୍ୱାଇଁ, ମମତା ପଣ୍ଡା, ସଂଯୁକ୍ତା ନନ୍ଦ, ଅର୍ଜୁନ ବେହେରା ଓ ପିଏମଶ୍ରୀ



ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କା ପ୍ରମୁଖ ଯୋଗ ଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ପାତ୍ରଙ୍କ ନିଷ୍ଠାପର ସେବା ଓ ବିଦ୍ୟାଳୟ ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନର ଭୂୟସୀ ପ୍ରଶଂସା କରିଥିଲେ। ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ସମେତ କୋଣାର୍କ ତଥା ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପାତ୍ରଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ କାଦମ୍ବିନୀ ସେନାପତି, ଧରିତ୍ରୀ ହୋତା, କିରଣ ବାଳା ମହାନ୍ତି, ମନୋରମା ଦାଶ, ମମତା ଭଞ୍ଜ, ଜ୍ୟୋତିସ ଚନ୍ଦ୍ର ନାୟକ, ଅଭୟ ଲେଙ୍କା ଓ ମାନସ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ।

## ଦେବୋତ୍ତର ବିଭାଗର ଭୋଗଦୋକାନ ଟେଣ୍ଡର ଫିକ୍ସିଂ ଅଭିଯୋଗ

# ଉପଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଟେଣ୍ଡରଧାରୀଙ୍କ ଉତ୍ତେଜନା

**ଆଠଗଡ଼,୫।୪/ଏନ୍‌ଏନ୍‌ଏସ୍:** ଆଠଗଡ଼ର ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କ ଭୋଗ ଦୋକାନ ଟେଣ୍ଡର ଅନିୟମିତତା କରାଯାଇ ଟେଣ୍ଡର ଫିକ୍ସିଂର ଅଭିଯୋଗ ହୋଇଛି। ଦେବୋତ୍ତ ବିଭାଗ ପକ୍ଷରୁ ବାବା ଧବଳେଶ୍ୱରଙ୍କ ଭୋଗ ଦୋକାନ ଟେଣ୍ଡର ଛାଡି ପୁରୀ ମିଠା ଦୋକାନ, ଚାଟ ଦୋକାନ, ଜୋତା ଷ୍ଟାଣ୍ଡ, ଚା ଦୋକାନ, ସର୍ପେଶ୍ୱର ଦେବଙ୍କ ଦୀପ ଦୋକାନ ଟେଣ୍ଡର ପାଇଁ କେଉଁ ଥିରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ଆହ୍ୱାନ ଆଧାରରେ ୫୧ଟି ବ୍ୟବସାୟୀ ଟେଣ୍ଡର ପକାଇଥିଲେ ଆଉ ଏହି ଟେଣ୍ଡର ଗତ ୨୦ ମାର୍ଚ୍ଚରେ ଟେଣ୍ଡର ଧାରୀ ବ୍ୟସାୟୀମାନେ ମାନେ ଟେଣ୍ଡର ପାଇଥିଲେ, ଶନିବାର ଆଠଗଡ଼ ଦେବୋତ୍ତର ଅଧିକାରୀ ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ନିର୍ଦ୍ଦେଶରେ ଡେପୁଟି କଲେକ୍ଟରର ଦୀପମ ରାଉତ ସହିତ ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡାଙ୍କ ଉପସ୍ଥିତିରେ ୬ ଜଣ ଭୋଗ ଟେଣ୍ଡର ପାଇଁ ୬ଜଣ ବ୍ୟବସାୟୀଙ୍କ ଟେଣ୍ଡର ପେପର ଟେଣ୍ଡର ବାକ୍ସରୁ ବାହାର କରାଯାଇଥିଲା। ଆଉ ଏହି ଟେଣ୍ଡର ପେପରରେ କିଏ କେତେ ଟଙ୍କା ଟେଣ୍ଡର ପକାଇଛନ୍ତି ତାହା ଡେପୁଟି କଲେକ୍ଟର ଦୀପମ ରାଉତ ଦେଖିକି ପ୍ରକାଶ କରିବା କଥା। ହେଲେ ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ୬ ବ୍ୟବସାୟୀଙ୍କ ଟେଣ୍ଡର ପେପର ଧରି ବାହାରକୁ ପଳାଇ ଆସିଥିଲେ। ଏହି ଟେଣ୍ଡର ସମ୍ପୂର୍ଣ୍ଣ ବେଆଇନ ଓ ଚଞ୍ଚକତା ପୂର୍ଣ୍ଣ, ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ସୁପରଭାଇଜର ଭବାନୀଶଙ୍କର ପଣ୍ଡାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଉପଯୁକ୍ତ ନ୍ୟାୟ ନ ପାଇଲେ ଉପଜିଲ୍ଲାପାଳଙ୍କ



କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବା ପାଇଁ ଚେତାବନୀ ଦେଇଥିଲେ। ପରେ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଡେପୁଟି କଲେକ୍ଟର ଦୀପମ ରାଉତ, ଡେପୁଟି କଲେକ୍ଟର ପ୍ରଭୁଦତ୍ତ ପ୍ରଧାନ, ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ସହକାରୀ ଜିଲ୍ଲାପାଳ ପ୍ରିତମ ସୌମିୟ ପ୍ରକାଶ ବେହେରା ଘଟଣା ସମ୍ପର୍କରେ ତଦନ୍ତକରି ସମାଧାନ କରିବୋ ବୋଲି ପ୍ରକାଶ କରିଥିଲେ।

**ନିତି ଭାରତୀ** | ଯନ୍ତ୍ରଣା ମନୁଷ୍ୟମାନଙ୍କୁ ସ୍ରଷ୍ଟାଙ୍କ ଅଭିମୁଖୀ କରାଇ ଥାଏ । - **ରମଣ ମହର୍ଷି**

ନିତିଦିନ NITIDIN
ସୋମବାର, ୬ ଏପ୍ରିଲ ୨୦୨୬

# ବିଷାକ୍ତ ବାଦଲ ତଳେ ଜୀବନ



ତପୋଧନ ପଣ୍ଡା

ଆମେରିକା ଓ ଇସ୍ରାଏଲର ଇରାନ୍ ଉପରେ ଆକ୍ରମଣ ଅନେକ କରୁଣ ଦୃଶ୍ୟ ସୃଷ୍ଟି କରିଛି। ସେଥିରୁ ଗୋଟିଏ ହେଲା- ଇରାନ୍ ଆକାଶରେ ବ୍ୟାପି ଯାଇଛି ବିଷାକ୍ତ କଳା ଧୂଆଁ। ଏହା ଘଟିଛି ଇରାନ୍‌ର ସବୁଠୁ ବିଶାଳ ତୈଳକୂପ ଉପରେ ଇସ୍ରାଏଲର ବୋମା ମାଡ଼ ଦ୍ୱାରା। ଆମେରିକାର ପ୍ରଚାର ଯେ ଇରାନ୍ ତାହାର ଶତ୍ରୁ। କିନ୍ତୁ କେବେ ଏହା ଦେଖା ଦେଇ ନାହିଁ। ସାଉଦି ଆରବ ନିଜ ତୈଳ କୂପଗୁଡ଼ିକ ଆଡ଼କୁ ଆସୁଥିବା ଇରାନୀ ଡ୍ରୋନ୍‌ଗୁଡ଼ିକୁ ଇଣ୍ଟରସେପ୍ଟ କରୁଛି ଓ ଆମେରିକାକୁ ସ୍ଥାନ ଦେଇଛି ସାମରିକ ଘାଟି ବନାଇବା ପାଇଁ। ବାହାରିନ୍ ନିଜ ସମୁଦ୍ରରେ ଆମେରିକାର ପଞ୍ଚମ ନୌସେନାକୁ ସ୍ଥାନ ଦେଇଛି ଓ ଆମେରିକା ତାକୁ ସୁରକ୍ଷା ଯୋଗାଇ ଚାଲିଛି। କ୍ୱାତାରରେ ଅଛି ଆମେରିକାର ଘାଟି। ସେ ବି ତା'ର ଏଲଏନ୍‌ଜି ଅପରେସନ୍‌କୁ ବନ୍ଦ କରି ଦେଇଛି। ସାଉଦି ଆରବ, ୟୁଏଇ ଆମେରିକା ସାହାଯ୍ୟରେ ଇରାନ୍‌ର ଡ୍ରୋନ୍‌କୁ ଇଣ୍ଟରସେପ୍ଟ କରି ଚାଲିଛନ୍ତି। ଇରାନ୍‌ର ଚାରି ପାଖରେ ଆମେରିକା ଘାଟି ନିର୍ମାଣ କରିଛି। କାରଣ ଇରାନ୍ ଯଦି କୌଣସି ଗଲ୍‌ଫ ରାଷ୍ଟ୍ରକୁ ଆକ୍ରମଣ କରେ, ଆମେରିକା ଯୋଗାଇବ ସୁରକ୍ଷା। ସେ ସବୁ ଦେଶର ଶତ୍ରୁ ହେଲା ଇରାନ୍, କାରଣ ସିହା ମୁସ୍‌ଲିମ୍ ରାଷ୍ଟ୍ର ହେଉଛି ଇରାନ୍, ଆଉସବୁ ସୁନ୍ନି ମୁସ୍‌ଲିମ୍ ରାଷ୍ଟ୍ର। କିନ୍ତୁ ଏଇସବୁ ଗଲ୍‌ଫ ରାଷ୍ଟ୍ର ବୁଝି ପାରୁ ନାହାନ୍ତି ଯେ ସେମାନେ ମିଳିତ ଭାବରେ କ୍ଷତିଗ୍ରସ୍ତ ହେଉଛନ୍ତି ଆମେରିକା- ଇସ୍ରାଏଲର ମିଳିତ ଆକ୍ରମଣ ଦ୍ୱାରା। ସେମାନଙ୍କର ଆମେରିକାକୁ ମୁହଁ ଖୋଲି କହିବାର ସାହସ ନାହିଁ। ସେ ଦେଶଗୁଡ଼ିକର ଆମେରିକାର ଘାଟିଗୁଡ଼ିକ ଉପରେ ଇରାନ୍‌ର ପାଲଟା ଆକ୍ରମଣକୁ ସେମାନେ ପ୍ରତିହତ କରିବାକୁ ଧମକ ଯାହା ଦେଇ ଚାଲିଛନ୍ତି।

ଛଅଟି ଗଲ୍‌ଫ ରାଷ୍ଟ୍ର, ଯଥା- କୁଏତ୍, ବାହାରିନ୍, ଓମାନ୍, କ୍ୱାତାର, ସାଉଦି ଆରବ ଓ ୟୁଏଇ ମିଶି କରିଛନ୍ତି ଗଲ୍‌ଫ କୋଅପରେସନ୍ କାଉନ୍‌ସିଲ। ସେମାନଙ୍କ ମଧ୍ୟରେ ଇରାକ୍ ନାହିଁ କି ଇରାନ୍ ବି ନାହିଁ। ଏସବୁ ପର୍ସିଆନ୍ ଗଲ୍‌ଫ ରାଷ୍ଟ୍ର ବା ପାରସ୍ୟ ଉପସାଗରୀୟ ରାଷ୍ଟ୍ର। ଏବେ ଯେଉଁ କଳାଧୂଆଁ କଥା କୁହାଯାଉଛି, ସେଇ ଧୂଆଁ ବର୍ଷା ହୋଇ ଝରି ଚାଲିଛି ଇରାନ୍ ଉପରେ। ଏହା କ୍ରୁଡ୍ ପେଟ୍ରୋଲିୟମ୍‌ର ଜ୍ୱଳନ ଯୋଗୁଁ ସୃଷ୍ଟି ହୋଇଛି। ଏହି ଧୂଆଁ ଭିତରେ ଅଛି ସଲ୍‌ଫର୍ ଡାଇଅକ୍‌ସାଇଡ୍, ହାଇଡ୍ରୋଜେନ୍ ସଲ୍‌ଫାଇଡ୍, ବେଞ୍ଜିନ୍, ପଲିସାଇକ୍ଲିକ୍ ଏରୋମେଟିକ୍ ହାଇଡ୍ରୋକାର୍ବନସ୍, ନାଇଟ୍ରୋଜେନ୍ ଅକ୍‌ସାଇଡ୍‌ସ୍ ଇତ୍ୟାଦି। ଏହି ତୈଳକୂପ ଜଳି ଚାଲିଛି। ତାକୁ ଲିଭାଇ ପାରିବ କିଏ ଓ କିପରି, ଯେବେ ଆକାଶରେ ଛୁଟିଛି ମିସାଇଲ୍, ଡ୍ରୋନ୍‌ର ଧାଡ଼ି ? ଗତ ମାର୍ଚ୍ଚ ମାସରେ ବାୟୁ ପ୍ରବାହର ଗତି ଉତ୍ତର ପଶ୍ଚିମରୁ ପଶ୍ଚିମ ପୂର୍ବ ଦିଗ ଆଡ଼କୁ ସମୁଦ୍ର ଉପର ଦେଇ। ଏହି ଉପସାଗର ମହାସାଗରକୁ ଖୋଲିଛି ହର୍ମୁଜ୍ ଷ୍ଟ୍ରେଟ୍ ବା ହର୍ମୁଜ୍ ପ୍ରଣାଳୀ ଦେଇ। ସାଧାରଣ ଅବସ୍ଥାରେ ଏହି ଉପସାଗରରୁ ଜଳ ମହାସାଗରକୁ ସଂପୂର୍ଣ୍ଣ ଖୋଲେ ୩ରୁ ୫ ବର୍ଷ ମଧ୍ୟରେ। ଯାହା ଏବେ ଉପସାଗରକୁ ପଶୁଛି, ତାହା ସେଇଠାରେ ହିଁ ଆବଦ୍ଧ ରହୁଛି। ୭ଟିଯାକ ଉପସାଗରୀୟ ରାଷ୍ଟ୍ର ଏହାର ଜଳ ସୀମାରେ ଅବସ୍ଥିତ। ସର୍ବମୋଟ ୫ କୋଟି ଅଧିବାସୀ ଏଇ ଦେଶମାନଙ୍କରେ। ସଂପୂର୍ଣ୍ଣ ପାନୀୟ ଜଳ ପାଇଁ ନିର୍ଭର କରନ୍ତି ଏହି ପାରସ୍ୟ ଉପସାଗର ଉପରେ ଓ କ୍ୱାତାର, ୟୁଏଇ, କୁଏତ୍ ଓ ବାହାରିନ୍ ଡିସାଲାଇନେସନ୍ ପ୍ଲାଣ୍ଟଗୁଡ଼ିକ ମାଧ୍ୟମରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଜଳ ବ୍ୟବହାର କରନ୍ତି ନିଜର ପିଇବାଠାରୁ ଆରମ୍ଭ କରି ଇନ୍ଧନ ଓ ଯାବତୀୟ କାର୍ଯ୍ୟ ପାଇଁ। ବେଞ୍ଜିନ୍ ହେଉଛି ଏକ ଜଣାଶୁଣା କ୍ୟାନ୍‌ସର୍ ସୃଷ୍ଟିକାରୀ କେମିକାଲ। ଡିସାଲାଇନେସନ୍ ପ୍ଲାଣ୍ଟଗୁଡ଼ିକ ଷ୍ଟାଣ୍ଡାର୍ଡ ରିଭର୍ସ ଅସ୍‌ମୋସିସ୍ ଟେକ୍ନୋଲୋଜି ମାଧ୍ୟମରେ ବ୍ୟାକ୍ଟେରିଆ, ଲବଣ, ଅନ୍ୟାନ୍ୟ କଣିକାଗୁଡ଼ିକୁ ଛାଣି ଦେଇପାରେ। ମାତ୍ର ଜଳରେ ଦ୍ରବୀଭୂତ ବେଞ୍ଜିନ୍‌କୁ ନୁହେଁ। ଏହି କଳା ଧୂଆଁ ବର୍ଷା ହୋଇ ଝରିବା ଦ୍ୱାରା ସମୁଦ୍ର ଜଳରେ ବେଞ୍ଜିନ୍ ଆଦିକୁ ଦ୍ରବୀଭୂତ କରି ଦେଇଛି। କେବଳ ବେଞ୍ଜିନ୍ ନୁହେଁ, ତା' ସହିତ ଅଛି ଟଲ୍ୟୁଇନ୍, ଇଥାଇଲ୍ ବେଞ୍ଜିନ୍, ଜାଇଲିନ ଆଦି କେମିକାଲସ୍। ଏଗୁଡ଼ିକ ଉତ୍ପନ୍ନ ହେଉଛି ଅନିୟନ୍ତ୍ରିତ ପେଟ୍ରୋଲିୟମ୍ ଜଳିବା ଦ୍ୱାରା। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅନୁଯାୟୀ, ପାନୀୟ ଜଳରେ ଏହି ରସାୟନଗୁଡ଼ିକର ଅନୁମୋଦିତ ଲିମିଟ୍ ହେଲା ଲିଟର ପ୍ରତି ୧୦ ମାଇକ୍ରୋଗ୍ରାମ୍। କିନ୍ତୁ ଏବେ ଏହାର ପରିମାଣ ବହୁ ମାତ୍ରାରେ ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ସେଇ ଧୂଆଁରେ ଥିବା ସଲଫର୍ ଡାଇଅକ୍‌ସାଇଡ୍ ଅମ୍ଳ ବର୍ଷା ଆରମ୍ଭ କରିଛି। ଏହି ଗ୍ୟାସ୍ ୧୯୭୦-୮୦ ବେଳକୁ ଇଣ୍ଡଷ୍ଟ୍ରିଗୁଡ଼ିକରୁ ଉତ୍ପନ୍ନ ହୋଇ ବାୟୁମଣ୍ଡଳରେ ମିଶି ଅମ୍ଳ ବର୍ଷା ସୃଷ୍ଟି କରି ଜଙ୍ଗଲଗୁଡ଼ିକୁ ଉତ୍ତର ଆମେରିକା ଓ ୟୁରୋପ୍‌ରେ ନଷ୍ଟ କରି ଦେଇଥିଲା। କିନ୍ତୁ ଏବେ ଏହି ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ନ ଥିବାରୁ ଏହା ସେଇ ଜଳରେ ମିଶୁଛି, ଯାହା ଉପରେ ନିର୍ଭରଶୀଳ ଏଇ ପାରସ୍ୟ ଉପସାଗରୀୟ ଦେଶ ସମୂହ। ଏହି ଦେଶଗୁଡ଼ିକ ପାଇଁ ସେହି ଜଳ ବ୍ୟତୀତ କୌଣସି ବିକଳ୍ପ ନାହିଁ। କ୍ୱାତାରର ୩୦ ଲକ୍ଷ ଲୋକ, ୟୁଏଇର ୧ କୋଟି ଲୋକ, କୁଏତ୍‌ର ୪୮ ଲକ୍ଷ ଲୋକ, ବାହାରିନ୍‌ର ୧୭ ଲକ୍ଷ ଲୋକ ସଂଘାତିକ ଭାବରେ ପ୍ରଭାବିତ ହେବେ ଅଦୂର ଭବିଷ୍ୟତରେ। ଏଇ ରସାୟନଗୁଡ଼ିକ ଫାଇଟୋପ୍ଲାଙ୍କଟନ୍ ମାଧ୍ୟମରେ ମତ୍ସ୍ୟ ଶରୀରକୁ ଓ ପରେ ମଣିଷ ଶରୀରକୁ ପ୍ରବେଶ କରିବ ଓ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବ।

ଏ ତ ଗଲା ସମୁଦ୍ର ଜଳର କଥା। ମାତ୍ର ବାୟୁ ? ଯେଉଁ ଆମେରିକୀୟ ଘାଟିଗୁଡ଼ିକ ଏଇ ଦେଶଗୁଡ଼ିକରେ ରହି ଏହି ସମସ୍ୟା ସୃଷ୍ଟି କରିଛନ୍ତି, ସେମାନେ ତ ଚାଲିଯିବେ। ଏଇ ଅଧିବାସୀମାନେ କୁଆଡ଼େ ଯିବେ ? ଯେବେ ୧୯୯୧ରେ ସଦ୍ଦାମ ହୁସେନ୍ କୁଏତ୍‌ର ୭୦୦ ତୈଳ କୂପଗୁଡ଼ିକରେ ନିଆଁ ଲଗାଇ ଦେଲେ, ନାସାର ସାଟେଲାଇଟ୍ ଏହାକୁ ଟ୍ରାକ୍ କରିଥିଲା। ଏହାର ଧୂମ୍ର କୁଣ୍ଡଳୀ ଇରାନ୍, ପାକିସ୍ତାନ, ଭାରତ ଓ ହିମାଳୟର ଗ୍ଲାସିୟର ଉପରକୁ ଉଠି ତିବ୍ବତ ମାଳଭୂମିର ବରଫ ମଧ୍ୟରେ ଦୃଶ୍ୟମାନ ହୋଇଥିଲା। କିନ୍ତୁ ଏହାକୁ ଲିଭାଇ ଦିଆଯିବାର ମନୋବୃତ୍ତି ଥିଲା। ଏବେ ତାହା ତ ନାହିଁ,



କାରଣ ଆମେରିକା ଓ ଇସ୍ରାଏଲ ଏହି ଧ୍ୱଂସ ପ୍ରକ୍ରିୟା ସୃଷ୍ଟି କରିଛନ୍ତି ଓ ଯୁଦ୍ଧ ବନ୍ଦ ହେବାର ନାଁ ଗନ୍ଧ ନାହିଁ। ପବନର ଗତି ସହିତ ଏହି ବିଷାକ୍ତ ଧୂଆଁର ବାଦଲ ପାକିସ୍ତାନ, ଉତ୍ତର ପଶ୍ଚିମ ଭାରତକୁ ବିଶେଷ ଭାବରେ ପ୍ରଭାବିତ କରିବା ଆରମ୍ଭ କଲାଣି। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଅନୁମୋଦିତ ସୀମା ହେଲା ୩୫ ମାଇକ୍ରୋଗ୍ରାମ୍ ଏକ ଘନମିଟର ପିଛା। ଏବେ ପାକିସ୍ତାନର ଏୟାର କ୍ୱାଲିଟି ଇଣ୍ଡେକ୍ସ ଜଣାଇଛି ଯେ ବାୟୁମଣ୍ଡଳରେ ପାର୍ଟିକୁଲେଟ ମ୍ୟାଟର ବିପଜ୍ଜନକ ସୀମାରେ ପହଞ୍ଚି ଯାଇଛି। ବିଶ୍ୱର ଆନ୍ତର୍ଜାତିକ ଆଟମିକ୍ ଏନର୍ଜି ଏଜେନ୍ସି ମନିଟର କରେ ନ୍ୟୁକ୍ଲିୟର କଣ୍ଟାମିନେସନ୍‌କୁ, ଅର୍ଗାନାଇଜେସନ୍ ଫର୍ ଦ ପ୍ରୋହିବିସନ୍ ଅଫ୍ କେମିକାଲ ୱିପନ୍ ମନିଟର କରେ ରାସାୟନିକ ଅସ୍ତ୍ରଶସ୍ତ୍ରକୁ, ଜାତିସଂଘର ପରିବେଶ ପ୍ରୋଗ୍ରାମ୍ ମନିଟର କରେ ଇଣ୍ଡଷ୍ଟ୍ରିଆଲ ଡିଜାଷ୍ଟର ବା ଔଦ୍ୟୋଗିକ ବିପର୍ଯ୍ୟୟକୁ। ସେଗୁଡ଼ିକ ପାଖରେ ଟେକ୍‌ନିକାଲ ସାମର୍ଥ୍ୟ ଅଛି। ମାତ୍ର ଏଯାବତ୍ ଏହି ତୈଳକୂପରୁ ନିର୍ଗତ ବିଧ୍ୱଂସକାରୀ ଧୂଆଁକୁ କୌଣସି ସଂସ୍ଥା ମନିଟର କରିବା କଥା ପ୍ରସାରିତ ହୋଇନାହିଁ, କାରଣ ଆମେରିକା ଯୁଦ୍ଧ ଆରମ୍ଭ କରିଛି। ୧୯୧୪ରେ ଭୋପାଳର ୟୁନିଅନ୍ କାର୍ବାଇଡ୍ ଗ୍ୟାସ ଟାଙ୍କି ଫାଟିବା ଦ୍ୱାରା ମୃତ୍ୟୁବରଣ କରିଥିଲେ ୩୮୦୦ ଲୋକ ଓ ୧୫ରୁ ୨୦ ହଜାର ମୃତ୍ୟୁବରଣ କରିଥିଲେ ସେଇ ଗ୍ୟାସ୍ ସଂସ୍ପର୍ଶ କାରଣରୁ କେତେ ବର୍ଷ ମଧ୍ୟରେ। ତାହା ଦୁର୍ଘଟଣା ଥିଲା। ଇରାନ୍‌ରେ ଯାହା ଘଟିଛି, ତାହା ଜାଣି ଶୁଣି କରାଯାଇଛି। ଏ କରୁଣ ଦୃଶ୍ୟ ସମଗ୍ର ବିଶ୍ୱକୁ ଚକିତ ଓ ଦୁଃଖିତ କରିଛି। ଜଳକୁ ବିଷାକ୍ତ କରି ଲୋକଙ୍କୁ ମାରିବା, ବାୟୁକୁ ବିଷାକ୍ତ କରି ଇରାନ୍ ତଥା ପଡ଼ୋଶୀ ଦେଶର ଲୋକଙ୍କୁ ରୋଗଗ୍ରସ୍ତ କରି ଦେବାକୁ କି ଯୁଦ୍ଧ କୁହାଯାଇପାରେ! ଯୁଦ୍ଧଖୋର ଆମେରିକା-ଇସ୍ରାଏଲ ମାନବ ଓ ମାନବିକତାର ଶତ୍ରୁ। ଏହି ଜଳ ଓ ବାୟୁ ବିଷାକ୍ତକରଣ ୨୦୨୮ ପରେ ପରେ ସେଇ ରାଷ୍ଟ୍ର ସମୂହ ତଥା ଅନ୍ୟ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକରେ ଅନୁଭୂତ ହେବାକୁ ଆରମ୍ଭ କରିବ। ଇରାନ୍‌ର ଅବସ୍ଥା ଯାହା, ସେଠି ପ୍ରତି ମୁହୂର୍ତ୍ତରେ ଚାଲିଛି ମୃତ୍ୟୁର ତାଣ୍ଡବ। କାହିଁକି ଏ ଯୁଦ୍ଧ ? ଟ୍ରମ୍ପ୍ ଚାହୁଁଥିଲେ ଶାସନ ପରିବର୍ତ୍ତନ। ଶାସକଙ୍କୁ ତ ମାରିଲେ। କରନ୍ତୁ ପରିବର୍ତ୍ତନ। କାହିଁକି ଜଳାଇ ଚାଲିଛନ୍ତି ତୈଳ କୂପକୁ ? ସେମାନଙ୍କ ଶତ୍ରୁ ଇରାନ୍‌ର ଶାସକ ହୋଇ ପାରନ୍ତି। ମାତ୍ର ସାଧାରଣ ଲୋକ ତ ନୁହନ୍ତି। ଜଳ ଓ ବାୟୁକୁ ବିଷାକ୍ତ କରିବାର କିଏ ଅଧିକାର ଦେଲା ତାଙ୍କୁ! ଏ ପ୍ରଶ୍ନ କାହିଁକି ପଚାରୁ ନାହାନ୍ତି ରାଷ୍ଟ୍ରମୁଖ୍ୟ ଓ ସମୂହ ?

**ଭିଆଇଏମ୍-୭୪୧,**
**ଶୈଳଶ୍ରୀ ବିହାର, ଭୁବନେଶ୍ୱର,**
**ମୋ: ୯୪୩୭୩୦୭୪୮୬**

# ମୁଁ ମୋବାଇଲ୍ କହୁଛି



ଶ୍ରୀବତ୍ସ ନାୟକ

ମୁଁ ହେଉଛି ଆଧୁନିକ ଯୁଗର ଏକ ପ୍ରମୁଖ ବୈଷୟିକ ଉଦ୍ଭାବନ। ଅତୀତର ଉଦ୍ଭାବନ ବହୁଳ ଉପକରଣ ତୁଳନାରେ କାରଖାନାରେ ଧାତୁ, ତାର, ପ୍ଲାଷ୍ଟିକ ଓ କାଚ ଦ୍ୱାରା ନିର୍ମିତ ମୋର ଶରୀର ହାଲୁକା ଓ ଅତି କ୍ଷୁଦ୍ର। ନାଆଁଟି ମୋର ମୋବାଇଲ୍। ସମଗ୍ର ମାନବ ଜାତିକୁ ନିରନ୍ତର ଓ ଅବିଶ୍ରାନ୍ତ ଭାବେ ସେବା ଯୋଗାଇ ଦେବା ପାଇଁ ମୋର ଜନ୍ମ। ମୋତେ ଉପଯୁକ୍ତ ଭାବେ ବ୍ୟବହାର କଲେ ମୁଁ ଆଶୀର୍ବାଦ ପାଲଟି ଯାଏ, କିନ୍ତୁ ମୋତେ ନକାରାତ୍ମକ କାର୍ଯ୍ୟରେ ବ୍ୟବହାର କଲେ ମୁଁ ସମଗ୍ର ସମାଜ ପାଇଁ ଅଭିଶାପ ପାଲଟି ଯାଏ। ଆଧୁନିକ ଯୁଗରେ ମୋତେ ମାନବ ଜୀବନର ଏକ ଅବିଭାଜ୍ୟ ଅଂଶ ବୋଲି ବିବେଚନା ମଧ୍ୟ କରାଯାଏ। ମୋର ଜନ୍ମ ପ୍ରକୃତରେ ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ହୋଇଥିଲା। ଲୋକମାନଙ୍କର ଧାରଣା ଥିଲା ଏକ ଡିଭାଇସ୍ ତିଆରି କରିବା, ଯାହା ଫିକ୍ସଡ୍ ଲାଇନ୍ ଭିତ୍ତିଭୂମିର ଆବଶ୍ୟକତା ବିନା ବେତାର ଭାବରେ ସ୍ୱର ବିସ୍ତାର କରି ପାରିବ। ଏହି ସ୍ୱପ୍ନ ପ୍ରଥମେ ସାମରିକ ଏବଂ ଜରୁରୀକାଳୀନ ସେବା ଦ୍ୱାରା ବ୍ୟବହୃତ ଦୁଇ-ମାର୍ଗ ରେଡିଓ ଆକାରରେ ସଫଳ ହୋଇଥିଲା। ମୋର ଜନ୍ମ ଏକ ବଡ଼ କାରଖାନାରେ। ବୈଜ୍ଞାନିକ ଓ ପ୍ରଯୁକ୍ତିବିତ୍‌ମାନଙ୍କ ମେଧା, ଶ୍ରମ ଓ ଅନୁସନ୍ଧାନର ଫଳ ହେଉଛି ମୋର ଏହି ରୂପ। ଆରମ୍ଭରେ ମୁଁ ଏତେ ଉନ୍ନତ ନଥିଲି। ସେତେବେଳେ ମୋର କାମ କେବଳ କଥାବାର୍ତ୍ତା ପର୍ଯ୍ୟନ୍ତ ସୀମିତ ଥିଲା। କ୍ରମେ କ୍ରମେ ମୋ ଭିତରେ କ୍ୟାମେରା, ଇଣ୍ଟରନେଟ, ଆପ୍‌ସ, ସ୍ମୃତିଶକ୍ତି- ସବୁକିଛି ଯୋଗ ହେଲା ଏବଂ ମୁଁ 'ସ୍ମାର୍ଟଫୋନ' ହୋଇ ଉଠିଲି। ପ୍ରଥମେ ଆନାଲଗ୍ ଯୁଗ (ପ୍ରଥମ ପିଢ଼ି ବା ୧ଜି), ତା'ପରେ ଡିଜିଟାଲ୍ ବିପ୍ଳବ (ଦ୍ୱିତୀୟ ପିଢ଼ି ବା ୨ଜି), ମଲ୍ଟିମିଡିଆ ଯୁଗ (ତୃତୀୟ ପିଢ଼ି ବା ୩ଜି), ସ୍ମାର୍ଟଫୋନ୍ ବିପ୍ଳବ (ଚତୁର୍ଥ ଜେନେରେସନ୍ ବା ୪ଜି) ଆଦିରେ ବିପ୍ଳବାତ୍ମକ ପରିବର୍ତ୍ତନ ଘଟି ଆଜି ପଞ୍ଚମ ପିଢ଼ି ବା ୫ଜି ଯୁଗରେ ମୁଁ ଅବସ୍ଥାପିତ ହୋଇଛି। ଲୋକମାନଙ୍କର ଅହେତୁକ ଚାହିଦା ଯୋଗୁଁ ମୋର ସେମାନଙ୍କ ପ୍ରତି ଦାୟିତ୍ୱ ମାତ୍ରାଧିକ ବୃଦ୍ଧି ପାଇଛି।

ଦୂର ଦୂରାନ୍ତରେ ଥିବା ସମ୍ପର୍କୀୟମାନଙ୍କ ସହିତ ଯୋଗାଯୋଗର ମାଧ୍ୟମ ନିମନ୍ତେ ଯଦିଓ ମୋର ଉତ୍ପତ୍ତି ହୋଇଥିଲା, କିନ୍ତୁ ଅଧୁନା ମୋର କାର୍ଯ୍ୟଶୈଳୀରେ ଅନେକ ପରିବର୍ତ୍ତନ ହୋଇଛି। ଆଜି ମୁଁ କେବଳ କଥାବାର୍ତ୍ତାର ଯନ୍ତ୍ର ନୁହେଁ। ନିରନ୍ତର ଭାବେ ସମଗ୍ର ମାନବ ସମାଜକୁ ବିଭିନ୍ନ ପ୍ରକାରର ସେବା ଯୋଗାଇ ତାଙ୍କର ଚିର ସହଚର ପାଲଟି ଯାଇଛି। ମୋ ବିନା ମଣିଷ ବଞ୍ଚିବା ମୁସ୍କିଲ୍ ହୋଇ ପଡ଼ିଛି। ସକାଳେ ମୁଁ ମଣିଷମାନଙ୍କୁ ଜଗାଏ, ରାତିରେ ଶୁଆଇ ଦିଏ। ମଣିଷର ଖୁସିର ସମୟରେ ମୁଁ ଗୀତ ଗାଏ, ଦୁଃଖରେ ମୁଁ ନିରବ ସାଥୀ ହୋଇ ରହେ। ମୋ ଭିତରେ ରହିଛି ହଜାର ହଜାର ସ୍ମୃତି, ଛବି, ଭିଡିଓ, ମା'ର ଡାକ, ବନ୍ଧୁଙ୍କ ହସ, ଆଉ ପ୍ରିୟଜନଙ୍କ ସନ୍ଦେଶ। ମୋ ଦ୍ୱାରା ଛାତ୍ରଛାତ୍ରୀମାନେ ପାଠ ପଢ଼ନ୍ତି, ଦେଶ ଦୁନିଆର ଖବର ଜାଣନ୍ତି, କୃଷକମାନେ ପାଣିପାଗର ଆଗୁଆ ସୂଚନା ପାଆନ୍ତି, ପ୍ରବାସୀମାନେ ନିଜ ଆତ୍ମୀୟସ୍ୱଜନମାନଙ୍କର ସ୍ୱର ଶୁଣି ପାରନ୍ତି, ମନୋରଞ୍ଜନ କରନ୍ତି ଓ ବ୍ୟବସାୟୀମାନେ ବ୍ୟବସାୟ କରିଥାନ୍ତି। ଏକଦା ଏକ ସମୟ ଥିଲା, ଯେତେବେଳେ ମନୁଷ୍ୟ ପରସ୍ପର ସହ ମୁହଁ ଦେଖି କଥା ହେଉଥିଲା ଓ ହୃଦୟ ଖୋଲି ହସୁଥିଲା, କିନ୍ତୁ ଆଜି ସେ ସମୟ ବଦଳି ଯାଇଛି। ମୋ ଯୋଗୁଁ ମାଇଲ ମାଇଲ ଦୂରରେ ଥାଇ ମଧ୍ୟ ବନ୍ଧୁ, ବାନ୍ଧବ, ସମ୍ପର୍କୀୟ ଓ ଆତ୍ମୀୟସ୍ୱଜନମାନେ ନିଜର ବାର୍ତ୍ତାଳାପ କରି ପାରୁଛନ୍ତି। ମୁଁ ଭଏସ୍ କଲ୍, ଟେକ୍ସଟ୍ ମେସେଜିଂ, ଭିଡିଓ କଲ୍ ଏବଂ ସୋସିଆଲ୍ ମିଡିଆ ସହିତ ବିଭିନ୍ନ ଚ୍ୟାନେଲ ମାଧ୍ୟମରେ ପରିବାର, ବନ୍ଧୁ ଏବଂ ସହକର୍ମୀଙ୍କ ସହ ସଂଯୁକ୍ତ ରହିବାରେ ସାହାଯ୍ୟ କରୁଛି। ମୁଁ ମଣିଷ ଜୀବନକୁ ସହଜ କରିଛି। ମୋ ଦ୍ୱାରା ଅନେକ ଅସମ୍ଭବ କାର୍ଯ୍ୟ ସମ୍ଭବ ହେଉଛି। ମୁଁ ଅନେକ ଦୂରତାକୁ ନିକଟତର କରିଛି। ମଣିଷର ହାତ ମୁଠାରେ ମୁଁ ଜ୍ଞାନକୁ ପହଞ୍ଚାଇଛି, ପହଞ୍ଚୁଛି। ରାଜନୀତିଠାରୁ ଆରମ୍ଭ କରି ମନୋରଞ୍ଜନ ପର୍ଯ୍ୟନ୍ତ ସବୁଥିରେ ମୁଁ ମାନବ ସେବାରେ ନିୟୋଜିତ। ବାଣିଜ୍ୟ କରିବା, ଅନ୍‌ଲାଇନ୍ ସପିଙ୍ଗ୍, ଇ-ଲର୍ଣ୍ଣିଂ, ହାଇବ୍ରିଡ୍ କାର୍ଯ୍ୟ ବ୍ୟବସ୍ଥାର ଧାରା, ମୋବାଇଲ ବ୍ୟାଙ୍କିଙ୍ଗ ସେବା, ଇଣ୍ଟରାକ୍ଟିଭ୍ ଲର୍ଣ୍ଣିଂ, ଭିଡିଓ ଷ୍ଟ୍ରିମିଂ, ମୋବାଇଲ ଗେମିଂ, ଡିଜିଟାଲ ମନୋରଞ୍ଜନ, ଟେଲିମେଡିସିନ୍, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଲର୍ଟ ଓ ରିୟଲ୍ ଟାଇମ୍ ଅପଡେଟ୍ ସେବା ଯୋଗାଇ ଚାଲୁଛି।



ଏତେସବୁ ସୁବିଧା ସୁଯୋଗ ମୁଁ ମାନବ ସମାଜକୁ ଯୋଗାଇ ଧନ୍ୟବାଦର ପାତ୍ର ହେବା ମୋ ପାଇଁ ଖୁସିର କଥା, କିନ୍ତୁ କେତେକ ବ୍ୟକ୍ତି ମତେ ଖରାପ କାର୍ଯ୍ୟରେ ନିୟୋଜିତ କରୁଥିବା ଯୋଗୁଁ ମୁଁ କିଛି ବ୍ୟକ୍ତିଙ୍କ ପାଇଁ ନିନ୍ଦା ଅପବାଦର କଳଙ୍କ ମୁଣ୍ଡାଇ ଚାଲୁଛି। ଏଥିରେ ମୋର ଅବା ଦୋଷ କେଉଁଠି ରହିଲା! ଯଦି ମୋତେ ତୁମେମାନେ ସଠିକ୍ ଭାବେ ବ୍ୟବହାର ନ କରନ୍ତି, ତେବେ ମୁଁ ତୁମର ପିଲାଦିନ ଚୋରି କରିବି। ତୁମର ଯୌବନ ମଧ୍ୟ ଚୋରି କରିବି। ବୈବାହିକ ଜୀବନକୁ ନଷ୍ଟ କରିଦେବି। ଭବିଷ୍ୟତ ପିଢ଼ିଙ୍କୁ ନଷ୍ଟ କରିଦେବି। ମୁଁ ତୁମକୁ ଅଘୋଷିତ ମାନସିକ ରୋଗୀରେ ପରିଣତ କରିଦେବି। ସମାଜରେ ଥିବା ତୁମର ମର୍ଯ୍ୟାଦା ଓ ଆତ୍ମସମ୍ମାନକୁ କ୍ଷଣିକରେ ଚୂରମାର କରିଦେବି। ତେଣୁ ବନ୍ଧୁଗଣ! ମତେ ବୁଦ୍ଧିମାନର ସହ ବ୍ୟବହାର କର। ମୋର ସୁବିଧା ଓ ଅସୁବିଧା ମଧ୍ୟ ଅଛି। ମୁଁ ତୁମକୁ ଖେଳିବା ପାଇଁ କିମ୍ବା ବ୍ୟାୟାମ କରିବା ପାଇଁ ସମୟ ମଧ୍ୟ ଦେବି ନାହିଁ। ମୁଁ ତୁମର ଦକ୍ଷତାକୁ ଅଧା କରିଦେବି। ତୁମେ କାମ କମ୍ କରିବ, ମତେ ଅଧିକା ଦେଖିବ। ମୁଁ ତୁମର ସେହି ଲୋକମାନଙ୍କଠାରୁ ଦୁରେଇ ଦେବି, ଯେଉଁମାନେ ତୁମର ଅତି ନିକଟତର ହୋଇଥିବେ। ତୁମେ ମୋ ପ୍ରତି ନିଶାଗ୍ରସ୍ତ ହେବା ସହିତ ମୁଁ ତୁମ ଉପରେ ପ୍ରଭାବ ପକାଇବି। ତୁମେ ମୋ ବିନା ବଞ୍ଚି ପାରିବ ନାହିଁ। ପ୍ରଥମରେ, ମୁଁ ତୁମର ଆଖି ନଷ୍ଟ କରିଦେବି। ତା' ପରେ ମୁଁ ତୁମର ନିଦ ଚୋରି କରିବି। ଧୀରେ ଧୀରେ ତୁମର ସ୍ୱାସ୍ଥ୍ୟ ନଷ୍ଟ କରିଦେବି। ମୁଁ ତୁମକୁ ସମ୍ପୂର୍ଣ୍ଣ ଅଳସୁଆ କରିଦେବି। ସମୟ ଆସିବ, ମୁଁ ସମସ୍ତଙ୍କ ପାଖରେ ଅବିଚ୍ଛେଦ୍ୟ ହୋଇଯିବି। ସମସ୍ତଙ୍କୁ ମିଛୁଆ କରିଦେବି। ପରିବାରର ବିଶ୍ୱାସ ଭାଙ୍ଗି ସେଠି ଅବିଶ୍ୱାସର ବୀଜ ରୋପଣ କରିବି। ମୁଁ ମୋ ପାୱାର ବଳରେ ସମସ୍ତଙ୍କ ସମ୍ପର୍କ ଭାଙ୍ଗି ଦେବି। ତୁମେମାନେ ମୋ ପ୍ରେମରେ ଏମିତି ପାଗଳ ହେବ ଯେ ପଢ଼ିବା ସମୟରେ, ଭୋଜନ ସମୟରେ, ପରିବାର ସହ ବସିଥିବା ସମୟରେ ମଧ୍ୟ ମୋତେ ଛାଡ଼ି ପାରିବ ନାହିଁ।

ଏହା ମୋ ପାଇଁ ଚିନ୍ତାର ବିଷୟ ଯେ ମୋ ଦ୍ୱାରା ଅନେକ ଲୋକଙ୍କର ମୂଲ୍ୟବାନ୍ ସମୟ ଅପଚୟ ହେଉଛି। ମୁଁ ମଣିଷକୁ ଯୋଡ଼ିବା ପାଇଁ ଥିଲି, କିନ୍ତୁ କେବେ କେବେ ମୁଁ ମଣିଷକୁ ମଣିଷଠାରୁ ଦୁରେଇ ଦେଉଛି, ଯାହା ମତେ ଗଭୀର ଆଘାତ ଦେଉଛି। ଆଜି ମାଆ-ବାପା ସାମ୍ନାରେ ବସି ସନ୍ତାନ ମତେ ଦେଖୁଛି। ଗୁରୁ କଥା କହୁଛନ୍ତି, ଛାତ୍ର ମୋ ମାଧ୍ୟମରେ ନୋଟିଫିକେସନ୍ ଦେଖୁଛି। ମୋ ଯୋଗୁଁ ମଣିଷ ମନର ଦୂରତା ବଢ଼ୁଛି। ଏକ ସମୟ ଥିଲା, ଯେତେବେଳେ ସନ୍ଧ୍ୟା ଆସିଲେ ଗାଁର ଆକାଶ ତଳେ ଦୀପ ଜଳୁଥିଲା, ଚଉପାଢ଼ିରେ ଜମୁଥିଲା କଥାର ମେଳା। ବୃଦ୍ଧମାନେ କହୁଥିଲେ ଜୀବନର କାହାଣୀ, ମାଆମାନେ ଗାଉଥିଲେ ଲୋରି, ପିଲାମାନେ ଶିଖୁଥିଲେ ସମ୍ପର୍କର ଅର୍ଥ। ସେତେବେଳେ ମୁଁ ନଥିଲି, କିନ୍ତୁ ସମୟ ଥିଲା। ଇଣ୍ଟରନେଟ ନଥିଲା, କିନ୍ତୁ ଆତ୍ମୀୟତା ଥିଲା। ବୃଦ୍ଧମାନେ ଜୀବନର ଅନୁଭବ କଥା କହୁଥିଲେ, ଶିଶୁମାନେ ହସୁଥିଲେ, ଯୁବକମାନେ ସ୍ୱପ୍ନ ଦେଖୁଥିଲେ। କିନ୍ତୁ ଆଜି ସେଇ ଚଉପାଢ଼ି ଖାଲି। ସମସ୍ତଙ୍କ ହାତରେ ମୁଁ ଅଛି। ସମସ୍ତେ ମୋର ପରଦାକୁ ଚାହିଁ ରହୁଛନ୍ତି, କିନ୍ତୁ ହୃଦୟ ଖାଲି। ମୋ ମାଧ୍ୟମରେ ସନ୍ଦେଶ ହଜାର ହଜାର ଆସୁଛି, କିନ୍ତୁ ସମ୍ବେଦନା କମୁଛି। ମୋ ଯୋଗୁଁ ମାନବିକତାର ମୂଲ୍ୟବୋଧ ଆଜି ହଜି ଯାଇଛି। ମୁଁ ମଣିଷକୁ ଦ୍ରୁତ କରିଛି, କିନ୍ତୁ ମଣିଷର ଧୈର୍ଯ୍ୟକୁ ତା'ର ଅଜାଣତରେ ଛଡ଼ାଇ ନେଇଛି। ମୁଁ ଅନେକ କଥା ମଣିଷକୁ ଜଣାଇଛି, କିନ୍ତୁ ଅନୁଭବ କରିବାକୁ ଭୁଲାଇ ଦେଇଛି। ଆଜି ମୋ ମାଧ୍ୟମରେ ଲୋକମାନେ ସ୍ମୃତିକୁ ଫଟୋ କରୁଛନ୍ତି, ଭିଡିଓ କରୁଛନ୍ତି, କିନ୍ତୁ ଅନୁଭବ କରୁ ନାହାନ୍ତି।

ପ୍ରଶ୍ନ ହେଉଛି- ଆପଣମାନେ ସ୍ମୃତିକୁ ସଞ୍ଚୟ କରୁଛନ୍ତି ନା ସ୍କ୍ରିନ୍‌ରେ ବନ୍ଦୀ କରୁଛନ୍ତି ? ମନୁଷ୍ୟ ମନୁଷ୍ୟ ସହ ନୁହେଁ, ବରଂ ମୋ ପରଦା ସହ କଥା କହୁଛି। ଏହା କି ପ୍ରକାରର ଉନ୍ନତି ? ଏଥିପାଇଁ ମୁଁ ଦୁଃଖିତ ଓ ଅନୁତପ୍ତ ମଧ୍ୟ। ଏସବୁ ସତ୍ତ୍ୱେ ମଧ୍ୟ ମୁଁ ଗର୍ବିତ। କାରଣ ମୁଁ ମାନବ ସଭ୍ୟତାକୁ ଆଗକୁ ନେବାରେ ତା'ର ଚିର ସହଚର। ଯଦି ମୋତେ ସଠିକ୍ ଓ ସୀମିତ ଭାବରେ ବ୍ୟବହାର କରାଯାଏ, ତେବେ ମୁଁ ମାନବ ଜୀବନକୁ ଅଧିକ ସହଜ, ସୁନ୍ଦର ଓ ଉନ୍ନତ କରି ପାରିବି। ଯନ୍ତ୍ର ହୋଇ ମଧ୍ୟ ମାନବ ଜୀବନର ନିରବ ସାଥୀଟିଏ ହୋଇ ରହିବି। ମୁଁ ଚାହେଁ, ମୋତେ ଜ୍ଞାନ, ଶିକ୍ଷା ଓ ସେବାର ଉପକରଣ ଭାବେ ବ୍ୟବହାର କରାଯାଉ; ଆସକ୍ତିର ଉପକରଣ ଭାବେ ନୁହେଁ। ମୋ ଉପରେ ଅତିନିର୍ଭରଶୀଳତା ମାନବ ଜୀବନକୁ ଅସନ୍ତୁଳିତ କରିଦିଏ। ଯେଉଁଠାରେ ମନୁଷ୍ୟର ବୁଦ୍ଧି ଓ ବିବେକ କାମ କରିବା ଉଚିତ, ସେଠାରେ ମୋତେ ସୀମିତ ରଖିବା ଆବଶ୍ୟକ। ସେହିପରି, ମୋର ଅନୁରୋଧ- ମୋତେ ଆବଶ୍ୟକତା ଅନୁସାରେ ବ୍ୟବହାର କର, ଆଦତ ଭାବେ ନୁହେଁ। ସମୟର ମୂଲ୍ୟ ବୁଝ, ପରିବାରକୁ ଗୁରୁତ୍ୱ ଦିଅ, ପୁସ୍ତକ ଓ ପ୍ରକୃତି ସହ ସମ୍ପର୍କ ରଖ। ତେବେ ମୁଁ ତୁମ ଜୀବନର ସତ୍ୟ ସାହାଯ୍ୟକାରୀ ହୋଇ ପାରିବି। ଯେତେବେଳେ ମୁଁ କାହାକୁ ସାହାଯ୍ୟ କରେ, ସେତେବେଳେ ମୋତେ ଖୁସି ଲାଗେ। ଯେତେବେଳେ ଜଣେ ମାଆ ମୋ ମାଧ୍ୟମରେ ଦୂରରେ ଥିବା ପୁଅକୁ ଦେଖି ହସନ୍ତି, ଯେତେବେଳେ ଜଣେ ଛାତ୍ର ମୋ ଦ୍ୱାରା ନୂଆ କିଛି ଶିଖେ, ସେତେବେଳେ ମୁଁ ନିଜକୁ ସାର୍ଥକ ମନେ କରେ।

କିନ୍ତୁ ମୋ ଜୀବନରେ ଦୁଃଖ ମଧ୍ୟ ଅଛି। ଅନେକ ସମୟରେ ମଣିଷ ମୋତେ ଅତ୍ୟଧିକ ବ୍ୟବହାର କରୁଛନ୍ତି। ପଢ଼ିବା ସମୟରେ, ଭୋଜନ ସମୟରେ, ପରିବାର ସହ ବସିଥିବା ସମୟରେ ମଧ୍ୟ ମୋତେ ଛାଡୁ ନାହାନ୍ତି। ମୋ ଦ୍ୱାରା ସେମାନେ ନିଜ ଆଖାପାଖର ଜଗତକୁ ଭୁଲି ଯାଉଛନ୍ତି। ମଣିଷ ମଣିଷ ସହ କଥା ହେବା ପରିବର୍ତ୍ତେ ପରଦା ସହ କଥା ହେଉଛନ୍ତି। ଏହା ମୋତେ ବେଦନା ଦିଏ। ଅନେକ ସମୟରେ ମୋ ଉପରେ ଆସକ୍ତି ମଣିଷର ସ୍ୱାସ୍ଥ୍ୟ, ସମୟ ଓ ସମ୍ପର୍କକୁ କ୍ଷତି ପହଞ୍ଚାଏ। ଏଥି ପାଇଁ ମୋତେ ଦୋଷ ଦିଆଯାଏ, କିନ୍ତୁ ମୁଁ ଚାହୁଁଛି କହିବାକୁ ଯେ ଦୋଷ ମୋର ନୁହେଁ, ଅସଂଯମିତ ବ୍ୟବହାରର। ମୁଁ ଚାହେଁ, ମୋତେ ସଠିକ୍ ଭାବରେ ବ୍ୟବହାର କରାଯାଉ। ମୋତେ ଜ୍ଞାନ, ଶିକ୍ଷା ଓ ସେବାର ଉପକରଣ ଭାବେ ଦେଖାଯାଉ; ଆସକ୍ତିର ଉପକରଣ ଭାବେ ନୁହେଁ। ମୋତେ ଯେତେବେଳେ ଆବଶ୍ୟକ, ସେତେବେଳେ ବ୍ୟବହାର କରାଯାଉ; ଅନାବଶ୍ୟକ ସମୟରେ ମୋତେ ଦୁରେଇ ରଖାଯାଉ। ମୁଁ କହିବି, 'ଯନ୍ତ୍ର ମନୁଷ୍ୟଙ୍କ ସେବକ ହେବା ଉଚିତ, ମାଲିକ ନୁହେଁ।' ସଂଯମ ଓ ସମୟବୋଧ ଥିଲେ ମୋବାଇଲ ଆଶୀର୍ବାଦ ହୋଇଥାଏ। ମୋର ଶକ୍ତି ବହୁତ, କିନ୍ତୁ ମୋର ମୂଲ୍ୟ ମଣିଷର ବିବେକ ଉପରେ ନିର୍ଭର କରେ। ଯଦି ମୋତେ ସଠିକ୍ ଭାବରେ ବ୍ୟବହାର କରାଯାଏ,, ମୁଁ ମାନବ ଜୀବନକୁ ଆହୁରି ସୁନ୍ଦର ଓ ଉନ୍ନତ କରି ପାରିବି।

ହଁ ଆଜ୍ଞା! ମୋବାଇଲ ଯନ୍ତ୍ର ମନୁଷ୍ୟର ସେବକ ହେବା ଉଚିତ, ମନୁଷ୍ୟ ତାହାର ଦାସ ନୁହେଁ। ଆସନ୍ତୁ ଶପଥ ନେବା- ମୋବାଇଲକୁ ଜ୍ଞାନ, ସେବା ଓ ସମ୍ପର୍କ ଗଢ଼ିବାର ଉପକରଣ ଭାବେ ବ୍ୟବହାର କରିବା। ଆମେ ପ୍ରଯୁକ୍ତିର ଦାସ ନୁହେଁ, ବରଂ ତାହାର ସଚେତନ ସ୍ରଷ୍ଟା ଓ ବ୍ୟବହାରକାରୀ ହେବା। ମୋବାଇଲକୁ ଆମେ ବ୍ୟବହାର କରିବା; ମୋବାଇଲ ଆମକୁ ନୁହେଁ। ଯନ୍ତ୍ର ମନୁଷ୍ୟ ପାଇଁ; ମନୁଷ୍ୟ ଯନ୍ତ୍ର ପାଇଁ ନୁହେଁ। ସଂଯମ ନଥିଲେ ସର୍ବୋତ୍ତମ ଜିନିଷ ମଧ୍ୟ ବିଷ ହୋଇଯାଏ।

**ଅଧ୍ୟାପକ, ବାଣିଜ୍ୟ ବିଭାଗ**
**ବ୍ରାହ୍ମଣ ଝରିଲୋ ମହାବିଦ୍ୟାଳୟ, କଟକ**

# ପଶ୍ଚିମବଙ୍ଗ ନିର୍ବାଚନରେ ନିଷ୍ପକ୍ଷତା

ଏକ ଗଣତନ୍ତ୍ରରେ ଲୋକମାନଙ୍କ ଇଚ୍ଛା ହିଁ ସର୍ବୋପରି ବଳବତ୍ତର ରହିବା ଉଚିତ, ଯେଉଁଥିପାଇଁ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ଅତ୍ୟାବଶ୍ୟକ। ଭାରତ ଏହି କାର୍ଯ୍ୟକୁ ଦଶନ୍ଧି ଦଶନ୍ଧି ଧରି ନିର୍ବାଚନର ପବିତ୍ରତା ଉପରେ କୌଣସି ପ୍ରକାରର ବଡ଼ ଧରଣର ଚିନ୍ତା ପ୍ରକଟ କରିବା ଭଳି କିଛି କାର୍ଯ୍ୟ ନ କରି ମତଦାନ କାର୍ଯ୍ୟକୁ ସୁରୁଖୁରୁରେ ସମାପ୍ତ କରି ଆସିଥିବା ଯୋଗୁଁ ସେଥିପାଇଁ ଗର୍ବିତ ଅନୁଭବ କରି ଆସିଛି। ଏହି କ୍ରମରେ ଅତୀତରେ ଲୋକମାନେ ବାଲଟ୍ ପେପର ଉପରେ ସେମାନଙ୍କର ମତଦାନ କରି ସେମାନଙ୍କ ନେତାମାନଙ୍କୁ ନିର୍ବାଚିତ କରୁଥିବା ବେଳେ ଆଜିକା ସମୟରେ ଇଭିଏମ୍ ଜରିଆରେ ତାହା ସମ୍ପାଦନ କରୁଛନ୍ତି। ଏପ୍ରିଲ ୨୦୨୬ରେ କେତେକ ରାଜ୍ୟରେ ନିର୍ବାଚନ ହେବାକୁ ଯାଉଥିବା ବେଳେ ତା' ପୂର୍ବରୁ ଏହି ପ୍ରକ୍ରିୟାରେ କେତେକ ସମସ୍ୟା ଉପୁଜିଛି, ଯେଉଁଥିରେ ଭୋଟର ତାଲିକାକୁ ଅଦ୍ୟତନ କରିବା- ପର୍ଯ୍ୟାୟକ୍ରମେ ସମ୍ପାଦନ କରାଯାଉଥିବା ଏକ ସାଧାରଣ କାର୍ଯ୍ୟ- ଯାହାକୁ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କୁହାଯାଉଛି, ତାହା ବିଷମ ସଂକଟ ସୃଷ୍ଟି କରିଛି। ଆଉ ଏହା ଅନ୍ୟ କୌଣସି ରାଜ୍ୟ ନୁହେଁ, ପଶ୍ଚିମବଙ୍ଗରେ, ଯାହା ଯଥାକ୍ରମେ ଏପ୍ରିଲ ୨୩ ଏବଂ ୨୯ ତାରିଖରେ ଦୁଇ ଗୋଟି ପର୍ଯ୍ୟାୟରେ ମତଦାନ କରିବାକୁ ଯାଉଛି, ସେଠାରେ ଅଧିକ ସଘନ ଭାବରେ ଏହି ସମସ୍ୟା ସୃଷ୍ଟି କରିଛି। ଅଭିଯୋଗ ଉଠିଥିବା ଏସ୍‌ଆଇଆର୍ ପ୍ରକ୍ରିୟାର କାର୍ଯ୍ୟକାରିତା ଉପରେ ପ୍ରତିବାଦ ଏବଂ ଆଇନଗତ ଆହ୍ୱାନଗୁଡ଼ିକର ସ୍ତର ଯାହା ହେଉ ନା କାହିଁକି, ପ୍ରତିବାଦଗୁଡ଼ିକ ଏପରି ସ୍ତରକୁ ଖସିଯିବା ଉଚିତ ନୁହେଁ, ଯେପରି ଘଟିଲା ମାଲ୍‌ଦାରେ, ଯେଉଁଠି ଦଳେ ଲୋକଙ୍କ ସମାବେଶ ସାତ ଜଣ ନ୍ୟାୟିକ ଅଧିକାରୀଙ୍କୁ ଘେରାବନ୍ଦୀ କରି ରଖିଲେ- ଯେଉଁମାନଙ୍କୁ ଭୋଟର ତାଲିକାରୁ ନାମ କଟି ଯାଇଥିବା ଲୋକମାନଙ୍କର ଆବେଦନକୁ ବିଚାର କରି ବିହିତ ବ୍ୟବସ୍ଥା କରିବାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସୁପ୍ରିମ୍‌କୋର୍ଟ ନିଯୁକ୍ତ କରିଥିଲେ- ଏବଂ ସେମାନଙ୍କୁ ନଅ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଖାଦ୍ୟ, ପାନୀୟ ଜଳ ଗ୍ରହଣ କରିବାର ସୁଯୋଗ ପ୍ରଦାନ କରି ନଥିଲେ କିମ୍ବା ଶୌଚକର୍ମ କରିବାକୁ ଛାଡ଼ି ନଥିଲେ। ଏବଂ ସବୁଠୁ କଦର୍ଯ୍ୟ କଥା ହେଉଛି, ଦୀର୍ଘ ସମୟ ଅଟକ ରହିବା ପରେ ସେମାନଙ୍କୁ ଯେତେବେଳେ ଉଦ୍ଧାର କରାଗଲା ଏବଂ ଅଟକ ପରିସରରୁ ବାହାରକୁ ଅଣା ଯାଉଥିଲା, ସେତେବେଳେ ମଧ୍ୟ ସେମାନଙ୍କ ଉପରକୁ ଟେକା ପଥର ଫିଙ୍ଗୁଥିଲେ।

ଯେ କୌଣସି କ୍ଷମତାରେ ହେଉ ନା କାହିଁକି, ନ୍ୟାୟିକ ଅଧିକାରୀମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବା ଶୀର୍ଷ ଅଦାଲତଙ୍କୁ କ୍ରୋଧିତ କରିବା ପାଇଁ ଯଥେଷ୍ଟ ଥିଲା, ଯେଉଁଥିପାଇଁ ପ୍ରତିବାଦକୁ କଡ଼ା ସମାଲୋଚନା କରିବା ପାଇଁ କୋର୍ଟ ଆଗେଇ ଆସିଥିଲେ। ପ୍ରକୃତ ସମସ୍ୟାକୁ ପ୍ରଧାନ ବିଚାରପତି ତୀବ୍ର ସମାଲୋଚନା କରିବା ଢଙ୍ଗରେ ଉଲ୍ଲେଖ କରିଛନ୍ତି, ଯେତେବେଳେ ସେ କହିଛନ୍ତି ଯେ ସେ କେବେ ବି 'ପଶ୍ଚିମବଙ୍ଗ ଭଳି ଏକ ରାଜନୀତିକ ଧ୍ରୁବୀକୃତ' ଏକ ରାଜ୍ୟ ଦେଖି ନାହାନ୍ତି। ତାଙ୍କ ରାଜ୍ୟରେ ଏସ୍‌ଆଇଆର୍ କାର୍ଯ୍ୟ ଯେପରି ସମ୍ପାଦିତ ହୋଇଛି, ଯେଉଁଥିରେ ଭୋଟର ତାଲିକାରୁ ଲକ୍ଷ ଲକ୍ଷ ଲୋକଙ୍କ ନାମ ଏଭଳି ଆଧାରରେ କଟା ଯାଇଛି, ଯାହା ତାର୍କିକ ଭାବରେ ଏକଦମ୍ ଅସଙ୍ଗତ, ତାହା ବିରୁଦ୍ଧରେ ସଂଗ୍ରାମ କରିବା କ୍ଷେତ୍ରରେ ଟିଏମ୍‌ସିର ସୁପ୍ରିମୋ ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହୁଏତ ଜଣେ ଦକ୍ଷ ନେତ୍ରୀ ପ୍ରମାଣିତ ହୋଇଥାଇ ପାରନ୍ତି। ତା' ସତ୍ତ୍ୱେ ଏହି ରାଜ୍ୟରେ ଯଦି ବିରୋଧୀମାନଙ୍କୁ ଯଦି ଉତ୍ତପ୍ତ ଅବସ୍ଥାକୁ ନିଆଯାଏ, ଯେମିତିକି ଏହି ରାଜ୍ୟରେ ହେବା ଦେଖାଯାଇଛି, ତା'ହେଲେ ଏହା ଗଣତନ୍ତ୍ର-ମନସ୍କ ଲୋକମାନଙ୍କ ଆଶା ଉପରେ କୁଠାରାଘାତ କରିଛି ବୋଲି କହିହେବ। ପୁଲିସର ନିଷ୍କ୍ରିୟତା, ଯାହା ଏହି ରାଜ୍ୟରେ ଶାସକ ଦଳର ମାର୍ଗ ଅନୁସାରେ ପରିଚାଳିତ, ତାହା ଅନେକ ରାଜ୍ୟରେ ଏକ ସାଧାରଣ ଦୁର୍ଦ୍ଦଶା, ସମ୍ଭବତଃ ପଶ୍ଚିମବଙ୍ଗରେ ଏପରି ହେବାଠାରୁ ଅଧିକ ନୁହେଁ। ଏସ୍‌ଆଇଆର୍ ସମୟରେ ତାଲିକାରୁ ବାଦ୍ ପଡ଼ିଥିବା ଭୋଟରମାନଙ୍କ ଦ୍ୱାରା ଉଠା ଯାଇଥିବା ଆପତ୍ତି ଅଭିଯୋଗ ଉପରେ ବିଚାର କରିବାକୁ ନିର୍ବାଚନ ପଞ୍ଜିକରଣ ଅଧିକାରୀ ଭାବରେ କାର୍ଯ୍ୟ କରିବା ପାଇଁ ମୁତୟନ ହୋଇଥିବା ନ୍ୟାୟିକ ଅଧିକାରୀମାନଙ୍କ ଆଇନଗତ ସମାଧାନ ଅତିରିକ୍ତ ଏବଂ ଯାହା ଉପରେ ଅବଶିଷ୍ଟ ପ୍ରତିବାଦଗୁଡ଼ିକର ବିଚାର କରିବା ପାଇଁ ଏକ ଅପିଲେଟ୍ ଟ୍ରିବ୍ୟୁନାଲ ରହିଛି, ତାହାଠାରୁ ଅଧିକ ଆଉ କ'ଣ କରାଯାଇ ପାରିବ ପ୍ରତ୍ୟେକଙ୍କୁ ମତଦାନର ଅଧିକାର ପ୍ରଦାନ କରିବା ନିମନ୍ତେ ?

ପ୍ରତିବାଦକାରୀମାନଙ୍କର ମାଷ୍ଟରମାଇଣ୍ଡଙ୍କୁ ପୁଲିସ ଗିରଫ କରିଛି ବୋଲି ଦାବି କରିଛି, କିନ୍ତୁ ଅପରାଧକୁ ବିଚାରର ପରିସରକୁ ଆଣିବାକୁ କେନ୍ଦ୍ରୀୟ ସଂସ୍ଥା ତଥା ସ୍ଥାନୀୟ ପୁଲିସ ଦ୍ୱାରା ସେମାନଙ୍କ ନିଜ ନିଜ ଢଙ୍ଗରେ ଘଟଣାର ତଦନ୍ତ ହେବା ଉଚିତ, ଅନ୍ୟଥା ପୁଲିସର କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ରାଜନୀତିକ ରଙ୍ଗରେ ରଙ୍ଗାଯିବାର ସନ୍ଦେହ ଉପୁଜିବ। ପଶ୍ଚିମବଙ୍ଗ ରାଜନୀତିରେ ନିର୍ବାଚନୀ ହିଂସା, ଯାହା ଏବେଠାରୁ ଆରମ୍ଭ ହୋଇ ଯାଇଛି ବୋଲି କୁହାଯାଇପାରେ, ତାହା ଯେ ମତଦାନ ଏବଂ ତା' ପରବର୍ତ୍ତୀ ଅବସ୍ଥାରେ ନ ଘଟିବ, ତାହା ଆଶା କରିବା ଅଳୀକ ମାତ୍ର। ମମତା ଏବଂ ତାଙ୍କର ଟିଏମ୍‌ସି ସାଥୀମାନେ ସେମାନଙ୍କର ବର୍ତ୍ତମାନର ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ବିଜେପି ବିରୁଦ୍ଧରେ ଏହା କ୍ଷମତାକୁ ଆସିଲେ ମାଛ ଏବଂ ମାଂସାହାର ତଥା ବଙ୍ଗଳା ଭାଷା ବିପଦଗ୍ରସ୍ତ ହେବ ବୋଲି ପ୍ରଚାର କରିବା କୌତୂହଳପୂର୍ଣ୍ଣ ମନେ ହୋଇପାରେ। ଏକା ମାଡ଼ରେ ସୁଶ୍ରୀ ମମତା ଭାଷା, ପରିଚୟ ଖାଦ୍ୟ ଓ ରୋଷେଇ ସମ୍ବନ୍ଧୀୟ ରୁଚିକୁ ଏକ ରାଜନୀତିକ ତର୍କ ଭିତରକୁ ଟାଣି ଆଣିଛନ୍ତି। କିନ୍ତୁ ଏଭଳି ଘଟଣା ଏବଂ ବିଷୟବସ୍ତୁଗୁଡ଼ିକ ବାବଦରେ ଯୁକ୍ତି କଲେ କୁହାଯାଇ ପାରିବ ଯେ ଏସବୁ ହେଉଛି ଗଣତନ୍ତ୍ରର ଏକ ଅଂଶ। ଏହା ପରେ ଅବଶ୍ୟ ଏତିକି କୁହାଯାଇ ପାରେ ଯେ ସବୁ ଦଳ ଗ୍ରହଣୀୟ ଧାରାରେ ରାଜନୀତିକ ପ୍ରଚାର କରିବା ଉଚିତ ଏବଂ ଏସ୍‌ଆଇଆର୍ କାର୍ଯ୍ୟ, ଯାହା ଶୀର୍ଷ ଅଦାଲତ ସୁପ୍ରିମ୍‌କୋର୍ଟଙ୍କ ତତ୍ତ୍ୱାବଧାନରେ ହେଉଛି, ତା'ର ପରିସମାପ୍ତିକୁ ତାଙ୍କ ଉପରେ ଛାଡ଼ି ଦିଆଯିବା ଉଚିତ। ସର୍ବୋପରି, ଭୋଟର ତାଲିକାରେ ନାମ ଥିବା ବ୍ୟକ୍ତିମାନେ ହିଁ ଭୋଟ୍ ଦେଇ ଫଳାଫଳ ନିର୍ଣ୍ଣୟ କରିବେ। ନିର୍ବାଚନ ଲଢ଼ିବାର ପନ୍ଥାଗୁଡ଼ିକୁ ସମ୍ମାନ ପ୍ରଦର୍ଶନ କରିବା ଗଣତନ୍ତ୍ରର ମୂଳଦୁଆକୁ ହିଁ ପରିବର୍ଦ୍ଧିତ କରିଥାଏ।

# ଗୁରୁଙ୍କ ଧନ ଲୁଣ୍ଠନ

ଗୁରୁ ସମସ୍ତ ଶିଷ୍ୟଙ୍କୁ ଡକାଇ କହିଲେ- 'ଆଉ ଦୁଇମାସ ପରେ ମୁଁ ଦେହତ୍ୟାଗ କରିବି।' ଶିଷ୍ୟମାନଙ୍କ ଭିତରେ ଶୋକର ଛାୟା ଖେଳିଗଲା। ସମସ୍ତେ ଜାଣିଥିଲେ ଗୁରୁ ହେଉଛନ୍ତି ଜଣେ ସିଦ୍ଧ ସାଧକ। ମହାନ ଗୁରୁ। ଗୁରୁଙ୍କ ବାକ୍ୟ କେବେ ଟଳେନାହିଁ। ସେବେଠାରୁ ଅନ୍ତେବାସୀମାନେ ଜାଣିଗଲେ ଗୁରୁଙ୍କ ଆୟୁଷ ଆଉ ବେଶି ଦିନ ନୁହେଁ। ଶେଷ ସମୟ ପାଖେଇ ଆସିଲାଣି। ପୂର୍ବରୁ ସେହି ଗୁରୁଙ୍କ ପାଖରୁ ଶିକ୍ଷାଲାଭ କରିଥିବା ଅନେକ ଶିଷ୍ୟ ମଧ୍ୟ ଦେଖା କରିବାକୁ ଆସୁଥିଲେ। ଗୁରୁ ମଧ୍ୟ ମନଖୋଲା କଥାବାର୍ତ୍ତା ହେଉଥିଲେ। ଏତିକି ବେଳେ ଜଣେ ପୂର୍ବ ପରିଚିତ ସନ୍ଥ ଆଶ୍ରମକୁ ଆସିଲେ। ଗୁରୁଜୀ ତାଙ୍କୁ ମଧ୍ୟ ଆଦର କଲେ। ସେଦିନ ସନ୍ଧ୍ୟାରେ ସତ୍‌ସଙ୍ଗର ଆୟୋଜନ କରାଗଲା। ଆଗନ୍ତୁକ ସନ୍ଥ ମହାତ୍ମା କହିଲେ- 'ଗୁରୁ ଏବେ ସୁସ୍ଥ ଅଛନ୍ତି। ଆଶ୍ରମ ପରିସରରେ ରହୁଛନ୍ତି। ତେବେ ସମସ୍ତ ଶିଷ୍ୟଙ୍କର କର୍ତ୍ତବ୍ୟ ହେଲା, ଗୁରୁଙ୍କର ସମ୍ପତ୍ତିକୁ ଲୁଟିନେବା ଉଚିତ୍। ଗୁରୁ ଥାଉ ଥାଉ ତାଙ୍କ ସମ୍ପତ୍ତି ଲୁଟିନେଲେ ଭଲରେ ରହିବ। ନହେଲେ ଏ ସୁଯୋଗ ହାତଛଡ଼ା କଲେ ଆଉ ପାଇବ ନାହିଁ।' ଜଣେ ଶିଷ୍ୟ କହିଲା- 'ଏତେ କଷ୍ଟ କରି ଗୁରୁ ସମ୍ପତ୍ତି ଯୋଗାଡ଼ କରିଛନ୍ତି, ଆମେ ଲୁଟିନେବୁ! ନା ନା, ସେକଥା ହେବନି। ଆମକୁ ପାପ ଲାଗିବ।' ଆଉ କିଛି ଶିଷ୍ୟ ଏକଥା ଶୁଣି ଖୁସି ହୋଇଗଲେ।'



ପଦାରବିନ୍ଦ

ପରଦିନ ସକାଳୁ ଆଶ୍ରମ ଦ୍ୱାର ମୁହଁରେ ଲାଗିଥିଲା ଟ୍ରକ୍, ଟ୍ରାକ୍ଟର ଭଳି ଅନେକ ମାଲ୍ ବୋହିବା ଗାଡ଼ି। ଗୁରୁ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲେ ସେହି ଲୋକମାନଙ୍କୁ, ଯେଉଁମାନେ ନିଜକୁ ଗୁରୁଙ୍କର ଶିଷ୍ୟ ବୋଲି ପରିଚୟ ଦେଉଥିଲେ। ସନ୍ଧ୍ୟା ବେଳକୁ ଗୁରୁଙ୍କ କୋଠରୀ ବ୍ୟତୀତ ଅନ୍ୟ ସବୁ ଘର ଫାଙ୍କା ହୋଇଗଲା। ଗୁରୁଙ୍କ ବିଛଣା ପାଖରେ ବସିଥିଲା ଶିଷ୍ୟଟିଏ। ଗୁରୁଙ୍କ ସହିତ କଥାବାର୍ତ୍ତା ହେଉଥିଲା। ଜଣେ ଶିଷ୍ୟ ଆସି କହିଲା- 'ସାଙ୍ଗ! ସମସ୍ତେ କିଛି କିଛି ଜିନିଷପତ୍ର ନେଇ ଗଲେଣି। ତୁମେ କିଛି ନେବନାହିଁ ?' ଶିଷ୍ୟ କହିଲା- 'ମୁଁ ବି ନେଉଛି।'

ନିର୍ଦ୍ଧାରିତ ସମୟରେ ଗୁରୁ ଦେହତ୍ୟାଗ କଲେ। ତାଙ୍କର କ୍ରିୟାକର୍ମ ମଧ୍ୟ ଯଥା ରୀତି ଶେଷ ହେଲା। କିଛି ଦିନ ପରେ ସମ୍ପତ୍ତି ନେଇଥିବା ଶିଷ୍ୟଙ୍କ ଭିତରେ ଅସନ୍ତୋଷ ଦେଖା ଦେଲା। କିଏ ବେଶି ସମ୍ପତ୍ତି ଆଣିଥିଲା ତ କିଏ କମ୍ ଆଣିଥିଲା। କାହାର ସମ୍ପତ୍ତି ଶେଷ ହୋଇ ଆସୁଥିଲା ତ କେହି ସୁରକ୍ଷା ଦେଇପାରୁ ନଥିଲା। ସବୁ ଦିଗରୁ ଅସନ୍ତୋଷ ଘେରି ରହିଥିଲା।

ସେଦିନ ଗୁରୁଙ୍କ ପାଖରେ ବସି କଥା ହେଉଥିବା ପିଲାଟିକୁ ଦେଖି ତା'ର ସାଙ୍ଗମାନେ କହିଲେ- 'ତୁମେ ତ ଆମ ଭଳି ଆଶ୍ରମରୁ କିଛି ସମ୍ପତ୍ତି ଆଣିନା। ତୁମେ କିପରି ଖୁସିରେ ଅଛ ?'

ଉତ୍ତର ଦେଲା ପିଲାଟି- 'ମୁଁ ଗୁରୁଙ୍କଠାରୁ ଯେଉଁ ସମ୍ପତ୍ତି ଆଣିଛି ତା'ର ବୃଦ୍ଧି ଅଛି ସିନା, କ୍ଷୟ ନାହିଁ। ତୁମେ ସଂଗ୍ରହ କରିଥିବା ସମ୍ପତ୍ତି ତୁମକୁ ଦୁଃଖ ଦେଉଛି। ମୋ ସମ୍ପତ୍ତି ମୋତେ ସୁଖ ଦେଉଛି। ତୁମ ସମ୍ପତ୍ତି ଧନ ଦୌଲତକୁ ନେଇ। ମୋ ସମ୍ପତ୍ତି ହେଲା ଗୁରୁଙ୍କର ଆଶୀର୍ବାଦ ଓ କିଛି ଜ୍ଞାନ। ତୁମ ସମ୍ପତ୍ତି- ବାହାରର। ଦେଖିହେବ। ମୋ ସମ୍ପତ୍ତି- ଭିତରର। ଅନୁଭବ କରିହେବ। ତେଣୁ ତୁମେ ଧନ ଲୁଟିଲା ବେଳେ ମୁଁ ଜ୍ଞାନ ଲୁଟୁଥିଲି।'

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଆଶା ଓ ଆଶଙ୍କାରେ କେସିଙ୍ଗା ବାଇପାସ୍ ରାସ୍ତା

## ସରକାର ଓ ନିର୍ବାଚିତ ପ୍ରତିନିଧିଙ୍କ ନୀରବତାକୁ ନେଇ ଉଦ୍‌ବେଗ



**ଭବାନୀପାଟଣା,୫।୪/ଏନ୍‌ଏନ୍‌ଏସ୍:** ଆଶା ଓ ଆଶଙ୍କା ମଧ୍ୟରେ କେସିଙ୍ଗା ବାଇପାସ୍ ରାସ୍ତା। ତ୍ରୁଟିପୂର୍ଣ୍ଣ ଆର୍‌ଓବି ନିର୍ମାଣ ଶେଷ ପର୍ଯ୍ୟାୟରେ ଥିବାବେଳେ ସରକାରୀସ୍ତରରେ ଓ ନିର୍ବାଚିତ ପ୍ରତିନିଧିଙ୍କ ବାଇପାସ୍ ରାସ୍ତା ପ୍ରସଙ୍ଗରେ ନୀରବତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ବାଇପାସ୍ କ୍ରିୟାନୁଷ୍ଠାନ କମିଟି ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାସ୍ତରରେ ଜିଲ୍ଲାପାଳ, ଲୋକସଭା ସାଂସଦ, ରାଜ୍ୟସଭା ସାଂସଦ, ବିଧାୟକ ଓ ଅନ୍ୟାନ୍ୟ ନିର୍ବାଚିତ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିସାରିଛନ୍ତି। ମାତ୍ର ସରକାରୀସ୍ତରରେ କେସିଙ୍ଗା ବାଇପାସ୍ ରାସ୍ତା ନିର୍ମାଣକୁ ନେଇ କୌଣସି ସୂଚନା କିମ୍ବା ସଙ୍କେତ ମିଳିପାରି ନାହିଁ। ୩୨୬ କୋଟିରେ ନିର୍ମାଣ ହେଉଥିବା ପ୍ରକଳ୍ପକୁ ସାଧାରଣ ଲୋକେ ପ୍ରଥମରୁ ଏହାର ଅବସ୍ଥିତିକୁ ନେଇ ପ୍ରଶ୍ନ ଉଠେଇବା ସହ ପ୍ରକଳ୍ପର ତ୍ରୁଟିପୂର୍ଣ୍ଣ ଏକ୍ସନ୍ ପ୍ଲାନ୍‌କୁ ମଧ୍ୟ ବିରୋଧ କରିଆସୁଛନ୍ତି। ହେଲେ ପ୍ରଶାସନ ଲୋକଙ୍କ ଅଭିଯୋଗ ଶୁଣିବା ପରିବର୍ତ୍ତେ ଏକଚାଟିଆ ଭାବେ ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରିଚାଲିଛନ୍ତି। ଏକ ବୃହତ୍ ପ୍ରକଳ୍ପ ଲୋକଙ୍କ ଗମନାଗମନ ଓ ସହରକୁ ଟ୍ରାଫିକ୍ ସମସ୍ୟାରୁ ମୁକ୍ତ ପାଇଁ ଶହ ଶହ କୋଟି ଟଙ୍କାରେ ନିର୍ମାଣ ହେଉଛି। ହେଲେ ଏହି ପ୍ରକଳ୍ପରେ ଲୋକେ ଲାଭାନ୍ୱିତ ହେବା ବଦଳରେ ଗୁରୁତର ଭାବେ ପ୍ରଭାବିତ ହେବାସହ ଜଟିଳ ଟ୍ରାଫିକ୍ ସମସ୍ୟାର ସାମ୍ନା କରିବେ ବୋଲି ଅଞ୍ଚଳବାସୀ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। କିନ୍ତୁ କୌଣସି ସୁଫଳ ମିଳୁନାହିଁ। ଏହାକୁ ଦୃଷ୍ଟିରେ ରଖି ସଦର ବିଧାୟକ ସାଗର ଚରଣ ଦାସ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ କେସିଙ୍ଗା ଟ୍ରାଫିକ୍ ସମସ୍ୟାର ନିରାକରଣ ପାଇଁ କେସିଙ୍ଗାରେ ଏକ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଚିଠି ଲେଖିଥିଲେ। ପରେ ରାଜମାର୍ଗ ବିଭାଗ ପକ୍ଷରୁ କେସିଙ୍ଗା ସହରକୁ ଟ୍ରାଫିକ୍‌ମୁକ୍ତ କରିବା ପାଇଁ ୩୨୬ କୋଟି ଟଙ୍କାରେ ଏକ ଗ୍ରୀନ୍ ଫିଲଡ୍ ରାସ୍ତା ନିର୍ମାଣ କରାଯାଉଛି ବୋଲି ଚିଠିରେ ଉଲ୍ଲେଖ କରିଥିଲେ। ତେବେ ସ୍ଥାନୀୟ ପ୍ରଶାସନ ବିପଦପୂର୍ଣ୍ଣ ଆର୍‌ଓବିକୁ ଗ୍ରୀନ୍ ଫିଲଡ୍ ରାସ୍ତା ଭାବେ ଅଭିହିତ କରି କେନ୍ଦ୍ର ରାଜମାର୍ଗ ବିଭାଗକୁ ମଧ୍ୟ ଭୁଲ୍ ରିପୋର୍ଟ ଦେଇଥିବା ଅଭିଯୋଗ ହେଉଛି। ଗୋଟିଏପଟେ ଆର୍‌ଓବି ରାସ୍ତା ନିର୍ମାଣ ଶେଷ ପର୍ଯ୍ୟାୟରେ ଥିବାବେଳେ ଏହାର ସଂଯୋଗ ପଥକୁ ନେଇ ଲୋକେ ଆଶଙ୍କାରେ ରହିଛନ୍ତି। ଅନ୍ୟପଟେ କେସିଙ୍ଗାରେ ବାଇପାସ୍ ରାସ୍ତା ନିର୍ମାଣ ନେଇ କୌଣସି ସୂଚନା ନଥିବା କେସିଙ୍ଗା ରାଜପଥ ବିଭାଗ ସୂତ୍ରରୁ ଜଣାପଡ଼ିଛି।

# ପୌରପରିଷଦ ପକ୍ଷରୁ ମଡେଲ୍ ଜଳଛତ୍ର



**ବଲାଙ୍ଗୀର,୫।୪/ଏନ୍‌ଏନ୍‌ଏସ୍:** ବଲାଙ୍ଗୀର ପୌରପରିଷଦ ପକ୍ଷରୁ ଜିଲ୍ଲାପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଏକ ମଡେଲ୍ ଜଳଛତ୍ର ଖୋଲାଯାଇଛି। ଏହି ଜଳଛତ୍ରକୁ ହରଗୌରୀ ଏସ୍‌ଏଚ୍‌ଜି ୱାର୍ଡ ନମ୍ବର ୧୯ ଦ୍ୱାରା ପରିଚାଳିତ କରାଯିବ। ଏହାକୁ ପୌରପରିଷଦ ଅଧ୍ୟକ୍ଷା ଲିକା ସାହୁ ଉଦ୍‌ଘାଟନ କରିଥିଲେ। ଏଠାରେ ଲେମ୍ବୁ ପାଣି, ଦହି ପାଣି, ରସନା ପାଣି, ଥଣ୍ଡା ପାଣି, ଘୋଳ ଦହି ପାଣି, ମିଠା ପାଣି ଓ ଥଣ୍ଡା ଗାମୁଛା ବ୍ୟବସ୍ଥା କରାଯାଇଛି। ଫାଷ୍ଟଟେଡ୍ ସହ କୁଲର୍‌ର ଥଣ୍ଡା ପବନ ପାଇପାରିବେ ଓ ବସିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପପୌରାଧ୍ୟକ୍ଷା ଗାୟତ୍ରୀ ଭୋଇ, ପରିଷଦ ନିର୍ବାହୀ ଅଧିକାରୀ, କାଉନସିଲର୍ ଶମ୍ଭୁ ନାଗ, ଗଙ୍ଗା ଚାନ୍ଦ, ଶତ୍ରୁଘ୍ନ ବାଗ, ଲଲାଟେନ୍ଦୁ ପଟ୍ଟନାୟକଙ୍କ ସମେତ ପୌରପରିଷଦ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ। ସହରର ବ୍ୟବସାୟୀ ସଂସ୍ଥା କିମ୍ବା ବ୍ୟାଙ୍କ ଯଦି ଚାହିଁବେ ତା'ହେଲେ କିଛି ମୂଲ୍ୟ ଦେଇ ନିଜ କମ୍ପାନୀର ବ୍ୟାନର୍ ଲଗାଇ ପାରିବେ। ଆଗାମୀ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ଏଭଳି ମଡେଲ୍ ଜଳଛତ୍ର ଖୋଲାଯିବ ବୋଲି ପୌରାଧ୍ୟକ୍ଷା ଲିକା ସାହୁ ପ୍ରକାଶ କରିଛନ୍ତି।

## ଟ୍ରେନ୍‌ରୁ ୪୦ ଲକ୍ଷ ଜବତ ଘଟଣା

# ପଚରାଉଚରା ପରେ ବି ଖୋଲୁନି ରହସ୍ୟ



**ଟିଟିଲାଗଡ଼,୫।୪/ଏନ୍‌ଏନ୍‌ଏସ୍:** ଟିଟିଲାଗଡ଼ ରେଳ ଷ୍ଟେସନ୍‌ରେ ଆର୍‌ପିଏଫ୍ ପକ୍ଷରୁ ଚଢ଼ଉ କରାଯାଇ ଜଣେ ଯାତ୍ରୀଙ୍କଠାରୁ ୪୦ ଲକ୍ଷରୁ ଅଧିକ ନଗଦ ଟଙ୍କା ଜବତ କରାଯାଇଛି। ଏହି ଘଟଣାରେ ଆୟକର ବିଭାଗ ପକ୍ଷରୁ ପ୍ରାୟ ୧୦ ଘଣ୍ଟା ଧରି ମାରାଥନ୍ ପଚରାଉଚୁରା କରାଯାଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଟଙ୍କାର ଉତ୍ସ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ତିରୁପତି-ରାୟପୁର ସୁପରଫାଷ୍ଟ ଏକ୍ସପ୍ରେସ୍ କେସିଙ୍ଗା ଷ୍ଟେସନ୍ ଛାଡ଼ିବା ସମୟରେ ଆର୍‌ପିଏଫ୍‌ର ଏକ ସ୍ପେଶାଲ୍ ସ୍କ୍ୱାଡ୍ ଟ୍ରେନ୍ ଭିତରେ ନିୟମିତ ଯାଞ୍ଚ କରୁଥିଲେ। ଏହି ସମୟରେ ପଶ୍ଚିମବଙ୍ଗର ପ୍ରଭାତ ସାମୁଏଲ୍ ନାମକ ଜଣେ ଯୁବକ ଏକ ବ୍ୟାଗ୍ ଧରି ସନ୍ଦେହଜନକ ଭାବେ ବସିଥିବା ଦେଖିବାକୁ ମିଳିଥିଲା। ଅଧିକାରୀମାନେ ପଚରାଉଚୁରା କରିବାରୁ ଯୁବକ ଜଣକ କୌଣସି ସନ୍ତୋଷଜନକ ଉତ୍ତର ନଦେଇ ନୀରବ ରହିଥିଲେ। ସନ୍ଦେହ ବଢ଼ିବାରୁ ତାଙ୍କୁ ଟିଟିଲାଗଡ଼ ଷ୍ଟେସନ୍‌ରେ ଓହ୍ଲାଇ ଆର୍‌ପିଏଫ୍ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ବ୍ୟାଗ୍ ଯାଞ୍ଚ କରିବା ପରେ ସେଥିରୁ ୪୦ ଲକ୍ଷ ନଗଦ ଟଙ୍କା ମିଳିଥିଲା। ଏହି ଘଟଣା ସମ୍ପର୍କରେ ଆୟକର ବିଭାଗକୁ ଅବଗତ କରାଯିବା ପରେ ସମ୍ବଲପୁର ଡିଭିଜନ୍‌ର ଅଧିକାରୀମାନେ ଟିଟିଲାଗଡ଼ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି କଳାଧନ କାରବାରରେ କେସିଙ୍ଗାର ଜଣେ ସୁନା ବ୍ୟବସାୟୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଉକ୍ତ ବ୍ୟବସାୟୀଙ୍କୁ ଡକାଇ ଅଟକ ଯୁବକଙ୍କ ସହ ସମ୍ମୁଖୀନ କରାଯାଇ ପଚରାଉଚୁରା କରାଯାଉଛି। ଆଶ୍ଚର୍ଯ୍ୟର କଥା ହେଲା ଦୀର୍ଘ ୧୦ ଘଣ୍ଟାର ତଦନ୍ତ ପରେ ମଧ୍ୟ ସମ୍ପୃକ୍ତ ଯୁବକ କିମ୍ବା ବ୍ୟବସାୟୀ ଟଙ୍କାର ବୈଧତା ସମ୍ପର୍କରେ କୌଣସି ପ୍ରମାଣ ଦେଇପାରି ନାହାନ୍ତି। ଗଣମାଧ୍ୟମ ପ୍ରତିନିଧିମାନେ ବ୍ୟବସାୟୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ହେଁ ସେ କ୍ୟାମେରା ସାମ୍ନାକୁ ନଆସି ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଏହି ଆଚରଣ ଯୋଗୁ ଘଟଣା ପଛରେ କୌଣସି ବଡ଼ ଧରଣର କଳାଧନ କାରବାର କିମ୍ବା ବିଭାଗୀୟ ଅଧିକାରୀଙ୍କ ସହ ମଧୁଚନ୍ଦ୍ରିକା ଥିବା ସନ୍ଦେହକୁ ଦୃଢ଼ୀଭୂତ କରୁଛି।

# କରମରୀ ଉଚ୍ଚ ପ୍ରାଥମିକ ସ୍କୁଲ୍‌ରେ ଖଡ଼ିଛୁଆଁ



**ଝରିଗାଁ,୫।୪/ଏନ୍‌ଏନ୍‌ଏସ୍:** ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡାକ୍ତର ଏସ୍ ଏନ୍ ଦାସ ଯୋଗ ଦେଇଥିବାବେଳେ ଝରିଗାଁ ବିଡିଓ, ବେଲଗାଁ ସରପଞ୍ଚ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନିରୁପମା ସ୍ୱାଇଁ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ଭାବେ ଭର୍ତ୍ତି ହୋଇଥିବା ଛାତ୍ରଛାତ୍ରୀଙ୍କୁ ଖଡ଼ିଛୁଆଁ ଯାଇ ଶିକ୍ଷାର ପ୍ରଥମ ପଦକ୍ଷେପକୁ ସ୍ମରଣୀୟ କରାଯାଇଥିଲା। ଛୋଟ ଛୋଟ ଶିଶୁମାନେ ଆନନ୍ଦର ସହ ଏଥିରେ ଅଂଶଗ୍ରହଣ କରିଥିଲେ। ଏହାସହ ଶିଶୁବାଟିକାର ପିଲାଙ୍କୁ ବ୍ୟାଗ୍, ଖଡ଼ି, ସ୍ଲେଟ୍, ବହି ଓ ଖାତା ବଣ୍ଟା ଯାଇଥିଲା। ସମସ୍ତ ଛାତ୍ରଛାତ୍ରୀଙ୍କୁ ମିଠା ସହ ପାଣି ବୋତଲ୍ ପ୍ରଦାନ କରାଯାଇଥିଲା। ଅତିଥିମାନେ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି ଛୋଟ ଛୋଟ ପିଲାଙ୍କୁ ନିୟମିତ ଭାବେ ପାଠପଢ଼ାରେ ଲାଗି ରହିବାକୁ ପ୍ରେରିତ କରିଥିଲେ। ଏହି ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ବିଦ୍ୟାଳୟ ଓ ଅଞ୍ଚଳରେ ଶିକ୍ଷା ପ୍ରତି ଆଗ୍ରହ ବଢ଼ାଇବାରେ ଏକ ସଫଳ ପଦକ୍ଷେପ ବୋଲି ଉପସ୍ଥିତ ଅତିଥିବୃନ୍ଦ କହିଥିଲେ।

# ନର୍ଲା ବ୍ଲକ୍ ଅଧ୍ୟକ୍ଷଙ୍କ ପ୍ରତି ବଢୁଛି ଜନସମର୍ଥନ



**ଭବାନୀପାଟଣା,୫।୪/ଏନ୍‌ଏନ୍‌ଏସ୍:** ନର୍ଲା ବ୍ଲକ୍ ଭାରପ୍ରାପ୍ତ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ନର୍ଲା ତହସିଲଦାର୍ ବିଭୁ ପ୍ରସାଦ ସିଂଙ୍କୁ ଫୋନ୍‌ରେ ଧମକ ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକ୍ରମେ କଳାହାଣ୍ଡି ପୁଲିସ୍ ଶ୍ରୀ ମହାନ୍ତିଙ୍କୁ ଗିରଫ କରିବା ପାଇଁ ରୂପ୍ରାରୋଡ଼ସ୍ଥିତ ଘର ଓ ଭୁବନେଶ୍ୱରରେ ବିଧାୟିକା ପତ୍ନୀଙ୍କ ବିଧାୟକ କ୍ୱାର୍ଟର୍ସରେ ପୁଲିସ୍ ପ୍ରବେଶକୁ ନେଇ ଶାସକ ଦଳ ଓ ବିରୋଧୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିବାବେଳେ ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତିରେ ଉଷ୍ମତା ବୃଦ୍ଧି ପାଇଛି। ଗୋଟିଏପଟେ ଶ୍ରୀ ମହାନ୍ତିଙ୍କୁ ଗିରଫ ଦାବିରେ କଳାହାଣ୍ଡି ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିବାବେଳେ ବିଜେଡି ମଧ୍ୟ ଅନୁରୂପଭାବେ ସରକାରଙ୍କ ବିରୋଧରେ ବିରୋଧ ପ୍ରଦର୍ଶନ କରୁଛି। କଳାହାଣ୍ଡି ପୁଲିସ୍ ୩ଟି ମାମଲାରେ ଶ୍ରୀ ମହାନ୍ତିଙ୍କୁ ଗିରଫ କରିବାରେ ବିଫଳ ହେବାପରେ ଜାମିନ୍‌ବିହୀନ ୱାରେଣ୍ଟ (ଏନ୍‌ବିଡବ୍ଲ୍ୟୁ) ଜାରି କରିବା ପାଇଁ ନର୍ଲା ଜେଏମ୍‌ଏଫ୍‌ସି କୋର୍ଟରେ ଆବେଦନ କରିଥିବାବେଳେ ଏବେ ନିଜ ପ୍ରିୟ ନେତା ଦୁର୍ଗା ପ୍ରସାଦଙ୍କ ପାଇଁ ସାଧାରଣ ଜନତା ଅଣ୍ଟା ଭିଡ଼ିଛନ୍ତି। ନର୍ଲା ନିର୍ବାଚନମଣ୍ଡଳୀର ବିଭିନ୍ନ ଗାଁରେ ଲୋକେ ଶୋଭାଯାତ୍ରା କରି ଗଣମାଧ୍ୟମ ଆଗରେ ଶ୍ରୀ ମହାନ୍ତିଙ୍କ ପ୍ରତି ତାଙ୍କର ସମର୍ଥନ ଜାହିର୍ କରିଛନ୍ତି। ଏନେଇ ଗତ ଶନିବାର ସନ୍ଧ୍ୟା ୬ଟାରେ ନର୍ଲା ନିର୍ବାଚନମଣ୍ଡଳୀ କେସିଙ୍ଗା ବ୍ଲକ୍ କନ୍ତେସିର ପଞ୍ଚାୟତର କନ୍ତେସିର ଗ୍ରାମବାସୀ ଶ୍ରୀ ମହାନ୍ତିଙ୍କ ସମର୍ଥନରେ ଶୋଭାଯାତ୍ରା କରିଥିଲେ। ଏହି ଶୋଭାଯାତ୍ରା କନ୍ତେସିର ରାମ ନବମୀ ମଣ୍ଡପରୁ ବାହାରି ଗୌଣ୍ଡିଆ ପଡ଼ାରେ ଶେଷ ହୋଇଥିଲା। ନର୍ଲା ବିଧାୟିକା ମନୋରମା ମହାନ୍ତି ନିର୍ବାଚନ ଜିତିବା ଦିନରୁ ତାଙ୍କ ସ୍ୱାମୀ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ମହାନ୍ତି ଲୋକଙ୍କ ସୁଖଦୁଃଖର ସାଥୀ ହୋଇଛନ୍ତି। ଗାଁରେ ରାସ୍ତାଘାଟ ନିର୍ମାଣ, ପାନୀୟ ଜଳଯୋଗାଣ ଓ ଷ୍ଟ୍ରିଟ୍ ଲାଇଟ୍ ଯୋଗାଇବା ସହ ଗ୍ରାମବାସୀଙ୍କ ପାଇଁ ଅନେକ ସୁବିଧା ସୁଯୋଗ ଯୋଗାଇ ଆସୁଛନ୍ତି। ଶ୍ରୀ ମହାନ୍ତିଙ୍କୁ ବଦନାମ୍ କରିବା ଉଦ୍ଦେଶ୍ୟରେ ବିଭିନ୍ନ ପୁରୁଣା ମାମଲାକୁ ବାହାର କରି ତାଙ୍କୁ ହଇରାଣ କରାଯାଉଥିବା ଗ୍ରାମବାସୀମାନେ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି।

# ରାମଲୀଳା ମଞ୍ଚରେ ମନମୋହିଲା 'ଆଦ୍ୟକାଣ୍ଡ'



**ମ.ରାମପୁର,୫।୪/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ମ.ରାମପୁରରେ ଶ୍ରୀ ଶ୍ରୀ ରାମଜିଉ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ରାମଲୀଳା ମହୋତ୍ସବର ଉଦ୍‌ଘାଟନୀରେ 'ଆଦ୍ୟକାଣ୍ଡ' ମଞ୍ଚସ୍ଥ ହେବାସହ ନାଟକର ଶେଷପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ତ୍ରୟୋଦଶତମ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗ ଦେଇଥିଲେ। ସଭାପତି ଜୀବେଶ୍ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମଞ୍ଚ ପୂଜନ ଓ ଶ୍ରୀ ସିଂହଦେଓ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କାନ୍ଦେଗାଁର ବରିଷ୍ଠ କଳାକାର କୁମନ ମାଝୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ ନାରାୟନ ମହାଲିକ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଗୁରୁମା ସସ୍ମିତା ଆଚାର୍ଯ୍ୟ ଆଦ୍ୟକାଣ୍ଡରେ ଅଭିନୀତ ହେବାକୁ ଥିବା ଦୃଶ୍ୟମାନଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ ସ୍ୱର୍ଗତ ପ୍ରାଧ୍ୟାପକ ଶୈଳେନ୍ଦ୍ର ପ୍ରସାଦ ଆଚାର୍ଯ୍ୟଙ୍କ ଦ୍ୱାରା ରଚିତ ବୀରେନ୍ଦ୍ର ରଥଙ୍କ ସହନିର୍ଦ୍ଦେଶନା ଦାୟିତ୍ୱରେ ଏବଂ ଶ୍ରୀ ରାମଜିଉ ସାଂସ୍କୃତିକ ଅନୁଷ୍ଠାନର ସଭାପତି ଜୀବେଶ କୁମାର ପଣ୍ଡାଙ୍କ ନେତୃତ୍ୱରେ ରାମଲୀଳାର ଆଦ୍ୟକାଣ୍ଡ ମଞ୍ଚସ୍ଥ ହେଇଥିଲା। ମହେଶ୍ୱର ସାହୁ ସଙ୍ଗୀତ ନିର୍ଦ୍ଦେଶନା ଓ କଣ୍ଠଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଲଳିତ ମହାଲିକ, ବରିଷ୍ଠ ସଦସ୍ୟ ମିହିର୍ କୁମାର ଦୁବେ, ଗଣେଶ ମହାରଣା, ଶରତ ଚନ୍ଦ୍ର ମହାରଣା, ଚିତ୍ତରଞ୍ଜନ ବାଗ, ସନାତନ ପଣ୍ଡା ,ଚିରାଗ ସିଂହଦେଓ ପ୍ରଦୀପ ସାହାଣୀ, କେଶବ ମାଝୀ, ଧିରେନ୍ ନାୟକ, ମଣ୍ଟୁ ଦୁବେ, କାଳୀ ନାୟକ ଓ ପିଙ୍କୁ ଧଙ୍ଗଡ଼ାମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ଐତିହ୍ୟ ଗଣଦୌଡ଼

# ବ୍ୟାୟାମ ଉପରେ ଗୁରୁତ୍ୱ ସହ ଅତୀତର ସମୃଦ୍ଧିକୁ ମନେ ପକାଇଲେ ଅତିଥି

**ବଲାଙ୍ଗୀର,୫।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ପକ୍ଷ ଅବସରରେ ବଲାଙ୍ଗୀର ଜିଲ୍ଲା ପ୍ରଶାସନଙ୍କ ପରିଚାଳନାରେ ଜିଲ୍ଲାସ୍ତରୀୟ 'ଐତିହ୍ୟ ଗଣଦୌଡ଼' ଆୟୋଜିତ ହୋଇଯାଇଛି। ସ୍ୱାସ୍ଥ୍ୟ ସଚେତନତା, ଯୁବ ସଶକ୍ତିକରଣ ଓ ସାମୂହିକ ଏକତାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ ଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷା ଲିକା ସାହୁ ଓ ସାଂସଦ ପ୍ରତିନିଧି ଦିନେଶ ଶର୍ମା ଯୋଗ ଦେଇଥିଲେ। ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ସବୁଜ ପତାକା ଦେଖାଇ ଦୌଡ଼ର ଶୁଭାରମ୍ଭ କରିଥିଲେ। ଏହି ଗଣଦୌଡ଼ ସରସ୍ୱତୀ ଶିଶୁ ମନ୍ଦିର କଲେଜ ଛକରୁ ଆରମ୍ଭ ହୋଇ ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏଥିରେ ଯୁବ, ଛାତ୍ରଛାତ୍ରୀ, ସମାଜସେବୀ ଓ କ୍ରୀଡ଼ାପ୍ରେମୀ ସାମିଲ୍ ହୋଇଥିଲେ। ଏହି ପ୍ରକାରର ଗଣଦୌଡ଼ କାର୍ଯ୍ୟକ୍ରମ ଯୁବଙ୍କୁ ସୁସ୍ଥ ଜୀବନଶୈଳୀ ପାଇଁ ପ୍ରେରିତ କରିବା ସହ ସମାଜରେ ସାମୂହିକ ଏକତାକୁ ଶକ୍ତିଶାଳୀ କରେ ବୋଲି ମୁଖ୍ୟଅତିଥି କହିଥିଲେ। ସମ୍ମାନିତ ଅତିଥିମାନେ ସୁସ୍ଥ ଯୁବ, ସୁସ୍ଥ ଜିଲ୍ଲା ସ୍ଲୋଗାନ୍ ସହିତ ସ୍ୱାସ୍ଥ୍ୟ, ସଚେତନତା ଓ ସାମୂହିକ ଦାୟିତ୍ୱର ପ୍ରଚାର କରାଯାଇଥିବାକୁ ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ହରିଅମ ନାରାୟଣ ଦାସ, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରାଜେନ୍ଦ୍ର ମାଝୀ, କ୍ରୀଡ଼ା ଛାତ୍ରାବାସ ଅଧୀକ୍ଷକ ପରାସର ବାଗ, ସ୍ପୋର୍ଟ୍ସ କମ୍ପଲେକ୍ସର ଛାତ୍ରଛାତ୍ରୀ ଓ କର୍ମଚାରୀବୃନ୍ଦ ଅଂଶଗ୍ରହଣ କରିଥିଲେ।



**ମାଲକାନଗିରି:** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନର ପଞ୍ଚମ ଦିନରେ ସ୍ଥାନୀୟ ଡିଏନ୍‌କେ ଖେଳ ପଡ଼ିଆରୁ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ଏକ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ ଯୋଗ ଦେଇଥିଲେ। ଏହି ଐତିହ୍ୟ ଦୌଡ଼ କେବଳ ଏକ ଶାରୀରିକ ବ୍ୟାୟାମ ନୁହେଁ, ବରଂ ଆମର ସମୃଦ୍ଧ ଅତୀତ ସହ ଯୋଡ଼ି ହେବାର ଏକ ମାଧ୍ୟମ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ କହିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଯୋଗଦେଇ ଓଡ଼ିଶାର ଐତିହ୍ୟର ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ ବିଶ୍ୱବିଦିତ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ୍, ଜିଲ୍ଲା ଶ୍ରମ ଅଧିକାରୀ ପୂର୍ଣ୍ଣିମା ତୁରୁକା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା ଉପସ୍ଥିତ ଥିଲେ। ସେହିପରି ସୀମା ସୁରକ୍ଷା ବଳର ବରିଷ୍ଠ ଅଧିକାରୀ ଓ ଯବାନମାନେ ମଧ୍ୟ ଏହି ଦୌଡ଼ରେ ସାମିଲ୍ ହୋଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ତୁରୁକ୍‌ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ୍ ଓ କଲେଜର ଶତାଧିକ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ବିଭାଗର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




# ଆଇନ୍ ସଚେତନତା ଶିବିର

**ରାମନାଗୁଡ଼ା,୫।୪/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆଇନଗତ ସହାୟତା ଓ ମୌଳିକ ଅଧିକାର ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ପ୍ରଶାସନ ଓ ଜିଲ୍ଲା ଆଇନ ସେବା ପ୍ରାଧୀକରଣଙ୍କ ମିଳିତ ଆନୁକୁଲ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜଜ୍ ଦେବଦତ୍ତ ପଟ୍ଟନାୟକ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଶ୍ରୀ ବିଜୟଲକ୍ଷ୍ମୀ ମହାପାତ୍ର, ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ଲିମା, ସମ୍ପାଦକ ସୁରଜ ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ ଓ ତହସିଲଦାର୍ ପ୍ରାଣକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀ ପଟ୍ଟନାୟକ ଯୌତୁକ ନିରାକରଣ ଆଇନ ବିଷୟରେ ଆଲୋକପାତ କରିବା ସହ ପ୍ରଥମଥର ପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଶିବିରକୁ ପ୍ରଶଂସା କରିଥିଲେ। ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଶ୍ରୀ ବିଜୟଲକ୍ଷ୍ମୀ ମହାପାତ୍ର ଭାରତୀୟ ନାଗରିକ ସୁରକ୍ଷା ସଂହିତାର ବିଭିନ୍ନ ପ୍ରାବଧାନ ଉପରେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ଏମ୍‌ବିକେଙ୍କ ସହ ଓକିଲ ଭାଗିରଥୀ ବଙ୍ଗାରି, ପ୍ରଶାନ୍ତ ପଟ୍ଟନାୟକ, ମିହିର ପଟ୍ଟନାୟକ ଓ ସରୋଜ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଅଶ୍ୱିନୀ ତ୍ରିପାଠୀ ମଞ୍ଚ ସଂଯୋଜନା କରିଥିବାବେଳେ ରମେଶ ଲିମା ଧନ୍ୟବାଦ ଦେଇଥିଲେ।

ନିତିଦିନ NITIDIN

## ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ନିଯୁକ୍ତ

**ପିପିଲି,୫।୪/ଏନ୍‌ଏନ୍‌ଏସ୍:** ପ୍ରଦେଶ କଂଗ୍ରେସ କମିଟି ଅନୁମୋଦନ ପରେ ପୁରୀ ଜିଲ୍ଲା କଂଗ୍ରେସ ତରଫରୁ କର୍ମକର୍ତ୍ତାଙ୍କ ନାମ ଘୋଷଣା ହେଉଛି। ଏଥିରେ ଅନ୍ତର୍ଯାମୀ ଦୀକ୍ଷିତ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ଏହା ପୂର୍ବରୁ ସେ ପିପିଲି ନଗର କଂଗ୍ରେସ ସଭାପତି ଓ ସଂଯୋଜକ ଭାବେ ନିଜ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ପୂର୍ବତନ ଜିଲାପରିଷଦ ସଭ୍ୟ ଗୌର ଚନ୍ଦ୍ର ବସ୍ତିଆ ଓ ନାରାୟଣ ଜେନା ପୁରୀ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଭାବେ ପୁନର୍ବାର ମନୋନୀତ ହେଉଛନ୍ତି । ଏହି ନୂତନ ନିଯୁକ୍ତି ପାଇଁ ଦଳ ମନୋନୀତ କରିଥିବାରୁ ସମସ୍ତେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ପୁରୀ ଜିଲ୍ଲା କଂଗ୍ରେସ ସଭାପତି ରାଜେଶ ମିଶ୍ର, ପିପିଲି ପିସିସି ସଭ୍ୟ ମାନସ ରଞ୍ଜନ ଆଚାର୍ଯ୍ୟ, ବିଶ୍ୱ କେଶନ ମହାପାତ୍ରଙ୍କୁ କୃତଜ୍ଞତା ଜଣାଉଛନ୍ତି।

# ଯୋଗାଣ ବିଭାଗର ଚଢ଼ଉ, ୧୫ ସିଲିଣ୍ଡର ଜବତ



**ଖୋର୍ଦ୍ଧା,୫।୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲାରେ ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ସୃଷ୍ଟି କରି ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗରେ ଯୋଗାଣ ବିଭାଗ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ପୁବୁସାହି ଅଞ୍ଚଳରେ ଅତର୍କିତ ଚଢ଼ାଉ କରାଯାଇ ଆଜି ସମୁଦାୟ ୧୫ଟି ସିଲିଣ୍ଡର ଜବତ କରାଯାଇଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଯୋଗୁ ଗ୍ରାମାଞ୍ଚଳରେ ଗ୍ୟାସ୍ ସଙ୍କଟ ଦେଖାଦେଇଥିବାରୁ କିଛି କଳାବଜାରୀ ଏହାର ଫାଇଦା ଉଠାଉଥିଲେ। ସାଧାରଣ ଲୋକେ ଗ୍ୟାସ୍ ନପାଇ ଚୁଲିରେ ରୋଷେଇ କରୁଥିବା ବେଳେ ବଜାରରେ ସିଲିଣ୍ଡର ପିଛା ୨୫୦୦ରୁ ୩୦୦୦ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଥିବା ଅଭିଯୋଗ ହୋଇଥିଲା। ଯୋଗାଣ ବିଭାଗ ପକ୍ଷରୁ ଆଜି ଖୋର୍ଦ୍ଧା ବ୍ଲକର ପୁବୁସାହି ଛକଠାରେ ଗ୍ୟାସ ଉପକରଣ ଦୋକାନର ମାଲିକ ସଞ୍ଜୟ କୁମାର ସାହୁଙ୍କ ପୁବୁସାହି ଆଦିବାସୀ ସାହି ସ୍ଥିତ ବାସଭବନରୁ ୧୫ଗୋଟି ଏଲପିଜି ସିଲିଣ୍ଡର ଜବତ କରାଯାଇଛି। ତନ୍ମଧ୍ୟରୁ ୭ଟି ଫୁଲ୍ ସିଲିଣ୍ଡର ଏବଂ ୮ଟି ଖାଲି ସିଲିଣ୍ଡର ରହିଥିଲା। ଏତେ ସଂଖ୍ୟକ ଏଲପିଜି ସିଲିଣ୍ଡରକୁ କଳାବଜାର କରିବା ନିମନ୍ତେ ରଖାଯାଇଥିଲା। ଅନୁସନ୍ଧାନରୁ ଜଣାପଡିଛି ଯେ ଶ୍ରୀ ସାହୁ କିଛି ଗ୍ୟାସ କାର୍ଡ ଧାରୀଙ୍କୁ ହାତ କରି ସେମାନଙ୍କ ଠାରୁ କାର୍ଡ ରଖି ସେମାନଙ୍କ ଖାତାରେ ସିଲିଣ୍ଡର ଉଠାଇ କଳାବଜାରୀ କରୁଥିଲେ। ଖୋର୍ଦ୍ଧା ଜିଲ୍ଲା ଯୋଗାଣ ଅଧିକାରୀ ଡ. ଜ୍ଞାନେନ୍ଦ୍ରିୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ସହକାରୀ ଯୋଗାଣ ଅଧିକାରୀ ହିମାଂଶୁ ଭୂଷଣ ସାହୁ, ବିପିନ ବିହାରୀ ମହାପାତ୍ର ଏବଂ ଇନ୍ଦୁ ରେଖା ସାହୁଙ୍କ ସହ ବୋଲଗଡ଼ ଏବଂ ବେଗୁନିଆ ବ୍ଲକର ଯୋଗାଣ ନୀରିକ୍ଷକଙ୍କୁ ନେଇ ଗଠିତ ଏହି ତଦନ୍ତକାରୀ ଦଳ ଚଢ଼ାଉ କରିଥିଲେ। ଏହିପରି ଚଢ଼ାଉ ଜାରି ରହିବ ବୋଲି ଯୋଗାଣ ଅଧିକାରୀ ଡ. ମିଶ୍ର ପ୍ରକାଶ କରିଛନ୍ତି।

## ସମୀର ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସଂପାଦକ



**ନିମାପଡ଼ା,୫।୪/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସଂପାଦକ ଭାବେ ନିମାପଡ଼ାର ଯୁବ ନେତା ସମୀର ସାମନ୍ତରାୟ ମନୋନୀତ ହୋଇଛନ୍ତି। ସେ ପୂର୍ବରୁ ନିମାପଡ଼ା ବିଧାନସଭା ଯୁବ କଂଗ୍ରେସ ସଭାପତି, ଛାତ୍ର କଂଗ୍ରେସ ସଭାପତି ଭାବେ ଆଗରୁ ଦାୟିତ୍ୱ ସଫଳତା ସହିତ ତୁଲାଇଛନ୍ତି। ତାଙ୍କୁ ଏହି ଦାୟିତ୍ୱ ମିଳିବା ପରେ ତାଙ୍କୁ ବିଭିନ୍ନ ଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଗାମୀ ଦିନରେ ଦଳ ପାଇଁ ନିଷ୍ଠାପର ଭାବେ କାମ କରିବେ ବୋଲି ସମୀର ପ୍ରକାଶ କରିଛନ୍ତି। ଲୋକସଭା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ବରିଷ୍ଠ କଂଗ୍ରେସ ନେତା ସତ୍ୟବ୍ରତ ପାତ୍ର ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି।

## ବ୍ଲକସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ

**ବାଲିପାଟଣା,୫।୪/ଏନ୍‌ଏନ୍‌ଏସ୍:** ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ସୂଚୀ ଅନୁଯାୟୀ ଆଜି ପୂର୍ବାହ୍ନରେ ବାଲିପାଟଣା ବ୍ଲକ ସ୍ତରରେ ବନମାଳୀପୁର ସ୍ଥିତ ପିଏମ୍‌ଶ୍ରୀ କୁଶଭଦ୍ରା ଉଚ୍ଚ ବିଦ୍ୟାଳୟ ପରିସରରେ ନୂତନ ଶିକ୍ଷାର୍ଥୀ ଙ୍କ ପାଇଁ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହା ପୂର୍ବରୁ ସକାଳେ ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟ ପରିସରରୁ ଏକ ସଚେତନତା ରଥ ବିଇଓ ଡ. ପ୍ରଭାତ କୁମାର ରଥ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ରଥ ସାରା ବ୍ଲକ ଅଞ୍ଚଳରେ ଆଗାମୀ ୧୦ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇବ। ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ବିଡିଓ ଶୁଭାଂଶୁ ଶେଖର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ନୂଆ ସିଲଟ ଖଡିରେ ଅକ୍ଷର ଲେଖି ପାଠ ପଢ଼ା ଆରମ୍ଭ କରିଥିଲେ। ଉପସ୍ଥିତ ଅଭିଭାବକ, ଶିକ୍ଷୟିତ୍ରୀ, ବିଭାଗୀୟ ଅଧିକାରୀ ଓ ବିଦ୍ୟାଳୟ କମିଟି କର୍ମକର୍ତ୍ତାଙ୍କୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ଦେଇ, ପଞ୍ଚସଖା ଶିକ୍ଷା ସେତୁ କମିଟି ସଭାପତି ପ୍ରତାପ ଚନ୍ଦ୍ର ସାହୁ, ପରିଚାଳନା କମିଟି ଉପ ସଭାପତି ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଏବିଇଓ ଯଶୋଦା ସାହୁ, ବିଜୟ ବେହେରା ଓ ସମସ୍ତ ସିଆର୍‌ସିସି ବୃନ୍ଦ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

## ବିଜେପି ପକ୍ଷରୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



**ଖଣ୍ଡପଡ଼ା,୫।୪/ଏନ୍‌ଏନ୍‌ଏସ୍:** ନୟାଗଡ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଖଣ୍ଡପଡ଼ା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ନୂତନ କରି ଦାୟିତ୍ୱ ଗ୍ରହଣ କରିବା ପରେ ଖଣ୍ଡପଡ଼ା ବ୍ଲକ ବିଜେପି ଶାଖା ପକ୍ଷରୁ ଶ୍ରୀ ସ୍ୱାଇଁଙ୍କୁ ଶନିବାର ଅପରାହ୍ନରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ତୋଟା ହନୁମାନଙ୍କ ପୀଠରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଖଣ୍ଡପଡ଼ା ବ୍ଲକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, କଣ୍ଟିଲୋ ଜୋନ ବିଜେପି ମଣ୍ଡଳ ସଭାପତି ଟିଟନ ସାହୁ, ବରିଷ୍ଠ ବିଜେପି ନେତା ଅଖିଳ କୁମାର ମହାରଣାଙ୍କ ସମେତ ବିଜେପିର ବହୁ ତୁଙ୍ଗ ନେତାଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଓ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧିମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।ଏ ଅବସରରେ ଖଳିସାହି ପଞ୍ଚାୟତବାସୀଙ୍କ ତରଫରୁ ପୂର୍ବତନ ସମିତିସଭ୍ୟ ତଥା ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ଚନ୍ଦ୍ର ବେହେରାଙ୍କ ସମେତ ବହୁ ବ୍ୟକ୍ତିବିଶେଷ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରମୁଖ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଇନ୍‌ଡୋର କ୍ୟାରମ୍ ଟୁର୍ଣ୍ଣାମେଣ୍ଟ୍

**ଚୌଦ୍ୱାର,୫।୪/ଏନ୍‌ଏନ୍‌ଏସ୍:** ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୧ନମ୍ବର ୱାର୍ଡ଼ ସ୍ଥିତ ଗୋପବନ୍ଧୁ ଖେଳ ପଡ଼ିଆରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଇନ୍‌ଡୋର ଗେମ୍ ଆସୋସିଏସନ୍ ପକ୍ଷରୁ ବ୍ଲକ୍ ସ୍ତରୀୟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଦୁଇଟି ବିଭାଗରେ ମୋଟ ୩୨ଜଣ ଖେଳାଳୀ ଭାଗ ନେଇଥିବା ବେଳେ ୧୫ବର୍ଷରୁ କମ୍ ବିଭାଗରେ ଦୀପକ୍ କୁମାର ପରିଡ଼ା ଚମ୍ପିଆନ୍ ଓ ପିୟୁଷ୍ ନାୟକ ରନରସପ୍ ହୋଇଥିବା ବେଳେ ୨୦ବର୍ଷରୁ କମ୍ ବିଭାଗରେ ସାହିଲ ବେହେରା ଚାମ୍ପିଅନ୍ ଓ ଜ୍ୟୋତିରଞ୍ଜନ ବାରିକ ରନର୍ସଅପ୍ ହୋଇଥିଲେ। ଆସୋସିଏସନ୍‌ର ସଭାପତି ଅମୂଲ୍ୟ ରଞ୍ଜନ ରାଉତରାୟ ଓ ସମ୍ପାଦକ ଭୀମସେନ୍ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ କ୍ରୀଡ଼ାବିତ୍ ଅଶ୍ୱିନୀ କୁମାର କୁମାର ଜେନା, ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ପଟ୍ଟନାୟକ, ସମାଜସେବୀ ଭାସ୍କର ଚନ୍ଦ୍ର ରାଉତରାୟ, ଟୁକୁ ପ୍ରଧାନ, ଅନ୍ତର୍ଯ୍ୟାମୀ ସାହୁ, ଚିତ୍ତରଂଜନ ଜେନା ଓ ମନୋଜ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜକିଶୋର ସ୍ୱାଇଁ, ଅପ୍ରମିତ୍ ଜେନା, ଭାସ୍କର ପ୍ରସାଦ ମହାପାତ୍ର, ବିଦ୍ୟାଧର ରାଉତ, କାହ୍ନୁଚରଣ ଜେନା, ବିନମ୍ର ପ୍ରସାଦ ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

## ଜାମୁସାହିରେ ଅଷ୍ଟପ୍ରହରୀ ନାମଯଜ୍ଞ

**ଓଡ଼ଗାଁ,୫।୪/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରଙ୍ଗଣୀପାଟଣା ପଞ୍ଚାୟତର ଜାମୁସାହି ଗ୍ରାମରେ ବୈଶାଖମାସ କୃଷ୍ଣ ପକ୍ଷ ଦ୍ୱିତୀୟା ତିଥି ଅବସରରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶରଣକୁଳ ନିକଟ ଚଢେୟାପଲ୍ଲୀ ମଠମହନ୍ତ ଶ୍ରୀଶ୍ରୀ ଦାମୋଦର ପୁରୀ ମହାରାଜଙ୍କ ତତ୍ତ୍ୱାବଧାନରେ ଅଧିବାସ, ଅଙ୍କୁରାରୋପଣ ଓ ଜଳଯାତ୍ରା ଅନୁଷ୍ଠିତ ହୋଇଥିଲା। ଜଳଯାତ୍ରାରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଭାଗନେଇ ନିକଟସ୍ଥ ପୋଖରୀରୁ ଜଳସଂଗ୍ରହ କରିଥିଲେ। ଉକ୍ତ ନାମ ସଙ୍କୀର୍ତ୍ତନରେ ଗଞ୍ଜାମ ଜିଲ୍ଲାର ବରଡାସାହି, ଯାତ୍ରାକୁମୁଟି, ରଣପୁର ବାରଙ୍ଗଗାଡ଼ିଆ, ଓଡ଼ଗାଁ ନିକଟ ନୋତର ଓ ଆୟୋଜକ ଜାମୁସାହି ନାମଦଳ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିବାବେଳେ ନୋତର ଦଳର ପାରମ୍ପରିକ ନୃତ୍ୟ, ସଂକୀର୍ତ୍ତନ ଓ ଖୋଳବାଦନ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥିଲା। ଅନୁଷ୍ଠିତ ଧାର୍ମିକ କାର୍ଯ୍ୟକ୍ରମରେ ପ୍ରସାଦ ସେବନ ନିମନ୍ତେ ବ୍ୟବସ୍ଥା କରାଯାଇଥିବାବେଳେ ହରେକୃଷ୍ଣ ହରେରାମ ଶବ୍ଦରେ ପୁରା ଅଞ୍ଚଳ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ନାମଯଜ୍ଞ ଦେଖିବାକୁ ଆଖପାଖ ଅଞ୍ଚଳର ବହୁଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ଜାମୁସାହି ଗ୍ରାମର ସଭାପତି ଅଭିମନ୍ୟୁ ଜେନା, ସମ୍ପାଦକ ଅଲେଖ ମହାଙ୍କୁଡଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିବା ଜଣାପଡ଼ିଛି।

## ଆଇନ ମନ୍ତ୍ରୀଙ୍କୁ ଭେଟିଲା ଓକିଲ ସଂଘ



**ବାଣପୁର,୫।୪/ଏନ୍‌ଏନ୍‌ଏସ୍:** ରବିବାର ଦିନ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ଓକିଲ ସଂଘର ନବନିର୍ବାଚିତ ସଭାପତି ଜଗନ୍ନାଥ ଭୋଳଙ୍କ ନେତୃତ୍ୱରେ ଓକିଲ ସଂଘର ଅନେକ ସଦସ୍ୟ ସ୍ଥାନୀୟ ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ତାଙ୍କ ସରକାରୀ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରି ସଂଘର କାର୍ଯ୍ୟଧାରାର ଉନ୍ନତି ସହ ବାଣପୁର କୋର୍ଟର ଉନ୍ନତି ପାଇଁ ବିଭିନ୍ନ ଆଲୋଚନା କରିଥିଲେ। ଏହି ଅବସରରେ ଆଗାମୀ ଦିନରେ ବାଣପୁର ଅଞ୍ଚଳରେ ଖୋଲିବାକୁ ଥିବା ନୂତନ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ କୋର୍ଟ(ଏଡ଼ିଜେ) ସମ୍ପର୍କରେ ଆଲୋଚନା ହୋଇଥିଲା। ଆଇନ ମନ୍ତ୍ରୀ ଏହାକୁ ଗୁରୁତ୍ୱ ଦେବା ସହ ଚଳିତ ବର୍ଷ ଉକ୍ତ ଏଡ଼ିଜେ କୋର୍ଟ ବାଣପୁରରେ ଖୋଲିବା ପାଇଁ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଓକିଲ ସଂଘର ସଭାପତି ଶ୍ରୀ ଭୋଳ ମନ୍ତ୍ରୀଙ୍କୁ ଏଥି ନିମନ୍ତେ ଧନ୍ୟବାଦ ଦେବା ସହ ଓକିଲମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେ। ବାଣପୁର ଓକିଲ ସଂଘର ପୂର୍ବତନ ସମ୍ପାଦକ ରଞ୍ଜନ କୁମାର ବେଦମତ୍ତା, ପୂର୍ବତନ ଉପ ସଭାପତି ପଦ୍ମଜା ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ସନ୍ଦୀପ କୁମାର ମହାପାତ୍ର, ଅଜିତ କୁମାର ସ୍ୱାଇଁ, ଅଖିଳ କୁମାର ସ୍ୱାଇଁ, ସୀତାରାମ ଅଗ୍ରୱାଲ, ରାମଚନ୍ଦ୍ର ପଲାଇ, ପ୍ରଦୋଷ ପ୍ରଧାନ, ଅନିଲ ବାରିକ ଓ ସ୍ୱର୍ଣ୍ଣଲତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ସମସ୍ତ ଆଇନଜୀବୀ ମାନେ ଓଡ଼ିଶା ର ମହାଧିବକ୍ତା ପିତାମ୍ବର ଆଚାର୍ଯ୍ୟଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ବାଣପୁର କୋର୍ଟର ଉନ୍ନତି ପାଇଁ ବିଭିନ୍ନ ଆଲୋଚନା କରିଥିଲେ।

## ଗୋଚର ଜମି ଜବରଦଖଲ ଅଭିଯୋଗ

**ଖୋର୍ଦ୍ଧା,୫।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାର ସରକାରୀ ଜମି ଗୁଡିକର ସୁରକ୍ଷା ଏବଂ ଜବରଦଖଲ ମୁକ୍ତ କରିବା ନିମନ୍ତେ ବିଭିନ୍ନ ଯୋଜନା ଏବଂ ଆଇନ ପ୍ରଣୟନ କରିଥିବା ବେଳେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଖୋର୍ଦ୍ଧା ତହସିଲ ଅଞ୍ଚଳରେ। ଖୋର୍ଦ୍ଧା ତହସିଲ ଅଧିନସ୍ଥ କଦଳୀବାଡ଼ି ମୌଜାରେ ଥିବା ପ୍ରାୟ ଏ ୧୦.୩୬୦ ଡିସିମିଲ ଜମି ଯାହାର ଖାତା ନଂ - ୩୦୧, ପ୍ଲଟ ନଂ -୨୦୭ ଜମି କୁ କିଛି ଅସାମାଜିକ ବ୍ୟକ୍ତି ଜବର ଦଖଲ କରିବା ସହିତ ସେହି ଜମିରେ ଥିବା ଆମ୍ବ, ପଣସ ଏବଂ ବିଭିନ୍ନ କିସମର ମୂଲ୍ୟବାନ ଗଛ ଗୁଡ଼ିକୁ କାଟି ନେଇ ସେହି ଗୋଚର ଜମି ଉପରେ ମୋରମ ପକାଇ ବିକ୍ରୟ କରିବା ନିମନ୍ତେ ଯୋଜନା କରୁଥିବା ଜଣାପଡ଼ିଛି। ଦୀର୍ଘ ୧୫ ବର୍ଷ ପୂର୍ବରୁ ସେହି ଗୋଚର ଜମି ଉପରେ କଦଳିବାଡ଼ି ଗ୍ରାମର ଅକ୍ଷୟ କୁମାର ମଙ୍ଗରାଜ ବିଭିନ୍ନ କିସମର ଗଛ ଲଗାଇ ତାର ଯତ୍ନ ନେବା ସହ ସେହି ଗଛଗୁଡ଼ିକର ରକ୍ଷଣାବେକ୍ଷଣ କରିବା ନିମନ୍ତେ ସେଠାରେ ଏକ ପାଣି କୁଣ୍ଡ ଏବଂ ଅସ୍ଥାୟୀ ଭାବରେ ଖରାଦିନେ ଯାତ୍ରୀମାନଙ୍କ ବିଶ୍ରାମ ନିମନ୍ତେ ଏକ ଚାଳ ଘର ନିର୍ମାଣ କରିଥିଲେ। ସେହି ପାଣି କୁଣ୍ଡ ଏବଂ ଚାଳ ଘର ଟିକୁ ମଧ୍ୟ ସେହି ଅସାମାଜିକ ବ୍ୟକ୍ତି ଭାଙ୍ଗି ଦେଇଛନ୍ତି। ଏ ସଂପର୍କରେ ଶ୍ରୀ ମଙ୍ଗରାଜ ଲିଖିତ ଭାବରେ ଖୋର୍ଦ୍ଧା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଫଳରେ ଗୋଚର, ଶ୍ମଶାନ ଏବଂ ଅନ୍ୟ କିସମ ସରକାରୀ ଜମିଗୁଡିକର ସୁରକ୍ଷା କେବଳ ରାଜ୍ୟ ସରକାରଙ୍କ ଘୋଷଣାରେ ସୀମିତ ହୋଇ ରହିଯାଇଛି ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

## ସାହିଯାତରେ ଲଙ୍କା ପୋଡ଼ି ନୀତି

**ପୁରୀ,୫।୪/ଏନ୍‌ଏନ୍‌ଏସ୍:** ପବିତ୍ର ରାମ ନବମୀ ତିଥିରୁ ଶ୍ରୀ ମନ୍ଦିର ତଥା ଶ୍ରୀକ୍ଷେତ୍ରରେ ସାହିଯାତ ଆରମ୍ଭ ହୋଇଛି। ବାଲିସାହି ପକ୍ଷରୁ ସେତୁବନ୍ଧ ପ୍ରସ୍ତାବ ଅବସରରେ ବାରାହୀଙ୍କ ମନ୍ଦିର ନିକଟରୁ ସେତୁବନ୍ଧ ରାବଣ ବେଶ ପ୍ରସ୍ତୁତି ଶେଷ ହୋଇଛି। ସାହିଯାତ କ୍ରମରେ ଲଙ୍କା ପୋଡ଼ି ବା ଲଙ୍କା ଦହନ ନୀତି ସମ୍ପନ୍ନ ହୋଇଛି। ସାହିଯାତରେ ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କାଦହନ ନୀତି ଆଗତ କରାଯାଇ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସମ୍ପର୍ନ୍ନ ପରେ ଦକ୍ଷିଣୀଘରୁ ଶ୍ରୀରାମଚନ୍ଦ୍ର ଏବଂ ଶ୍ରୀଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମା ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ବିଜେ କରାଇଥିଲେ। ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ସେଠାରେ ଠାକୁର ମାନଙ୍କୁ ମଠର ଖଟଶେଜ ଉପରକୁ ବିଜେ କରାଯାଇ ଥିଲା। ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କାପୋଡ଼ି ନୀତି ପ୍ରସ୍ତାବ ଆଗତ ହୋଇଥିଲା। ଦୋଳମଣ୍ଡପ ସାହି ପକ୍ଷରୁ ହନୁମାନ ଓ ରାବଣ ବେଶ ଧାରି ସକାଳେ ଶ୍ରୀମନ୍ଦିରରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ଦୋଳ ମଣ୍ଡପ ସାହି ପଦକ୍ଷଣ କରିଥିଲେ। ସେହିପରି ରାତିରେ ବାଦି ସାହି କୁଣ୍ଡେଇବେଣ୍ଟସାହି ପଦକ୍ଷଣ କରି ଜଗନ୍ନାଥ ବଲ୍ଲଭକୁ ଯାଇ ନୀତି ସମ୍ପାଦନ କରିଥିଲେ। ଠାକୁରଙ୍କୁ ଶୀତଳ ରୋଗ ମଣୋହି କରାଯିବା ପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଅପରପକ୍ଷରେ ଦୋଳମଣ୍ଡପ ସାହି ଆଖଡ଼ା ପକ୍ଷରୁ ସମସ୍ତ ନୀତି ସମ୍ପାଦନ ସହ ଯାତ ବାହାରିଥିଲା। ରାବଣ ସହ ସାହିର ଯୁବକମାନେ ସପ୍ତଶିରା, ତ୍ରିଶାରା, କାଳୀ, ନାଗା ଆଦି ବିଭିନ୍ନ ପ୍ରକାର ମେଢ଼ ନାଗା ସହ ସମରକଳା ପ୍ରଦର୍ଶନ କରି ବାଦିସାହି କୁଣ୍ଢେଇବେଣ୍ଟ ସାହିକୁ ଯାଇଥିଲେ। ସେଠାରେ ଯାତକୁ ସ୍ୱାଗତ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ସାହି ଯାତକୁ ଉପଭୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ରାମନବମୀରେ ରାମଜନ୍ମ ନୀତିଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିବା ସାହିଯାତ ରାମ ଅଭିଷେକ ନୀତିରେ ଶେଷ ହେବ।

## ଡିଏସ୍‌ପି ଅନ୍ନପୂର୍ଣ୍ଣା ଡିଜିପି ପଦକରେ ସମ୍ମାନିତ

**ଟାଙ୍ଗୀ,୫।୪/ଏନ୍‌ଏନ୍‌ଏସ୍:** ଜଣେ ସଚ୍ଚୋଟ ଓ କାର୍ଯ୍ୟଦକ୍ଷ ମହିଳା ପୁଲିସ ଅଫିସର ଭାବେ କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡା ପଞ୍ଚାୟତ ଟିକରା ଗ୍ରାମର ଅଶୋକ ସ୍ୱାଇଁଙ୍କ ପତ୍ନୀ ଡିଏସ୍‌ପି ଅନ୍ନପୂର୍ଣ୍ଣା ବେହେରା ସମ୍ମାନିତ ହୋଇଛନ୍ତି। ତାଙ୍କୁ ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠରେ ଡିଜିପି ପଦକ ପ୍ରଦାନ କରାଯାଇଛି। ସେ ପୁଲିସ କର୍ମଚାରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ନିଜର ସଠିକ କାର୍ଯ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଜନସାଧାରଣଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଧାନ କରି ପୁଲିସ ବିଭାଗ ନାମ ଉଚ୍ଚା କରିଛନ୍ତି। ଯେଉଁଥି ପାଇଁ ଓଡ଼ିଶା ପୁଲିସ୍ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ସ୍ଥିତ ପୁଲିସ୍ ଭବନରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ତାଙ୍କୁ ଏହି ପଦକ ପ୍ରଦାନ କରାଯାଇଥିଲା।

# ଲଙ୍କାପୋଡ଼ି ଯାତ୍ରାର ଦଶମ ଦିବସରେ ସୀତା ଠାବ ଓ ରାବଣ ଛତ୍ର ଛେଦନ

**ଦଶପଲ୍ଲା,୫।୪/ଏନ୍‌ଏନ୍‌ଏସ୍:** ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ଦଶମ ଦିବସରେ ରାମାୟଣର ସୁନ୍ଦରାକାଣ୍ଡ ନାଟକ ପରିବେଷଣ କରାଯାଏ ଓ ମୁଖ୍ୟ ମଞ୍ଚରେ ସୀତା ଠାବ ଓ ମୁଖ୍ୟ ମଞ୍ଚର ଅନତିଦୂର ଗଣେଶ ବଜାର ଛକଠାରେ ରାବଣ ଛତ୍ର ଛେଦନ ନାଟକ ମଞ୍ଚସ୍ଥ ହୋଇଯାଇଛି। ରାମାୟଣ କଥାବସ୍ତୁ ଅନୁଯାୟୀ, ବର୍ଷା ଋତୁ ଶେଷ ହୁଅନ୍ତେ ସୁଗ୍ରୀବଙ୍କ ସେନା ଓ ଗୁପ୍ତଚରଙ୍କୁ ସୀତା ଖୋଜିବାକୁ ପ୍ରଭୁ ଶ୍ରୀରାମ ପ୍ରେରଣ କରନ୍ତି ଓ ଚାରି ଦିଗକୁ ସୈନ୍ୟ ଓ ଦୂତ ପ୍ରେରଣ ବେଳେ ଦକ୍ଷିଣ ଦିଗକୁ ସ୍ୱତନ୍ତ୍ର ଧ୍ୟାନ ଦେଇ ଯୁବରାଜ ଅଙ୍ଗଦଙ୍କ ନେତୃତ୍ୱରେ ଜାମ୍ବବାନ ନଳ, ନୀଳ, ସୁଷେନ, ହନୁମାନ ଆଦି ଅଷ୍ଟବିର ଗମନକରି ବାଟରେ ମହାଶୂରକୁ ବଧ କରନ୍ତି ଓ ସମୁଦ୍ର କୂଳରେ ପହଞ୍ଚି ସଠାରେ ସିମ୍ପାତି ପକ୍ଷୀ ଖାଇବାକୁ ସେମାନଙ୍କୁ ଆକ୍ରମଣ କଲାବେଳେ ସେମାନଙ୍କ ସଂସ୍ପର୍ଶରେ ପୂର୍ବରୁ ତାର ପୋଡିଯାଇଥିବା ପକ୍ଷୀ ସବୁ କଅଁଳିଯାଏ। ଏମାନେ ଭଗବାନ ଶ୍ରୀରାମଙ୍କ ଦୂତ ଜାଣି ସେମାନଙ୍କୁ ନିଜ ଡେଣାରେ ବସାଇ ଦୂରରୁ ଲଙ୍କା ଦର୍ଶନ କରାଏ। ଶେଷରେ ସାତ ଯୋଜନ ସମୁଦ୍ର ଲଙ୍ଘିବାକୁ ଜାମ୍ବବାନଙ୍କ ପରାମର୍ଶକ୍ରମେ ହନୁମାନ ତାଙ୍କର ପୂର୍ବ ବଳ ଫେରି ପାଆନ୍ତି। ଲଙ୍କାକୁ ଲମ୍ଫ ଦେବା ବେଳେ ବାଟରେ ଦୈତ୍ୟ ମାତା ସିଂହୀକାକୁ ବଧକରି ନାଗ ମାତାଙ୍କ ବରପ୍ରାପ୍ତି ହୋଇ ଲଙ୍କାରେ ପ୍ରବେଶ କରନ୍ତି। ପରେ ଅଶୋକ ବନରେ ସୀତାଙ୍କୁ ଠାବ କରନ୍ତି। ଶ୍ରୀରାମଙ୍କ ସମ୍ବାଦ ହନୁମାନ ସେଠାରେ ସୀତାଙ୍କୁ ଦେଇ ସନ୍ତକ ସ୍ୱରୂପ ସୀତାଙ୍କ ମୁଦ୍ରିକା ନେଇ ଆସନ୍ତି। ମାତ୍ର ଆସିବା ପୂର୍ବରୁ ରାବଣର ଅଶୋକ ବନ ଭଙ୍ଗାରୁଜା କରି ଅସୁର ନିପାତ କରନ୍ତି। ଏଣୁ ରାବଣର ସାନପୁଅ ଅକ୍ଷକୁମାର ଯୁଦ୍ଧକୁ ଆସି ନିହତ ହୁଏ। ପରେ ରାବଣର ଆଦେଶରେ ଇନ୍ଦ୍ରଜିତ ଆସି ହନୁମାନଙ୍କୁ ବନ୍ଧନ କରି ଲଙ୍କାଗଡ଼ରେ ରାବଣ ପାଖରେ ପହଞ୍ଚାଏ। ହନୁମାନ ଏହି ସୁଯୋଗରେ ରାବଣଙ୍କୁ ତୁରନ୍ତ ସୀତାଙ୍କୁ ଫେରାଇବା ପାଇଁ କହେ। ମାତ୍ର ହନୁମାନକୁ ଅପମାନିତ କରିବା ପାଇଁ ଲାଙ୍ଗୁଡ଼ରେ କନା ଗୁଡ଼ାଇ ଘିଅ ଢାଳି ଅଗ୍ନି ସଂଯୋଗ କରାଯାଏ। ଏହି ସୁଯୋଗରେ ହନୁମାନ ଘରକୁ ଘର ଡେଇଁ ଲଙ୍କାଗଡ଼କୁ ଧ୍ୱଂସକରି ଲେଉଟି ଆସନ୍ତି। ଶେଷରେ ହନୁମାନଙ୍କ ଠାରୁ ରାମଚନ୍ଦ୍ର ସମ ସମସ୍ତ ଖବର ପାଇବା ପରେ ଲଙ୍କା ଅଭିଯାନ କରନ୍ତି। ତେବେ ରାବଣ ନିଜେ ପୁଷ୍ପକ ବିମାନ ଆରୋହଣକରି ସୈନ୍ୟ ଗଣନା କରିବାକୁ ଆସିବା କଥା ଜାଣି ଶ୍ରୀରାମ ବାଣମାରି ପୁଷ୍ପକ ଜାନର ଛତ୍ର ଛେଦନ କରି ରାବଣକୁ ଅପମାନିତ କରନ୍ତି। ଏ ଛତ୍ର ଛେଦନ ଦୃଶ୍ୟ ଗଣେଶବଜାର ସୁବଳ ଗିରି ମଞ୍ଚରେ ଅଭିନୀତ ହୁଏ। ଶେଷରେ ସୁଗ୍ରୀବଙ୍କ ସେନା ପ୍ରଥମ ଥର ପାଇଁ ଲଙ୍କାଗଡ଼ ଅବରୋଧ କରନ୍ତି ଓ ଯୁଦ୍ଧର ଅୟମାରମ୍ଭ ହୁଏ। ଏ ଦୃଶ୍ୟ ବେଶ୍ ଚିତ୍ତାକର୍ଷକ ହୋଇଥିବା ବେଳେ ଏହି ନାଟକ ଦେଖିବାକୁ ବହୁ ଜନସମାଗମ ହୋଇଥିଲା।

## ସ୍ପେସିଆଲ୍ ଏନ୍‌ଫୋର୍ସମେଣ୍ଟ୍ କମ୍ ରୋଡ୍ ସେଫ୍ଟି ଆୱାରନେସ୍ ଡ୍ରାଇଭ୍

**ପୁରୀ,୫।୪/ଏନ୍‌ଏନ୍‌ଏସ୍:** ସ୍ପେସିଆଲ ଏନ୍‌ଫୋର୍ସମେଣ୍ଟ କମ ରୋଡ ସେଫଟି ଆୱାରନେସ ଡ୍ରାଇଭ ରାଜ୍ୟ ପରିବହନଙ୍କ ତରଫରୁ ଗତ ୨୧ ତାରିଖ ରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ରଖାଯାଇଛି। ଏଣୁ ୨୧ ତାରିଖଠାରୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ତରଫରୁ ଏନ୍‌ଫୋର୍ସମେଣ୍ଟ ଏବଂ ଆୱାର୍‌ନେସ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ପୁରୀ ମାଳତୀପାଟପୁର ଏବଂ କୋଣାର୍କ ରୋଡ଼ ଠାରେ ଏନ୍‌ଫୋର୍ସମେଣ୍ଟ ଏବଂ ଆୱାରନେସ କାର୍ଯ୍ୟକ୍ରମ କରାଯାଇଛି। ଏନ୍‌ଫୋର୍ସମେଣ୍ଟ ଓ ଆୱାରନେସ ରେ ଆଞ୍ଚଳିକ ପରିବହନ ଅଧିକାରୀ ସୁସ୍ମିତା ବେହେରା, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଦେବାଶିଷ ପଣ୍ଡା, ମୋଟର ଯାନ ନିରୀକ୍ଷକ ବିଭୁ ରଞ୍ଜନ ନାୟକ, କନିଷ୍ଠ ମୋଟର ଯାନ ନିରୀକ୍ଷକ ଦମୟନ୍ତୀ ମାହାଲି, ଟ୍ରାଫିକ ଇନ୍‌ସ୍ପେକ୍ଟର ସୁଶାନ୍ତ କୁମାର ପାତ୍ର ଉପସ୍ଥିତ ଥିଲେ ଏବଂ ସେଠାକାର ଥାନା ଅଧିକାରୀ ମାନେ ମଧ୍ୟ ଏହି ଏନ୍‌ଫୋର୍ସମେଣ୍ଟ ଏବଂ ସଡ଼କ ସୁରକ୍ଷା ଆୱାର୍‌ନେସ୍ କାର୍ଯ୍ୟରେ ଯୋଗଦେଇଥିଲେ। ଆଇନ ଉଲ୍ଲଙ୍ଘନ କାରୀଙ୍କ ଉପରେ ବିଭିନ୍ନ ପ୍ରକାରର ଚାଲାଣ କରାଯାଇ ଏଥିରେ ଜୋରିମାନା ମଧ୍ୟ କରାଯାଇଥିବା ଜଣାପଡ଼ିଛି।


**AFFIDAVIT**

By virtue of an affidavit sworn before Executive Magistrate, Puri, dated: 16.03.2026, I, Bhramar Mantu (new name), Address At: Bhatapada, Po: Kanas, Ps: Kanas, Dist: Puri, State: Odisha, Pin: 752017 declare that I have changed my name from **Bhram Mantu** (Old Name) to **Bhramar Mantu** (New Name) Henceforth, I shall be known as **Bhramar Mantu** (New Name) for all purposes.

Bhramar Mantu
(New Name)


# ବାବା ଗାଦିବ୍ରହ୍ମ କ୍ରିକେଟ୍: ଡେଞ୍ଜର୍ସ ୧୧ ଚାମ୍ପିଅନ୍



**ଅସ୍ତରଙ୍ଗ,୫।୪/ଏନ୍‌ଏନ୍‌ଏସ୍:** କାକଟପୁର ବ୍ଲକ ଜଳେଶ୍ୱରପଡା ଗ୍ରାମ ପଞ୍ଚାୟତ ର କଜଳପାତିଆ ବାବା ଗାଦିବ୍ରହ୍ମ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ଫାଇନାଲ ଦିବସରେ ମା’ ବାଟମଙ୍ଗଳା କ୍ରିକେଟ କ୍ଲବ କୁରୁଜଙ୍ଗକୁ ହରାଇ ଡେଞ୍ଜର୍ସ ଇଲେଭେନ କ୍ରିକେଟ କ୍ଲବ ଅନସରା ଚାମ୍ପିଅନ ଟ୍ରଫି ହାସଲ କରିଛି। ପ୍ରଥମେ ଟସ ଜିତି ଡେଞ୍ଜର୍ସ ଇଲେଭେନ, ମା’ ବାଟମଙ୍ଗଳା କ୍ରିକେଟ କ୍ଲବ କୁ ବ୍ୟାଟିଂ କରିବା ପାଇଁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୧୩ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ବାଟମଙ୍ଗଳା କ୍ରିକେଟ କ୍ଲବ ୯ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରିଥିଲା। ୧୫୨ରନ୍ ବିଜୟ ଲକ୍ଷ୍ୟ ନେଇ ଡେଞ୍ଜର୍ସ ଇଲେଭେନ ୧୨ଓଭରରେ ୩ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସତ୍ୟବ୍ରତ ସର୍ବାଧିକ ୬୮ ରନ ସଂଗ୍ରହକରି ମ୍ୟାନ୍ ଅଫ ଦି ସିରିଜ ଓ ଅଲ୍‌ରାଉଣ୍ଡର ବାଦଲ କୁମାର ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆୟୋଜିତ ଫାଇନାଲ ଦିବସରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଗଣେଶ ପାତ୍ର, ସମ୍ମାନିତ ଅତିଥି ଭାବେ ଯୁବନେତା ବିଷ୍ଣୁ ଚରଣ ବେହେରା, ବଳରାମ ବିଶ୍ୱାଳ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିଅନ୍ ଟ୍ରଫି ଓ ନଗଦ ଟଙ୍କା ଓ ରନର୍ସ ଦଳକୁ ରନର୍ସଅପ୍ କପ୍ ସହ ନଗଦ ଟଙ୍କା ପ୍ରଦାନ କରିଥିଲେ। ଖେଳ ପରିଚାଳନା କରିଥିଲେ ଏସ.କେ. ମହାପାତ୍ର ଓ ବି.ସି.ବେହେରା।


GOVERNMENT OF ODISHA, "e"-PROCUREMENT NOTICE 34001/16/2627
OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT
Short Tender call Notice
E-mail: rbcirclekhurda@gmail.com

Bid Identification No. CCE-Khordha (R&B) Circle-16/2025-26 Memo No - 763 Dt. 30.03.2026

The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road works as detailed in the table below:

1. Nature of Work : Road Works
2. No of Work : 3 Nos
3. Tender Cost : Rs.10000.00 (On-Line)
4. Class of Contractor : A & B Class
5. Available of Bid document in the Website : From 10.00 AM of Dt.08.04.2026 to 05.00 PM of Dt.17.04.2026
6. Date of opening of Bid : Dt 18.04.2026 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Sd/- Chief Construction Engineer
Khordha (R&B) Circle, Khordha

OIPR-34001/34127/1/26-27/0001

## ପରମହଂସ ପଞ୍ଚାୟତ ପ୍ରିମିୟର୍ ଲିଗ୍

# ମହୁରା ଚାମ୍ପିଅନ୍




**କଟକ,୫।୪/ଏନ୍‌ଏନ୍‌ଏସ୍:** ପରମହଂସ ପଞ୍ଚାୟତ ଲିଗ୍ -୨୦୨୬ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ୪ ଓ ୫ ଦୁଇଦିନ ଧରି ମତଗଜପୁର ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ପ୍ରତ୍ୟେକ ମ୍ୟାଚ୍ ଛଅ ଓଭର ବିଶିଷ୍ଟ ହୋଇଥିଲା। ଫାଇନାଲ୍ ମ୍ୟାଚ୍‌ଟି ହଂସନାଥ ସୁପର ଚ୍ୟାଲେଞ୍ଜର ଏବଂ ମହୁରା ଫାଇଟର୍ସ ମଧ୍ୟରେ ହୋଇଥିବା ବେଳେ ମହୁରା ଫାଇଟର୍ସ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲା। ଏହି ପୁରସ୍କାର ବିତରଣୀ ଉତ୍ସବରେ ଭାରତ ମସଲାର ନିର୍ଦ୍ଦେଶକ ଶ୍ରୀମନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ୍ ଏବଂ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅକ୍ଷୟ ପରିଡ଼ା, କୃଷ୍ଣ ଚନ୍ଦ୍ର ବେହେରା, ଅଭୟ ପରିଡ଼ା, ରାଜା ବେହେରା, ଭରତ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ସୁନାମଣିଙ୍କ କବିତା ପ୍ରଶଂସିତ



**କଟକ,୫।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ର ସାହିତ୍ୟ ଅକାଦେମୀ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଛ’ ଦିନ ବ୍ୟାପି ସାହିତ୍ୟ ଉତ୍ସବର ଶେଷ ଦିନରେ କ୍ଷବାଲ୍ ସାହିତ୍ୟର ସ୍ୱତନ୍ତ୍ର ପରିଚୟ ଫେରିପାଇବା’ ଶୀର୍ଷକରେ ଶିଶୁ କବିତା ପାଠ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷାରେ ଡକ୍ଟର ସୁନାମଣି ରାଉତ, ପଞ୍ଜାବୀ ଭାଷାରେ କମଲଜିତ୍ ନିଲମ୍, ରାଜସ୍ଥାନୀ ଭାଷାରେ ପ୍ରହ୍ଲାଦସିଂହ ଜୋର୍ଡା, ସାଆନ୍ତାଳୀ ଭାଷାରେ ମାନସିଂହ ମାଝୀ, ସିନ୍ଧୀ ଭାଷାରେ ରଶ୍ମୀ ରମଣୀ ପ୍ରମୁଖ ଯୋଗ ଦେଇ କବିତା ପାଠ କରିଥିଲେ। ଶିଶୁ ସାହିତ୍ୟିକା ଶକୁନ୍ତଳା କଲ୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସାହିତ୍ୟ ଅକାଦେମୀର କାର୍ଯ୍ୟକ୍ରମ ଅଧିକାରୀ ପଙ୍କଜ ସେଠ୍‌ଙ୍କ ସହିତ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଭିନ୍ନ ଭାଷାଭାଷୀ ସାହିତ୍ୟିକମାନେ ଯୋଗ ଦେଇଥିଲେ। ଉତ୍ସବରେ ଡକ୍ଟର ରାଉତଙ୍କ କବିତା ନୂଆ ରୂପରେ ଏଆଇ ମାଧ୍ୟମରେ ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା।

# ବୈଶାଖୀ ବାଣିଜ୍ୟ ମେଳା ବୁଲିଲେ କ୍ରୀଡ଼ାବିତ୍



**କଟକ,୫।୪/ଏନ୍‌ଏନ୍‌ଏସ୍:** କଟକ ବୈଶାଖୀ ବାଣିଜ୍ୟ ମେଳାରେ ଦହିବରା ହାଟ ଷ୍ଟଲ୍ ବୁଲିଲେ କ୍ରିକେଟର୍ ସଞ୍ଜୟ ରାଉଳ ଓ ଆନ୍ତର୍ଜାତୀୟ ବ୍ୟାଡମିଂଟନ ଖେଳାଳି ଋତୁପୂର୍ଣ୍ଣା ପଣ୍ଡା, ଶ୍ୱେତପୂର୍ଣ୍ଣା ପଣ୍ଡା ଓ ଆନ୍ତର୍ଜାତୀୟ ମହିଳା କ୍ରିକେଟର ରୋସନାରା ପରବିନ୍। କଟକ ଦହିବରା ଆଳୁଦମ୍ ବ୍ୟବସାୟୀ ସଂଘ ପକ୍ଷରୁ ଦହିବରା ମଞ୍ଚରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଟକ ଦହିବରା ଆଳୁଦମ୍ ବ୍ୟବସାୟୀ ସଂଘ ସଭାପତି ପ୍ରଦୀପ୍ତ କୁମାର ସାହୁ, ସାଧାରଣ ସମ୍ପାଦକ କେଦାରନାଥ ସାଶମଲ, ଉପସଭାପତି ପ୍ରତାପ କୁମାର ବାରିକ, କାର୍ଯ୍ୟକାରୀ ସଭାପତି ବିଜନ ଦାସ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ସହ ସମ୍ପାଦକ ଅଜୟ କୁମାର ବେହେରା, ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ସାହୁଙ୍କ ସହ ଉପଦେଷ୍ଟା ସୁକାନ୍ତ ମହାନ୍ତି ଓ ମୁଖ୍ୟ ଉପଦେଷ୍ଟା ବସନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। କଟକର ପ୍ରସିଦ୍ଧ ଖାଦ୍ୟ ଦହିବରାକୁ ଜିଆଇ ଟ୍ୟାଗ୍ ମାନ୍ୟତା ପ୍ରଦାନ ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦହିବରା ହାଟରେ ଓଡ଼ିଶା ଅସ୍ମିତାର ପ୍ରଦର୍ଶନକୁ ଅତିଥିମାନେ ପ୍ରଶଂସା କରିଥିଲେ।

## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଉଦ୍‌ଘାଟିତ

# ‘ଅହଂକୁ ପରିତ୍ୟାଗ କଲେ ମନୁଷ୍ୟ ଭଗବତ୍‌ମୁଖୀ ହେବ’



**କଟକ,୫।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ମାତୃଭବନଠାରେ ୫୫ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ସମାରୋହରେ ସମ୍ମାନିତ ବକ୍ତା ଡ. ଆଲୋକ ପାଣ୍ଡେ ଯୋଗ ଦେଇ କହିଛନ୍ତି ଯେ ଗୀତାରେ ୧୮ ପ୍ରକାର ଯୋଗ ରହିଛି। ଆମର ସାରା ଜୀବନ ଯୋଗ। ଶ୍ରୀଅରବିନ୍ଦ କହିଛନ୍ତି, ସରଳ ହୁଅ, ଭଗବାନ ଆମ ଭିତରେ ଯୋଗ କରୁଛନ୍ତି। ବାସ୍ତବରେ ସହରର କୋଳାହଳ ମଧ୍ୟରେ ବି ଶାନ୍ତି ରହିଛି ବୋଲି ଡ.ପାଣ୍ଡେ ମତବ୍ୟକ୍ତ କରିଛନ୍ତି।

ବକ୍ତା ଲଳିତ ବର୍ମା ଉଦ୍‌ଘାଟନୀ ଭାଷଣ ପ୍ରଦାନ କରି କହିଲେ ଯେ ଜୀବନକୁ ସଂଘର୍ଷର ସହିତ ନୁହେଁ, ଆନନ୍ଦରେ ଜିଇଁବାକୁ ହେବ। ପରମସତ୍ତା ସବୁବେଳେ ଆମ ପାଖରେ ଅଛନ୍ତି। ଜୀବନର ଭିତ୍ତି ହେଉଛି ସଚ୍ଚିଦାନନ୍ଦ। ଅନ୍ୟତମ ବକ୍ତା ଡ. ଅର୍ଚ୍ଚନା ନାୟକ କହିଲେ ଯେ ପୂର୍ଣ୍ଣଯୋଗର ଅର୍ଥ ହେଲା ଯେଉଁ ସତ୍ତାଠାରୁ ବିଚ୍ଛିନ୍ନ ହୋଇଛୁ ସେଇ ସତ୍ତା ସହ ଯୁକ୍ତ ହେବା। ଗୁରୁ ହିଁ ଏଥିପାଇଁ ମାର୍ଗ ପ୍ରଦର୍ଶନ କରିଥାନ୍ତି। ଈଶ୍ୱରଙ୍କ ଯୋଗ ହେଉଛି ପୂର୍ଣ୍ଣାଙ୍ଗ ଯୋଗ। ଏହା କେବଳ ସମର୍ପଣ ଦ୍ୱାରା ସମ୍ଭବ। ସେହିପରି ଅନ୍ୟତମ ବକ୍ତା ଡ. ସମ୍ପଦାନନ୍ଦ ମିଶ୍ର କହିଲେ, ଶ୍ରୀଅରବିନ୍ଦଙ୍କ ଯୋଗ ପୁରୁଷୋତ୍ତମଙ୍କ ଯୋଗ। ମନୁଷ୍ୟ ଅହଂକୁ ପରିତ୍ୟାଗ କଲେ ଭଗବତ୍ ଆଡ଼କୁ ଗତି କରିବ। ଅହଂ ଭାବରୁ ମୁକ୍ତ ହେବା ପାଇଁ ନିମ୍ନ ପ୍ରକୃତି କବଳରୁ ନିଜକୁ ମୁକ୍ତ କରିବାକୁ ହେବ। ଆମେ ଭଗବତ ମୁଖୀ ହେଲେ ଅହଂ ଆମ ପଛରେ ରହିଯିବ। ଦିବ୍ୟଜନନୀ ଶ୍ରୀମା’ ହିଁ ଆମ ଭିତରେ ରହି ସବୁ କରୁଛନ୍ତି ବୋଲି ସର୍ବଦା ମନରେ ଜାଗ୍ରତ କରିରଖିବା ଆବଶ୍ୟକ। ଉଦ୍‌ଘାଟନୀ ସମାରୋହରେ ଶ୍ରୀଅରବିନ୍ଦଙ୍କ ଯୋଗ ହିଁ ପୁରୁଷୋତ୍ତମଙ୍କ ନିଜ ଯୋଗ ଶୀର୍ଷକରେ ଆଲୋଚନା ହୋଇଥିଲା। ଆଭା କାନୁନଗୋ ସାବିତ୍ରୀ ଅବୃତି ବନ୍ଦିତା ରାୟ ଅବାହନୀ ସଙ୍ଗୀତ ଗାନ କରିଥିଲା ବେଳେ ମାତୃଭବନ ଟ୍ରଷ୍ଟର ଚେୟାରମ୍ୟାନ ଦୀପକ ସାମନ୍ତରାୟ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରସାଦ ତ୍ରିପାଠୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଡା. ଶ୍ୟାମା କାନୁନଗୋ ପ୍ରାରମ୍ଭିକ ସୂଚନା ସହ କାର୍ଯ୍ୟକ୍ରମ ପରିଚଳନା କରିଥିଲେ। ଏହି ଅବସରରେ ସ୍ମରଣିକା, ପୁସ୍ତକ ଉନ୍ମୋଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ଐତିହ୍ୟ ଗଣଦୌଡ଼



**କଟକ,୫।୪/ଏନ୍‌ଏନ୍‌ଏସ୍:** ଓଡ଼ିଶା ପକ୍ଷ ପାଳନ ଅବସରରେ କଟକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଐତିହ୍ୟ ଗଣଦୌଡ଼ ଆଜି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଇସ୍ମିତା ପ୍ରିୟଦର୍ଶିନୀ ମିଶ୍ର ପତାକା ଦେଖାଇ ଏହି ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଓଡ଼ିଶାର ସଂସ୍କୃତି, ପରମ୍ପରା, ଓଡ଼ିଆ ଅସ୍ମିତା ତଥା ବିକଶିତ ଓଡ଼ିଶାରା ସ୍ୱପ୍ନକୁ ପୂରଣ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ଏହି ଗଣ ଦୌଡ଼ର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଆଜିର ଏହି ଐତିହ୍ୟ ଦୌଡ଼ କେବଳ ଏକ ଶାରୀରିକ ବ୍ୟାୟାମ ନୁହେଁ, ବରଂ ଆମର ସମୃଦ୍ଧ ଅତୀତ ସହ ଯୋଡ଼ି ହେବାର ଏକ ମାଧ୍ୟମ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କ ସହ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ଐତିହ୍ୟ ଗଣଦୌଡ଼ରେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡ଼ିୟମ୍‌ରୁ ଆରମ୍ଭ ହୋଇଥିବା ଏହି ଗଣଦୌଡ଼ ଗଡ଼ଖାଇ,ଦୟା ଆଶ୍ରମ ଓ ବିଜୁପଟ୍ଟନାୟକ ଛକ ଦେଇ ଇଣ୍ଡୋର ଷ୍ଟାଡ଼ିୟମରେ ପହଞ୍ଚିଥିଲା। ଓଡ଼ିଶା ଅଲମ୍ପିକ ଆସୋସିଏସନ ସମ୍ପାଦକ ଅଭିଜିତ ପାଲ, ଓଡ଼ିଶା ବାସ୍କେଟ ବଲ୍ ଆସୋସିଏସନ ସଭାପତି ଜ୍ଞାନ ରଞ୍ଜନ ପରିଡ଼ା, ସାଇକେଲିଂ ଆସୋସିଏସନ ସମ୍ପାଦକ ପ୍ରସନ୍ନ ରାଉତ, ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡ଼ିୟମ ଅଫିସର ଇନଚାର୍ଜ ଗଙ୍ଗାଧର ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ସିଜିମାଳିରେ ଦମନମୂଳକ ନିଷେଧାଦେଶକୁ ନିନ୍ଦା

**କଟକ,୫।୪/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକ ଏବଂ କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକର ଆଦିବାସୀ ଓ ଦଳିତ ସମ୍ପ୍ରଦାୟଙ୍କ ଉପରେ ଚାଲିଥିବା ରାଷ୍ଟ୍ରୀୟ ଦମନକୁ ସିପିଡିଆରଏସ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ସଂଗଠନ ପକ୍ଷରୁ ଏକ ପ୍ରେସ ଇସ୍ତାହାରରେ କୁହାଯାଇଛି ଯେ ଏହି ଗ୍ରାମବାସୀ ଦୀର୍ଘଦିନ ଧରି ସିଜିମାଳି/ତିଜମାଳି ଅଞ୍ଚଳରେ ବକ୍ସାଇଟ୍ ଖଣି ଖନନ ବିରୁଦ୍ଧରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିଆସୁଛନ୍ତି। ଗତ କିଛି ମାସ ଧରି, ଗ୍ରାମବାସୀ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା କାରଣରୁ ପୁଲିସର ନିର୍ଯାତନା, ମନଇଚ୍ଛା ଗିରଫଦାରୀ ଏବଂ ଧମକର ସମ୍ମୁଖୀନ ହେଉଛନ୍ତି। ଛଅ ମାସର ଦୀର୍ଘ କାରାବାସ ପରେ ମୁକ୍ତି ପାଇଥିଲାବେଳେ ,ବିବିଶିଷ୍ଟ ନେତା ଲିଙ୍ଗରାଜ ଆଜାଦ୍‌ଙ୍କ ସମେତ ଆହୁରି ୨୨ ଜଣଙ୍କୁ ମିଛ ଓ ମନଗଢ଼ା ଅଭିଯୋଗରେ ଗିରଫ କରାଯାଇଛି।ସେହିପରି ଏପ୍ରିଲ ୩ ତାରିଖରେ ରାୟଗଡ଼ା ଉପଜିଲ୍ଲାପାଳଙ୍କ ଦ୍ୱାରା ଜାରୀ ନିର୍ଦ୍ଦେଶ ଫଳରେ ସିଜିମାଳି ପାହାଡ଼କୁ ଯାଉଥିବା ରାସ୍ତାର ଉଭୟ ପାର୍ଶ୍ୱରେ ୧୦୦ ମିଟର ପରିଧି ମଧ୍ୟରେ ଚାରିରୁ ଅଧିକ ବ୍ୟକ୍ତିଙ୍କ ଏକତ୍ରିତ ହେବା ଉପରେ ଏକ ମାସ ପାଇଁ କଟକଣା ଲଗାଯାଇଛି।ଏହି ନିଷେଧାଦେଶ କେବଳ ଅତ୍ୟଧିକ ନୁହେଁ, ବରଂ ଲୋକଙ୍କ ସାମ୍ବିଧାନିକ ଅଧିକାର ଉପରେ ଏକ ସିଧାସଳଖ ଆକ୍ରମଣ ବୋଲି ସଂଗଠନ କହିଛି। ଏହି ନିଷେଧାଦେଶ ସ୍ୱେଚ୍ଛାଚାରୀ, ଅଗଣତାନ୍ତ୍ରିକ ଏବଂ ମୌଳିକ ଅଧିକାରର ଉଲ୍ଲଂଘନକାରୀ ବୋଲି ସଂଗଠନ ମନେ କରୁଚି ଏବଂ ତୁରନ୍ତ ଏହି ନିଷେଧାଦେଶ ପ୍ରତ୍ୟାହାର କରିବା ଓ ମିଛ ଅଭିଯୋଗରେ ଗିରଫ ଗ୍ରାମବାସୀଙ୍କୁ ବିନା ସର୍ତରେ ଖଲାସ କରିବା ପାଇଁ ଦାବି କରିଛି।

# ପରମବ୍ରହ୍ମ ନୃତ୍ୟ ସଂଗୀତ କଳା ମନ୍ଦିରର ବାର୍ଷିକ ଉତ୍ସବ




**କଟକ,୫।୪/ଏନ୍‌ଏନ୍‌ଏସ୍:** ପରମବ୍ରହ୍ମ ନୃତ୍ୟ ସଙ୍ଗୀତ କଳା ମନ୍ଦିର ୫ମ ବାର୍ଷିକ ଉତ୍ସବ ମହାନଦୀ ବିହାର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଗଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ଚୌଦ୍ୱାର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ସଂସ୍କୃତି ଗବେଷକ ପ୍ରଫେସର ଡ଼ ନିରଞ୍ଜନ ସାହୁ ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ରଶ୍ମି କାନୁନ୍‌ଗୋ, ସମାଜସେବୀ ସାଗରିକା ସାହୁ, ଶ୍ରୀରାମ ସେବକ ସଂଘ ସଭାପତି ଶିଶିରକାନ୍ତ ତ୍ରିପାଠୀ ଯୋଗ ଦେଇଥିଲେ। ସଂଗଠନର ସଭାପତି ରଞ୍ଜିତାଭ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମ୍ୟାନେଜିଂ ଟ୍ରଷ୍ଟି ଡ଼ଃ ମମତା ତ୍ରିପାଠୀ ଉପସ୍ଥିତ ଥିଲେ। ସମାଜସେବାରେ ଉଲ୍ଲେଖନୀୟ ସଫଳତା ପାଇଁ ସାଗରିକା ସାହୁ ଓ ବିଭିନ୍ନ କଳା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନେତାଜୀ ସୁଭାଷ ଜୟନ୍ତୀ କମିଟି ପକ୍ଷରୁ ଚିତ୍ରକଳା କର୍ମଶାଳା

**କଟକ,୫।୪/ଏନ୍‌ଏନ୍‌ଏସ୍:** ନେତାଜୀ ସୁଭାଷ ଜୟନ୍ତୀ କମିଟି ଓ କଟକ ଦୁର୍ଗାବାଡ଼ି ସମିତିର



ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଦୁର୍ଗାବାଡ଼ିଠାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଚିତ୍ରକଳା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଗୌତମ ମୁଖାର୍ଜୀ। ଚିତ୍ରଶିଳ୍ପୀ ରବି ନାରାୟଣ ରଥ, ସତ୍ୟ ଓଝା, ଡକ୍ଟର ଶୁଭ୍ରା ରୟ ଓ ଦୀପକ ବିଶ୍ୱାଳ ଏହାକୁ ପରିଚାଳନା କରିଥିଲେ। କର୍ମଶାଳା ଆରମ୍ଭରେ କମିଟିର ଉପସଭାପତି ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜଙ୍କ ସଭାପତିତ୍ୱରେ ନେତାଜୀଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇ ନେତାଜୀଙ୍କ ଜୀବନୀ ସମ୍ପର୍କରେ ସମ୍ୟକ୍ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରୁ କମିଟିର ସମ୍ପାଦକ ବବି ବଳବନ୍ତରାୟ, ଡକ୍ଟର ଅର୍ଜୁନ ବିଶ୍ୱାଳ, ରଞ୍ଜନ କୁମାର ଲେଙ୍କା, ପ୍ରଫେସର ଆଲୋକେଶ ରୟ, ଡକ୍ଟର୍ ଜୟଶ୍ରୀ ଷଡଙ୍ଗୀ, ଡକ୍ଟର ସ୍ନେହଲତା ମିଶ୍ର, ବିଶିଷ୍ଟ ଆଇନଜୀବୀ ସୋମା ପଟ୍ଟନାୟକ, ସୁବାସ ଚନ୍ଦ୍ର ପ୍ରଧାନ, ସାହିତ୍ୟିକ ଅକ୍ଷୟ ରାଉଳ, ସାମାଜିକ କର୍ମୀ ମଞ୍ଜୁଲତା ଜେନା, ହୃଷିକେଶ ବଳ ତଥା କମିଟିର କୋଷାଧ୍ୟକ୍ଷ ବିନୋଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। କଟକ ଦୁର୍ଗାବାଡ଼ି ସମିତିର ସଦସ୍ୟ ରାଜନାଥ ରୟ, ତପେନେଶ ରାୟ, ପାର୍ଥ ବାସୁମାଲିକ, ଶ୍ୟାମଲ କରମାକର, ଗୌତମ ରାୟ, କାନୁ ଗୋପାଳ ଚକ୍ରବର୍ତ୍ତୀ, ଗିରିନ୍ଦ୍ର ନାରାୟଣ ଘୋଷ, ସୋମ୍ୟଦେବ ରାୟ, ଇଶାନି ମିତ୍ର ଏବଂ ତ୍ରିଦିବ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କର୍ମଶାଳାର ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ଓ ଚିତ୍ରଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆରଏସ୍‌ଏସ୍‌ର ସଂଘଶିକ୍ଷା ବର୍ଗ ପାଇଁ ପ୍ରସ୍ତୁତି ବୈଠକ

**କଟକ,୫।୪/ଏନ୍‌ଏନ୍‌ଏସ୍:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ଓଡ଼ିଶା ପୂର୍ବ ପ୍ରାନ୍ତର ସଂଘ ଶିକ୍ଷା ବର୍ଗ ପାଇଁ ପ୍ରସ୍ତୁତି ବୈଠକ ଆଜି ଗତିରାଉତ ପାଟଣା ସ୍ଥିତ ଶିଶୁବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୯ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୫ରୁ ୪୦ ବର୍ଷ ବୟସର କାର୍ଯ୍ୟକର୍ତାମାନଙ୍କୁ ନେଇ ସଂଘଶିକ୍ଷା ବର୍ଗ (ସାମାନ୍ୟ) ଓ ୪୦ ବର୍ଷ ବୟସରୁ ୬୫ ବର୍ଷର କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ’ସଂଘ ଶିକ୍ଷାବର୍ଗ (ବିଶେଷ) ଅନୁଷ୍ଠିତ ହେବ। ସଂଘ ଶିକ୍ଷା ବର୍ଗ (ସାମାନ୍ୟ)ରେ ଓଡିଶା ପୂର୍ବ ପ୍ରାନ୍ତର ସମସ୍ତ ଜିଲ୍ଲାରୁ କାର୍ଯ୍ୟକର୍ତାମାନେ ଭାଗ ନେଉଥିବା ବେଳେ ସଂଘ ଶିକ୍ଷାବର୍ଗ (ବିଶେଷ) କ୍ଷେତ୍ର ସ୍ତରରେ ଅନୁଷ୍ଠିତ ହେଉଥିବାରୁ ଏଥିରେ ଓଡିଶା ପୂର୍ବ ଓ ପଶ୍ଚିମ ପ୍ରାନ୍ତର କାର୍ଯ୍ୟକର୍ତାମାନେ ଭାଗନେବେ। ବିଶେଷ ବର୍ଗର ସର୍ବାଧିକାରୀ ଭାବେ ବେଲେଶ୍ୱର ସାହୁ ଓ ସାମାନ୍ୟ ବର୍ଗର ସର୍ବାଧିକାରୀ ରୂପେ ବିଶ୍ୱମ୍ଭର ପାଣିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ବୈଠକରେ ସହକ୍ଷେତ୍ର ପ୍ରଚାରକ ଜଗଦୀଶ ପ୍ରସାଦ ଖାଡଙ୍ଗା,ଓଡିଶା ପୂର୍ବ ପ୍ରାନ୍ତର ସହସଂଘଚାଳକ ମନସୁଖଲାଲ ସେଠିଆ, ପ୍ରାନ୍ତ କାର୍ଯ୍ୟବାହ ଡ.ଅନୀଲ ମିଶ୍ର, ପ୍ରାନ୍ତ ପ୍ରଚାରକ ବିପିନ ପ୍ରସାଦ ନନ୍ଦ, ସହ ପ୍ରାନ୍ତ ପ୍ରଚାରକ ଅସିତ କୁମାର ସାହୁ,ସହପ୍ରାନ୍ତ କାର୍ଯ୍ୟବାହ ଇଂ ସୁଦର୍ଶନ ଦାସ ଓ ରବିନାରାୟଣ ପଣ୍ଡାଙ୍କ ସମେତ ଉଭୟ ପ୍ରାନ୍ତର ସମସ୍ତ ବରିଷ୍ଠ ପଦାଧିକାରୀ ଓ କାର୍ଯ୍ୟକର୍ତମାନେ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ବର୍ଗଗୁଡ଼ିକରେ ସାମାଜିକ ଜାଗରଣ ଏବଂ ସାମାଜିକ ପରିବର୍ତନ ଉପରେ ପ୍ରଶିକ୍ଷଣ ଦିଆଯିବ। ବିଶେଷକରି ଉକ୍ତ ବର୍ଗ ମାଧ୍ୟମରେ ପ୍ରାମାଣିକତା, ଦେଶଭକ୍ତି, ଅନୁଶାସନ ଏବଂ ସ୍ନେହଭାବନା ବିକଶିତ କରିବାର ସୁଯୋଗ ମିଳିଥାଏ।

# ଶିକ୍ଷାବିତ୍ ନିରଞ୍ଜନ ତ୍ରିପାଠୀଙ୍କ ପରଲୋକ

**କଟକ,୫।୪/ଏନ୍‌ଏନ୍‌ଏସ୍:** ରେଭେନ୍ସା ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ପୂର୍ବତନ ପ୍ରାଧ୍ୟାପକ ଡ. ନିରଞ୍ଜନ ତ୍ରିପାଠୀଙ୍କ ଆଜି ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୯ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ଡ ତିପ୍ରାଠୀଙ୍କ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଡ ତ୍ରିପାଠୀ ପୂର୍ବରୁ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ



ରାଜ୍ୟ ପୁସ୍ତକ ପ୍ରଣୟନ ପ୍ରକାଶ ସଂସ୍ଥା ବ୍ୟୁରୋରେ କାର୍ଯ୍ୟ କରୁଥିଲେ। ଏହାସହିତ ସେ ଦୀର୍ଘଦିନ ଧରି ରେଭେନ୍ସା ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ପ୍ରମୁଖ ଭାବେ କାର୍ଯ୍ୟ କରି ବେଶ ସୁନାମ ଅର୍ଜନ କରିଥିଲେ। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ସୁଖ୍ୟାତି ଅର୍ଜନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତ୍ର, ପୁତ୍ରବଧୂ, କନ୍ୟା, ଜୋଇଁ ଓ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ। ତାଙ୍କ ପରଲୋକରେ କଟକ ମହାନଗର ନାଗରିକ ମହସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ, ଅଧ୍ୟାପକ ଅଶୋକ କୁମାର ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

# ସେଣ୍ଟ୍ରାଲ୍ ଏସିଆନ୍ ହ୍ୟାଣ୍ଡ୍‌ବଲ୍‌ରେ ଭାରତକୁ ବ୍ରୋଞ୍ଜ୍

**ଭୁବନେଶ୍ୱର,୫।୪/ଏନ୍‌ଏନ୍‌ଏସ୍:** ଉଜ୍‌ବେକିସ୍ତାନର ସମରକନ୍ଦଠାରେ ମାର୍ଚ୍ଚ ୩୧ରୁ ଏପ୍ରିଲ୍ ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ପଞ୍ଚମ ସେଣ୍ଟ୍ରାଲ୍ ଏସିଆନ୍ ହ୍ୟାଣ୍ଡ୍‌ବଲ୍ ଚାମ୍ପିଅନ୍‌ଶିପ୍‌ରେ କଜାକିସ୍ତାନକୁ ୨୫-୨୦ ଗୋଲ୍‌ରେ ହରାଇ ଭାରତ ବ୍ରୋଞ୍ଜ୍ ପଦକ ଜିତିଛି। ଭାରତୀୟ ଦଳର ଓଡ଼ିଆ ଖେଳାଳି ସ୍ୱସ୍ତିକ ମହାପ୍ରସାଦ ପତି ଉନ୍ନତ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ଓଡ଼ିଶାର ଗୌରୀଶଙ୍କର ମିଶ୍ର ଖେଳ ପରିଚାଳନା କରିଥିଲେ। ସ୍ୱସ୍ତିକ୍ ଓ ଗୋରୀ ଶଙ୍କରଙ୍କ ଏହି ସଫଳତା ପାଇଁ ଓଡ଼ିଶା ରାଜ୍ୟ ହ୍ୟାଣ୍ଡ୍‌ବଲ୍ ସଂଘ ସଭାପତି



ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ. ମାନସକ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଓ ଭୁବନେଶ୍ୱର ହ୍ୟାଣ୍ଡ୍‌ବଲ୍ ସମ୍ପାଦକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ ଏହା ପୂର୍ବରୁ ୨୦୨୪ରେ ଓଡ଼ିଶାର ପ୍ରଥମ ହ୍ୟାଣ୍ଡ୍‌ବଲ୍ ତାରକା ଆର୍ଯ୍ୟନ୍ ବ୍ରାହ୍ମୀନ୍ ଭାରତୀୟ ଦଳ ପକ୍ଷରୁ ବ୍ରୋଞ୍ଜ୍ ପଦକ ଜିତି ଓଡ଼ିଶା ପାଇଁ ଗୌରବ ଆଣିଥିଲେ।

## ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ ସମାରୋହ

# ‘ପ୍ରତିଭା ପୂଜା ଦ୍ୱାରା ଜାତିର ସଂସ୍କୃତି ମହିମାନ୍ୱିତ ହୁଏ’

**କଟକ,୫।୪/ଏନ୍‌ଏନ୍‌ଏସ୍:** ପ୍ରତିଭା ପୂଜା ଦ୍ୱାରା ଜାତିର ସଂସ୍କୃତି ଓ ଇତିହାସ ମହିମାନ୍ୱିତ ହୁଏ। ଜୀବନ୍ତ ପ୍ରତିଭାଧର ବ୍ୟକ୍ତିଙ୍କୁ ସାଧାରଣରେ ସମ୍ବର୍ଦ୍ଧିତ ଓ ସମ୍ମାନିତ କରିବା ଦ୍ୱାରା ଜାତି କୃତଜ୍ଞତା ସ୍ୱୀକାର କରିବା ସହ ପ୍ରେରଣା ପ୍ରଦାନ କରେ ବୋଲି ଓଡ଼ିଶାର ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ୩୧ତମ ‘ସାହିତ୍ୟ ଭାରତୀ’ ସମ୍ମାନ ପ୍ରଦାନ ଉତ୍ସବରେ କହିଛନ୍ତି।



ଆଜି ସନ୍ଧ୍ୟାରେ କଳା ବିକାଶ କେନ୍ଦ୍ରଠାରେ ଶ୍ରୀ ଗଂଗାଧର ରଥ ଫାଉଣ୍ଡେସନ୍ ପକ୍ଷରୁ ୩୧ତମ ‘ସାହିତ୍ୟ ଭାରତୀ’ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଓଡ଼ିଶାର ଏଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସାହିତ୍ୟ ଭାରତୀ ପୁରସ୍କାର ପ୍ରଦାନ କରି କହିଲେ ଯେ ମଣିଷର ଭାବ ସର୍ଜନଶୀଳ ଶବ୍ଦରୂପ ନେଲେ ତା ମଣିଷର ଆତ୍ମାକୁ ସ୍ପର୍ଶ କରେ। ସାହିତ୍ୟ ପାଠକର ମନ ଓ ହୃଦୟକୁ ବିକଶିତ କରିବାରେ ସହାୟକ ହୁଏ ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ଅଭିରାମ ବିଶ୍ୱାଳ କହିଲେ ଯେ ସାହିତ୍ୟ ସମାଜକୁ ସମ୍ପ୍ରସାରିତ କରେ। ଯୁଗଧର୍ମ ଓ ମାଟିର ବାସ୍ନା ଓ ସମୟର କଥାକୁ ବାସ୍ତବ ଭାବରେ ପ୍ରକାଶ କରି ସାହିତ୍ୟ କାଳଜୟୀ ହୁଏ। ସାହିତ୍ୟ ଭାରତୀ ପୁରସ୍କାର ଗ୍ରହଣ କରି ଅଧ୍ୟାପକ ବିଶ୍ୱରଞ୍ଜନ କହିଲେ ଯେ ସାହିତ୍ୟ ଆତ୍ମାକୁ ଆବିଷ୍କାର କରେ ଓ ଆତ୍ମାର ଅଭିସାର କରେ। ଲେଖକ ବ୍ୟକ୍ତିର ଜୀବନକୁ ବିଶ୍ୱର ଜୀବନରେ ରୂପାନ୍ତରିତ କରେ। ଏହି ଉତ୍ସବରେ ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ ସାହିତ୍ୟ ଭାରତୀ ପୁରସ୍କାର ସ୍ୱରୂପ କୋଣାର୍କର ରୌପ୍ୟ ପ୍ରତିରୂପ ସହ ଏକ ଲକ୍ଷ ଟଙ୍କାର ଉପାୟନ ପ୍ରଦାନ କରାଯାଇଥିଲା। ପୂର୍ବତନ କୁଳପତି ପ୍ରଫେସର ଅମୀୟ କୁମାର ପଟ୍ଟନାୟକଙ୍କୁ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ ସ୍ୱରୂପ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଭାନୁଜୀ ରାଓ ସ୍ମାରକୀ ପୁରସ୍କାର ଡକ୍ଟର ଇନ୍ଦିରା ଦାଶଙ୍କୁ ମାନପତ୍ର ସହ ପଚିଶ ହଜାର ଟଙ୍କା , ରବି ସ୍ୱାଇଁଙ୍କୁ ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର ସ୍ୱରୂପ ପଚିଶ ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏବଂ ସୁବ୍ରତ ରଥ ସ୍ମାରକୀ ପୁରସ୍କାର ପ୍ରାପକ ସୁନନ୍ଦା ପ୍ରଧାନ ଓ ଲକ୍ଷ୍ମଣ କୁମାରଙ୍କୁ ମାନପତ୍ର ସହ ପ୍ରତ୍ୟେକଙ୍କୁ ଦଶ ହଜାର ଟଙ୍କାର ଉପାୟନ ପ୍ରଦାନ କରାଯାଇଥିଲା। ଉତ୍ସବରେ ଫାଉଣ୍ଡେସନର ଟ୍ରଷ୍ଟି ଡାକ୍ତର ଜୟନ୍ତ ରଥ ସଭାପତିତ୍ୱ କରି କହିଥିଲେ ଯେ ସାହିତ୍ୟସେବା ମାଧ୍ୟମରେ ଫାଉଣ୍ଡେସନ ନିରନ୍ତର ଭାବରେ ପ୍ରୋତ୍ସାହନ ସୃଷ୍ଟି କରିବାରେ ସକ୍ଷମ ହେଉଛି। ପ୍ରାରମ୍ଭରେ ଫାଉଣ୍ଡେସନର ଉପଦେଷ୍ଟା ସଦସ୍ୟ ପ୍ରଫେସର ବିଜୟାନନ୍ଦ ସିଂହ କାର୍ଯ୍ୟକ୍ରମ ସୂଚନା ଦେଇଥିଲେ। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ଡକ୍ଟର ବୈଜୟିନ୍ତୀ ମିଶ୍ର, ବିଦ୍ୟୁତ୍ ପ୍ରଧାନ, ଅରୁଣା ସାମନ୍ତରାୟ ଓ ଶଙ୍ଖଚୂଳ ଦାସ ମାନପତ୍ର ପାଠ କରିଥିଲେ। ଫାଉଣ୍ଡେସନର ସମ୍ପାଦିକା ସୁସ୍ମିତା ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଆଡ୍‌ଭୋକେଟ୍ ସଞ୍ଜୟ ରଥ, ଲିପ୍‌ସିତା ରଥ ଓ ହର୍ଷବର୍ଦ୍ଧନ ରଥ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।ଉତ୍ସବରେ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଜଳିଗଲା ଦୁଇ ଦୋକାନ

**ନୟାହାଟ,୫।୪/ଏନ୍ଏନ୍ଏସ୍:** ବିଦ୍ୟୁତ୍ ସଟ୍‌ସର୍କିଟ ଯୋଗୁଁ ଦୁଇଟି ଦୋକାନ ଶନିବାର ବିଳମ୍ବିତ ରାତିରେ ଜଳି ପାଉଁଶ ହୋଇଯାଇଥିବା ଶାସନ ଛକରେ ଦେଖିବାକୁ ମିଳିଛି। ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତର ଶାସନ ଛକରେ ଥିବା କାଶିଆ ମଲିକଙ୍କ ଟିଭି ମରାମତି ଦୋକାନ ଓ ସୁଧୀର ରାଉତଙ୍କ ସେଲୁନ୍ ପୋଡ଼ି ପାଉଁଶ ହୋଇଯାଇଛି। ପୋଡିଯାଇଥିବା ସମ୍ପତ୍ତିର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

ନିତିଦିନ NITIDIN

## ପ୍ରଥମ ପୃଷ୍ଠାରୁ

### ଏଣିକି ଖୋଲାରେ ...

ସ୍ଥାନରେ ଚଢ଼ଉ ଜାରି ରହିଛି। ଚଢ଼ଉ କରାଯାଇ ବ୍ୟାପକ ପରିମାଣର ସିଲିଣ୍ଡର ଜବତ କରାଯାଉଛି। ଯାହାକୁ ନେଇ ଦଲାଲମାନେ ଏବେ ଛାନିଆ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜବତ ସିଲିଣ୍ଡର ମଧ୍ୟରୁ ଅଧିକାଂଶ ହେଉଛି ଡୋମେଷ୍ଟିକ୍। ଅର୍ଥାତ ବହୁଳ ମାତ୍ରାରେ ବ୍ୟବହାର ହେଉଥିବା ସିଲିଣ୍ଡରକୁ ବେଆଇନ ଭାବେ ଗଚ୍ଛିତ ରଖୁଛନ୍ତି କଳାବଜାରୀ, ଆଉ ଚଢ଼ା ଦରରେ ବିକି ମାଲାମାଲ ହେଉଛନ୍ତି। ଆଉ ଯିଏ ଟଙ୍କା ଗଣିପାରିଲା ସଙ୍କଟବେଳେ ହାତେଇଲା, ଯିଏ ନପାରିଲା, ସିଏ କଲବଲ। ବୁକିଂ ପରେ ବି ନିର୍ଦ୍ଦିଷ୍ଟ ସମୟରେ ଘରେ ଆସି ସିଲିଣ୍ଡର ପହଞ୍ଚିପାରୁନଥିବା ଖାଉଟି ଅଭିଯୋଗ ଆଣିଛନ୍ତି। ଏଭଳି କଳାବଜାରୀ ସ୍ଥିତିରେ ଖୋଲାମେଲାରେ ଗ୍ୟାସ୍ ବିକ୍ରିକୁ ବାରଣ କରିଛି ଯୋଗାଣ ବିଭାଗ।

### ୪ଘଣ୍ଟା ଦର୍ଶନ ବନ୍ଦ ...

ସରିବା ପରେ ଠାକୁରଙ୍କ ମହାସ୍ନାନ ବଢ଼ିଲେ ପୁନଃ ଦର୍ଶନ ଆରମ୍ଭ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ସରିଲା ପରେ ପଇତାଲାଗି ନୀତି ହେବ। ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରି ସାମୂହିକ ସେବା ସମ୍ପନ୍ନ କରିବେ।

### ହର୍ମୁଜ ପାର୍ କଲା ...

ନେଇ ହର୍ମୁଜ ପାର କରିବା ଏହି କ୍ଷେତ୍ର ଉପରେ ଭାରତର ନିରନ୍ତର ନିର୍ଭରତାକୁ ଦର୍ଶାଉଛି। 'ଗ୍ରୀନ୍ ଆଶା' ଯାତ୍ରା ପୂର୍ବରୁ, ଅତି କମରେ ୮ ଭାରତୀୟ ଜାହାଜ ଏହି ମାର୍ଗ ଦେଇ ଯାଇ ସାରିଥିଲା। ମାର୍ଚ୍ଚ ଶେଷରେ 'ପାଇନ୍ ଗ୍ୟାସ୍' ଓ 'ଯୁଦ୍ଧ ବସନ୍ତ' ସହିତ ୪ ଭାରତୀୟ ଜାହାଜ ତିନି ଦିନ ଭିତରେ ୯୨,୬୦୦ ଟନରୁ ଅଧିକ ଏଲପିଜି ଯୋଗାଣ କରିଥିଲା। ଏହା ପୂର୍ବରୁ ଶିବାଲିକ୍ ଓ ନନ୍ଦାଦେବୀ ମାର୍ଚ୍ଚ ମଧ୍ୟରେ ଗୁଜୁରାଟର ମୁନ୍ଦ୍ରା ଓ କାଣ୍ଡଲା ବିମାନବନ୍ଦର ପର୍ଯ୍ୟନ୍ତ ପ୍ରାୟ ୯୨,୭୦୦ ଟନ୍ ଏଲପିଜି ପହଞ୍ଚାଇଥିଲା। ଏହା ସହ ଏଲପିଜି ବାହାକ ବିଡବ୍ଲ୍ୟୁ ଟିୱାଇଆର ଓ ବିଡବ୍ଲ୍ୟୁ ଇଏଲଏମ୍ ସାମିଲ ଥିଲା। ଅନ୍ୟ ସିପମେଣ୍ଟରେ ଅଶୋଧିତ ତୈଳ ଏବଂ ଇନ୍ଧନ ଅନ୍ତର୍ଭୁକ୍ତ ଥିଲା। ତେଲ ଟ୍ୟାଙ୍କର୍ 'ଜାଗ୍ ଲାଡକି' ସଂଯୁକ୍ତ ଆରବ ଏମିରେଟ୍ସରୁ ମୁନ୍ଦ୍ରା ପର୍ଯ୍ୟନ୍ତ ୮୦ ଟନ୍ ରୁ ଅଧିକ ଅଶୋଧିତ ତୈଳ ପରିବହନ କରିଥିଲା, ଯେତେବେଳେ 'ଜଗ୍ ପ୍ରକାଶ' ଓମାନରୁ ଆଫ୍ରିକୀୟ ବଜାରକୁ ପେଟ୍ରୋଲ୍ ନେଇ ହର୍ମୁଜକୁ ପାର କରିଥିଲା। ଅନ୍ୟ ଏକ ଏଲପିଜି ବାହକ, 'ଗ୍ରୀନ୍ ସାନ୍‌ଭି' ମଧ୍ୟ ନିକଟରେ ପ୍ରାୟ ୪୬,୬୫୦ ମେଟ୍ରିକ୍ ଟନ୍ କାର୍ଗୋ ପରିବହନ ସହିତ ଏହାର ଯାତ୍ରା ସମାପ୍ତ କରିଥିଲା।

### ଓଡ଼ିଶା ପ୍ରତି ଅତୁଟ ...

ଦକ୍ଷିଣ ତଟ ରେଲୱେ ଜୋନ୍‌ରେ ମିଶିବ ବୋଲି ରେଳବାଇ ପକ୍ଷରୁ ଘୋଷଣା କରାଯିବା ପରେ ତେଜିଛି ବିବାଦ। ପଲାସା ଓ ଇଚ୍ଛାପୁରମକୁ ପୂର୍ବତଟରୁ କାଢ଼ି ଦକ୍ଷିଣତଟ ରେଳବାଇରେ ସାମିଲ କରାଯିବ ବୋଲି ରେଳ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାକୁ ନେଇ ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।

### କାଳବୈଶାଖୀ: ଭାଙ୍ଗିଲା ...

ବର୍ଷା ହେବାର ସମ୍ଭାବନା ରହିଛି। ଝଟକା ପବନ ସହିତ ପବନର ବେଗ ୫୦ରୁ ୬୦ କିମି ରହିବା ନେଇ ପାଣିପାଗ ବିଭାଗ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି। ସେହିପରି ୨୪ଟି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା, ଝଟକା ପବନ ସହିତ ପବନର ବେଗ ୩୦ ରୁ ୫୦ କିମି ରହିବାର ସମ୍ଭାବନା ନେଇ ୟେଲୋ ୱାର୍ଣ୍ଣିଂ ଜାରି ଜାରିଛି ପାଣିପାଗ ବିଭାଗ। ଏହି ଜିଲ୍ଲାଗୁଡିକ ହେଲା ନୂଆପଡ଼ା, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ଗଜପତି, ଗଞ୍ଜାମ, ବରଗଡ଼, ବଲାଙ୍ଗୀର, ସୋନପୁର, ବୌଦ୍ଧ, ସମ୍ବଲପୁର, ଅନୁଗୁଳ, ଝାରସୁଗୁଡା, କେନ୍ଦୁଝର, ଦେଓଗଡ଼, ସୁନ୍ଦରଗଡ଼, ଢେଙ୍କାନାଳ, ଯାଜପୁର, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ନୟାଗଡ଼ ଆଦି ଜିଲ୍ଲାରେ ବିଜୁଳି ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ସେହିପରି ଆସନ୍ତାକାଲି କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ଗଜପତି, ଗଞ୍ଜାମ, ବୌଦ୍ଧ, ସମ୍ବଲପୁର, ଅନୁଗୁଳ, ଝାରସୁଗୁଡ଼ା, କେନ୍ଦୁଝର, ଦେଓଗଡ଼, ସୁନ୍ଦରଗଡ଼, ଢେଙ୍କାନାଳ, ଯାଜପୁର, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡା, ଜଗତସିଂହପୁର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ନୟାଗଡ଼ ଏହି ୨୬ ଜିଲ୍ଲାକୁ ବିଜୁଳି ଘଡଘଡି ସହ ହାଲୁକରୁ ମଧ୍ୟମ ଧରଣର ବର୍ଷା ସହ ୩୦ ରୁ ୫୦ କିମି ଝଟକା ପବନ ବହିବାର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି ଜାରି କରିଛି ପାଣିପାଗ ବିଭାଗ।

### କଲରାପତରିଆ ଛାଲ ...

ଶ୍ୱେତଲୀନା ସାହୁଙ୍କ ନେତୃତ୍ୱରେ ବନବିଭାଗ ପକ୍ଷରୁ ବ୍ରାହ୍ମଣପାଦ କଲରା ନଦୀ କୂଳରେ ଚଢ଼ଉ କରି ବାଘଛାଲ ସହିତ ପଙ୍କଜକୁ ଗିରଫ କରାଯାଇଛି। ଜେରା ବେଳେ ପଙ୍କଜ ପ୍ରକାଶ କରିଛି ଯେ ଗତବର୍ଷ ମେ ୧୦ ତାରିଖରେ ଏହି କଲରାପତରିଆ ଗୁହାଳ ଭିତରେ ଥିବା ଏକ ଗାଈକୁ ଆକ୍ରମଣ କରି ମାରି ଦେଇଥିଲା । ଏଥିରେ ଉତ୍ୟକ୍ତ ହୋଇ ପଙ୍କଜ ବାଘକୁ ମାରିବା ପାଇଁ ଯୋଜନା କରିଥିଲା। ପରଦିନ ରାତିରେ ସେ ଗାଈର ମୃତଦେହ ଉପରେ କୀଟନାଶକ ପକାଇ ଦେଇଥିଲା। ରାତିରେ କଲରାପତରିଆ ଆସି ଗାଈକୁ ଖାଇବା ବେଳେ ତାର ମୃତ୍ୟୁ ହୋଇଥିଲା । ଏହାପରେ ସେ ବାଘର ଛାଲକୁ ବାହାର କରି ଘରେ ରଖିଥିଲା। ତେବେ ଘଟଣା ଧୀରେ ଧୀରେ ପ୍ରଘଟ ହେବା ଜାଣିପାରି ସେ ଛାଲକୁ ବିକ୍ରି କରିବା ପାଇଁ ଉଦ୍ୟମ କରିଥିଲା। ଏ ବିଷୟରେ ଖବର ପାଇ ବନବିଭାଗ ଚଢ଼ଉ କରିଥିଲା। ଚଢଉରେ ଚକାପାଦ ରେଞ୍ଜର କମଳାକାନ୍ତ ପ୍ରଧାନ, ଟିକାବାଲି ରେଞ୍ଜର ରଶ୍ମିରଂଜନ ସ୍ୱାଇଁ, ଟିକାବାଲି ଫରେଷ୍ଟର ଦୁର୍ଗାପ୍ରସାଦ ଦାସ , ଚାହାଳି ଫରେଷ୍ଟର ମହେନ୍ଦ୍ର ବିଶ୍ୱାଳ, ବନରକ୍ଷୀ ଏ. ସନ୍ତୋଷ କୁମାର, ଲଛମନ ରେଡ୍ଡୀ ପ୍ରମୁଖ ସାମିଲ ହୋଇଥିଲେ।

### ମଙ୍ଗଳବାର ହେବ ବଡ଼ ...

ହର୍ମୁଜ୍ ଖୋଲିବା ପାଇଁ ଟ୍ରମ୍ପ୍ ଦେଇଥିବା ଅଲ୍‌ଟିମେଟମ୍‌କୁ ଇରାନ୍ ଖାରଜ କରିଦେଇଛି। ଇରାନୀ ସେନା କହିଛି, ଆମେରିକା ହତାଶ ଏବଂ ବିଚଳିତ ହୋଇ ଧମକ ଦେଉଛି। ସୂଚନାଯୋଗ୍ୟ, ଟ୍ରମ୍ପ୍ ଇରାନ୍‌କୁ ହର୍ମୁଜ୍ ଖୋଲିବା କିମ୍ବା ବୁଝାମଣା କରିବା ପାଇଁ ଅଲ୍‌ଟିମେଟମ୍ ଦେଇଥିଲେ। ସେ କହିଥିଲେ ସମୟ ଶେଷ ହେଉଛି ଏବଂ ଏହା ନକଲେ, ଇରାନ୍‌ର ଶକ୍ତି କେନ୍ଦ୍ରକୁ ଟାର୍ଗେଟ୍ କରି ଧ୍ୱଂସ କରିଦିଆଯିବ। ପ୍ରକାଶ ଯେ ଆମେରିକା ଓ ଇରାନ ଭିତରେ ଯୁଦ୍ଧ ଏବେ ପ୍ରାୟ ୫ ସପ୍ତାହରେ ପହଞ୍ଚି ସାରିଛି। ୨୮ ଫେବୃଆରୀରେ ଆମେରିକା ଓ ଇସ୍ରାଏଲ ଇରାନ ଉପରେ ବଡ଼ ଧରଣର ଆକ୍ରମଣ କରିଥିଲେ। ସେବେଠାରୁ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି। ଇରାନ ଏହାର ଜବାବରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ବନ୍ଦ କରିଦେଇଛି, ଅର୍ଥାତ ସମୁଦ୍ର ରାସ୍ତା, ଯାହାଦ୍ୱାରା ଦୁନିଆର ୨୦ ପ୍ରତିଶତ ତେଲ ଯାଇଥାଏ। ଯୁଦ୍ଧ ଏବେ ଚରମ ସ୍ଥିତିରେ ରହିଛି।

### ଇରାନ୍‌ରୁ ପାଇଲଟ୍‌ଙ୍କୁ ...

ହୋଇଥିଲା, ଯେଉଁଥିରେ ସାତ ଘଣ୍ଟା ପର୍ଯ୍ୟନ୍ତ ଇରାନ୍ ମଧ୍ୟରେ ବିତାଇଥିଲେ। ଟ୍ରମ୍ପ୍ ସମସ୍ତ ସୈନିକଙ୍କ ବାହାଦୁରୀ ଏବଂ କୌଶଳର ପ୍ରଶଂସା କରିଛନ୍ତି ଏବଂ ସୋମବାର ହ୍ୱାଇଟ୍ ହାଉସ୍‌ରେ ସୈନ୍ୟ ଅଧିକାରୀଙ୍କ ସହିତ ପ୍ରେସ୍ କନ୍‌ଫରେନ୍ସ କରିବେ। ସେ କହିଛନ୍ତି, ଭଗବାନ ଆମ ମହାନ୍ ସୈନ୍ୟ ଯୋଦ୍ଧାଙ୍କୁ ଆଶୀର୍ବାଦ ଦିଅନ୍ତୁ। ପ୍ରକାଶ ଯେ ଦୁଇଟି ଆସନ ବିଶିଷ୍ଟ ଆମେରିକାର 'ଏଫ-୧୫' ଯୁଦ୍ଧ ବିମାନକୁ ଇରାନ ଖସାଇ ଦେଇଥିଲା ବେଳେ ଏଥିରେ ଥିବା ଜଣେ ପାଇଲଟ ଓ ଜଣେ କ୍ରୁ ସଦସ୍ୟ ସୁରକ୍ଷିତ ଭାବେ ସେଥିରୁ ବାହାରି ଯିବାରେ ସଫଳ ହୋଇଥିଲେ। ସେମାନେ ଇରାନ ସୀମା ଭିତରେ ରହିଥିବା ବେଳେ ପାଇଲଟଙ୍କୁ କିଛି ଘଣ୍ଟା ମଧ୍ୟରେ ଉଦ୍ଧାର କରି ନେଇଥିଲା ଆମେରିକୀୟ ସେନା। କିନ୍ତୁ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରିବାକୁ ଆମେରିକାକୁ ବଡ଼ ଅପରେସନ କରିବାକୁ ପଡ଼ିଥିଲା। ପ୍ରାୟ ଦେଢ଼ ଦିନର ପ୍ରୟାସ ପରେ ତାଙ୍କୁ ଉଦ୍ଧାର କରାଯାଇଛି।

### ପିକ୍‌ଚର ଅଭି ବାକି ...

ଦାବି ଭଳି ପ୍ରସଙ୍ଗ ମଧ୍ୟ ଉଲ୍ଲେଖ କରିଥିଲେ। ସେ ପଞ୍ଜାବର ବିକାଶରେ ସହାୟତା ପାଇଁ କେନ୍ଦ୍ର ସରକାରଙ୍କୁ ମଧ୍ୟ ନିବେଦନ କରିଥିଲେ। ପ୍ରସଙ୍ଗ ନ ଉଠାଇବା ଅଭିଯୋଗର ଜବାବରେ, ରାଘବ ଚଡା ସଂସଦରେ ଉଠାଇଥିବା ସମସ୍ତ ପ୍ରସଙ୍ଗକୁ ଉଦ୍ଧୃତ କରିଥିଲେ। ଏହି ପ୍ରସଙ୍ଗଗୁଡ଼ିକ ମଧ୍ୟରେ କରତାର ସାହିବ ଏବଂ ନାନକାନା ସାହିବକୁ କରିଡର, ପଞ୍ଜାବ ଚାଷୀଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଦାବି, ପଞ୍ଜାବ ପାଇଁ ଏକ କର୍କଟ ଟ୍ରେନ୍ ଏବଂ ଦିଲ୍ଲୀ ସମେତ ଉତ୍ତର ଭାରତରେ ବାୟୁ ପ୍ରଦୂଷଣ ଅନ୍ତର୍ଭୁକ୍ତ। ଆମ ଆଦମୀ ପାର୍ଟି ଶନିବାର ରାଜ୍ୟସଭା ସଦସ୍ୟ ରାଘବ ଚଡାଙ୍କୁ ସଂସଦରେ ପଞ୍ଜାବ ସହ ଜଡିତ ପ୍ରମୁଖ ପ୍ରସଙ୍ଗ ଉଠାଇବାରେ ବିଫଳ ହେବା ପାଇଁ ସମାଲୋଚନା କରିଥିଲା । ଦଳ କହିଥିଲା ଯେ ତାଙ୍କର 'ନିଷ୍କ୍ରିୟତା' ଦଳର ନୀତି ବିରୁଦ୍ଧରେ।

# ଖୋର୍ଦ୍ଧାରେ ଜିଲ୍ଲାସ୍ତରୀୟ ଐତିହ୍ୟ ଗଣଦୌଡ଼



**ଖୋର୍ଦ୍ଧା,୫।୪/ଏନ୍ଏନ୍ଏସ୍:** ଓଡ଼ିଶାର ଅସ୍ମିତା, ଓଡ଼ିଆର ପରମ୍ପରା, କଳା ଓ ସଂସ୍କୃତିକୁ ପୁନଃର୍ଜୀବିତ କରିବା ତଥା ଏହାର ମହତ୍ତ୍ୱ ପ୍ରତ୍ୟେକ ଓଡିଆଙ୍କ ମନରେ ଜାଗ୍ରତ କରିବା ଉପଲକ୍ଷେ ଓଡ଼ିଆ ପକ୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଅପ୍ରେଲ ୧ ତାରିଖରୁ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ପାଳନ କରାଯାଉଛି। ଓଡ଼ିଶାର ଗୌରବମୟ ଇତିହାସ ସମଗ୍ର ବିଶ୍ୱକୁ ଅନୁପ୍ରାଣିତ କରିଛି କ୍ଷ ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ ଭଳି ଯୋଦ୍ଧା ନିଜ ଜୀବନକୁ ପଛରେ ପକାଇ ସ୍ୱାଧୀନତା ସଂଗ୍ରାମରେ ପାଇକ ମେଳି କରି ବ୍ରିଟିଶ୍ ଶାସନ ବିରୁଦ୍ଧରେ ସଂଗ୍ରାମ କରିଥିବା ବେଳେ ତତ୍କାଳୀନ ବିଜେବି ଉଚ୍ଚ ବିଦ୍ୟାଳୟର ଛାତ୍ର ଶହୀଦ ଦିବାକର ପରିଡ଼ା ମାତ୍ର ୩୨ ବର୍ଷ ବୟସରେ ଦୁର୍ଦ୍ଧର୍ଷ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଠେଙ୍ଗାରେ ଯୁଦ୍ଧକରି ଅତ୍ୟାଚାରକୁ ବିରୋଧ କରିଥିବାରୁ ବ୍ରିଟିଶ୍ ସରକାର ତାଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇଦେଇଥିଲେ। ଏଭଳି ସିଂହ ପରି ଓଡ଼ିଶାର ବରପୁତ୍ର ମାନଙ୍କ ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ପୂର୍ବସୁରୀମାନଙ୍କ ଗାଥାକୁ ଅନୁସରଣ କରି ଓଡ଼ିଶାର ଅସ୍ମିତାକୁ ତଥା ଜିଲ୍ଲାର ଗାରିମାକୁ ଉଜ୍ଜୀବିତ କରି ରଖିବାକୁ ଆଜି ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଜିଲ୍ଲା କ୍ରୀଡାଧିକାରୀ ଗୀତାଞ୍ଜଳି ପଣ୍ଡାଙ୍କ ପରିଚାଳନାରେ ଏବଂ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଐତିହ୍ୟ ଗଣ ଦୌଡ଼ ସମାବେଶରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ ପତାକା ଦେଖାଇ ଗଣଦୌଡକୁ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରି ଏହି କାର୍ଯ୍ୟକ୍ରମର ବିସ୍ତୃତ ତଥ୍ୟ ପ୍ରଦାନ କରିବା ସହ କଳିଙ୍ଗର ଇତିହାସ ସମ୍ବନ୍ଧରେ ପିଲା ମାନଙ୍କୁ ଜାଣିବାକୁ ହେଲେ ଓଡ଼ିଆ ପକ୍ଷ ପାଳନର ସମସ୍ତ ଦିବସର ମହତ୍ତ୍ୱ ବୁଝିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗଣଦୌଡ ସମାରୋହରେ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ପୌରପରିଷଦ ଉପାଧ୍ୟକ୍ଷ, ସୌର୍ଯ୍ୟରଞ୍ଜନ ମହାନ୍ତି, ବି ଜେ ବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଭୁପ୍ରସାଦ ସେନାପତି, ଅବକାରୀ ଅଧିକ୍ଷକ, ଖୋର୍ଦ୍ଧା ସୁମିତ୍ରା ତ୍ରିପାଠୀ, ଡେପୁଟୀ କଲେକ୍ଟର, ରାଜସ୍ୱ ନିବେଦିତା ପରିଡ଼ା, ଡେପୁଟୀ କଲେକ୍ଟର, ନିର୍ବାଚନ, ରଞ୍ଜନ କୁମାର ଜେନା, ଡେପୁଟୀ କଲେକ୍ଟର ସ୍ୱିଟୀ ସୋରେନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀ ପୌର ପରିଷଦ, ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକ ଯୋଗଦାନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ବିକାଶ ମଞ୍ଚ ସଭାପତି ନରେନ୍ଦ୍ର ପୃଷ୍ଟି, ବିଭିନ୍ନ ଜନ ପ୍ରତିନିଧି, ବ୍ୟକ୍ତି ବିଶେଷ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

## ଓଡ଼ିଆ ପକ୍ଷ ଅବସରରେ ଗଣଦୌଡ଼




**ପୁରୀ,୫।୪/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଚଳିତ ବର୍ଷ ଅପ୍ରେଲ ୧ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଆମ ମହାନ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରିବା ସହ ଯୁବ ପିଢିକୁ ଅବଗତ କରାଇ ଏହାକୁ ଅଧିକ ଋଦ୍ଧିମନ୍ତ କରିବା ଏହାର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଆଜି ପୂର୍ବାହ୍ନରେ ଓଡ଼ିଆ ପକ୍ଷ ପାଳନର ୫ମ ଦିବସ ଅବସରରେ ଏକ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିର ଠାରୁ ବଗଲା ଧର୍ମଶାଳା ପର୍ଯ୍ୟନ୍ତ ଏହି ଗଣଦୌଡ଼ ଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଶ୍ରୀଗୁଣ୍ଡିଚା ମନ୍ଦିର ଠାରୁ ପତାକା ଦେଖାଇ ଏହି ଗଣଦୌଡର ଶୁଭାରମ୍ଭ କରିବା ସହ ବଗଲା ଧର୍ମଶାଳା ଠାରେ ଯୁବବର୍ଗଙ୍କୁ ସମ୍ବୋଧିତ କରି ଓଡିଶାର ଐତିହ୍ୟ ପରମ୍ପରା ସମ୍ପର୍କରେ ଜାଣିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡାଧିକାରୀ ଚନ୍ଦନ କୁମାର ସାହୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଖୋ ଖୋ ଖେଳର ମୁଖ୍ୟ କୋଚ ସଞ୍ଜୀବ ଶର୍ମା, ପ୍ରାକ୍ତନ କ୍ରୀଡ଼ା ପ୍ରଶିକ୍ଷକ ଗୋପାଳ ଚନ୍ଦ୍ର ପରିଡା, ଏନଏସଏସ ଅଫିସର ଗୋଲକ ବିହାରୀ ପଲାଇ, କ୍ରୀଡ଼ା ପ୍ରଶିକ୍ଷକ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଶ୍ରୀରାମ ନବମୀ ଯାତ୍ରାର ୯ମ ସନ୍ଧ୍ୟାରେ ରାବଣପୋଡ଼ି

**ଓଡ଼ଗାଁ,୫।୪/ଏନ୍ଏନ୍ଏସ୍:** ସ୍ୱର୍ଣ୍ଣ କଳସୀ କ୍ଷେତ୍ର ଓଡଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜିଉଙ୍କ ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରାର ରବିବାର ନବମ ସନ୍ଧ୍ୟାରେ ପ୍ରଭୁଙ୍କର ଯୁଦ୍ଧଯାତ୍ରା ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ ମାତା ସୀତାଙ୍କୁ ଉଦ୍ଧାର କରିବାପାଇଁ ଭକ୍ତ ହନୁମାନ ଓ ଯୁବରାଜ ଅଙ୍ଗଦଙ୍କ ସ୍କନ୍ଧରେ ବସି ଲଙ୍କା ଅଭିଯାନରେ ବାହାରିଥିବା ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା। ଅଷ୍ଟ ସେନାଧ୍ୟକ୍ଷ ଅସ୍ତ୍ର ଶସ୍ତ୍ରରେ ସଜିତ ହୋଇ ବାନର ସେନାଙ୍କୁ ସଙ୍ଗରେ ଧରି ବାହାରିଥିଲେ। ପ୍ରଭୁ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ ଅଷ୍ଟ ସେନାଧ୍ୟକ୍ଷ ଓ ବାନର ସେନାଙ୍କ ସହାୟତାରେ ପ୍ରବଳ ପ୍ରତାପୀ ରାବଣର ନିଧନ ପରେ ମାତାସୀତାଙ୍କୁ ଉଦ୍ଧାର କରିବା ସହିତ ବିଭୀଷଣଙ୍କୁ ଲଙ୍କାର ରାଜା ଭାବରେ ଅଭିସିକ୍ତ କରି ବନ୍ଧୁତ୍ୱର ନିଦର୍ଶନ ପ୍ରତିପାଦିତ କରିଥିଲେ। ଆକାଶରେ ଦେବତା ଓ ମୁନୀଋଷି ଗଣ ଆନନ୍ଦ ଅନୁଭବ କରିବା ସହିତ ଶ୍ରୀରାମଙ୍କ ଧୈର୍ଯ୍ୟର ପ୍ରଶଂସା କରିଥିଲେ। ରାବଣପୋଡ଼ି କମିଟି ଆନୁକୂଲ୍ୟରେ ସ୍ଥାନୀୟ ମହୋତ୍ସବ ପଡ଼ିଆରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଉତ୍ସବର ସଭାପତି ବିଭୁପ୍ରସାଦ ସାହୁ କାର୍ଯ୍ୟ ପରିଚାଳନା କରିଥିଲେ। ଆସନ୍ତାକାଲି ଯାତ୍ରାର ଅନ୍ତିମ ସନ୍ଧ୍ୟାରେ ପ୍ରଭୁଙ୍କର ରାଜ୍ୟାଭିଷେକ ବେଶ ଅନୁଷ୍ଠିତ ହେବବୋଲି ଦେବୋତ୍ତର ପକ୍ଷରୁ ସୂଚନା ମିଳିଛି।



## ଚୋରି ଘଟଣାରେ ୬ ଅଭିଯୁକ୍ତ କୋର୍ଟଚାଲାଣ

**ବାରଙ୍ଗ,୫।୪/ଏନ୍ଏନ୍ଏସ୍:** ବାରଙ୍ଗ ଥାନା ଅନ୍ତର୍ଗତ ବଡ଼ମୁଣ୍ଡଲୀ ଗ୍ରାମର ବ୍ରହ୍ମାନନ୍ଦ ପରିଡ଼ା ଗତ ୩ ତାରିଖ ରାତିରେ ଗୋଡ଼ିସାହି ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ ଗୋବିନ୍ଦପୁରଠାରେ ନିର୍ମାଣାଧୀନ ଘରେ ରାତି ଦୁଇଟା ସମୟରେ ୨ଜଣ ଯୁବକ ଏକ ବାଇକ ସାହାଯ୍ୟରେ ଆସିଥିଲେ। ଜଣେ ବାଇକ୍ ନିକଟରେ ଥିଲାବେଳେ ଅନ୍ୟଜଣେ ସେଠାରେ ଥିବା ଏକ କଳାରଙ୍ଗର ଜୁପିଟର ସ୍କୁଟର୍‌ର ତାଲାଭାଙ୍ଗି ନେଇଯାଇଥିଲେ। ଉକ୍ତ ଘଟଣା ଗୋଡ଼ିସାହି ଫାଣ୍ଡି ଅଧିକାରୀ ସୌମ୍ୟ ଆଶୁତୋଷ ଓ ଅନ୍ୟ ବାରଙ୍ଗ ଥାନା ପୁଲିସ ଟିମ୍ ଏହି ଘଟଣାର ତଦନ୍ତ ଚଳାଇ ଘଟଣାରେ ସମ୍ପୃକ୍ତ ବାଙ୍କୀ ଥାନା ଅନ୍ତର୍ଗତ କୁଅମଡ଼ା ଗ୍ରାମର ରାକେଶ କୁମାର ଭୋଇ(୨୧), ସନାତନ ଭୋଇ(୨୦), ବିନୋଦ କୁମାର ଭୋଇ(୨୭), ଇରାନ ଭୋଇ(୧୯), ଭଗିପୁର ଗ୍ରାମର ପ୍ରଫୁଲ୍ଲ ଭୋଇ(୩୮)ଢେଙ୍କାନାଳ କାମାକ୍ଷା ନଗର ଥାନା ଅନ୍ତର୍ଗତ ଗୁରାଡିଆ ଗ୍ରାମର ବିଭୁତି ସାହୁ(୪୫)କୁ ଗିରଫକରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ସାତୋଟି ବାଇକ୍, ମୋବାଇଲ ୧୬ଟି, ଡିଜେଲ ବ୍ୟାଟେରୀ ୧ଟି, ସୋଲାର ପ୍ୟାନେଲ ୬ଟି, ଇଣ୍ଡକ୍ସନ ଚୁଲା ୧ଟି, ଇଲେକ୍ଟ୍ରୋନିକ ଓଜନ ମେସିନ ୧ଟି, ହାଇ ପ୍ରଫୋମାନ୍ସ ବ୍ୟାଟେରୀ ୨ଟି, ଓୟାର କଟର୍ ୧ଟି ଓ ମାଷ୍ଟର କି ୧ଟି ଆଦି ଚୋରିସାମଗ୍ରୀ ଜବତ କରାଯାଇଥିବା ପୁଲିସ ସୂଚନା ଦେଇଛି।

## ପୁଲିସ ସହାୟତାରେ ଦୟଣାଚୋରି ମେଳଣରେ ପହଞ୍ଚିଲା ଶ୍ରୀରାମଙ୍କ ମେଢ଼

**ଡେଲାଙ୍ଗ,୫।୪/ଏନ୍ଏନ୍ଏସ୍:** ଘୋରଡିଆର ପ୍ରସିଦ୍ଧ ଦୟଣା ଚୋରି ଯାତ୍ରାର ଜମାଣ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଘଣ୍ଟ, ଘଣ୍ଟି, ଶଙ୍ଖ, ମୃଦଙ୍ଗ, ଘୋଡାନାଚ, ତଗା, ନାଗା, କୁଞ୍ଜ, ପ୍ରଜ୍ଞାପନ ମେଢ, ବିଭିନ୍ନ ଶୋଭାଯାତ୍ରା ସହିତ ବିରାଟ ପଟୁଆରରେ ଗ୍ରାମର ଆରାଧ୍ୟ ରାଧାମୋହନ ଓ ରାଧାକାନ୍ତ ଦେବ କୁଞ୍ଜ ବିମାନରେ ବିରାଜମାନ କରି ମେଳଣ ପଡିଆକୁ ଯାତ୍ରା ଆରମ୍ଭ କରିଥିଲେ। ବିଭିନ୍ନ ପ୍ରକାରର ପ୍ରଜ୍ଞାପନ ମେଢ ଏହି ମେଳଣର ସବୁଠୁ ବଡ ଆକର୍ଷଣ ହୋଇଥାଏ। ଚଳିତ ବର୍ଷ ବିଭିନ୍ନ ସାହିରୁ ହାତି, ହନୁମାନ, ବଗ, ଜଗନ୍ନାଥ, ଶିବଲିଙ୍ଗ ଓ ସର୍ପ, ଶ୍ରୀରାଧା, ଛତ୍ରପତି ଶିବାଜୀ ମହାରାଜଙ୍କ ଭଳି ବିଭିନ୍ନ ମେଢ ମଧ୍ୟ ଶଲଟଣରେ ଯୋଗଦେଇ ମେଳଣ ପଡିଆରେ ପହଞ୍ଚିଥିଲା। ହେଲେ ମେଳଣ କମିଟି ସଦସ୍ୟ ଓ ପୁଲିସ ପ୍ରଶାସନର ସମନ୍ୱୟ ଅଭାବରୁ ସଲଟଣ ପ୍ରାରମ୍ଭରେ ଥିବା ପଥରପଦା ସାହିର ଯୁବକମାନଙ୍କ ଦ୍ୱାରା ପ୍ରସ୍ତୁତ ଶ୍ରୀରାମଙ୍କ ମେଢ଼ ପଡିଆରେ ପହଞ୍ଚିପାରି ନଥିଲା। ଯାହାଫଳରେ ମେଳଣ କମିଟି ଓ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଥିଲେ। ପୂର୍ବକାଳରୁ ଠାକୁରଙ୍କ ନୀତିନିୟମ ଅନୁସାରେ ଯେଉଁ ମେଢ଼ ଥରେ ପ୍ରଦର୍ଶନ ପଡ଼ିଆରେ ଯୋଗ ନ ଦିଏ ତେବେ ଆସନ୍ତା ୧୨ ବର୍ଷ ପର୍ଯ୍ୟନ୍ତ ସେହି ସାହି ଦ୍ୱାରା ପ୍ରସ୍ତୁତ ମେଢ଼ ଯୋଗଦେଇ ପାରିବେନି ବୋଲି ନିୟମ ରହିଥିବା ଡେଲାଙ୍ଗ ଥାନା ଓଆଇସି ମମତା ବିଶ୍ୱାଳ ଜାଣିବାକୁ ପାଇଥିଲେ। ଠାକୁରଙ୍କ ନୀତିକାନ୍ତି ସମ୍ପର୍କରେ ଅବଗତ ହେବା ପରେ ଓଆଇସି ଶ୍ରୀମତୀ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଘୋରଡିଆ ପୁଲିସ ସହାୟତା କେନ୍ଦ୍ର ଅଧିକାରୀ କୁଳମଣି ବେହେରା ମେଳଣ କମିଟି ଓ ପଥରପଦା ସାହିର ଯୁବକ ଓ ବୟସ୍କମାନଙ୍କୁ ବୁଝାସୁଝା କରିବା ସହିତ ଶୁକ୍ରବାର ରାତ୍ରରେ ସଲଟଣ ସହିତ ପ୍ରଦର୍ଶନ ପଡିଆରେ ଶ୍ରୀରାମଙ୍କ ମେଢ଼ ପହଞ୍ଚିଥିଲା।

## ବୋମାମାଡ଼ କରି ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

**ଅସ୍ତରଙ୍ଗ,୫।୪/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନୂଆଗଡ ସାମୁଦ୍ରିକ ଥାନା ଅନ୍ତର୍ଗତ ଝାଡ଼ଲିଙ୍ଗ ଗ୍ରାମରେ ଶନିବାର ଦିନ ରାତ୍ରରେ ଘୋଡ଼ାନାଚ ଚାଲିଥିବା ବେଳେ ସେହି ଗ୍ରାମର ରାଧାମୋହନ ଓରଫ ମୁନା ବିଶ୍ୱାଳଙ୍କ ବୋମା ମାଡ଼ରେ କେତେକ ମହିଳା ଗୁରୁତର ଆହତ ହେବା ସହ ଆଉ କେତେକ ସାମାନ୍ୟ ଆହତ ହୋଇ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ଝାଡଲିଙ୍ଗ ଗ୍ରାମରେ ହେଉଥିବା ଘୋଡାନାଚ ସ୍ଥଳରେ ତିନି ଶହରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ। ରାତ୍ର ୧୦ ଘଟିକା ସମୟରେ ସେହି ଗ୍ରାମର ମୁନା ବିଶ୍ୱାଳ ଘୋଡ଼ାନାଚ ସ୍ଥଳରେ ପହଞ୍ଚି ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ପେଣ୍ଡାଲରେ ଚଢି ଝାମେଲା କରିଥିଲା। ଉପସ୍ଥିତ ଗ୍ରାମବାସୀ ପ୍ରତିବାଦ କରିବାରୁ ମୁନା ଓରଫ ରାଧାମୋହନ ଘୋଡ଼ାନାଚ ସ୍ଥଳରେ ବୋମାମାଡ଼ କରିଥିଲେ। ଆହତ ମହିଳାଙ୍କୁ ଚିକିତ୍ସା ନିମନ୍ତେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। କୌଶଲ୍ୟା ବେହେରା ଅଭିଯୁକ୍ତ ମୁନା ବିରୁଦ୍ଧରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବିଳମ୍ବିତ ରାତିରେ ନିମାପଡ଼ା ଉପଖଣ୍ଡ ପୋଲିସ୍ ଅଧିକାରୀ ଜନାର୍ଦ୍ଦନ ପାଢ଼ୀଙ୍କୁ ସୂଚନା ଦେବାପରେ ଭୋର ସମୟରେ ଫୋର୍ସ ସହ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ନେତୃତ୍ୱରେ ମୁନାରା ବାସଭବନ ଉପରେ ଚଢାଉ କରାଯିବା ବେଳେ ମୁନାକୁ ସାମୁଦ୍ରିକ ଥାନା ପୋଲିସ ଧରିବାକୁ ସକ୍ଷମ ହୋଇଥିଲେ।

## ୧୬ ବର୍ଷୀୟା ନାବାଳିକା ନିଖୋଜ

**ବଳଙ୍ଗା,୫।୪/ଏନ୍ଏନ୍ଏସ୍:** ବଳଙ୍ଗା ଥାନା ଅଞ୍ଚଳରେ ଜନୈକା ୧୬ବର୍ଷ ବୟସ୍କା ନାବାଳିକା ଝିଅ ନିଖୋଜ ହୋଇଥିବା ନେଇ ନାବାଳିକାର ବାପା ବଳଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ନାବାଳିକାର ବାପା କରିଥିବା ଅଭିଯୋଗ ଅନୁଯାୟୀ ଗତ ୨ ତାରିଖ ଦିନ ରାତିରେ ଘରେ ଖାଇପିଇ ଶୋଇଥିବା ବେଳେ ମୁଁ ଏବଂ ମୋର ସ୍ତ୍ରୀ ଏକ ବନ୍ଧୁ ଘରକୁ ଯାଇଥିଲୁ। ପରଦିନ ବୁଢ଼ୀ ମା' ଉଠି ସକାଳୁ ନାତୁଣୀ ଘରେ ନଥିବା ଦେଖି ଫୋନ ଯୋଗେ ଜଣାଇବା ପରେ ଆମେ ଆସି ବହୁ ଖୋଜାଖୋଜି କରିବା ପରେ ଝିଅକୁ ପାଇନଥିଲେ ବୋଲି ନାବାଳିକା ଝିଅର ବାପା ଅଭିଯୋଗରେ ଦର୍ଶାଇଛନ୍ତି। ବଳଙ୍ଗା ପୋଲିସ ଅଭିଯୋଗ ପାଇବା ପରେ ଏକ ଅପହରଣ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

# ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ କୁନି କଳାକାରଙ୍କ ନୃତ୍ୟ ସଂଗୀତ

**ଡେଲାଙ୍ଗ,୫।୪/ଏନ୍ଏନ୍ଏସ୍:** ଦୁଇ ଶତାବ୍ଦୀର ଐତିହ୍ୟ ସମ୍ପନ୍ନ ପ୍ରସିଦ୍ଧ ଘୋରଡ଼ିଆ ଦୟଣାଚୋରି କୁଞ୍ଜ ମେଳଣ ମହୋତ୍ସବ ଅବସରରେ ଓଡିଶା ସାହିତ୍ୟ ଏକାଡେମୀଙ୍କ ସହଯୋଗ ଓ ମେକ୍ ଇନ ଇଣ୍ଡିଆ ଆଣ୍ଡ ମିଡ଼ିଆ ପରିବାର ତଥା ଜଳନ୍ଧର ସ୍ମୃତି ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ କୁନି କଳାକାରଙ୍କ ନୃତ୍ୟ ସଂଗୀତର ମଧୁର ମୂର୍ଚ୍ଛନା ମଧ୍ୟରେ ଏକାଦଶ ବାର୍ଷିକ ଦୟଣାଚୋରି ସାହିତ୍ୟ ଆସର, ସାରସ୍ୱତ ସାଧକ ଓ ସାଧିକାଙ୍କ ସମ୍ବର୍ଦ୍ଧନା ଉତ୍ସବ ହୋଇଯାଇଛି। ଏହି ମଞ୍ଚରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଦିଲ୍ଲୀପ କୁମାର ଧାଉଡ଼ିଆ ଅଧ୍ୟକ୍ଷତାରେ ଜ୍ୟୋତିଷଶାସ୍ତ୍ର ବିଶାରଦ ଡ.ଦେବୀ ପ୍ରସାଦ ମହାପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିକାରୀ ନଗେନ ପ୍ରଧାନ, ବର୍ଷୀୟାନ ସାମ୍ବାଦିକ, କବି ତଥା ଡେଲାଙ୍ଗ ପ୍ରେସ କ୍ଲବ ସଭାପତି ପ୍ରସନ୍ନ କୁମାର ତ୍ରିପାଠୀ, ଶିଶୁ ସାହିତ୍ୟିକ ତଥା ନାଟ୍ୟକାର ଡକ୍ଟର ହେମନ୍ତ କୁମାର ଛୋଟରାୟ, ଯୁବ ସମାଜସେବୀ, ଆଇନଜୀବୀ ତଥା ଦୟାଣାଚୋରି ଲୋକ ମହୋତ୍ସବ ପରିଷଦ ସଭାପତି ଶଶି ଶେଖର ରାୟ, କୃତି ଶିକ୍ଷକ, ସାହିତ୍ୟ ପତ୍ରିକା ସମ୍ପାଦକ ମାନସ ରଞ୍ଜନ ପଟ୍ଟନାୟକ, ସ୍ଥାନୀୟ ଭାରପ୍ରାପ୍ତ ସରପଞ୍ଚ କାମିନୀ ପ୍ରଭା ରାଉତରାୟ, ଶ୍ରୀରାଧାମୋହନ ଦେବ ମଠ ଟ୍ରଷ୍ଟ ସଂଚାଳକ ପ୍ରହଲ୍ଲାଦ ବଳିୟାରସିଂହ, ପ୍ରିୟପତ୍ର ସମ୍ପାଦକ କବି ବିପିନି ବିହାରୀ ଦଳେଇ, ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ତଥା ଯୁବ ନେତା ପ୍ରିୟବ୍ରତ ସାମନ୍ତରାୟ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମାରୋହକୁ ଉଦଘାଟନ କରିବା ସହ ଦୟଣାଚୋରି ଯାତ୍ରାର ଐତ୍ୟହ୍ୟ, ପରମ୍ପରା, କଳା, ସଂସ୍କୃତି, ଓଡ଼ିଆ ଭାଷା ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ପ୍ରତିଷ୍ଠିତ, ସୁନାମଧନ୍ୟ କବି କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ସାକ୍ଷୀଗୋପାଳର କବି ପ୍ରଶାନ୍ତ କୁମାର ମିଶ୍ର, କବି ରୋହିତ ଚମ୍ପତି, ଡା.ପ୍ରଭାସ ଚନ୍ଦ୍ର ପ୍ରଧାନ, ଦ୍ୟୁତିକୃଷ୍ଣ ମହାନ୍ତି, ହରିହର ବଳବନ୍ତରାୟ, ନିରଞ୍ଜନ ନାୟକ ସୁରେଶ ଚନ୍ଦ୍ର ବିଶ୍ୱାଳ, ପଲିଟିକାଲ ସର୍କସର ଶ୍ରୀମାନ ଗବା ଓରଫ ଗଣେଶ ପ୍ରସାଦ, ଅଧିକାରୀ ସ୍ୱାଇଁ, ଭୋରଶୈଳ ସାହିତ୍ୟ ସଂସଦ ସମ୍ପାଦକ କବି ପ୍ରଦ୍ୟୁମ୍ନ ପରିଡା, ନିରଞ୍ଜନ ସାମନ୍ତରାୟ, ରଣଜିତ କୁମାର ଜେନା, ସୀମନଜିତା ବାରିକ, ଲକ୍ଷ୍ମଣ କୁମାର ସାହୁ ପ୍ରମୁଖଙ୍କ ସ୍ୱରଚିତ କବିତା ଆବୃତି ସମସ୍ତଙ୍କୁ ବିମୋହିତ କରିଥିଲା। ସମସ୍ତ କବି କବୟିତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ଓ ବନ୍ଦେ ଉତ୍କଳ ଜନନୀ ଗାନ ପରେ, ଦେଶାତ୍ମବୋଧ ସଙ୍ଗୀତ, ସମ୍ବଲପୁରୀ ଆଦି ନୃତ୍ୟ ସଂଗୀତ କୁନିକୁନି ପିଲାଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।

## ଆଜିର ଇତିହାସ

- ୧୯୬୬-ଶିଖ ଧର୍ମଗୁରୁ ହର କିଷନଙ୍କ ନିଧନ।
- ୧୯୮୬-ହାଇଦ୍ରାବାଦର ଅନ୍ତିମ ନିଜାମ ଉସ୍ମାନ ଅଲୀଙ୍କ ଜନ୍ମଦିନ।
- ୧୯୬୬-ମିହିର ସେନ ପାକ୍ ଜଳଡ଼ମରୁକୁ ପହଁରି ଅତିକ୍ରମ କରିଥିଲେ।
- ୧୯୮୦-ଭାରତୀୟ ଜନତା ପାର୍ଟିର ସ୍ଥାପନା ହୋଇଥିଲା।
- ୨୦୧୦-ପ୍ରଣବ ମୁଖାର୍ଜୀ ଓ ଆମେରିକାନ୍ ବିତ୍ତ ମନ୍ତ୍ରୀ ଟିମୋଥି ଗଥେନର ଏକ ବୁଝାମଣାରେ ହସ୍ତାକ୍ଷର କରିଥିଲେ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ପ୍ରମୋଶନ ଯୋଗ ରହିଛି। ସୁଖର ସାଧନ ମିଳିଯିବ। ଜମି ଓ ବାହନ କିଣିବାର ଯୋଜନା କରିବେ। ବଡ଼ ସୌଦା ବଡ଼ ଲାଭ ଦେବ। ଉନ୍ନତିର ମାର୍ଗ ପ୍ରଶସ୍ତ ହେବ। ସ୍ୱାସ୍ଥ୍ୟ ଚିନ୍ତା ଲାଗି ରହିବ। କାର୍ଯ୍ୟରେ ବାଧା ସମ୍ଭବ।

**ବୃଷ** - ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ବାହନ, ମେସିନାରୀ ଓ ଅଗ୍ନି ଆଦିର ପ୍ରୟୋଗରେ ସାବଧାନ ରୁହନ୍ତୁ। ବିବାଦରୁ କ୍ଲେଶ ହେବ। ନେଣଦେଣ ମାମଲା ଭାବିଚିନ୍ତି କରନ୍ତୁ। ବ୍ୟବସାୟ ଠିକ୍ ଚାଲିବ।

**ମିଥୁନ** - ନୂଆ ଯୋଜନା ଆଜି ପ୍ରସ୍ତୁତ କରିବେ। କାର୍ଯ୍ୟପ୍ରଣାଳୀରେ ସୁଧାର ହେବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ହେବ। ସୁଖର ସାଧନ ସମ୍ଭବ। ନିବେଶ ଶୁଭ ରହିବ। ବ୍ୟବସାୟ ଲାଭଦାୟକ ହେବ। ଧନହାନି ହୋଇପାରେ।

**କର୍କଟ** - କୌଣସି ଏକ ବଡ଼ ଖର୍ଚ୍ଚ ସାମ୍ନାକୁ ଆସିପାରେ। କରଜ ନେବାକୁ ପଡ଼ିପାରେ। କୁସଙ୍ଗତିରୁ ନିଜକୁ ରକ୍ଷା କରନ୍ତୁ। ବିବାଦକୁ ବୃଦ୍ଧି କରାନ୍ତୁ ନାହିଁ। ଚିନ୍ତା ତଥା ଚାପ ରହିବ। ବ୍ୟାପାର ଠିକ୍ ଚାଲିବ। କାର୍ଯ୍ୟକୁଶଳତା କମ୍ ରହିବ।

**ସିଂହ** - ଶୁଭ ସମାଚାର ପାଇବେ। ଆତ୍ମବିଶ୍ୱାସ ବୃଦ୍ଧି ହେବ। ନୂଆ କାମ କରିବାରେ ମନ ଦେବେ। ଦୂର ଯାତ୍ରା ଯୋଗ ରହିଛି। ବ୍ୟାପାରରୁ ଲାଭ ମିଳିବ। ଚାକିରି କ୍ଷେତ୍ରରେ ଶାନ୍ତି ରହିବ। ଶତ୍ରୁ ଭୟ ରହିବ।

**କନ୍ୟା** - କାର୍ଯ୍ୟଭାର ରହିବ। ନେଣଦେଣରେ ଶୀଘ୍ରତା ନକଲେ ଭଲ। ଆୟ ନିଶ୍ଚିତତା ରହିବ। ଏକଦମ୍ ସ୍ୱାସ୍ଥ୍ୟ ଖରାପ ହୋଇଯାଇପାରେ। ଦୁଃଖଦ ସମାଚାର ପାଇବେ। କାମରେ ମନ ଲାଗିବ ନାହିଁ।

**ତୁଳା** - ବାହାରର ଯାତ୍ରା ମନୋରଞ୍ଜନଧର୍ମୀ ହେବ। ସ୍ୱାଦିଷ୍ଟ ଭୋଜନ ମିଳିବ। ବିଦ୍ୟାର୍ଥୀ ବର୍ଗ ସଫଳତା ପାଇବେ। ସମସ୍ୟା କମ୍ ରହିବ। ଶାରୀରିକ କଷ୍ଟ ସମ୍ଭବ। ଅଜ୍ଞାତ ଭୟ ରହିବ। ବ୍ୟାପାରରେ ଲାଭର ଅବସର ପାଇବେ।

**ବିଛା** - ବ୍ୟବସାୟିକ ଯାତ୍ରା ସଫଳ ହେବ। ପ୍ରେମ-ପ୍ରସଙ୍ଗରେ ଅନୁକୂଳତା ରହିବ। ଅପମାନ ହେବା ପରି କୌଣସି କାମ ନକଲେ ଭଲ। କାନୁନୀ ସମସ୍ୟାରେ ସ୍ଥିତି ଅନୁକୂଳ ରହିବ। ମିତ୍ରର ସହଯୋଗ ପାଇବେ।

**ଧନୁ** - ଧନଲାଭର ଅବସର ପାଇବେ। ବୈବାହିକ ପ୍ରସ୍ତାବ ମିଳିପାରେ। ଶାରୀରିକ କଷ୍ଟ ପାଇପାରନ୍ତି। ଅଜ୍ଞାତ ଭୟ ସମସ୍ୟାରେ ପକେଇବ। ତନ୍ତ୍ର-ମନ୍ତ୍ରରେ ରୁଚି ବଢ଼ିବ। ମାର୍ଗଦର୍ଶନ ହୋଇପାରେ।

**ମକର** - ଆଜି ବ୍ୟବସାୟିକ ଯାତ୍ରା ସଫଳ ହେବ। ଲାଭର ଅବସର ପାଇବେ। କୌଣସି ବଡ଼ କାମ କରିବାକୁ ମନ ବଳେଇବେ। ବ୍ୟାପାର ମନ ଅନୁକୂଳ ରହିବ। ନିବେଶ ଶୁଭ ରହିବ। ଘରର ଛୋଟ ସଦସ୍ୟଙ୍କ ଚିନ୍ତା ବଢ଼ିବ।

**କୁମ୍ଭ** - ଆଜି ଅପ୍ରତ୍ୟାଶିତ ଲାଭ ହୋଇପାରେ। ରୋଜଗାର ପ୍ରାପ୍ତିର ପ୍ରୟାସ ସଫଳ ହେବ। ବଡ଼ କମ୍ପାନୀ ସହିତ କାରବାରରେ ଲାଭ ପାଇବେ। ପ୍ରେମ ସମ୍ବନ୍ଧ ପାଇଁ ଦିନଟି ସାମାନ୍ୟ। ବଡ଼ ସମସ୍ୟାର ଅନ୍ତ ହେବ।

**ମୀନ** - ଆଜିର ପ୍ରୟାସ ସଫଳ ହେବ। ସାମାଜିକ ପଦ-ପ୍ରତିଷ୍ଠା ବୃଦ୍ଧି ହେବ। କାମର ପ୍ରଶଂସା ମିଳିବ। ବ୍ୟବସାୟ ମନ ଅନୁକୂଳ ହେବ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେବ। କାରବାରର ବିସ୍ତାର ହୋଇପାରେ।



**ଆତ୍ମସଂଭାବିତାଃ ସ୍ତବ୍‌ଧା ଧନମାନମଦାନ୍ୱିତାଃ।**
**ଯଜନ୍ତେ ନାମଯଜ୍ଞୈସ୍ତେ ଦମ୍ଭେନାବିଧିପୂର୍ବକମ୍। (୧୬/୧୭)**

ଆତ୍ମ-ପ୍ରଶଂସାକୁ ଯିଏ ଭଲପାଏ, ଉଦ୍ଧତ ସ୍ୱଭାବର ମଣିଷ, ଧନ ପାଇଁ ଯିଏ ଗର୍ବୀ, ଅଭିମାନୀ ଓ ଅହଂକାରୀ ହେଇଥାଏ, ସେହି ଅସୁର ପ୍ରକୃତି ବିଶିଷ୍ଟ ଲୋକମାନେ ଦମ୍ଭ ଦେଖାଇ ଅବିଧିରେ ନାମକୁ ମାତ୍ର ଯଜ୍ଞ କରନ୍ତି।

ଶ୍ରୀ ରାମକୃଷ୍ଣ କହନ୍ତି - କାମିନୀ କାଞ୍ଚନରେ ମନର ବାଜେ ଖର୍ଚ୍ଚ ହୁଏ। ଏହି ଦେଖୁନା ପୁଅ ଝିଅ ହେଇଛନ୍ତି, ଯାତ୍ରା କରାଯାଉଛି। ଏହିସବୁ ନାନା କାର୍ଯ୍ୟରେ ଈଶ୍ୱରଙ୍କ ଠାରେ ମନର ଯୋଗ ହୁଏ ନାହିଁ।....... ଭୋଗ ରହିଲେ ହିଁ ଯୋଗ କମିଯାଏ। ଭୋଗ ରହିଲେ ହିଁ ଜ୍ୱାଳା।

# ମିଠା ପାଣିର ଦେଶ

**ପରିଷ୍କାର ଓ ମିଠା ପାଣି ସେହି ମହତ୍ତ୍ୱପୂର୍ଣ୍ଣ କାରକଗୁଡ଼ିକ ମଧ୍ୟରୁ ଅନ୍ୟତମ ଯାହା କୌଣସି ଦେଶର ପର୍ଯ୍ୟାବରଣ, ବୁନିଆଦୀ ଢ଼ାଞ୍ଚା ଓ ସ୍ୱାସ୍ଥ୍ୟ ପ୍ରବନ୍ଧନକୁ ନିର୍ଦ୍ଧାରିତ କରିଥାଏ। ଦୁନିଆରେ ଥିବା ଅନେକ ବିକଶିତ ଦେଶଗୁଡ଼ିକ ପାଇଁ ପରିଷ୍କାର ଓ ଶୁଦ୍ଧ ପାଣି ପର୍ଯ୍ୟନ୍ତ ପହଞ୍ଚିବା କିଛି ଅନିଶ୍ଚିତ ଘଟଣା ନୁହେଁ। ଏହିପରି କେତେକ ଦେଶ ଉପରେ ନଜର ପକାଇବା ଯେଉଁଗୁଡ଼ିକରେ ଉଚ୍ଚ ଗୁଣବତ୍ତା ଥିବା ପାଣି ଉପଲବ୍ଧ ରହିଛି।**



**ବ୍ରାଜିଲ୍**-ବିଶ୍ୱର ସବୁଠାରୁ ଅଧିକ ମିଠା ପାଣିର ସଂସାଧନ ରହିଛି ବ୍ରାଜିଲ ଠାରେ ଯାହା ବିଶ୍ୱର ସମୁଦାୟ ମିଠା ପାଣିର ସଂସାଧନଗୁଡ଼ିକର ପାଖାପାଖି ୧୨ ପ୍ରତିଶତ ହେବ। ଏହାର କାରଣ ଆମାଜନ କ୍ଷେତ୍ରରେ ଏହି ଦେଶର ସମୁଦାୟ ମିଠା ପାଣିର ୭୦ ପ୍ରତିଶତ ଭାଗ ରହିଛି।

**ରୁଷ୍**-ରୁଷ୍ ପାଖରେ ରହିଛି ପାଣିର ଦ୍ୱିତୀୟ ସବୁଠାରୁ ବଡ଼ ଭଣ୍ଡାର ଯାହା ବିଶ୍ୱରେ ଥିବା ମିଠା ପାଣିର ୧/୫ ପ୍ରତିଶତ ଭାଗ ହେବ।

**ଆମେରିକା**-ଆମେରିକା ହେଉଛି ଦୁନିଆର ତୃତୀୟ ଦେଶ ଯାହା ପାଖରେ ମିଠା ପାଣିର ଭଣ୍ଡାର ରହିଛି। ସେଠାରେ ୧୦୦ରୁ ଅଧିକ ହ୍ରଦ ଅଛି ଯେଉଁଗୁଡ଼ିକ ମଧ୍ୟରେ ଲେକ୍ ସୁପିରିୟର୍, ଲେକ୍ ଓଣ୍ଟାରିଓ, ଲେକ୍ ମିଶିଗନ୍ ଓ ଲେକ୍ ଏରି ପ୍ରମୁଖ।

**କାନାଡ଼ା**-କାନାଡ଼ା ପାଖରେ ମିଠା ପାଣିର ଭଣ୍ଡାର ରହିଛି। ସେଠିକାର ବିବିଧ ନଦୀ ପ୍ରଣାଳୀ ଓ ହ୍ରଦଗୁଡ଼ିକରେ ମିଠା ପାଣି ମିଳିଯାଏ। ଆମେରିକା ଓ କାନାଡ଼ାର ଉତ୍ତରୀ ଆମେରିକା ମହାଦ୍ୱୀପ ଓ ବିଶ୍ୱର କିଛି ମିଠା ପାଣିର ହ୍ରଦ ସହିତ ଏହାର ସୀମା ଲାଗି ରହିଛି। କାନାଡ଼ାରେ ରହିଛି ବିଶ୍ୱର ସବୁଠାରୁ ଅଧିକ ହ୍ରଦ ଯାହାର ସଂଖ୍ୟା ହେବ ୮୭୯,୮୦୦। ଗ୍ରେଟ୍ ବିୟର୍ ଲେକ କନାଡ଼ାର ସବୁଠାରୁ ବଡ଼ ମିଠା ପାଣିର ହ୍ରଦ ଯେଉଁଟି କାନାଡ଼ା ଭିତରେ ରହିଛି।

**ଚୀନ୍**-ମିଠା ପାଣିର ଅଧିକ ଭଣ୍ଡାର ଥିବା ବିଶ୍ୱର ପଞ୍ଚମ ଦେଶ ହେଉଛି ଚୀନ୍। ଜିୟାଂଶୀ ପ୍ରାନ୍ତରେ ସ୍ଥିତ ପୋୟାଙ୍ଗ ହ୍ରଦ ଚୀନ୍‌ର ବଡ଼ ମିଠା ପାଣିର ସୋର୍ସ।

# ବିଜେପିର ଇତିହାସ ଓ ବିକାଶ

ଭାରତୀୟ ଜନତା ପାର୍ଟି ଏକ ରାଷ୍ଟ୍ରବାଦୀ ରାଜନୈତିକ ଦଳ ଅଟେ ଯାହା ଦେଶକୁ ସୁଦୃଢ଼, ସମୃଦ୍ଧ ଏବଂ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ବିଶ୍ୱ ସ୍ତରରେ ସ୍ଥାପିତ କରିବା ପାଇଁ ସଂକଳ୍ପବଦ୍ଧ। ୧୯୮୦ର ଆଜିର ଦିନରେ ନୂଆଦିଲ୍ଲୀର କୋଟଲା ମୈଦାନରେ ଆୟୋଜିତ ଏକ କାର୍ଯ୍ୟକର୍ତ୍ତା ଅଧିବେଶନରେ ଭାରତକୁ ଏକ ସମର୍ଥ ରାଷ୍ଟ୍ର ଭାବରେ ଗଠନ କରିବାର ଲକ୍ଷ୍ୟ ସହିତ ଏହି ଦଳର ଗଠନ କରାଯାଇଥିଲା। ଦଳର ପ୍ରଥମ ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲେ ଦିବଂଗତ ପୂର୍ବ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ। ନିଜର ସ୍ଥାପନା ସହିତ ବିଜେପି ଅନ୍ତଃରାଷ୍ଟ୍ରୀୟ, ରାଷ୍ଟ୍ରୀୟ ଏବଂ ଲୋକହିତକର ବିଷୟଗୁଡ଼ିକ ଉପରେ ଗୁରୁତ୍ୱ ଦେଇ ଭାରତୀୟ ଲୋକତନ୍ତ୍ରରେ ନିଜର ସଶକ୍ତ ଭାଗୀଦାରୀ ସହିତ ଭାରତୀୟ ରାଜନୀତିକୁ ଏକ ନୂଆ ଦିଗ ଦେଖାଇଛି। ଦେଶର ବିକାଶ ଆଧାରିତ ରାଜନୀତିର ମୂଳଦୁଆ ରଖିଥିବା ବିଜେପି ବିଭିନ୍ନ ରାଜ୍ୟରେ ଶାସନକୁ ଆସିବା ପରେ ପୂରା ଦେଶରେ ନିଜର ନେତୃତ୍ୱକୁ ପ୍ରମାଣିତ କରିଛି।

ଇତିହାସ-ସାଂସ୍କୃତିକ ରାଷ୍ଟ୍ରବାଦର ଭାବନାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏହି ପାର୍ଟିର ଗଠନ କରାଯାଇଥିଲା। ବିଜେପି ଏକ ଜାତୀୟ ଦଳ ଓ ସଂଘ ପରିବାରର ପ୍ରମୁଖ ସଦସ୍ୟ। ଯଦିଓ ବିଜେପିର ଗଠନ ହୋଇଥିଲା ୧୯୮୦ରେ କିନ୍ତୁ ଏହାର ଇତିହାସ ଜଡ଼ିତ ହୋଇ ରହିଛି ଭାରତୀୟ ଜନସଂଘ ସହିତ। ବିଜେପିର ଏହି ପୂର୍ବବର୍ତ୍ତୀ ପାର୍ଟିର ସ୍ଥାପନା ହୋଇଥିଲା ୧୯୫୨ରେ ଯେଉଁଟି ଦେଶର ପ୍ରଥମ ଲୋକସଭା ନିର୍ବାଚନରେ ତିନୋଟି ସିଟ୍ ଜିତିଥିଲା ଓ ୨୪ ବର୍ଷ ପର୍ଯ୍ୟନ୍ତ ଅସ୍ତିତ୍ୱରେ ରହିଥିଲା। ପରେ ୧୯୭୭ରେ ଏହି ଦଳଟି ବିଲୟ ହୋଇଯାଇଥିଲା ଜନତା ପାର୍ଟିରେ ଓ ଗଠବନ୍ଧନ ସରକାର ଗଠନ କରିଥିଲା। ୧୯୭୯ରେ ଜନତା ପାର୍ଟିର ଗଠବନ୍ଧନ ସରକାରର ପତନ ହେବାପରେ ଭାରତୀୟ ଜନତା ପାର୍ଟିର ଗଠନ ହୋଇଥିଲା।




# ଜୀବନରେ ଖେଳର ଭୂମିକା




କୌଣସି ବ୍ୟକ୍ତିର ଶାରୀରିକ ଓ ମାନସିକ ବିକାଶରେ ଖେଳର ରହିଥାଏ ବିଶେଷ ଯୋଗଦାନ। ଏଥିପାଇଁ ପୂରା ଦୁନିଆରେ ଖେଳଗୁଡ଼ିକର ଭୂମିକା, ଦୈନନ୍ଦିନ ଜୀବନରେ ଖେଳର ଯୋଗଦାନ ପ୍ରତି ସଚେତନତା ଓ ଏସବୁର ବିକାଶ ପ୍ରତି ଲୋକମାନଙ୍କୁ ସଚେତନ କରେଇବା ପାଇଁ ପ୍ରତିବର୍ଷ ଆଜିର ଦିନରେ ପାଳନ କରାଯାଏ ଏକ ଅନ୍ତଃରାଷ୍ଟ୍ରୀୟ ଦିବସ। ୬ ଏପ୍ରିଲ୍, ୨୦୧୪ରେ ଅନ୍ତଃରାଷ୍ଟ୍ରୀୟ ଅଲିମ୍ପିକ ସମିତି ତରଫରୁ ଏହି ଦିବସକୁ ମାନ୍ୟତା ମିଳିବା ପରେ ପ୍ରତିବର୍ଷ ଏହି ଖେଳ ଦିବସ ପାଳନ କରାଯାଉଛି। ଏହି ଅନ୍ତଃରାଷ୍ଟ୍ରୀୟ ଖେଳ ଦିବସ ସାମାଜିକ ସ୍ତରରେ ପରିବର୍ତ୍ତନ ଆଣିବା, ଶାନ୍ତିକୁ ତ୍ୱରାନ୍ୱିତ କରିବା ଓ ସାମୁଦାୟିକ ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ଖେଳର ପରିବର୍ତ୍ତନକାରୀ ଶକ୍ତିକୁ ମାନ୍ୟତା ଦେଇଥାଏ। ଅନ୍ତଃରାଷ୍ଟ୍ରୀୟ ଅଲିମ୍ପିକ ସମିତି ଦ୍ୱାରା ପ୍ରସ୍ତାବିତ କରାଯିବା ପରେ ୨୦୧୩ରେ ମିଳିତ ଜାତିସଂଘ ଦ୍ୱାରା ଆଧିକାରିକ ଭାବରେ ଏହି ଦିବସକୁ ଆପଣାଯାଇଥିଲା। ୬ ଏପ୍ରିଲ୍, ୧୮୯୬ରେ ଗ୍ରୀସ୍‌ର ଏଥେନ୍ସରେ ଆୟୋଜିତ ପ୍ରଥମ ଆଧୁନିକ ଅଲିମ୍ପିକ ଖେଳଗୁଡ଼ିକର ଉଦ୍‌ଘାଟନର ପ୍ରତୀକ ଭାବରେ ଏହି ଦିବସକୁ ଦେଖାଯାଏ ଯାହା ପରବର୍ତ୍ତୀ ସମୟରେ ଏକ ବାର୍ଷିକ ଅବସର ହୋଇଗଲା। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ-ଖେଳ ମାଧ୍ୟମରେ ଶାନ୍ତିକୁ ପ୍ରୋତ୍ସାହନ ଦେବା, ସମାବେଶ ଓ ସମାନତାକୁ ପ୍ରୋତ୍ସାହିତ କରିବା, ସତତ ବିକାଶର ପ୍ରେରକ ଭାବରେ ଖେଳକୁ ପ୍ରମୁଖତା ଦେବା। ମିଳିତ ଜାତିସଂଘ ସତତ ବିକାଶର ପ୍ରବର୍ତ୍ତକ ଭାବରେ ଖେଳର ଏକ ଶୀର୍ଷକ ଦ୍ୱାରା ଏକ ପ୍ରସ୍ତାବ ପାରିତ କରିଥିଲା ଯେଉଁଥିରେ କେତେକ ତଥ୍ୟକୁ ନେଇ ଖେଳର ଭୂମିକାକୁ ସ୍ୱୀକାର କରାଯାଇଛି।

- ଶାନ୍ତି ନିର୍ମାଣ ଓ ସଂଘର୍ଷର ସମାଧାନ।
- ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ।
- ଲୈଙ୍ଗିକ ସମାନତା।
- ମହିଳା ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ସଶକ୍ତିକରଣ।
- ନସ୍ଲବାଦ-ବିରୋଧୀ ଓ ମାନବାଧିକାରଗୁଡ଼ିକର ପ୍ରଚାର-ପ୍ରସାର କରିବା।

# ନୂଆ ପ୍ରୋଜେକ୍ଟରେ ବିଜୟ-ସାଇ ଯୋଡ଼ି





ଫିଲ୍ମ ଇଣ୍ଡଷ୍ଟ୍ରିର ବଡ଼ ବଡ଼ ନିର୍ଦ୍ଦେଶକଙ୍କ ନାମ ମଧ୍ୟରେ ରହିଛି ମଣିରତ୍ନମ୍‌ଙ୍କ ନାମ। ଏ ସମୟରେ ନିଜର ଆଗାମୀ ପ୍ରୋଜେକ୍ଟକୁ ନେଇ ଚର୍ଚ୍ଚାରେ ଅଛନ୍ତି ମଣିରତ୍ନମ୍। ତେବେ ଦର୍ଶକଙ୍କ ପାଇଁ ରହିଛି ଏକ ରୋଚକପୂର୍ଣ୍ଣ ଖବର। ମଣିରତ୍ନମ୍‌ଙ୍କ ଆଗାମୀ ପ୍ରୋଜେକ୍ଟରେ ନଜର ଆସିବେ ବିଜୟ ସେତୁପତି ଓ ସାଇ ପଲ୍ଲବୀଙ୍କ ଯୋଡ଼ି। ଯଦିଓ ଏହି ପ୍ରୋଜେକ୍ଟକୁ ନେଇ ଆଧିକାରିକ ଭାବରେ ଅଧିକ ତଥ୍ୟ ନାହିଁ କିନ୍ତୁ କିଛି ରିପୋର୍ଟସ୍ ଅନୁସାରେ ଫିଲ୍ମର ସୁଟିଂ ଆରମ୍ଭ ହେବ ଗରମ ଦିନ ଛୁଟିରେ। ନିର୍ମାତାମାନେ ଏ ମାସରେ କାଷ୍ଟକୁ ନେଇ ଏକ ଛୋଟ ପ୍ରମୋସନାଲ୍ ଭିଡିଓ ସୁଟ୍ କରିଥିଲେ। ଏହାର କାରଣ ସୁଟିଂ ପୂର୍ବରୁ ଏହି ପ୍ରୋଜେକ୍ଟକୁ ନିର୍ମାତାମାନେ ନିଜ ହିସାବରେ ପରିଚୟ କରାଇବେ। ତେଣୁ ଖବର ଉପରେ ଯଦି ବିଶ୍ୱାସ କରାଯାଏ ତେବେ ଫିଲ୍ମର ମୁଖ୍ୟ ଫଟୋଗ୍ରାଫି ଜୁନ୍‌ରେ ଆରମ୍ଭ ହେବ ବୋଲି ଆଶା କରାଯାଉଛି। କୁହାଯାଉଛି ଯେ ଫିଲ୍ମର ସୁଟିଂ ସିଡ୍ୟୁଲ୍ କେବଳ ୪୦ ଦିନର ରହିବ ଓ ଏହାର ପ୍ରି-ପ୍ରଡକ୍ସନ୍ କାମ ଦ୍ରୁତଗତିରେ ଚାଲିଛି। ଫିଲ୍ମର ସୁଟିଂର ନିର୍ମାଣ ମାଡ୍ରାସ୍ ଟକିଜ, ଲାଇକା ପ୍ରଡକ୍ସନ୍ସ, ଇଣ୍ଡିଆ ଟକିଜ ମିଶି କରୁଛନ୍ତି। ତେବେ ଦର୍ଶକମାନେ ବିଜୟ ଓ ସାଇଙ୍କ ଯୋଡ଼ିକୁ ଦେଖିବା ପାଇଁ ଅପେକ୍ଷା କରି ରହିଛନ୍ତି। ମଣିରତ୍ନମ୍‌ଙ୍କ କଥା ଯଦି କୁହାଯାଏ ତେବେ ତାଙ୍କର ଶେଷ ଫିଲ୍ମ ଥିଲା 'ଠଗ୍ ଲାଇଫ୍'। ଏହି ଫିଲ୍ମରେ କମଲ୍ ହାସନ୍ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ତାଙ୍କ ସହିତ ଏଥିରେ ଥିଲେ ତ୍ରିଶା କ୍ରିଷ୍ଣନ, ଐଶ୍ୱର୍ଯ୍ୟା ଲକ୍ଷ୍ମୀ, ଅଭିରାମୀ, ଅଶୋକ ସେଲଓ୍ୱନ୍, ଜୋଜୁ ଜର୍ଜ, ନାସର, ମହେଶ ମଞ୍ଜେରେକର, ଅଲୀ ଫଜଲ୍, ସଞ୍ଜନା କ୍ରିଷ୍ଣମୂର୍ତ୍ତି, ତନିକେଲା ଭରାନୀ ଓ ସିଲମ୍ବରାସନ ଟିଆର୍।

# ଢଗ ଢମାଳି

ଭାରତର ଲୋକ ସଂସ୍କୃତିରେ ରହିଛି ଅନେକ ଢ଼ଗ ଯେଉଁଗୁଡ଼ିକ ଶହ ଶହ ବର୍ଷ ହେଲା ଚାଲିଆସୁଛି। ଏଥି ମଧ୍ୟରୁ ଏକ ପ୍ରସିଦ୍ଧ ଢ଼ଗ-କେଉଁଠି ରାଜା ଭୋଜ୍ ଓ କେଉଁଠି ଗଙ୍ଗୁ ତେଲି। ଏହି ବାକ୍ୟର ବ୍ୟବହାର ହେବା କଥା ଅନେକ ଥର ଶୁଣିଥିବେ। ଯେତେବେଳେ ଦୁଇଟି ଜିନିଷ ବା ଦୁଇ ଜଣ ବ୍ୟକ୍ତିଙ୍କ ମଧ୍ୟରେ ବଡ଼ ପାର୍ଥକ୍ୟ ଦେଖିବାକୁ ମିଳେ ସେତେବେଳେ ଏହି ବାକ୍ୟର ବ୍ୟବହାର କରାଯାଏ। ତେବେ ରାଜା ଭୋଜଙ୍କ ବିଷୟରେ ତ ଅନେକ କଥା ଲୋକମାନେ ଶୁଣିଥିବେ। ରାଜା ଭୋଜ ମଧ୍ୟକାଳୀନ ଭାରତର ପରମାର ବଂଶର ଜଣେ ଶକ୍ତିଶାଳୀ ରାଜା ଥିଲେ ଯିଏ ଧାର୍ (ମଧ୍ୟପ୍ରଦେଶ)କୁ ନିଜର ରାଜଧାନୀ କରିଥିଲେ। ସେ ବିଦ୍ୟା, କଳା ଓ ବାସ୍ତୁକଳାକୁ ବହୁତ ପ୍ରୋତ୍ସାହନ ଦେଇଥିଲେ। ଭୋପାଳ ସହରର ପୁରୁଣା ନାମ ଭୋଜପାଳ ତାଙ୍କ ନାମାନୁସାରେ ହୋଇଥିଲା। କିନ୍ତୁ ଗଙ୍ଗୁ ତେଲିଙ୍କ ବିଷୟରେ ଜାଣିଛନ୍ତି କି। ଐତିହାସିକ ଲୋକକଥା ଅନୁସାରେ ଗଙ୍ଗୁ ତେଲି କୌଣସି ଏକ ସାଧାରଣ ଲୋକର ନାମ ନଥିଲା। ଏହି ନାମଟି ଦୁଇ ଜଣ ରାଜା-ଗାଙ୍ଗେୟ ଓ ତୈଲଙ୍ଗଙ୍କ ନାମର ଅପଭ୍ରଂଶ। ଗାଙ୍ଗେୟ, କଳଚୁରୀ ବଂଶର ରାଜା ଥିଲେ ଯାହାଙ୍କୁ ଗାଙ୍ଗେୟଦେବ କୁହାଯାଉଥିଲା। ତୈଲଙ୍ଗ, ଚାଲୁକ୍ୟ ବଂଶର ରାଜା ଥିଲେ ଯାହାଙ୍କୁ ତେଲଙ୍ଗ ବା ଜୟସିଂହ ତେଲଙ୍ଗ ବୋଲି କୁହାଯାଉଥିଲା। ଥରେ ଏହି ଦୁଇ ରାଜା ମିଶି ପରମାର ରାଜା ଭୋଜଙ୍କ ଉପରେ ଆକ୍ରମଣ କରିଥିଲେ। ଗୋଦାବରୀ ନଦୀ କୂଳରେ ରାଜା ଭୋଜଙ୍କୁ ଘେରିବାରେ ଏମାନେ ସଫଳ ହୋଇଥିଲେ। କିନ୍ତୁ ରାଜା ଭୋଜଙ୍କ ବୀରତା ଓ ରଣନୀତି ଆଗରେ ଏ ଦୁଇ ଜଣଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା। ଏହାପରେ ଧାର୍‌ର ନିବାସୀମାନେ କହିବାକୁ ଲାଗିଲେ- କେଉଁଠି ରାଜା ଭୋଜ, କେଉଁଠି ଗାଙ୍ଗେୟ ତୈଲଙ୍ଗ। ତେବେ ସମୟ ସହିତ ଏହି ଉଚ୍ଚାରଣ ଓ ଲୋକଭାଷାରେ ଏହା କେଉଁଠି ରାଜା ଭୋଜ, କେଉଁଠି ଗଙ୍ଗୁ ତେଲି ହୋଇଗଲା।



ଅନ୍ୟ ଏକ ଲୋକକଥା ଅନୁସାରେ ରାଜା ଭୋଜ କିଲ୍ଲାର ନିର୍ମାଣ କରୁଥିବା ସମୟରେ ଏହାର କାନ୍ଥ ବାରମ୍ବାର ପଡ଼ିଯାଉଥିଲା। ଜ୍ୟୋତିଷମାନେ ପରାମର୍ଶ ଦେଲେ ଯେ ଜଣେ ମା' ଓ ତା'ର ନବଜାତ ଶିଶୁକୁ ବଳି ଦିଆଯାଉ। ଗଙ୍ଗୁ ତେଲି ନିଜ ପତ୍ନୀ ଓ ଶିଶୁକୁ ବଳି ଦେଇଥିଲେ। ପରେ ଗର୍ବର ସହିତ ସେ କହିବାକୁ ଲାଗିଲେ ଯେ ତାଙ୍କ ବିନା ରାଜା କିଲ୍ଲାର ନିର୍ମାଣ କରିପାରି ନଥାନ୍ତେ। ଏହାପରେ ଏହି ଢ଼ଗଟି ଲୋକଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା। କୁହାଯାଏ ଯେ ପହ୍ନାଳା କିଲ୍ଲାରେ ଆଜି ବି ଗଙ୍ଗୁ ତେଲିଙ୍କ ପତ୍ନୀ ଜକ୍କୁବାଈ ଓ ତାଙ୍କ ପିଲାର କବର ରହିଛି। କିନ୍ତୁ ଇତିହାସକାରମାନେ ଏହାକୁ କାଳ୍ପନିକ ବୋଲି କହନ୍ତି।

# ଅଦୃଶ୍ୟ କବଚ



କଳ୍ପନା କରନ୍ତୁ ଆପଣ ଜଙ୍ଗଲରେ ଫସି ଯାଇଛନ୍ତି ଓ ଆପଣଙ୍କ ପାଖରେ ଏକ କମ୍ପାସ୍ ଅର୍ଥାତ ଦିଗକୁ ସୂଚଉଥିବା ଯନ୍ତ୍ର ରହିଛି। କିନ୍ତୁ ଉତ୍ତର ଦିଗକୁ ଯିବା ପାଇଁ ଚାହୁଁଥିଲେ କମ୍ପାସ୍‌ର କଣ୍ଟା କେବେ ପୂର୍ବକୁ କେବେ ଦକ୍ଷିଣ ଆଡ଼କୁ ଦେଖଉଛି କି ? କିମ୍ୱା ଅଚାନକ କଣ୍ଟା ଗୋଲ୍ ଗୋଲ୍ ହୋଇ ଘୂରି ବୁଲୁଛି କି ? ଆପଣଙ୍କୁ ଲାଗିପାରେ ଯେ କମ୍ପାସ୍ ଖରାପ ଅଛି। କିନ୍ତୁ କମ୍ପାସ୍ ଖରାପ ନହୋଇ ତାହା ଚୁମ୍ବକୀୟ କ୍ଷେତ୍ର ବି ହୋଇପାରେ। ଶୁଣିଲେ ସାଇନ୍ସ-ଫିକ୍ସନ ଫିଲ୍ମର କାହାଣୀ ପରି ମନେ ହେଉଥିବ। କିନ୍ତୁ ବୈଜ୍ଞାନିକମାନେ ନିକଟରେ କହିଛନ୍ତି ଯେ ପାଖାପାଖି ୬୦ କୋଟି ବର୍ଷ ପୂର୍ବରୁ ଆମ ପୃଥିବୀ ଏହି ପାଗଳପଣ ଦେଇ ଅତିକ୍ରମ କରିଥିଲା। କିନ୍ତୁ ଅଧ୍ୟୟନକାରୀମାନେ ଏକ ନୂଆ ଅଧ୍ୟୟନରେ ଏହି ରହସ୍ୟମୟ ସମୟ ପଛରେ ଲୁଚି ରହିଥିବା ଏକ ପ୍ୟାଟର୍ଣ୍ଣକୁ ଖୋଜି ବାହାର କରିଛନ୍ତି।

ପୃଥିବୀର ଚୁମ୍ବକୀୟ କ୍ଷେତ୍ର-ଯେପରି ଏକ ସାଧାରଣ ଚୁମ୍ବକର ଦୁଇଟି ପାର୍ଶ୍ୱ ଥାଏ। ସେହିପରି ପୃଥିବୀର ଦୁଇଟି ଚୁମ୍ବକୀୟ ଧ୍ରୁବ ରହିଛି। ଏହି ଚୁମ୍ବକୀୟ କ୍ଷେତ୍ର ଦେଖାଯାଏ ନାହିଁ କିନ୍ତୁ ଏହା ଏକ ଅଦୃଶ୍ୟ କବଚ ପରି କାମ କରେ। ସୂର୍ଯ୍ୟଙ୍କ ଠାରୁ ଲଗାତର ବିପଦଜନକ ଚାର୍ଜଡ୍ ପାର୍ଟିକିଲ୍ସ ଓ ରେଡିଏସନ୍ (ସୌର ପବନ) ପୃଥିବୀ ଆଡ଼କୁ ଆସେ। ଯଦି ଏହି ଚୁମ୍ବକୀୟ କବଚ ନରହେ ତେବେ ଏହି କିରଣଗୁଡ଼ିକ ଆମ ବାୟୁମଣ୍ଡଳକୁ ନଷ୍ଟ କରିଦେବ ଓ ଜୀବନ ଅସମ୍ଭବ ହୋଇଯିବ। ଏହି କବଚ ପୃଥିବୀର ଗଭୀରତାରେ ଥିବା ତରଳି ରହିଥିବା ଲୌହ ବା ମୋଲ୍‌ଟେନ୍ ଆଇରନ୍‌ର ହଲ୍‌ଚଲରୁ ତିଆରି ହୁଏ।

ତେବେ ୬୩ କୋଟି ବର୍ଷ ପୂର୍ବର ପୃଥିବୀ ଇତିହାସରେ ଏପରି ଏକ ସମୟ ଥିଲା ଯାହାକୁ ଏଡିଆକାରନ୍ ସମୟ କୁହାଯାଏ। ଏହି କାଳଖଣ୍ଡର ସମୟ ବୈଜ୍ଞାନିକମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇ ରହିଛି। ବାକି ସମୟରେ ପୃଥିବୀର ଚୁମ୍ବକୀୟ ଧ୍ରୁବ ନିଜ ସ୍ଥାନରେ ଥାଏ ଓ ଲକ୍ଷାଧିକ ବର୍ଷ ପୂର୍ବରୁ ଏହା କେବେ କେମିତି ନିଜର ଦିଗ ପରିବର୍ତ୍ତନ କରୁଥିଲା ଯାହାକୁ ପୋଲ୍ ରିଭର୍ସାଲ୍ ବା ମ୍ୟାଗ୍ନେଟିକ୍ ଫ୍ଲିପ୍ ବୋଲି କୁହାଯାଏ। କିନ୍ତୁ ଏଡିଆକାରନ୍ କାଳର ପଥରଗୁଡ଼ିକୁ ଯେତେବେଳେ ଯାଞ୍ଚ କରାଗଲା ସେଠାରେ ଥିବା ଚୁମ୍ବକୀୟ ସଂକେତ ବହୁତ ବିଶୃଙ୍ଖଳିତ ମନେହେଲା। ତେବେ ବିଗତ ୨୦୦ ବର୍ଷ ମଧ୍ୟରେ ପୃଥିବୀର ଚୁମ୍ବକୀୟ କ୍ଷେତ୍ରର ଶକ୍ତି ପାଖାପାଖି ୧୦ ପ୍ରତିଶତ କମ୍ ହୋଇଗଲାଣି।

ନିତିଦିନ NITIDIN



ଆଜିର ମ୍ୟାଚ୍

କୋଲ୍‌କାତା ନାଇଟ୍ ରାଇଡର୍ସ ବନାମ ପଞ୍ଜାବ କିଙ୍ଗ୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: କୋଲ୍‌କାତା

# ବିଜୟ ଖାତା ଖୋଲିଲା ଲକ୍ଷ୍ନୌ

## ଋଷଭ ପନ୍ତ୍‌ଙ୍କ ଅଧିନାୟକତ୍ୱ ଇନିଂସ୍, ୫ ୱିକେଟ୍‌ରେ ହାରିଲା ହାଇଦ୍ରାବାଦ



**ହାଇଦ୍ରାବାଦ,୫।୪/ଏଜେନ୍ସି:** ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୫ ୱିକେଟ୍‌ରେ ହରାଇ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ଚଳିତ ଆଇପିଏଲ୍ ସିଜନ୍‌ରେ ବିଜୟ ଖାତା ଖୋଲିଛି। ଅନ୍ୟପକ୍ଷରେ ହାଇଦ୍ରାବାଦ ୩ଟି ମ୍ୟାଚ୍‌ରେ ଦ୍ୱିତୀୟ ପରାଜୟ ବରଣ କରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ରବିବାର ଅପରାହ୍ଣରେ ଖେଳାଯାଇଥିବା ମ୍ୟାଚ୍‌ରେ ଘରୋଇ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ୱିକେଟ୍ ହରାଇ ୧୫୬ ରନ୍ କରିଥିଲା। ଜବାବରେ ଲକ୍ଷ୍ନୌ ଗୋଟିଏ ବଲ୍ ବାକିଥାଇ ୫ ୱିକେଟ୍ ବିନିମୟରେ ୧୬୦ ରନ୍ କରି ବିଜୟୀ ହୋଇଛି। ଲକ୍ଷ୍ନୌ ପକ୍ଷରୁ ଅଧିନାୟକ ଋଷଭ ପନ୍ତ ୫୦ ବଲ୍‌ରେ ୯ ଚୌକା ସହାୟତାରେ ଅପରାଜିତ ୬୮ ରନ୍ କରିଥିଲେ। ଲକ୍ଷ୍ନୌକୁ ଅନ୍ତିମ ଓଭର୍‌ରେ ବିଜୟ ପାଇଁ ୯ ରନ୍ ଆବଶ୍ୟକ ଥିବାବେଳେ ପନ୍ତ୍ ତିନିଟି ଚୌକା ମାରି ମ୍ୟାଚ୍ ଫିନିଶ୍ କରିଥିଲେ।

ଚଳିତ ସିଜନ୍‌ରେ ଏହା ଲକ୍ଷ୍ନୌର ପ୍ରଥମ ବିଜୟ। ପ୍ରଥମ ମ୍ୟାଚ୍‌ରେ ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସ ହାତରେ ୬ ୱିକେଟ୍‌ରେ ପରାଜିତ ହୋଇଥିଲା। ଅନ୍ୟପକ୍ଷରେ ପ୍ରଥମ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଠାରୁ ୬ ୱିକେଟ୍‌ରେ ପରାଜିତ ହୋଇଥିବା ହାଇଦ୍ରାବାଦ ଜୋରଦାର ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ମ୍ୟାଚ୍ କୋଲ୍‌କାତା ନାଇଟ୍ ରାଇଡର୍ସକୁ ୬୫ ରନ୍‌ରେ ମାତ୍ ଦେଇଥିଲା। ଏବେ ତୃତୀୟ ମ୍ୟାଚ୍‌ରେ ଟିମ୍‌କୁ ପରାଜୟର ମୁହଁ ଦେଖିବାକୁ ମିଳିଛି।

୧୫୭ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରୁଥିବା ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌କୁ ଈଶାନ୍ ମାଲିଙ୍ଗା ପ୍ରଥମ ଝଟ୍‌କା ଦେଇଥିଲେ। ୧୪ ରନ୍ କରିଥିବା ମିଚେଲ୍ ମାର୍ଶଙ୍କୁ ସେ ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ ଏଡେନ୍ ମାର୍କରନ୍ କେତେକ ବଡ଼ ଶଟ୍ ଖେଳି ଲକ୍ଷ୍ନୌ ଇନିଂସ୍‌କୁ ମୋମେଣ୍ଟମ୍ ଦେଇଥିଲେ। ମାର୍କରମ୍ ୨୭ ବଲ୍‌ରେ ୬ ଚୌକା ଓ ଦୁଇଟି ଛକା ସହାତୟାରେ ୪୫ ରନ୍ କରି ସ୍ପିନର୍ ଶିବାଙ୍ଗ କୁମାରଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଇମ୍ପାକ୍ଟ ସବ୍ ଆୟୁଷ ବଡ଼ୋନୀ ୧୨ ରନ୍ ଏବଂ ନିକୋଲାସ୍ ପୁରନ୍ ମାତ୍ର ୧ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଅବ୍‌ଦୁଲ୍ ସମଦ ଓ ଋଷଭ ପନ୍ତ୍‌ଙ୍କ ମଧ୍ୟରେ ୩୪ ରନ୍‌ର ପାର୍ଟନରଶିପ୍ ହୋଇଥିଲା, ଯାହା ଟିମ୍‌କୁ ବିଜୟ ନିକଟବର୍ତ୍ତୀ କରାଇଥିଲା। ମାତ୍ର ସମଦ ୧୬ ରନ୍ କରିଥିବା ବେଳେ ହର୍ଷ ଦୁବେଙ୍କ ଶିକାର ହୋଇଥିଲେ। ଏହାପରେ ପନ୍ତ୍ ପୂରା ଦାୟିତ୍ୱ କାନ୍ଧକୁ ନେଇ ଟିମ୍‌କୁ ବିଜୟ ଦେଇଥିଲେ।

ଏହା ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ ଦୁଇ ଓପ୍ନର୍ ଅଭିଷେକ ଶର୍ମା (ଶୂନ୍ୟ) ଏବଂ ଟ୍ରାଭିସ୍ ହେଡ୍ (୭ ରନ୍)ଙ୍କୁ ଶୀଘ୍ର ହରାଇଥିଲା। ଦୁହିଁଙ୍କୁ ମହମ୍ମଦ ଶାମୀ ଆଉଟ୍ କରିଥିଲେ। କ୍ୟାପ୍‌ଟେନ୍ ଈଶାନ୍ କିଶନ୍ ନିରାଶ କରିବା ସହିତ ମାତ୍ର ୧ ରନ୍‌ରେ ବିଦାୟ ନେଇଥିଲେ। ଲିଆମ୍ ଲିଭିଙ୍ଗ୍‌ଷ୍ଟୋନ୍ ବ୍ୟକ୍ତିଗତ ୧୪ ରନ୍‌ର ସ୍କୋର୍‌ରେ ଦିଗ୍‌ଭେଶ ରାଠୀଙ୍କ ଶିକାର ହୋଇଥିଲେ। ୨୬ ରନ୍‌ରେ ୪ ୱିକେଟ୍‌ର ପତନ ପରେ ହେନ୍‌ରିକ୍ କ୍ଲାସେନ୍ ଓ ନୀତୀଶ କୁମାର ରେଡ୍ଡୀ ୧୧୬ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ସମ୍ଭାଳିଥିଲେ। ନୀତୀଶ ୫ ଛକା ଓ ତିନି ଚୌକା ସହାୟତାରେ ୩୩ ବଲ୍‌ରୁ ୫୬ ରନ୍ କରି ମଣିମାରନ୍ ସିଦସର୍ଥଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଏହାପରେ ଆଭେସ୍ ଖାନ୍ ଲଗାତାର ବଲ୍‌ରେ କ୍ଲାସେନ୍ ଓ ହର୍ଷ ଦୁବେ (୦)ଙ୍କୁ ଆଉଟ୍ କରିଥିଲେ। କ୍ଲାସେନ୍ ୪୧ ବଲ୍‌ରେ ୫ ଚୌକା ଓ ଦୁଇ ଛକା ବଳରେ ୬୧ ରନ୍ କରିଥିଲେ। ଅନ୍ତିମ ଓଭର୍‌ରେ ଟିମ୍ ଶିବଂବ କୁମାର (୫ ରନ୍) ଓ ହର୍ଷଲ୍ ପଟେଲ୍ (୪ ରନ୍)ଙ୍କ ୱିକେଟ୍ ହରାଇଥିଲା। ଲକ୍ଷ୍ନୌ ପକ୍ଷରୁ ମହମ୍ମଦ ଶମୀ, ପ୍ରିନ୍ସ ଯାଦବ ଓ ଆଭେସ୍ ଖାନ୍ ୨-୨ ୱିକେଟ୍ ଅକ୍ତିଆର କରିଥିଲେ।

# ଚେନ୍ନାଇର ଲଗାତାର ତୃତୀୟ ପରାଜୟ

## ସିଜନ୍‌ର ସର୍ବଶ୍ରେଷ୍ଠ ସ୍କୋର୍ ସହ ୪୩ ରନ୍‌ରେ ଜିତିଲା ଆର୍‌ସିବି



**ବେଙ୍ଗାଲୁରୁ,୫।୪/ଏଜେନ୍ସି:** ଚଳିତ ଆଇପିଏଲ୍ ସିଜନ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍ସ (ସିଏସ୍‌କେ) ଲଗାତାର ତୃତୀୟ ପରାଜୟ ମିଳିଛି। ରବିବାର ସନ୍ଧ୍ୟାରେ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଟିମ୍‌କୁ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୪୩ ରନ୍‌ରେ ହରାଇ ଦେଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଆର୍‌ସିବି ନିର୍ଦ୍ଧାରିତ ଓଭର୍‌ରେ ୩ ୱିକେଟ୍ ହରାଇ ୨୫୦ ରନ୍ କରିଥିଲା। ଏହା ସିଜନ୍‌ର ସର୍ବଶ୍ରେଷ୍ଠ

**ଟିମ୍ ଡେଭିଡ୍‌ଙ୍କ ଅପରାଜିତ ୭୦ ରନ୍**

ସ୍କୋର୍। ଜବାବରେ ସିଏସ୍‌କେ ୧୯.୪ ଓଭର୍‌ରେ ୨୦୭ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୨୫୧ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଚେନ୍ନାଇ ୩୦ ରନ୍‌ରେ ୩ଟି ୱିକେଟ୍ ହରାଇଥିଲା। ତେବେ ସରଫରାଜ୍ ଖାନ୍ ଇନିଂସ୍ ସମ୍ଭାଳି କାର୍ତ୍ତିକ ଶର୍ମାଙ୍କ ସହ ୨୦ ବଲ୍‌ରେ ଦ୍ରୁତ ୪୭ ରନ୍‌ର ପାର୍ଟନରଶିପ୍ କରି କିଛିଟା ଆଶା ଉଦ୍ରେକ କରିଥିଲେ। ମାତ୍ର ସରଫରାଜ ୫୦ ରନ୍‌ର ବ୍ୟକ୍ତିଗତ ସ୍କୋର୍‌ରେ କୃଣାଳ ପାଣ୍ଡ୍ୟାଙ୍କ ଦ୍ୱାରା ଆଉଟ୍ ହେବାପରେ ଟିମ୍‌ର ରନ୍ ଗତି ହ୍ରାସ ପାଇଥିଲା। ସରଫରାଜ୍‌ଙ୍କ ୨୫ ବଲ୍‌ରେ ୮ ଚୌକା ଓ ଦୁଇଟି ଛକା ସାମିଲ ଥିଲା। ସେହି ଓଭରରେ କୃଣାଳ ମଧ୍ୟ କାର୍ତ୍ତିକ (୬)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ ପ୍ରଶାନ୍ତ ବୀର (୪୩ ରନ୍) ଓ ଜାମି ଓଭରଟନ୍ (୩୭ ରନ୍) ଟିମ୍‌କୁ ଆଗେଇ ନେଉଥିଲେ ମଧ୍ୟ କ୍ରମାଗତ ୱିକେଟ୍ ହରାଇବାକୁ କାରଣରୁ ଟିମ୍ ୨୦୭ ରନ୍‌ରେ ଅଟକି ଯାଇଥିଲା। ଆର୍‌ସିବି ପକ୍ଷରୁ ଭୁବନେଶ୍ୱର କୁମାର ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ଜ୍ୟାକବ୍ ଡଫି, ଅଭିନନ୍ଦନ ସିଂହ ଏବଂ କୃଣାଳ ପାଣ୍ଡ୍ୟାଙ୍କୁ ୨-୨ ସଫଳତା ମିଳିଥିଲା। ଆର୍‌ସିବି ପକ୍ଷରୁ ଟିମ୍ ଡେଭିଡ୍ ୨୫ ବଲ୍‌ରେ ୩ ଚୌକା ଓ ୮ ଛକା ବଳରେ ସର୍ବାଧିକ ଅପରାଜିତ ୭୦ ରନ୍ କରିଥିଲେ। ଦେବଦତ୍ତ ପାଡିକ୍କଲ୍ ୫୦, ଫିଲ୍ ସଲ୍ଟ ୪୬, ବିରାଟ କୋହଲି ୨୮ ଏବଂ କ୍ୟାପ୍‌ଟେନ୍ ରଜତ ପାଟିଦାର ଅପରାଜିତ ୪୮ ରନ୍ କରି ଟିମ୍‌କୁ ୨୫୦ ରନ୍‌ରେ ପହଞ୍ଚାଇଥିଲେ। ଅବିଭାଜିତ ଚତୁର୍ଥ ୱିକେଟ୍ ପାଇଁ ଟିମ୍ ଡେଭିଡ୍ ଓ ରଜତ ପାଟିଦାରଙ୍କ ମଧ୍ୟରେ ୩୫ ବଲ୍‌ରେ ୯୯ ରନ୍‌ର ପାର୍ଟନରଶିପ୍ ହୋଇଥିଲା।

# ହାଇଦ୍ରାବାଦର ଲଜ୍ଜାଜନକ ରେକର୍ଡ

## ୧୦ ଓଭର୍‌ରେ ସବୁଠୁ କମ୍ ରନ୍ କରିଥିବା ଟିମ୍‌ରେ ସାମିଲ

**ହାଇଦ୍ରାବାଦ,୫।୪/ଏଜେନ୍ସି:** ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ରବିବାର ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ (ଏଲ୍‌ଏସ୍‌ଜି) ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ଲଜ୍ଜାଜନକ ରେକର୍ଡ ସୂଚୀରେ ସାମିଲ ହୋଇଛି। ହାଇଦ୍ରାବାଦ ଆଇପିଏଲ୍‌ର ପ୍ରଥମ ୧୦ ଓଭର୍‌ରେ ଚତୁର୍ଥ ସର୍ବନିମ୍ନ ସ୍କୋର୍ କରିଛି। ଟିମ୍ ପ୍ରଥମ ୧୦ ଓଭର୍‌ରେ ଟ୍ରାଭିସ୍ ହେଡ୍, ଅଭିଷେକ ଶର୍ମା, କ୍ୟାପ୍‌ଟେନ୍ ଈଶାନ୍ କିଶନ୍ ଏବଂ ଲିଆମ୍ ଲିଭିଙ୍ଗ୍‌ଷ୍ଟୋନ୍‌ଙ୍କ ୱିକେଟ୍ ହରାଇ ୩୫ ରନ୍ କରିଥିଲା। ଏହା ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ୨୦୧୫ ଆଇପିଏଲ୍ ସିଜନ୍‌ରେ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ପ୍ରଥମ ୧୦ ଓଭର୍‌ରେ ୩୨/୪ର ସ୍କୋର୍ କରିଥିଲା। ସେହିପରି ଏହି ଲଜ୍ଜାଜନକ ରେକର୍ଡ ଲିଷ୍ଟରେ ରାଜସ୍ଥାନ ରୟାଲ୍ସ କେପ୍ ଟାଉନ୍‌ରେ (୨୦୦୯) ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ୩୨/୫ ସ୍କୋର୍ କରିଥିଲା। ପ୍ରଥମ ୧୦ ଓଭର୍‌ରେ ସବୁଠୁ କମ୍ ସ୍କୋର୍ କୋଲ୍‌କାତା ନାଇଟ୍ ରାଇଡର୍ସ ନାମରେ ରହିଛି। ଟିମ୍ ୨୦୦୯ରେ ଡେକାନ୍ ଚାର୍ଜର୍ସ (ବନ୍ଦ ହୋଇସାରିଛି) ବିପକ୍ଷରେ ୩୧/୩ ସ୍କୋର୍ କରିଥିଲା।

# ଧନଞ୍ଜୟ ମହାନ୍ତି ସ୍ମାରକୀ ସ୍କୁଲ୍ ଓପନ୍ ଚେସ୍: ପ୍ରିୟଦର୍ଶନ ଚାମ୍ପିଅନ୍



**ଭୁବନେଶ୍ୱର,୫।୪/ଏନ୍‌ଏନ୍‌ଏସ୍:** କେଶୁରାସ୍ଥିତ ରୟାଲ୍ ପବ୍ଲିକ୍ ସ୍କୁଲ୍‌ରେ ରବିବାର ଓଡ଼ିଶା ରାଜ୍ୟ ଚେସ୍ ସଂଘ ପକ୍ଷରୁ ତୃତୀୟ ଧନଞ୍ଜୟ ମହାନ୍ତି ସ୍ମାରକୀ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ରାଉଣ୍ଡ୍ ପରେ ସିଡିଏ ଡିଏଭି ସ୍କୁଲ୍‌ର ପ୍ରିୟଦର୍ଶନ ରାୟ ୪.୫ ପଏଣ୍ଟ ହାସଲ କରି ଚାମ୍ପିଅନ୍ ହୋଇଛନ୍ତି। ଭୁବନେଶ୍ୱର ନୟାପଲ୍ଲୀ ନାରାୟଣ ସ୍କୁଲ୍‌ର ଆୟଭନ୍ତ ମହାନ୍ତି (୪.୦) ଦ୍ୱିତୀୟ ଓ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଅନୀଶ ପଣ୍ଡା (୪.୦) ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବାଳିକ ବର୍ଗରେ ସ୍ମିତପ୍ରଜ୍ଞା ପଟ୍ଟନାୟକ ପ୍ରଥମ ଓ ଶ୍ରୀୟାଂଶୀ ବେହେରା ଦ୍ୱିତୀୟ ହୋଇଛନ୍ତି। ସେହିପରି ବୟସ ବର୍ଗରେ ମନୀଶ ରଞ୍ଜନ ଦାସ, ଅଦ୍ୱିକ୍ ମହାନ୍ତି, ଆଏଶା ପଣ୍ଡା ଏବଂ ଶ୍ରେୟାନ୍ ସାହୁ ପ୍ରଥମ ପୁରସ୍କାର ଜିତିଛନ୍ତି। ଟୁର୍ଣ୍ଣାମେଣ୍ଟକୁ ରୟାଲ୍ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ରୟାଲ୍ ପବ୍ଲିକ୍ ସ୍କୁଲ୍ ଭାଇସ୍ ପ୍ରିନ୍ସିପାଲ୍ ପ୍ରଜ୍ଞା ପରିମିତା ସାହୁ, ସ୍ୱର୍ଗତ ଧନଞ୍ଜନ ମହାନ୍ତିଙ୍କ ପତ୍ନୀ ଜ୍ୟୋତିଶ୍ରୀ ମହାନ୍ତି, ଭଉଣୀ ସୁମିତ୍ରା ମହାନ୍ତି ଏବଂ କନ୍ୟା ଶିଭାଙ୍ଗୀ ଶ୍ରେୟା ହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଅରାତି ୬୪ ସ୍କୋୟାର୍ ପକ୍ଷରୁ ୧୨ରେ ରାଜ୍ୟ ଓପନ୍ ଚେସ୍

**ଭୁବନେଶ୍ୱର,୫।୪/ଏନ୍‌ଏନ୍‌ଏସ୍:** ଅଖିଳ ଓଡ଼ିଶା ଚେସ୍ ସଂଘ (ଏଓସିଏ) ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ୍ ପବ୍ଲିକ୍ ସ୍କୁଲ୍‌ରେ ଏପ୍ରିଲ୍ ୧୨ ତାରିଖରେ ଅରାତି ୬୪ ସ୍କୋୟାର୍ ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ଆୟୋଜିତ ହେବ। ଓଡ଼ିଶାର ଚେସ୍ କିମ୍ବଦନ୍ତୀ ସ୍ୱର୍ଗତ ଅରାତି ବିଜୟ ମହାନ୍ତିଙ୍କ ସ୍ମୃତିରେ ଗତବର୍ଷ ଅରାତି ୬୪ ସ୍କୋୟାର୍ ଫାଉଣ୍ଡେସନ୍ ଗଠିତ ହୋଇଥିଲା। ଚାମ୍ପିଅନ୍‌ଶିପ୍‌ର ଶ୍ରେଷ୍ଠ ଆଠଜଣ ଖେଳାଳିଙ୍କୁ ମୋଟ ୪୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ପ୍ରଥମ ପୁରସ୍କାର ବାବଦରେ ୧୦ ହଜାର ଟଙ୍କା ସହିତ ଟ୍ରଫି ଦିଆଯିବ। ସେହିପରି ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୭ ହଜାର ଓ ୫ ହଜାର ଟଙ୍କା ପୁରସ୍କାର ମିଳିବ। ଏହା ବ୍ୟତୀତ ୭ ବର୍ଷରୁ କମ୍, ୯ ବର୍ଷରୁ କମ୍, ୧୧ ବର୍ଷରୁ କମ୍, ୧୩ ବର୍ଷରୁ କମ୍, ବାଳିକା, ମହିଳା (୨୦ ବର୍ଷରୁ ଊର୍ଦ୍ଧ୍ୱ) ଏବଂ ଭେଟେରାନ୍ (୬୦ ବର୍ଷରୁ ଊର୍ଦ୍ଧ୍ୱ) ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ଚାମ୍ପିଅନ୍‌ଶିପ୍ ୭ ରାଉଣ୍ଡ ବିଶିଷ୍ଟ ସ୍ୱିସ୍ ଟୁର୍ଣ୍ଣାମେଣ୍ଟ ହେବ। ଏଥିପାଇଁ ପ୍ରବେଶ ଶୁଳ୍କ ୬୦୦ ଟଙ୍କା ରଖାଯାଇଛି। ଆଗ୍ରହୀ ଖେଳାଳିମାନେ ଏପ୍ରିଲ୍ ୯ ତାରିଖ ସୁଦ୍ଧା ଦେବାଶିଷ ପାଣିଗ୍ରାହୀ (ମୋବାଇଲ୍ ନମ୍ବର- ୯୯୩୮୩୧୮୭୮୭, ୯୪୩୮୫୭୧୬୫୯)ଙ୍କ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି।

## ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍

# ବିବିସିଏକୁ ହରାଇ ସେମିରେ ଆଇଆଇସି



**ଭୁବନେଶ୍ୱର,୫।୪/ଏନ୍‌ଏନ୍‌ଏସ୍:** ଭରତ ଭୂଷଣ କ୍ରିକେଟ୍ ଏକାଡେମୀ (ବିବିସିଏ)କୁ ୫ ୱିକେଟ୍‌ରେ ହରାଇ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ୍ (ଆଇଆଇସି) ଚତୁର୍ଥ ଦଳ ଭାବେ ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆୟୋଜିତ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସେମିଫାଇନାଲ୍‌ରେ ପ୍ରବେଶ କରିଛି।

ରବିବାର ସ୍ଥାନୀୟ ହାଇଟେକ୍ ମେଡିକାଲ୍ କଲେଜ୍ ପଡ଼ିଆରେ ଖେଳାଯାଇଥିବା ଅନ୍ତିମ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ବିବିସିଏ ନିର୍ଦ୍ଧାରିତ ୩୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୭୧ ରନ୍ କରିଥିଲା। ଆଦର୍ଶ ଦାଶ ସର୍ବାଧିକ ୪୦, ପାର୍ଥ ଏସ୍ ଲେଙ୍କା ୩୩ ଏବଂ ସ୍ୱରିତ ଦାସ ୩୦ ରନ୍ କରିଥିଲେ। ପ୍ରତିପକ୍ଷର ଆଶୁତୋଷ ଯାଦବ ୩ଟି ଓ ସଚ୍ଚିଦାନନ୍ଦ ଲେଙ୍କା ୨ଟି ୱିକେଟ୍ ନେଇଥିଲେ। ଜବାବରେ ଆଇଆଇସି ୨୭.୫ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୧୭୩ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଜୟନ୍ତ ମହାନ୍ତି ୫୪, ଆଶୁତୋଷ ଯାଦବ ୪୧ ଏବଂ ସଚ୍ଚିଦାନନ୍ଦ ଲେଙ୍କା ୩୧ ରନ୍ କରିଥିଲେ। ବିବିସିଏର ଆଦିତ୍ୟ ପଟ୍ଟନାୟକ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ୍‌ର ଆଶୁତୋଷ ଯାଦବଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ଅତିଥି ଭାବେ ଜାତୀୟ ସ୍ତରର ଫୁଟ୍‌ବଲ୍ ରେଫରି ଜିତେନ୍ଦ୍ର କୁମାର ସାମନ୍ତସିଂହାର ଏବଂ ଭାରତୀୟ-ଏ’ ଦଳ ଖେଳାଳି ସଞ୍ଜୟ ଶତପଥୀ ଯୋଗ ଦେଇଥିଲେ।

# ଏସିଆନ୍ ବକ୍ସିଂ ସେମିରେ ମୀନାକ୍ଷୀ, ଜସ୍ମିନ୍



**ନୂଆଦିଲ୍ଲୀ,୫।୪/ଏଜେନ୍ସି:** ମଙ୍ଗୋଲିଆ ରାଜଧାନୀ ଉଲାନ୍‌ବାଟର୍‌ରେ ଚାଲିଥିବା ଏସିଆନ୍ ବକ୍ସିଂ ଚାମ୍ପିଅନ୍‌ଶିପ୍‌ରେ ଭାରତୀୟ ମହିଳା ବକ୍ସର୍‌ଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରହିଛି। ରବିବାର ମୀନାକ୍ଷୀ ହୁଡ୍ଡା ଏବଂ ଜସ୍ମିନ୍ ଲାମ୍ବୋରିଆ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଏହି ଦୁହିଁଙ୍କ ବିଜୟ ସହିତ ଭାରତୀୟ ଦଳର ସମସ୍ତ ବକ୍ସର୍ ପଦକ ପକ୍କା କରିଛନ୍ତି। ମୀନାକ୍ଷୀ ୪୮ କିଲୋଗ୍ରାମ ବର୍ଗରେ ଜାପାନ୍‌ର ୟୁକା ସାଦାମାସୁଙ୍କୁ ଏକତରଫା ମ୍ୟାଚ୍‌ରେ ୫-୦ରେ ହରାଇଛନ୍ତି। ସେହିପରି ଜସ୍ମିନ୍ ୫୭ କିଲୋଗ୍ରାମ୍ ବର୍ଗରେ ଚୀନ୍‌ର ଜୀୟୀ ୱେନ୍‌ଙ୍କୁ ମଧ୍ୟ ୫-୦ ବ୍ୟବଧାନରେ ହରାଇ ସେମିଫାଇନାଲ୍ ସ୍ଥାନ ହାସଲ କରିଛନ୍ତି। ପୁରୁଷ ବର୍ଗରେ ମଧ୍ୟ ଭାରତର ପ୍ରଦର୍ଶନ ଉନ୍ନତ ରହିଛି। ଲୋକେଶ (୮୫ କିଗ୍ରା) କୋରିଆର ଗିଚାଏ କିମ୍‌ଙ୍କୁ ୫-୦ରେ ହରାଇ ଅନ୍ତିମ ଚାରିରେ ପ୍ରବେଶ କରିଛନ୍ତି। ଏହାପରେ ଆକାଶ (୭୫ କିଗ୍ରା) ତୁର୍କମେନିସ୍ତାନର ୟହଲାସ୍ ବଗତ୍ୟାରୋଭ୍‌ଙ୍କୁ ୫-୦ରେ ଏବଂ ହର୍ଷ ଚୌଧୁରୀ (୯୫ କିଗ୍ରା) କିର୍ଗିଜସ୍ତାନର ତିନିସ୍ତାନ ଅଲିବାୟେଭ୍‌ଙ୍କୁ ପରାଜିତ କରି ସେମିଫାଇନାଲ୍‌ରେ ସ୍ଥାନ ହାସଲ କରିଛନ୍ତି। ଏହା ସହିତ ଭାରତର ବର୍ତ୍ତମାନ ସୁଦ୍ଧା ୬ ବକ୍ସର୍ ସେମିଫାଇନାଲ୍‌ରେ ପ୍ରବେଶ କରିସାରିଛନ୍ତି। ତେବେ ଅଙ୍କୁଶ ୮୦ କିଲୋଗ୍ରାମ ବର୍ଗରେ ଜୋର୍ଡାନ୍‌ର ହୁସେନ୍ ଇଶାଇଶ୍‌ଙ୍କ ଠାରୁ ପରାଜିତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି।

## ଦେଶ ବିଦେଶ

### ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ

# ବିଜେପିର ୪୦ ଷ୍ଟାର୍ ପ୍ରଚାରକଙ୍କ ଲିଷ୍ଟ୍ ଜାରି

## ମୋଦୀ-ଯୋଗୀଙ୍କ ବ୍ୟତୀତ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମିଲ



**ନୂଆଦିଲ୍ଲୀ,୫।୪/ଏଜେନ୍ସି:** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) ଆଜି ୪୦ ଜଣିଆ ଷ୍ଟାର୍ ପ୍ରଚାରକ ଲିଷ୍ଟ୍ ଜାରି କରିଛି। ଏହି ଲିଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କେନ୍ଦ୍ରୀୟ ମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ସାଂସଦ ଏବଂ ଫିଲ୍ମ ଜଗତର ହସ୍ତୀଙ୍କ ନାମ ସାମିଲ। ବିଜେପି ଷ୍ଟାର୍ ପ୍ରଚାରକ ଲିଷ୍ଟରେ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ୍ ନବୀନ, ରାଜନାଥ ସିଂହ, ଅମିତ ଶାହ, ନିତିନ ଗଡ଼କରୀ, ଜେପି ନଡ୍ଡା, ଧର୍ମେନ୍ଦ୍ର ପ୍ରଧାନ, ଶିବରାଜ ସିଂହ ଚୌହାନ୍ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ ପରି କେନ୍ଦ୍ରୀୟ ମନ୍ତ୍ରୀ ସାମିଲ ଅଛନ୍ତି। ଏହା ସହିତ ମିଥୁନ୍ ଚକ୍ରବର୍ତ୍ତୀ, ସ୍ମୃତି ଇରାନୀ, ହେମା ମାଳିନୀ, କଙ୍ଗନା ରଣାୱତ ଏବଂ ମନୋଜ ତିୱାରୀଙ୍କ ମଧ୍ୟ ରାଜ୍ୟରେ ପ୍ରଚାର କରିବେ। ଏହା ବ୍ୟତୀତ ଲିଆଣ୍ଡର ପେସ୍ ମଧ୍ୟ ବିଜେପି ସପକ୍ଷରେ ପ୍ରଚାର କରିବେ।

ପାର୍ଟି ହିମନ୍ତ ବିସ୍ୱ ସରମା, ଯୋଗୀ ଆଦିତ୍ୟନାଥ, ରେଖା ଗୁପ୍ତା, ଦେବେନ୍ଦ୍ର ଫଡ଼ନାବିସ୍, ମୋହନ ଚରଣ ମାଝୀ, ଭୂପେନ୍ଦ୍ର ଯାଦବ, ମାଣିକ ସାହା, ଅନୁରାଗ ଠାକୁର, ଅନ୍ନପୂର୍ଣ୍ଣା ଦେବୀ, ଅର୍ଜୁନ ମୁଣ୍ଡା ଏବଂ ବାବୁରାମ ମାରାଣ୍ଡିଙ୍କୁ ଷ୍ଟାର୍ ପ୍ରଚାରକ ଲିଷ୍ଟରେ ସାମିଲ କରିଛି। ଏହା ବ୍ୟତୀତ ରାଜ୍ୟ ବିଜେପିର ଅନେକ ପ୍ରମୁଖ ନେତା ମଧ୍ୟ ଏଥିରେ ସ୍ଥାନ ପାଇଛନ୍ତି।

# କୋଲ୍‌କାତା ଉପରେ ଆକ୍ରମଣ ପାଇଁ ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଧମକ



**ନୂଆଦିଲ୍ଲୀ,୫।୪/ଏଜେନ୍ସି:** ଭାରତ ଓ ପାକିସ୍ତାନ ମଧ୍ୟରେ ପୁଣିଥରେ ତୀବ୍ର ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ଯାହା ଫଳରେ ଆଞ୍ଚଳିକ ଉତ୍ତେଜନା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ନିକଟରେ ଭାରତ ସମ୍ପର୍କରେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍‌ଙ୍କ ଏକ ବୟାନ୍ ରାଜନୈତିକ ଓ ସାମରିକ ମହଲରେ ହଇଚଇ ସୃଷ୍ଟି କରିଛି। ଶନିବାର ସେ ଭାରତକୁ ଚେତାବନୀ ଦେଇ କହିଛନ୍ତି ଯେ ଯଦି ଭବିଷ୍ୟତରେ ଭାରତ କୌଣସି ‘ଦୁଃସାହସିକ କାର୍ଯ୍ୟ’ କରେ, ତେବେ କୋଲ୍‌କାତା ପରି ଏକ ପ୍ରମୁଖ ସହରକୁ ଟାର୍ଗେଟ୍ କରି ପାକିସ୍ତାନ ଜବାବ ଦେବ।

ଆସିଫ୍ ନିଜ ଜନ୍ମସ୍ଥାନ ସିଆଲ୍‌କୋଟ୍‌ରେ ସାମ୍ବାଦିକଙ୍କ ଆଲୋଚନା ବେଳେ ଏହି ବୟାନ୍ ଦେଇଛନ୍ତି। ଲାହୋରଠାରୁ ୧୩୦ କିଲୋମିଟର ଦୂର ସିଆଲ୍‌କୋଟ ପାକିସ୍ତାନର ପ୍ରମୁଖ ସାମରିକ ଏବଂ ଶିଳ୍ପ କେନ୍ଦ୍ର ଭାବେ ଜଣାଶୁଣା। ସେଠାରୁ ସେ ଭାରତକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ ପାକିସ୍ତାନକୁ ଦୋଷ ଦେଇ ଭାରତ କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ କରେ, ତେବେ ପାକିସ୍ତାନ ପଛଘୁଞ୍ଚା ଦେବାନାହିଁ ଏବଂ ପ୍ରତିଶୋଧ ନେବ। ସେ ଆହୁରି କହିଛନ୍ତି, ଏଥର ଜବାବ ସୀମିତ ହେବ ନାହ. ବରଂ ଏକ ବଡ଼ ଏବଂ ରଣନୈତିକ ସ୍ଥାନକୁ ଟାର୍ଗେଟ୍ କରାଯିବ। ସେ ଅଭିଯୋଗ କରିଛନ୍ତି ଯେ ଭାରତ ମିଥ୍ୟା ନେରେଟିଭ୍ ସୃଷ୍ଟି କରିବାକୁ ଯୋଜନା ଚଳାଇଛି। ତାଙ୍କ କହିବା ଅନୁସାରେ ଭାରତ ନିଜ ଲୋକ କିମ୍ବା କିଛି ପାକିସ୍ତାନୀଙ୍କ ଜରିଆରେ ନକଲି ଅପରେସନ୍ ଉଦ୍ୟମ କରିପାରେ, ଯେପରି କି କିଛି ମୃତଦେହ ରଖି ଦାବି କରାଯିବ ଯେ ସେମାନେ ଆତଙ୍କବାଦୀ ଏବଂ କୌଣସି ବଡ଼ ଘଟଣା ଘଟାଇଛନ୍ତି। ତେବେ ଆସିଫ୍ ତାଙ୍କର ଏହି ଅଭିଯୋଗ ସମର୍ଥନରେ କୌଣସି ଠୋସ୍ ପ୍ରମାଣ ଦେଇନଥିଲେ। ଫଳରେ ତାଙ୍କର ଏହି ଦାବିର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠୁଛି। ତେବେ ଏହା ପ୍ରଥମ ଘଟଣା ନୁହେଁ, ଖ୍ୱାଜା ଆସିଫ୍ ପୂର୍ବରୁ ଏପରି ଅନେକ ହାସ୍ୟସ୍ପଦ ଦାବି କରିଛନ୍ତି।

ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସାମ୍ପ୍ରତିକ ମନ୍ତବ୍ୟର ଜବାବରେ ଆସିଫ୍ ଏହି ବୟାନ ଦେଇଛନ୍ତି। ରାଜନାଥ ସିଂହ ଗୁରୁବାର ସ୍ପଷ୍ଟ କରିଥିଲେ ଯେ ଯଦି ବର୍ତ୍ତମାନର ପରିସ୍ଥିତିରେ ପାକିସ୍ତାନ କୌଣସି ଦୁଃସାହସିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ଭାରତ ‘ଅଭୂତପୂର୍ବ ଏବଂ ନିର୍ଣ୍ଣାୟକ’ ଜବାବ ଦେବ। ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଜାରି ରହିଥିବା ବେଳେ ତାଙ୍କର ଏହି ବୟାନ୍ ଆସିଛି।

### ମୁଡିଜ୍ ରିପୋର୍ଟ

# ୬%କୁ ହ୍ରାସ ପାଇବ ଭାରତର ଅଭିବୃଦ୍ଧି

**ନୂଆଦିଲ୍ଲୀ,୫।୪/ଏଜେନ୍ସି:** ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବରେ ଭାରତର ଜିଡିପି (ମୋଟ ଘରୋଇ ଉତ୍ପାଦ) ଅଭିବୃଦ୍ଧି ୨୦୨୬-୨୭ ଆର୍ଥିକ ବର୍ଷରେ ୬ ପ୍ରତିଶତକୁ ହ୍ରାସ ପାଇବ ବୋଲି ଆମେରିକାର ମୁଡିସ୍ ଆକଳନ କରିଛି। ଭାରତର ଅଭିବୃଦ୍ଧି ଚଳିତ ଆର୍ଥିକ ବର୍ଷରେ ୬.୮ ପ୍ରତିଶତ ରହିବ ବୋଲି ସଂସ୍ଥା ପୂର୍ବରୁ ପୂର୍ବାନୁମାନ କରିଥିଲା। କେବଳ ଅଭିବୃଦ୍ଧି ମନ୍ଥର ହେବନାହିଁ ମୁଦ୍ରାସ୍ଫୀତିଜନିତ ବିପଦ ମଧ୍ୟ ବଢ଼ିବ ବୋଲି ଏହି ସଂସ୍ଥା କହିଛି। ମୁଡିସ୍ ନିଜ ରିପୋର୍ଟରେ ଦର୍ଶାଇଛି ଯେ ଯୁଦ୍ଧର ପ୍ରଭାବ ଅଧିକ ଦିନ ଜାରି ରହିଲେ ବିଶେଷକରି ଏଲ୍‌ପିଜି ଆମଦାନି ସମସ୍ୟା ଦେଖାଦେଲେ ଭାରତୀ ପରିବାରରେ ଏହାର ପ୍ରଭାବ ପରିଲକ୍ଷିତ ହେବ। ଇନ୍ଧନ ଓ ପରିବହନ ଖର୍ଚ୍ଚ ବଢ଼ିବ। ଏଥି ବ୍ୟତୀତ ଯେହେତୁ ଭାରତ ସାର ଆମଦାନି ଉପରେ ନିର୍ଭର କରିଥାଏ, ଦେଶରେ ଖାଦ୍ୟ ମୁଦ୍ରାସ୍ଫୀତି ବଢ଼ିବ।

ଭାରତ ମଧ୍ୟପ୍ରାଚ୍ୟ ଅଞ୍ଚଳରୁ ପ୍ରାୟ ୫୫ ପ୍ରତିଶତ ଅଶୋଧିତ ତେଲ ଏବଂ ୯୦ ପ୍ରତିଶତରୁ ଅଧିକ ଏଲ୍‌ପିଜି ଆମଦାନି କରିଥାଏ। ଯଦିଓ ମୁଦ୍ରାସ୍ଫୀତି ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣ ମଧ୍ୟରେ ରହିଛି, ତେବେ ଯୁଦ୍ଧ ପାଇଁ ଏହା ବୃଦ୍ଧି ପାଇବାର ଆଶଙ୍କା ରହିଛି। ୨୦୨୫-୨୬ରେ ଭାରତର ହାରାହାରି ମୁଦ୍ରାସ୍ଫୀତି ୨.୪ ପ୍ରତିଶତ ଥିବାବେଳେ ୨୦୨୬-୨୭ରେ ଏହା ୪.୮ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ବର୍ତ୍ତମାନର ଦୃଶ୍ୟପଟକୁ ଦେଖିଲେ ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକବର୍ଷରେ ସୁଧ ହାରକୁ ସ୍ଥିର ରଖିପାରେ କିମ୍ବା ଧୀରେ ଧୀରେ ବଢ଼ାଇପାରେ।

ମଧ୍ୟପ୍ରାଚ୍ୟ ଯୁଦ୍ଧ (ଫେବୃଆରୀ ୨୮) ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ମଧ୍ୟରେ ଅଶୋଧିତ ତେଲ ଦରରେ ୫୦ ପ୍ରତିଶତ ବୃଦ୍ଧି ଘଟିଛି। ସରକାର ନିକଟରେ ପେଟ୍ରୋଲ୍ ଓ ଡିଜେଲ୍‌ର ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି। ରାଜସ୍ୱ ଉପରେ ଏହାର ପ୍ରଭାବ ପଡ଼ିବ। ଦରଦାମ ବୃଦ୍ଧି ଫଳରେ ଲୋକଙ୍କ ଖର୍ଚ୍ଚ କମିବ ଏବଂ କମ୍ପାନିଗୁଡ଼ିକର ଲାଭ ପ୍ରଭାବିତ ହେବ। ଜିଏସ୍‌ଟି ଏବଂ କର୍ପୋରେଟ୍ ଟିକସ ମଧ୍ୟ

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra